
Volume : 1 • Issue : 3 • May 2022 • Monthly • Price : ₹ 30 • Bhubaneswar
ଭାଗ : ୧ • ସଂଖ୍ୟା : ୩ • ମଇ ୨୦୨୨ • ମାସିକ • ମୂଲ୍ୟ : ₹ ୩୦ • ଭୁବନେଶ୍ୱର

# ସାହିତ୍ୟ ଚର୍ଚ୍ଚା
## SAHITYA CHARCHA



ଓଡିଆ ସାହିତ୍ୟର ନବ ଦିଗନ୍ତ

**Destination Unlimited**
*tour and travels*

RECOGNISED BY:
MINISTRY OF TOURISM GOVERNMENT OF INDIA | Jharkhand Tourism | Telangana Tourism | EcoTour Odisha

# Hot Deal for all Hotels of Odisha & Tour Packages of Odisha, Jharkhand & Kerala available at best rate...

## We Create Happy Travelers...

Personalise Exp.
World Class Exp.
Save Money
Safety and Security
Save Time
One Stop Shoping
Peace of Mind
Travel Documents
Customer Supporting
Expert Advice



## Services Offered

- Air Ticketing (Pre Purchased Rate/Group Fare/Coupon Fare) • Hotel Booking
- Corporate Booking • Car Rental • MICE • Visa Assistance • Sightseeing
- Destination Wedding • Honeymoon Holidays • International Tour Package
- Cruise • Aroma Tourism • Educational Tour • Event Management

Allow us to be your travel guide/partner in seeking beguiling holidays to leave your footprints all over the country.

Head Office : T-5, 3rd Floor, Om Plaza, Aambagan, Sakchi, Jamshedpur- 831001 (Jharkhand)
E-mail : reservation@destination-unlimited.in | Mob.: 7004602064, 7209997776
Bhubaneswar Office : Saptasati Vihar Pandra, Rasulgarh, Bhubaneswar - 751010 | Mob.: 9937049143
Kerala Office : Venice Nogan-30, Lajanath Ward, Alappugha, Kerala-01 | Mob.: 9037179598

Vol-1 • Issue-3 • May 2022 • Monthly • Rs. 30 • 64 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା
**SAHITYA CHARCHA**

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

**www.sahityacharcha.com**

ଭାଗ-୧ • ସଂଖ୍ୟା-୩ • ମଇ ୨୦୨୨ • ମାସିକ • ଟ.୩୦ • ୬୪ ପୃଷ୍ଠା • ଭୁବନେଶ୍ୱର

ମୂଳ ପ୍ରେରଣା ସ୍ରୋତ
**ମହାପ୍ରଭୁ ଶ୍ରୀ ଜଗନ୍ନାଥ**

ସଂପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା ମଣ୍ଡଳୀ
**ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ବ୍ୟବସ୍ଥାପକ
**ବିକାଶ ମହାପାତ୍ର**

ବୈଷୟିକ ସହଯୋଗ
**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳନା
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦ ଫଟୋ
**ଧୀରେନ୍ଦ୍ର କର**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬

**E-mail: info@sahityacharcha.com**

**ମୂଲ୍ୟ : ଟ. ୩୦/-**

## ।। ସୂଚୀ ।।

| | |
|---|---|
| ପାଠକଙ୍କ ମତାମତ : | ୦୨ |
| ଆମ ସାହିତ୍ୟରେ ବ୍ୟଙ୍ଗ (ସଂପାଦକୀୟ) | ୦୩ |
| ସାହିତ୍ୟର ଅନ୍ଦର ମହଲ (ବ୍ୟଙ୍ଗ ଚିତ୍ର) : ଅମର ସ୍ୱାଇଁ | ୦୪ |
| ଓଡ଼ିଆ ଗଦ୍ୟ ସାହିତ୍ୟର ଆଦିପର୍ବ (ପ୍ରବନ୍ଧ) : ରମାକାନ୍ତ ନାୟକ | ୦୫ |
| ଆବେଦନ (ଅନୁବାଦ ଗଳ୍ପ) : କନକ ମଞ୍ଜରୀ ପଟ୍ଟନାୟକ | ୧୦ |
| ଘଇତାମାରୀ ପାଟ (କବିତା) : ଅଜୟ ମହାଲା | ୧୧ |
| ସିଦ୍ଧାର୍ଥର ସିଦ୍ଧି (ଗଳ୍ପ) : ଆନନ୍ଦ ଚନ୍ଦ୍ର ପହି | ୧୪ |
| ଅଜଣା ପୁଲିସର ଆତ୍ମ କଥା (ରମ୍ୟ ରଚନା) : ଅଭୟ ଦାଶ | ୧୮ |
| ଆମ ଭାଷାର ଶାସ୍ତ୍ରୀୟତା ଓ ଅନୁବାଦ(ପ୍ରବନ୍ଧ): ଶକୁନ୍ତଳା ବଳିଆରସିଂହ | ୧୯ |
| ମନ୍ଦ କପାଳ (ଗଳ୍ପ) : ଶରତ କୁମାର ରାଉତ | ୨୫ |
| କୋଭିଡ କାଳର ଅନ୍‌ଲାଇନ୍ ପାଠ (ବ୍ୟଙ୍ଗ) : ଡ. ଧର୍ମଛଡା | ୨୮ |
| କାଳଜୟୀ ବଣମଲ୍ଲୀ (କବିତା) : ପଦ୍ମନାଭ ମିଶ୍ର | ୩୧ |
| ଭୀମଭୋଇଙ୍କ ରଚନାରେ ବ୍ରହ୍ମ-ବିଚାର(ପ୍ରବନ୍ଧ): ଦୋଳଗୋବିନ୍ଦ ବିଶୀ | ୩୨ |
| ଅଚ୍ୟୁତାନନ୍ଦ ପତିଙ୍କ ସହ ଏକ ଅନ୍ତରଙ୍ଗ ଆଳାପ (ସାକ୍ଷାତକାର) | ୩୭ |
| ମଧ୍ୟଯୁଗୀୟ କାବ୍ୟ ଶଶିସେଣା (ପ୍ରବନ୍ଧ) : ଅଶୋକ କୁମାର ପଣ୍ଡା | ୪୧ |
| କେଇପଦ ସମ୍ବଲପୁରୀ (କବିତା) : ପ୍ରଫୁଲ୍ଲ କୁମାର ତ୍ରିପାଠୀ | ୪୬ |
| ଓଡ଼ିଆ ଲୋକ ସାହିତ୍ୟ : ଏକ ଦୃଷ୍ଟିପାତ (ପ୍ରବନ୍ଧ): କୃଷ୍ଣଚନ୍ଦ୍ର ରଥ | ୪୭ |
| 'ଶତାବ୍ଦୀର ନଚିକେତା' (ସମାଲୋଚନା) : ବ୍ରହ୍ମାନନ୍ଦ ଖୁଣ୍ଟିଆ | ୪୯ |
| ସମ୍ପର୍କ (ଗଳ୍ପ) : ମନୋଜ କୁମାର ଜେନା | ୫୩ |
| ଚିତ୍ରକଥାରେ ବ୍ୟଥା (ଅନୁଭୂତି) : ବଳଦେବ ମହାରଥା | ୫୭ |
| ବୁଢ଼ିଆଣୀର ଚେତା ପଶିଲା (ଶିଶୁ ଗଳ୍ପ) : ପ୍ରେମାନନ୍ଦ ନାୟକ | ୬୦ |
| ବୋଉ (ପୁସ୍ତକ ସମୀକ୍ଷା) : ନିହାର ଶତପଥୀ | ୬୨ |
| ସାହିତ୍ୟ ସମାଚାର | ୬୩ |
| ଅନିମିତ୍ତଲିଙ୍ଗନାଶ (ଶେଷ ପୃଷ୍ଠା) : ପ୍ରଶାନ୍ତ ଭୂୟାଁ | ୬୪ |


# ପାଠକଙ୍କ ମତାମତ

**'ସା**ହିତ୍ୟ ଚର୍ଚ୍ଚା'ର ଏପ୍ରିଲ ୨୦୨୨ ସଂଖ୍ୟା ପାଇଲି। ଏହାର ପ୍ରତ୍ୟକଟି ବିଭାଗ ମନଛୁଆଁ। ଏଥରର ସଂଖ୍ୟାରେ ସ୍ଥାନୀତ ଗପ, କବିତା ଓ ଆଲୋଚନା ସବୁ ଖୁବ୍ ଉଚ୍ଚକୋଟୀର। ସେଥିମଧ୍ଯରୁ ବୈଷ୍ଣବ ଚରଣ ସାମଲଙ୍କ 'ଚର୍ଚ୍ଚାର କଥା', ବିମଳା ସିଂଙ୍କ 'ସାହିତ୍ୟ ଓ ସାହିତ୍ୟରେ ବିଭିନ୍ନ ମତବାଦ', ସୁଷମା ପରିଜାଙ୍କ 'ପଞ୍ଚସଖା ଓ ଶିଶୁ ଅନନ୍ତ ଦାସ' ଆଦି ପ୍ରବନ୍ଧ ଭାରି ଉପାଦେୟ। ହୃଷିକେଶ ମଲ୍ଲିକଙ୍କ ସହ ବାର୍ତ୍ତାଳାପଟି ଖୁବ୍ ପସନ୍ଦ ଲାଗିଲା। ସେ ମହାଶୟ ଅତ୍ୟନ୍ତ ସ୍ୱଷ୍ଟତାର ସହିତ ନିଜର ବକ୍ତବ୍ୟ ରଖିଥିବା ଅନୁଭବ ହେଲା। ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ ସମ୍ବଲପୁରୀ କବିତା ମଧ୍ୟ ସୁଖପାଠ୍ୟ। କୁଳମଣି ଓଝାଙ୍କ ଦୁଇଟି ସନେଟ୍ ଭିନ୍ନ ସ୍ୱାଦର ସୃଷ୍ଟି। ଏଥିସହ ଏ ସଂଖ୍ୟାର ଅନେକଗୁଡ଼ିଏ ଗପ ଓ କବିତା ମନକୁ ଛୁଇଁଗଲା। ପତ୍ରିକାର ଦୀର୍ଘାୟୁ କାମନା କରୁଛି।

**- ସ୍ମୃତିରଞ୍ଜନ ସେଠୀ**
smrutiranjansethy2015@gmail.com

**ସ**ବୁ ବର୍ଗର ପାଠକଙ୍କ ରୁଚିକୁ ଆଖି ଆଗରେ ରଖି 'ସାହିତ୍ୟ ଚର୍ଚ୍ଚା' ପତ୍ରିକାରେ ସାହିତ୍ୟ ରସ ପରିବେଷଣରେ ସମ୍ପାଦକ ସଫଳ ହୋଇଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ଅପ୍ରେଲ ୨୦୨୨ ସଂଖ୍ୟାର ପ୍ରକାଶିତ ଲେଖା ସମୂହ ଆମୂଳଚୂଳ ପାଠ କରି ମୁଁ ଏଇ ସିଦ୍ଧାନ୍ତରେ ଉପନୀତ ହେଲି ଯେ ନୂତନ ସ୍ୱାଦର ପତ୍ରିକାଟି ସବୁ ସମୟ ପାଇଁ ଆନନ୍ଦ ଓ ଆଲୋକର ବାର୍ତ୍ତା ପ୍ରେରଣରେ ସାମର୍ଥ୍ୟ ବହନ କରେ। ସବୁ ବୟସର ଲେଖକଙ୍କ କୃତିକୁ ସାଦରେ ସ୍ଥାନିତ କରିଥିବାରୁ ସମ୍ପାଦକଙ୍କୁ ଧନ୍ୟବାଦ ଦେବା ସଂଗେ ସଂଗେ ପତ୍ରିକାର ଦୀର୍ଘଜୀବନ କାମନା କରୁଛି।

**ଭାବଗ୍ରାହୀ ବଳ**
bal.bhabagrahi@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
**info@sahityacharcha.com**

**ବା**ସ୍ତବରେ ଆମ ଓଡ଼ିଶାର ଭାଷା ଓ ସାହିତ୍ୟ ପ୍ରତି ଲୋକଙ୍କର ରୁଚିକୁ ଗୋଟିଏ ପତ୍ରିକା ଜରିଆରେ ଜାଗ୍ରତ କରିବା ସହଜ କଥା ନୁହେଁ। ଏ ଦୃଷ୍ଟିରୁ 'ସାହିତ୍ୟ ଚର୍ଚ୍ଚା' ହେଉଛି ଆମ ସମସ୍ତଙ୍କର ଗୌରବ। ତେବେ ଆମେ ଅନେକ ସମୟରେ କୌଣସି ପତ୍ରିକା ପଢ଼ିଦେଉ ଏବଂ ଭଲ ଲାଗିଲା ବୋଲି କେବଳ ନିଜକୁ ନିଜେ କହିଦେଉ। କିନ୍ତୁ ଏବେ ସମୟ ଆସିଛି ଏଭଳି ମାନ ସଂପନ୍ନ ପତ୍ରିକାର ବିଷୟ ଅନ୍ୟ ସମସ୍ତଙ୍କ ଦୃଷ୍ଟିକୁ ମଧ୍ୟ ଆଣିବାର। 'ସାହିତ୍ୟ ଚର୍ଚ୍ଚା' ଏଭଳି ଏକ ପତ୍ରିକା ଯାହା ନିଜକୁ ଆମ ଓଡ଼ିଆ ସାହିତ୍ୟର ଏକ ମଂଚ ଭାବରେ ଗଢ଼ି ତୋଳିଛି। ଏହା କେବଳ ଲେଖକମାନଙ୍କ ପାଇଁ ନୁହେଁ, ବରଂ ପାଠକଙ୍କୁ ମଧ୍ୟ ନିଜର ମନର କଥା ଲେଖିବାର ଅବସର ଦେଇଛି। ଓଡ଼ିଶାରେ ଆହୁରି ଲୋକପ୍ରିୟତା ଅର୍ଜନ କରୁ ଏହି ପତ୍ରିକା, ଏବଂ ଆମ ସାହିତ୍ୟକୁ ସମୃଦ୍ଧ କରିବାରେ ଆହୁରି ମହତ୍ୱପୂର୍ଣ୍ଣ ଭୂମିକା ନେଉ, ଏହାହିଁ କାମନା।

**ଦୀପ୍ତିମୟୀ ନାୟକ**
diptimayeenayak306@gmail.com

**'ସା**ହିତ୍ୟ ଚର୍ଚ୍ଚା' ପତ୍ରିକାର ଏପ୍ରିଲ ୨୦୨୨ ସଂଖ୍ୟାଟି ପଢ଼ି ଖୁସି ହେଲି। ପ୍ରବନ୍ଧ, ରମ୍ୟରଚନା ଓ ଗଳ୍ପ ବିଭାଗରେ ଉଚ୍ଚକୋଟୀର ରଚନା ସ୍ଥାନ ପାଇଛି। ଏଥିରେ ପ୍ରକାଶିତ ଜ୍ଞାନତପସ୍ୱୀ ଡ. ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କ ଜୀବନୀ ମଧ୍ୟ ଖୁବ୍ ଉଚ୍ଚମାନର। ଓଡ଼ିଶାର ପ୍ରାଚୀନ ପରମ୍ପରାକୁ ଲେଖା ମାଧ୍ୟମରେ ପାଠକ ନିକଟରେ ଉପସ୍ଥାପନା କରି 'ସାହିତ୍ୟ ଚର୍ଚ୍ଚା' ପାଠକୀୟ ଆଦୃତ୍ତି ଲାଭ କରିପାରିଛି। ଓଡ଼ିଆ ସଂସ୍କୃତି କୁ ପାଥେୟ କରି ଏହା ଆଗେଇଚାଲିଛି। ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପତ୍ରିକାଟିର ଉତ୍ତରୋତ୍ତର ଉନ୍ନତି କାମନା କରୁଛି।

**ମନ୍ଦାକିନୀ ବାଇ**
baimandakini93@gmail.com

ସଂପାଦକୀୟ

# ଆମ ସାହିତ୍ୟରେ ବ୍ୟଙ୍ଗ

ବ୍ୟଙ୍ଗକୁ ସାହିତ୍ୟର ଏକ ସ୍ୱତନ୍ତ୍ର ବିଭାଗ ବା 'ଜନ୍‌ର' ଭାବରେ ଗ୍ରହଣ କରାଯାଇପାରିବ କି ନାହିଁ ସେ ନେଇ ଦ୍ୱିରୁକ୍ତି ରହିଛି। ସଭିଏଁ କିନ୍ତୁ ଏକମତ ଯେ ଏହା ସାହିତ୍ୟର ଏକ ଅବିଚ୍ଛେଦ୍ୟ ଉପାଦାନ। ଆମେରେକୀୟ ଲେଖକ ଡାଭିଡ୍ ଲ୍ୟୁବାର୍‌ଙ୍କ ମତରେ ବ୍ୟଙ୍ଗ ଭିନ୍ନ ଏକ ଶ୍ରେଣୀର ରଚନା ନୁହେଁ, ବରଂ ଏକ ଅନ୍ତର୍ନିହିତ ମୂଳ ତତ୍ତ୍ୱ ଯାହା ସମସ୍ତ ସାହିତ୍ୟଧର୍ମୀ ରଚନାରେ ଊଣା ଅଧିକେ ବିଦ୍ୟମାନ ରହିଥାଏ।

ଆମେ କିନ୍ତୁ ଏଠାରେ ବ୍ୟଙ୍ଗରଚନାକୁ ବିଚାର କରିବା ସାହିତ୍ୟର ଏକ ସ୍ୱତନ୍ତ୍ର ବିଭାଗ ଭାବରେ। ଓଡ଼ିଆ ଭାଷାରେ ବ୍ୟଙ୍ଗ ସାହିତ୍ୟର ସ୍ଥିତି ଯେ ଏତେ ସବଳ ନୁହେଁ ଏହା ସହଜରେ ଅନୁଭବ କରିହୁଏ। ଅଷ୍ଟାଦଶ ଶତାବ୍ଦୀର ବ୍ରଜନାଥ ବଡ଼ଜେନାଙ୍କଠାରୁ ନେଇ ଆଧୁନିକ ଯୁଗର ଫତୁରାନନ୍ଦଙ୍କ ପର୍ଯ୍ୟନ୍ତ ଗଦ୍ୟ ଆଧାରିତ ବ୍ୟଙ୍ଗର ଏକ ସୁନିର୍ଦ୍ଦିଷ୍ଟ ଧାରା ଓଡିଆ ସାହିତ୍ୟକୁ ପରିପୁଷ୍ଟ କରିଆସିଛି। ସେହିପରି ପଦ୍ୟ ରୂପରେ ମଧ୍ୟ ଉତ୍କଳଘଣ୍ଟ ଯଦୁମଣି ବ୍ୟଙ୍ଗକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛନ୍ତି। କିନ୍ତୁ ବ୍ୟଙ୍ଗ ସାହିତ୍ୟର ଏହି ସୁଦୀର୍ଘ ପରଂପରା ଆଜି ଆମ ଭାଷାରେ ଯେଭଳି ଅବସ୍ଥାରେ ଅଛି ତାହା ଦେଖିଲେ ନିରାଶ ହେବାକୁ ପଡେ। ହାସ୍ୟ, ବକ୍ରୋକ୍ତି ଏବଂ ଅତିଶୟୋକ୍ତି ହେଉଛି ପ୍ରକାରାନ୍ତରେ ବ୍ୟଙ୍ଗର ମୂଳ ଉପାଦାନ। କିନ୍ତୁ ଏହି ରସକୁ ବୋଧହୁଏ ଓଡ଼ିଆ ଜାତି ଏ ଯାବତ ସକାରାତ୍ମକ ଭାବରେ ଗ୍ରହଣ କରିପାରିନାହିଁ। ଏଣୁ ଆମର କାବ୍ୟ-କବିତା, ଗଳ୍ପ, ଉପନ୍ୟାସ, ସଂଗୀତ ଓ ନାଟକ ଇତ୍ୟାଦିରେ ସୁଖବୋଧ ଅପେକ୍ଷା ଦୁଃଖାନୁଭୂତିର ପ୍ରାବଲ୍ୟ ଅଧିକ। ଆମେ କରୁଣ ରସକୁ ଯେପରି ମନଭରି ଉପଭୋଗ କରୁ ହାସ୍ୟ ଓ ବ୍ୟଙ୍ଗକୁ ସେହିଭଳି ନୁହେଁ। ଏଣୁ ଓଡ଼ିଆ ଜାତିକୁ କେହିକେହି ଯେ ଏକ 'କାନ୍ଦୁରା' ଜାତି ଭାବରେ ମଧ୍ୟ ଅଭିହିତ କରନ୍ତି, ତାହା ନିରାଧାର ବୋଲି କହିହେବନାହିଁ। ଏପରିକି ଆମ ରାଜ୍ୟର ପୁରପଲ୍ଲୀରେ ଝିଅମାନଙ୍କୁ କାନ୍ଦଣାର ଶିକ୍ଷା ପ୍ରଦାନ କରିବା ପାଇଁ ପୁସ୍ତିକାମାନ ମଧ୍ୟ ରଚିତ ହୋଇ ଉପଲବ୍ଧ ହୋଇଥାଏ। ସେହିପରି ଓଡ଼ିଆ ସଂଗୀତ ଜଗତରେ ମଧ୍ୟ ଜୀବନର ନିରାଶା ଓ ଅସହାୟ ଭାବ ପ୍ରତିଫଳିତ କରୁଥିବା ଗୀତଗୁଡ଼ିକ ଶ୍ରୋତାଙ୍କ ଦ୍ୱାରା ଅଧିକ ମାତ୍ରାରେ ଗ୍ରହଣୀୟ ହେଉଥିବାର ଲକ୍ଷ୍ୟ କରାଯାଏ। ଏ ସବୁ ଦେଖିଲେ ମନେହୁଏ ଯେପରି ଆମର ଜନମାନସରେ ହାସ୍ୟରସ ପ୍ରତି ରହିଛି ଏକ ଅସହଜ ଭାବ। ପଂଜାବ ଭଳି କେତେକ ଉତ୍ତର ଭାରତୀୟ ରାଜ୍ୟମାନଙ୍କର ସଂସ୍କୃତି ଯେପରି ହାସ୍ୟରସ ପ୍ରଧାନ, ଆମର କିନ୍ତୁ ଏଠାରେ ସେପରି ନୁହେଁ। ଏହାର ହୁଏତ ଐତିହାସିକ, ଅର୍ଥନୈତିକ ଏବଂ ବୈଚାରିକ ହେତୁ ଥାଇପାରେ, ଯାହା ଗବେଷଣା ସାପେକ୍ଷ।




ତେବେ ଆମର ପ୍ରସଙ୍ଗ ହେଲା ଯେ ବ୍ୟଙ୍ଗରଚନାମାନ (ଉଭୟ ଗଦ୍ୟ ଓ ପଦ୍ୟ ରୂପରେ) ଓଡ଼ିଆ ସାହିତ୍ୟର ଅନ୍ୟ କେତେକ ବିଭାଗ ଭଳି ଜନାଦୃତ ଓ ସ୍ୱୀକୃତ ନୁହନ୍ତି କାହିଁକି ? ଆମେ ରମ୍ୟ ରଚନା ଏବଂ ଲଳିତ ନିବନ୍ଧଗୁଡ଼ିକୁ ମଧ୍ୟ ଏହି ଶ୍ରେଣୀରେ ରଖିପାରିବା। ଏ ଯୁଗର ଭାରାକ୍ରାନ୍ତ ପାଠକଙ୍କ ପାଇଁ ଏଭଳି ଲଘୁ ପର୍ଯ୍ୟାୟର ରଚନାମାନଙ୍କର ଯେ ବିଶେଷ ଉପଯୋଗିତା ରହିଛି, ଏହା ସ୍ୱୀକାର କରିନେବାର ବେଳ ଆସିଛି।

ଆମ ସାହିତ୍ୟରେ ହାସ୍ୟ ଓ ବ୍ୟଙ୍ଗକୁ ସୁପ୍ରତିଷ୍ଠିତ କରିବାରେ ବ୍ୟଙ୍ଗ ରଚନାକାରମାନଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ତେବେ ପରିତାପର ବିଷୟ ଯେ ଏବର ବ୍ୟଙ୍ଗ ସାହିତ୍ୟରେ ହାସ୍ୟରସର ଉଦ୍ରେକ ପାଇଁ କିଛି ନିର୍ଦ୍ଦିଷ୍ଟ ଲେଖକ ଅଶ୍ଳୀଳ ଆଖ୍ୟାୟିକା ଓ ଭାଷାବିନ୍ୟାସର ଆଶ୍ରୟ ନେବାକୁ ପଛାଉନାହାନ୍ତି, ଯାହା ସେମାନଙ୍କ ରଚନାର ଗାରିମା ଓ ଆମ ଭାବନାକୁ କ୍ଷୁର୍ଣ୍ଣ କରୁଛି। ଏହା କେତେକାଂଶରେ ବ୍ୟଙ୍ଗ ସାହିତ୍ୟକୁ ଅବକ୍ଷୟ ଦିଗକୁ ଘେନି ଯାଉଛି ଯାହା ଉଦ୍‌ବେଗର ବିଷୟ। ଏହି ଧାରାକୁ ପ୍ରତିହତ କରିବା ଏବର ବ୍ୟଙ୍ଗକାରମାନଙ୍କ ପକ୍ଷେ ଅନ୍ୟତମ ଆହ୍ୱାନ ବୋଲି ମନେହୁଏ।

*- ନିହାର ଶତପଥୀ*

## ସାହିତ୍ୟର ଅନ୍ଦର ମହଲ

ଅମର ସ୍ୱାଇଁ




*ଆଜିର ବ୍ୟଙ୍ଗ ସାହିତ୍ୟକୁ ଶାଳୀନତାର ସୀମା ଭିତରେ ରଖିବାର ଅନେକ ଆବଶ୍ୟକତା ଅଛି । ଏହାରି ଉପରେ ଏଥରର ବ୍ୟଙ୍ଗ ଚିତ୍ର । ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ ।*

---

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା । ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ ।

୨. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ । ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ ପଠାଇପାରନ୍ତି ।

୩. ଅନ୍ୟତ୍ର ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ ।

୪. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ ।

୫. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ ।

୬. ଚୟନିତ ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବା ପାଇଁ ନିବେଦନ ।

୭. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି ।

୮. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସଂପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସଂପାଦନା ମଣ୍ଡଳୀର ରହିଛି ।

## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ଗ୍ରାହକମାନେ ଅର୍ଦ୍ଧବାର୍ଷିକ ଗ୍ରାହକ ଦେୟ ଟ. ୧୮୦/- ମାତ୍ର ପଠାଇ ଛଅମାସ ପର୍ଯ୍ୟନ୍ତ ଡାକ ଯୋଗେ ଏହି ପତ୍ରିକା ପାଇପାରିବେ । ଏଥିପାଇଁ ନିମ୍ନଲିଖିତ ଖାତା ନମ୍ବରକୁ (କିମ୍ବା ଚିତ୍ରରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ କୁ) ଟ.୧୮୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ ।

*IFS Code* :
CNRB0018007
*Account No*. :
120000048648
*Account Name* :
Sahitya Charcha

ଏହି ଗ୍ରାହକ ଯୋଜନାର ବିଶଦ ବିବରଣୀ ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କରେ ମଧ ଉପଲବ୍ଧ ଅଛି ।
**www.sahityacharcha.com/subscription**

ପ୍ରବନ୍ଧ

# ଓଡ଼ିଆ ଗଦ୍ୟ ସାହିତ୍ୟର ଆଦିପର୍ବ




ଡ. ରମାକାନ୍ତ ନାୟକ

ବିଶ୍ୱର ସାହିତ୍ୟ ଜଗତରେ ଗଦ୍ୟ ସର୍ଜନା ସର୍ବାଧିକ ବସ୍ତୁନିଷ୍ଠ। ଜୀବନର ଶାଶ୍ୱତ ସତ୍ୟକୁ ମନୋରମ ଓ ମାର୍ଜିତ ଭାବାବେଗରେ ଅଭିବ୍ୟକ୍ତ କରେ ଗଦ୍ୟସ୍ରଷ୍ଟା। ସମସାମୟିକ ସମାଜ ଓ ସଂସ୍କୃତିକୁ ପ୍ରାଣବନ୍ତ ଭାଷାରେ ନିଖୁଣ ଭଙ୍ଗୀରେ ଗଦ୍ୟଶିଳ୍ପୀ ରୂପାୟନ କରେ ତାହାର ଲେଖନୀ ସ୍ପର୍ଶରେ। ଜୀବନର ବହୁବିଧ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଓ ଗଭୀର ଦାର୍ଶନିକ ପ୍ରବଣତାକୁ ସରଳ ସାବଲୀଳ ଢ଼ଙ୍ଗରେ ପରିପ୍ରକାଶ କରେ। କବିତା ଭଳି ଏଥିରେ ନଥାଏ ପ୍ରଜ୍ଞାପନ ଲିପ୍ସା ପ୍ରଗଳ୍ଭ ଚିନ୍ତାଧାରା ଅବା ନାଟକର ଅତିରଂଜିତ ସଂଳାପ ଶୈଳୀ। ଭାବ-ଗାଢ଼ ପ୍ରବାହ ସଂପନ୍ନ ବକ୍ତବ୍ୟ ଓ ତାହାର ଅର୍ଥବାହୀ ପ୍ରକାଶନ ଭଙ୍ଗୀ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଚେତନାର ପ୍ରବାହଧାରାରେ ଗଦ୍ୟ ସାହିତ୍ୟର କଥାବସ୍ତୁ ହୁଏ ଅଧିକ ମାର୍ଜିତ, ଶାଣିତ ଓ ଜୀବନ୍ତ, ଯାହା ପାଠକର ଅନ୍ତଃଚେତନାକୁ ନୈସର୍ଗିକ ପ୍ରଜ୍ଞାଲୋକରେ ଉଦ୍‌ଭାସିତ କରେ। ଏହି ଆଦିଗନ୍ତ ପରିବ୍ୟାପ୍ତି ସମାଜ ପାଇଁ ଗଦ୍ୟ ଏକ ଚେତନାଦୀପ୍ତ ଦିଗବାରେଣୀ ଏବଂ ମାନବୀୟ ମୂଲ୍ୟବୋଧର ପ୍ରଚାର ଅନ୍ୱେଷା।

ପୃଥିବୀର ସକଳ ଭୂଖଣ୍ଡରେ ସାହିତ୍ୟର ଧାରାରେ ପ୍ରଥମ ପରିପ୍ରକାଶ ଥିଲା ପଦ୍ୟସାହିତ୍ୟ। ଧରିତ୍ରୀର ଆଦ୍ୟ ଲଗ୍ନରେ ଯେପରି ସର୍ବତ୍ର ଥିଲା କେବଳ ଜଳମୟ, ସାହିତ୍ୟ ଆଦିମ ଅବସ୍ଥାରେ ସେହିପରି ଥିଲା କେବଳ ଛନ୍ଦ ତରଙ୍ଗିଣୀ ପ୍ରବାହଶାଳିନୀ କାବ୍ୟ କବିତା। ପରବର୍ତ୍ତୀ ସମୟରେ ଚିନ୍ତା, ଚେତନା ଓ ଯୁକ୍ତିର ପରିପକ୍ୱତା ସହିତ ଉଦ୍ଭୂତ ହୋଇଛି ଗଦ୍ୟସାହିତ୍ୟ। ମାତ୍ର ଓଡ଼ିଆ ସାହିତ୍ୟର ଆଦିଯୁଗରେ ଉକ୍ତ ନିୟମର ବ୍ୟତିକ୍ରାନ୍ତି ସ୍ପଷ୍ଟତଃ ଅନୁଭୂତ ହୁଏ। ଏହି କାଳରେ ଅନୁଭୂତି ଓ ଆବେଗରେ ସମୃଦ୍ଧ ପଦ୍ୟର ଉନ୍ମେଷ ସହିତ ମାନବୀୟ ପ୍ରଜ୍ଞା ଶାଣିତ ମୂଲ୍ୟବୋଧର ବିଚାର ଓ ବିଶ୍ଳେଷଣାତ୍ମକ ରସଘନ ତଥା ଅମୂର୍ତ୍ତ ମୁହୂର୍ତ୍ତର ସୌନ୍ଦର୍ଯ୍ୟାତ୍ମକ ଭାବାବେଗରୁ କଳାତ୍ମକ ପରିପାଟୀରେ ପ୍ରକାଶ କରିବା ପାଇଁ ରମଣୀୟ ଗଦ୍ୟ ସାହିତ୍ୟର ଆବିର୍ଭାବ ଘଟିଛି।

ଓଡ଼ିଆ ସାହିତ୍ୟର ଉଷାକାଳରେ ଖୋଦିତ ଅଭିଲେଖ ଓ ତାମ୍ରଫଳକଗୁଡ଼ିକର ସାହିତ୍ୟିକ ମୂଲ୍ୟ ଯଥେଷ୍ଟ ନଥିଲେ ମଧ୍ୟ ସେଗୁଡ଼ିକ ଓଡ଼ିଆ ଗଦ୍ୟ ସାହିତ୍ୟର ଉନ୍ମେଷ ଦିଗରେ ବହୁଳ ଭାବରେ ସହାୟତା କରିଛନ୍ତି। ଏଗୁଡ଼ିକର ଭାଷା ସାଧାରଣତଃ ଲୌକିକ ଭାଷା। ସେତେବେଳେ ଶାସକଙ୍କ ନିର୍ଦ୍ଦେଶକ୍ରମେ ରାଜକର୍ମଚାରୀମାନେ ସମ୍ଭବତଃ ତାଳପତ୍ରରେ ଲେଖି ଲିପିକାରଙ୍କୁ ତମ୍ୱାପଟ୍ଟା ବା ପ୍ରସ୍ତରରେ ଖୋଦିତ କରିବାକୁ ପ୍ରଦାନ କରୁଥିଲେ ଏବଂ ଲିପି ଖୋଦନକାରୀମାନେ ଅବିକଳ ଭାବରେ ତାହାକୁ ପ୍ରସ୍ତର ଗାତ୍ରରେ କିମ୍ବା ତାମ୍ର ଫଳକରେ ଉତ୍କୀର୍ଣ୍ଣ କରାଉଥିଲେ। ଷଷ୍ଠ - ସପ୍ତମ ଶତାବ୍ଦୀରେ ପାଟଣାନଗର ରାଜକୁମାର ଦେବଳ ଦେବଙ୍କ ଶିଳାଲେଖ ଓଡ଼ିଆ ଭାଷାରେ ସର୍ବପ୍ରଥମ ଲେଖ। ଅନ୍ୟ କେତେକଙ୍କ ମତରେ ୧୦୫୫ ଖ୍ରୀ:ରେ ଦ୍ୱିତୀୟ ବଜ୍ରହସ୍ତ ଦେବଙ୍କ ଉରଜାମ ଅଭିଲେଖ ହେଉଛି ପ୍ରାଚୀନତମ ଓଡ଼ିଆ ଅଭିଲେଖ। ଏହାବ୍ୟତୀତ ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀରେ ମାଧବ ବର୍ମାଙ୍କ ଖୋର୍ଦ୍ଧା ତାମ୍ର ଅନୁଶାସନ, ଦଶମଶତାବ୍ଦୀରେ ମୁଷା ତାମ୍ର ଅନୁଶାସନ, ୧୨୬୮ଖ୍ରୀ:ରେ ପ୍ରଥମ ଭାନୁଦେବଙ୍କ ସୁବର୍ଣ୍ଣପୁର ଖମ୍ଭେଶ୍ୱର ମନ୍ଦିର ସମ୍ମୁଖସ୍ଥ ଶିଳାଲେଖ, ୧୨୮୮ଖ୍ରୀ:ରେ ଭୁବନେଶ୍ୱର ପ୍ରସ୍ତରଲିପି, ୧୨୯୩ଖ୍ରୀ:ରେ ତାଙ୍କ ଅଲାଲପୁର ତାମ୍ରଶାସନ, ୧୨୯୫-୯୬ଖ୍ରୀ:ରେ କେନ୍ଦୁପାଟଣା ତାମ୍ରଫଳକ, ୧୩୧୨ଖ୍ରୀ:ରେ ଦ୍ୱିତୀୟ ଭାନୁଦେବଙ୍କ ତାମ୍ରଶାସନ, ୧୩୩୦ଖ୍ରୀ.ରେ ତୃତୀୟ ନରସିଂହଦେବଙ୍କ



କୁର୍ମେଶ୍ୱର ମନ୍ଦିର ଅଭିଲେଖ, ୧୩୭୬ଖ୍ରୀ:ରେ ତୃତୀୟ ଭାନୁଦେବଙ୍କ ପୋତେଶ୍ୱର ମନ୍ଦିର ଶିଳାଲେଖ, ୧୩୯୪ଖ୍ରୀ:ରେ ଚତୁର୍ଥ ନରସିଂହଦେବଙ୍କ ଅନୁଶାସନ, ୧୪୨୩ ଖ୍ରୀ:ରେ ନୃସିଂହନାଥ ମନ୍ଦିର ଶିଳାଫଳକ, ୧୪୩୬ ଖ୍ରୀ:ରେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଶିଳାଲେଖ, ୧୪୫୧ ଓ ୧୪୫୬ଖ୍ରୀ:ରେ କପିଳେନ୍ଦ୍ର ଦେବଙ୍କ ଶ୍ରୀ ଜଗନ୍ନାଥ ମନ୍ଦିର ଶିଳାଲେଖ, ୧୪୫୮ଖ୍ରୀ:ରେ ତାଙ୍କ ପ୍ରଦତ୍ତ ବେଲଗାଲିନି ତାମ୍ରଫଳକ ସନନ୍ଦ ଓ ସୀମାଚଳସ୍ଥିତ ଲକ୍ଷ୍ମୀ-ନୃସିଂହ ମନ୍ଦିର ଶିଳାଲେଖ ପ୍ରଭୃତିରେ ଓଡ଼ିଆ ଭାଷାର କ୍ରମବିକାଶର ବଳିଷ୍ଠ ପ୍ରମାଣ ଉପଲବ୍ଧ ହୁଏ। ଚତୁର୍ଦ୍ଦଶ ଶତାବ୍ଦୀର ଶେଷ ବେଳକୁ ଓଡ଼ିଆ ଭାଷାର ଗଦ୍ୟ ରଚନା ଅଭିଲେଖ ଗୁଡ଼ିକରେ ଯେପରି ସୁସ୍ପଷ୍ଟ ରହିଛି ସେହିପରି ନିଦର୍ଶନ ଅନ୍ୟତ୍ର କ୍ୱଚିତ୍ ପରିଦୃଷ୍ଟ ହୁଏ।

ଅଭିଲେଖ ପରି ଆଦିମଯୁଗରୁ ଜନମୁଖରେ ପ୍ରଚଳିତ ଲୋକଗଳ୍ପସମୂହ ଓଡ଼ିଆ ଗଦ୍ୟ ସାହିତ୍ୟର ଉନ୍ମେଷ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଆସିଛନ୍ତି। ଏତଦ୍‌ଭିନ୍ନ କେତେକ ଜ୍ୟୋତିଷଶାସ୍ତ୍ର, ଶିଳ୍ପଶାସ୍ତ୍ର, ବୈଦ୍ୟଶାସ୍ତ୍ର ଓ ସଂସ୍କୃତ ଗ୍ରନ୍ଥମାନଙ୍କର ଟୀକା ପ୍ରଭୃତିରେ ପ୍ରାଚୀନ ଗଦ୍ୟ ରଚନାର ବହୁଳ ନିଦର୍ଶନ ଥିଲେ ମଧ୍ୟ ତାହା ଲୋକଲୋଚନର ଅନ୍ତରାଳରେ ରହିଆସିଛି। ଉତ୍କଳର ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥଙ୍କ ଦୈନନ୍ଦିନ ଉପାସନାର ପିକା 'ମାଦଳାପାଞ୍ଜି'ରେ ରାଜା ମହାରାଜାମାନଙ୍କର କୀର୍ତ୍ତି ଓ କୃତୀତ୍ୱର ବିବରଣୀ ସହିତ ପ୍ରଭୁ ଜଗନ୍ନାଥଙ୍କର ପୂଜାବିଧି, ପର୍ବପର୍ବାଣୀ ପ୍ରଭୃତି ପ୍ରସଙ୍ଗ ଧାରାବାହିକ ଭାବରେ ଲିପିବଦ୍ଧ ହୋଇରହିଛି। କେତେକ ଐତିହାସିକଙ୍କ ମତରେ ଏହାର ରଚନାକାଳ ଏକାଦଶ ଶତାବ୍ଦୀଠାରୁ ତ୍ରୟୋଦଶ ଶତକ ମଧ୍ୟରେ ହୋଇଥିବା ବେଳେ ଆଉ କେତେକ ଗବେଷକ ଏହାକୁ ପଞ୍ଚଦଶ ଓ ଷୋଡ଼ଶ ଶତାବ୍ଦୀର ରଚନା ବୋଲି ମତ ପ୍ରଦାନ କରନ୍ତି। ତେବେ ଅଧିକାଂଶ ସାହିତ୍ୟ ଇତିହାସ ଲେଖକ ଏହାକୁ ଓଡ଼ିଆ ସାହିତ୍ୟର ପ୍ରାଚୀନତମ ଗଦ୍ୟ ରଚନା ବୋଲି ମତବ୍ୟକ୍ତ କରନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରେ ଗଚ୍ଛିତ ତାଳପତ୍ର ପୋଥିରୁ ଜଣାଯାଏ, ୧୦୭୭ ଖ୍ରୀ: କନ୍ୟା ୨୪ ଦିନ ଶୁକ୍ଳ ଦଶମୀ ଦଶହରା ଦିବସରେ ମହାରାଜା ଚୋଡ଼ଗଙ୍ଗଦେବ ତାଙ୍କ ସିଂହାସନ ଆରୋହଣ ଅବସରରେ ମାଦଳାପାଞ୍ଜି ଲିପିବଦ୍ଧ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହାପୂର୍ବରୁ ଓଡ଼ିଆ ସମେତ ଭାରତର ଅନ୍ୟ କୌଣସି ଭାଷାରେ ଏପରି ସୁଦୀର୍ଘ ତଥା ସ୍ୱଷ୍ଟରଚନା ଖୁବ୍ ବିରଳ। କାଶ୍ମୀରର ରାଜତରଙ୍ଗିଣୀ ଓ ସିଂହଳର ଧାତୁବଂଶ ଭଳି ମାଦଳାପାଞ୍ଜି ଓଡ଼ିଶାର ଇତିହାସ, ରାଜନୀତି, ସମାଜନୀତି ଓ ସଂସ୍କୃତି ଆଧାରିତ ଅଜସ୍ର ଉପାଦାନରେ ସମୃଦ୍ଧ। ଏଥିରେ ଭାଷାଗତ, ଶବ୍ଦଗତ ଓ ବ୍ୟାକରଣଗତ ପ୍ରମାଦ ପରିଲକ୍ଷିତ ହେଲେ ମଧ୍ୟ ଏହାର ରଚୟିତାଗଣ ଏଥିରେ ଲୋକଭାଷାକୁ ବିମ୍ବିତ କରି ଗଦ୍ୟସାହିତ୍ୟର ଭିତ୍ତିଭୂମିକୁ ସୁଦୃଢ଼ କରିଛନ୍ତି।

**ଅଧିକାଂଶ ସାହିତ୍ୟ ଇତିହାସ ଲେଖକ ମାଦଳାପାଞ୍ଜି କୁ ଓଡ଼ିଆ ସାହିତ୍ୟର ପ୍ରାଚୀନତମ ଗଦ୍ୟ ରଚନା ବୋଲି ମତବ୍ୟକ୍ତ କରନ୍ତି।**

ମାଦଳାପାଞ୍ଜିରେ 'ସ' 'ଷ' 'ଶ' ପରିବର୍ତ୍ତେ କେବଳ 'ସ', ଚନ୍ଦ୍ରବିନ୍ଦୁ ସ୍ଥାନରେ ଅନସ୍ୱାର ଓ ସମ୍ବୋଧନର ଭାବରେ 'ଭୋ'ର ବ୍ୟବହାର କରାଯାଇଛି। ସଂକ୍ଷେପରେ ପ୍ରକାଶ କରିବା ପାଇଁ ସ୍ୱରଧ୍ୱନି ଲୋପକରି ପରମେଶ୍ୱରକୁ ପ୍ରମେଶ୍ୱର, ମହାରାଜାକୁ ମହାର୍ଜା, ମହାସୁଆରକୁ ମହାସ୍ୱାରରେ ପ୍ରକାଶ କରାଯାଇଛି। ଏଥିରେ ସୋମେଦ୍ର, ହୋଇଲାକୁ, ଅଇଲାକୁ, ଜ୍ଞାତବ୍ୟ, ଯୁଝ, ସ୍ନାହାନ, ସ୍ରାହୀ, ଅଣସର, ଅମୁଣିଆ, ପାତିସା, ଅମୁରା, ଅପାର, ଅମଳ ପ୍ରଭୃତି ପ୍ରାଚୀନ ଶବ୍ଦଗୁଡ଼ିକ ସହିତ ପାର୍ଶୀ, ଆରବିକ ଓ କେତେକ ଇଂରାଜୀ ଶବ୍ଦର ବ୍ୟବହାର ପରିଲକ୍ଷିତ ହୁଏ। କ୍ଷୁଦ୍ର କ୍ଷୁଦ୍ର ବାକ୍ୟରେ ଲିଖିତ ଏହି ଗଦ୍ୟର ଭାଷା ଅତି ପ୍ରାଚୀନ, ସରଳ ଓ ମାର୍ଜିତ। ଉତ୍କଳର ରାଜା ଯଯାତି କେଶରୀଙ୍କ ରାଜତ୍ୱର ବର୍ଣ୍ଣନା ମାଦଳାପାଞ୍ଜିରେ ନିମ୍ନରେ ଉଦ୍ଧାର କରାଗଲା। 'ଏଠାରୁ କେଶରୀ ପାଟରାଜା, ବ୍ରହ୍ମଚାରୀ, ବ୍ରାହ୍ମଣଙ୍କୁ ପଚାରିଲେ ଓଡ଼ିଶା ରାଜ୍ୟର ପ୍ରଭୁଯେ ଶ୍ରୀ ଜଗନ୍ନାଥ ମହାପ୍ରଭୁ କାହିଁଛନ୍ତି ? ମୁଗଲଗୋଳ ହୋଇଲାକୁ ସୋମୁଦ୍ର ମାଡ଼ି ଅଇଲାକୁ ସେମାନେ କହିଲେ ଆମ୍ଭେ ଜ୍ଞାତବ୍ୟ ନୋହୁଁ। ମାଦଳାପାଞ୍ଜି ପରି ଚତୁର୍ଦ୍ଦଶ ଓ ଷୋଡ଼ଶ ଶତାବ୍ଦୀରେ ରଚିତ ଚକଡ଼ାପୋଥି ଓ ଚୟିନୀ ଚକଡ଼ାରୁ ମଧ୍ୟ ଓଡ଼ିଆ ଗଦ୍ୟ ସାହିତ୍ୟର ନିଦର୍ଶନ ଉପଲବ୍ଧ ହୁଏ।

ଜଡ଼ ଅନ୍ଧକାର ସ୍ତରରୁ ଚିନ୍ତା ଓ ଚେତନାର ଉତ୍ତରଣ ସହିତ ଓଡ଼ିଆ ସାହିତ୍ୟରେ କଳସା ଚଉତିଶା ବା ସାରଳା ଦାସଙ୍କ ମହାଭାରତ ପ୍ରାଚୀନତମ ରଚନା ଭାବରେ ବହୁପୂର୍ବରୁ ଆଦୃତ ହୋଇଆସୁଥିଲା। କିନ୍ତୁ ଏହି ଧାରଣା ଭ୍ରମାତ୍ମକ ପ୍ରତିପାଦିତ

ହୋଇଗଲା, ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀରେ ଆବିର୍ଭୂତ ଗୋରେଖନାଥଙ୍କ ରଚିତ 'ଶିଶୁବେଦ'ର ଆବିଷ୍କାର ପରେ। ଏପରିକି କେତେକ ଗବେଷକ 'ଶିଶୁବେଦ'ର ରଚନା କାଳ ଦଶମ ଶତକ ଭାବରେ ନିର୍ଦ୍ଧାରଣ କରନ୍ତି। ଏଥିରେ ଅପଭ୍ରଂଶ ଭାଷା ମିଶ୍ରିତ ବେଦତୁଲ୍ୟ ଓଡ଼ିଆ ପଦଗୁଡ଼ିକର ସମାହାର ଯୋଗୁଁ କେତେକ ଏହାକୁ ପଞ୍ଚମ ବେଦ ଭାବରେ ସ୍ୱୀକାର କରନ୍ତି। ଓଡ଼ିଆ ସାହିତ୍ୟର ପ୍ରାକ୍ ସାରଳାଯୁଗରେ ପଦ୍ୟ ତଥା ଗଦ୍ୟ ସାହିତ୍ୟରେ 'ଶିଶୁବେଦ' ଏକ କ୍ଷୁଦ୍ର ଅଥଚ ଗୁରୁତ୍ୱପୂର୍ଣ୍ଣ ରଚନା। ସନ୍ଥମାନଙ୍କ ମତରେ ଏହାର ପଦ ସଂଖ୍ୟା ପଚିଶ ଏବଂ ଏହି ପଦଗୁଡ଼ିକର ବ୍ୟାଖ୍ୟା ଗଦ୍ୟ ଆକାରରେ ବ୍ୟକ୍ତ କରାଯାଇଛି। ଶିଶୁ ବେଦରେ ଗଦ୍ୟର ଭାବସମ୍ପଦ ତତ୍ତ୍ୱମୂଳକ ହୋଇଥିବା ବେଳେ ଏଥିରେ ବ୍ୟବହୃତ ଭାଷା ଲୌକିକ ଭାଷା ଅଟେ। ଶିଶୁବେଦର ବ୍ୟାଖ୍ୟା ପ୍ରଦାନ କରି ଡ. ଅନନ୍ତ ପ୍ରସାଦ ବାନାର୍ଜୀ ଶାସ୍ତ୍ରୀ କହନ୍ତି ଯେ ସିଦ୍ଧାଚାର୍ଯ୍ୟଙ୍କ ମଧ୍ୟରେ 'ଶିଶୁପା' ନାମରେ ଜଣେ ସିଦ୍ଧ ସାଧକ ଥିଲେ ଓ ତାଙ୍କ ରଚିତ ଲେଖା ତାଙ୍କ ନାମାନୁଯାୟୀ 'ଶିଶୁବେଦ' ହେବା ଅସମୀଚୀନ ନୁହେଁ। ଡ. ଆର୍ତ୍ତବଲ୍ଲଭ ମହାନ୍ତି, ଡ. ଦୋଳଗୋବିନ୍ଦ ଶାସ୍ତ୍ରୀ, ଡ. ବଂଶୀଧର ମହାନ୍ତି ଓ ଶ୍ରୀବତ୍ସ ପ୍ରସାଦ ନାଥ ପ୍ରଭୃତି 'ଶିଶୁବେଦ'ର ଭିନ୍ନ ଭିନ୍ନ ସଙ୍କଳନ କରିଛନ୍ତି। ଡ. ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କ ମତରେ ଶିଶୁବେଦ ଓଡ଼ିଆ ଗଦ୍ୟ ସାହିତ୍ୟର ପ୍ରାଚୀନତମ ନିଦର୍ଶନ। ନିମ୍ନରେ ଏହି ଗଦ୍ୟର କିଛି ଅଂଶ ଉଦ୍ଧୃତ କରାଗଲା। "ଶିଶୁବେଦର ବିଚାର ବୋଇଲେ ନଜାଣଇ ନ ବୋଇଲେ କଳି କରଇ କି ବୁଦ୍ଧି କରିବା ନଜାଣି। ବାବୁ ଶାସ୍ତ୍ର ପଢ଼ି ସମସ୍ତେ ମରିବେ ନ ଜାଣିବେ ଶିଶୁ ବେଦର ବାଣୀ। ଦୁଇ କର୍ଣ୍ଣରେ ତୁଳା ଦେଇ ଭଲକରି ବୁଜିବ। ରାତ୍ର ପାହାନ୍ତା ଉଠି ତଳେ କରିବ। ଯେବଣ ଧୁନି ଉଠଇ ଆକାଶର ମଇଧେଂ ଯେହାକୁ ଶିଶୁବେଦ ବୋଲିଟି।" ଅନ୍ୟ ଏକ ରଚନା "ଗୋରେଖ ବୋଲି" ରେ "ଗୋରେଖ ମଚ୍ଛିନ୍ଦ୍ର ଉବାଚ" ମାଧ୍ୟମରେ କେତେକ ପ୍ରାଚୀନ ଓଡ଼ିଆ ଗଦ୍ୟର ନମୁନା ହେଲା, "ବାରପଳ ରଜ। ନ ପଳ ବିନ୍ଦୁ। ଦଶପଳ ରଜ। ବତିଶ ଦାନ୍ତ। ଏକୋଇଶ ଦିନ ଅନ୍ତରେ ନଅ ଆଂଗୁଳ ଜିଭ୍ୟା। ଫାଳ ଭେଦ ଆଂଗୁଳି।"




ଖ୍ରୀଷ୍ଟୀୟ ନବମ ଶତାବ୍ଦୀଠାରୁ ଚତୁର୍ଦ୍ଦଶ ଶତାବ୍ଦୀ ମଧ୍ୟରେ ପ୍ରାଚୀନ ଯୁଗର ଓଡ଼ିଆ ସାହିତ୍ୟ ବିଶ୍ୱର ସମସ୍ତ ଭାଷାର ସାହିତ୍ୟ ପରି ଧର୍ମ ଓ ଈଶ୍ୱର ବିଶ୍ୱାସ ଭିତ୍ତିକ ଥିଲା। ଏହି କ୍ରମରେ ଓଡ଼ିଶାର ବିଭିନ୍ନ ଓଷାବ୍ରତ କଥାରେ ମଧ୍ୟ ପ୍ରାଚୀନ ଓଡ଼ିଆ ଗଦ୍ୟ ସାହିତ୍ୟର ପ୍ରକୃଷ୍ଟ ନମୁନା ପରିଦୃଷ୍ଟ ହୁଏ। ଭାଷା ଓ ଧର୍ମତତ୍ତ୍ୱ ଦୃଷ୍ଟିରୁ ବ୍ରତ ଏବଂ ଓଷାଗୁଡ଼ିକର କାଳ ନିରୂପଣ କରାଯାଇଥିଲେ ମଧ୍ୟ ସେଗୁଡ଼ିକର ନିର୍ଭୁଲ ରଚନାକାଳ ନିର୍ଦ୍ଧାରଣ କରିବା ଦୁଃସାଧ୍ୟ ଅଟେ। ବ୍ରତକଥା ମଧ୍ୟରେ ଶିବ ଉପାସନା ବା ଶୈବଧର୍ମ ସମ୍ପର୍କିତ 'ସୋମନାଥ ବ୍ରତକଥା'କୁ ସାରଳା ପୂର୍ବବର୍ତ୍ତୀ ଓଡ଼ିଆ ଗଦ୍ୟରଚନା ବୋଲି ଡ. ଆର୍ତ୍ତବଲ୍ଲଭ ମହାନ୍ତି ତାଙ୍କ ରଚିତ 'ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶ'ରେ ନିର୍ଦ୍ଧାରଣ କରିଛନ୍ତି। ତାଙ୍କ ମତରେ ଏହା ଖ୍ରୀଷ୍ଟୀୟ ପଞ୍ଚଦଶ ବା ଷୋଡ଼ଶ ଶତାବ୍ଦୀରେ ରଚିତ ହୋଇଥିଲା। ଏହାର ଗଦ୍ୟ ସରଳ, ବୋଧଗମ୍ୟ ଓ ପ୍ରାଚୀନ ଶବ୍ଦ ସମ୍ଭାରରେ ପରିପୁଷ୍ଟ। ଖୁବ୍ କ୍ଷୁଦ୍ର ବାକ୍ୟ ସମ୍ବଳିତ ଏହି ବ୍ରତକଥା, ଭାଷାତତ୍ତ୍ୱ ଓ ଧର୍ମତତ୍ତ୍ୱ ଦୃଷ୍ଟିରୁ ଅତ୍ୟନ୍ତ ଉତ୍ତୁଙ୍ଗ ଗରିମା ବହନକରେ। ଏହାର ପ୍ରାରମ୍ଭରେ ଉଲ୍ଲେଖ ହୋଇଛି, 'ପରମେଶ୍ୱର କହନ୍ତି। ଦେବୀ ଶୁଣନ୍ତି। ଶୁଣ ଦେବୀ ପାର୍ବତୀ। ମାଳବ ବୋଲି ଦେଶ। ତହିଁ ପାଟଳି ବୋଲି ନଗ୍ର। ତହିଁ ବୀର ବିକ୍ରମାଜିତ ବୋଲି ରାଜା। ସେ ରାଜା ମହାପ୍ରତାପୀ। ସେ କଟକର ଅନେକ ମହିମା।' 'ସୋମନାଥ ବ୍ରତକଥା' ବ୍ୟତୀତ ତ୍ରୟୋଦଶ ଏବଂ ଚତୁର୍ଦ୍ଦଶ ଶତାବ୍ଦୀରେ ଉନ୍ନତ ଭାଷାରେ ରଚିତ 'ନାଗୁଲ ଚଉଠୀ ବ୍ରତକଥା', 'ଦାମୋଦର ଓଷା ପ୍ରଭୃତି' ପ୍ରାଚୀନ ଗଦ୍ୟ ସାହିତ୍ୟ ବିକାଶର ସର୍ବୋତ୍କୃଷ୍ଟ ନମୁନା। ନାଗୁଲ ଚଉଠୀ କଥାରେ ଭାଷା ଅତ୍ୟନ୍ତ ସରଳ, ସାବଲୀଳ, ମନୋରମ ଓ ମାର୍ଜିତ। ଏହାର ଆରମ୍ଭରେ ବର୍ଣ୍ଣିତ ହୋଇଛି, 'ଶୁଣ, ନରମାନେ, ଶ୍ରୀ ନାଗୁଲ ଚୌଠୀ କଥା। ଏକ ଯେ ସାଧବ ଘର। ତାର ସାତ ବୋହୂ। ସାନ ବୋହୂଟିକୁ ଦେଖି ନପାରନ୍ତି। ଏ ରୂପେ କେତେ ଦିନେ ଅଶିଣ ଗଲା।

କାର୍ତ୍ତିକ ହେଲା। ପିମ୍ପୋଇ ଅମାସ୍ୟା ଯିବାର ଚାରିଦିନେ ନାଗୁଲ ଚଉଠୀ ହେଲା। ଶାଶୁ ସକାଳୁ ଶ୍ରାହାନ୍ନ କଲା। ଶ୍ରାହାନ୍ନ କରି ଓଷା ଦ୍ରବ୍ୟ ସଜାଡ଼ିଲା, ଆଖୁଦଣ୍ଡ ଗହନେ ଆଣିଲା, କଦଳି କାନ୍ଦି ଗହନେ ଆଣିଲା। ନଡ଼ିଆ କାନ୍ଦି ଗହନେ ଆଣିଲା। ଗୁଆ କାନ୍ଦି ଗହେନେ ଯେ ରୂପେ ଆଣିଲା। ଲିଆ ଭାଜିଲା। ଗୟାମୁଆଁ କଲା। ରାଶି ଛଡ଼ାଇଲା। ରାଶି ନଡୁ କଲା।...'

ପ୍ରାଚୀନ ଓଡ଼ିଆ ସାହିତ୍ୟର ବିସ୍ମୟ ତଥା ଅପୂର୍ବ ଶିଳ୍ପ କୌଶଳନେଇ ଆତ୍ମପ୍ରକାଶ କରିଥିଲା ଏକ ଉଚ୍ଚକୋଟୀର ଗଦ୍ୟସୃଷ୍ଟି 'ରୁଦ୍ର ସୁଧାନିଧି," ଯେଉଁ ସମୟରେ ଓଡ଼ିଆ ଗଦ୍ୟର କୌଣସି ନିର୍ଦ୍ଦିଷ୍ଟ ସ୍ୱରୂପ ପ୍ରକଟିତ ହୋଇନଥିଲା, ଏପରିକି ପଡ଼ୋଶୀ ହିନ୍ଦୀ, ବଙ୍ଗାଳୀ, ଅସମୀୟା, ମୈଥିଳୀ ଭାଷାରେ ଗଦ୍ୟ ସାହିତ୍ୟର ଚରମ ବିରଳତା ମଧ୍ୟରେ ନବ୍ୟ-ଭାରତୀୟ ପ୍ରାଚୀନ ସାହିତ୍ୟରେ 'ରୁଦ୍ର ସୁଧାନିଧି' ଏକ ଯୁଗାନ୍ତକାରୀ ସର୍ଜନା। ଏଥିରେ ପ୍ରାଚୀନତମ ଓ ଦୀର୍ଘତମ ପ୍ରୟାସର ନିଦର୍ଶନ ନିହିତ। ନାରାୟଣ ନନ୍ଦ ଅବଧୂତ ସ୍ୱାମୀଙ୍କ ଏହି ରଚନା ପ୍ରାକ୍ ସାରଳାଯୁଗରେ, ଚତୁର୍ଦ୍ଦଶ ଶତାବ୍ଦୀରେ ବୋଲି ଅନେକ ଗବେଷକ ମତବ୍ୟକ୍ତ କରୁଥିବା ବେଳେ ଡ. ଆର୍ତ୍ତବଲଭ ମହାନ୍ତି ଏହାକୁ ସପ୍ତଦଶ ଶତାବ୍ଦୀ ପୂର୍ବର ବୋଲି ମତପୋଷଣ କରନ୍ତି। ଡ. କରୁଣାକର କର ଏହିଗ୍ରନ୍ଥର ରଚନାକାଳ ପଞ୍ଚଦଶ ଶତାବ୍ଦୀ ଓ ଐତିହାସିକ କେଦାରନାଥ ମହାପାତ୍ର ଦ୍ୱାଦଶ ଶତାବ୍ଦୀ ବୋଲି ମତ ବ୍ୟକ୍ତ କରୁଥିବା ବେଳେ ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାଶ ଟିପ୍ପଣୀ ଦେଇ କହନ୍ତି, 'ରୁଦ୍ର ସୁଧାନିଧି' ରଚୟିତା ନାରାୟଣନନ୍ଦ ଅବଧୂତ ସ୍ୱାମୀ ସାରଳାଦାସଙ୍କ ପୂର୍ବର ଲେଖକ। ସେ ଏକାମ୍ର କାନନ (ଭୁବନେଶ୍ୱର)ର ଜଣେ ପ୍ରସିଦ୍ଧ ଯୋଗୀ। ସେ ତପସ୍ୟା ବଳରେ ହରପାର୍ବତୀଙ୍କୁ ସନ୍ତୁଷ୍ଟ କରି ବର ପାଇଲେ। ବେଦ ଶାସ୍ତ୍ର, ଉଲୁକ ବିଦ୍ୟା, କୁହୁକ ବିଦ୍ୟା ପ୍ରଭୃତିରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା। ଯୁଦ୍ଧ ବିଦ୍ୟାରେ ସେ ପାରଙ୍ଗମ ଥିଲେ। 'ରୁଦ୍ର ସୁଧାନିଧି' ତାଙ୍କର ଯୌବନାବସ୍ଥାର ଲେଖା।

'ରୁଦ୍ର ସୁଧାନିଧି' ଓଡ଼ିଆ ଗଦ୍ୟ ସାହିତ୍ୟର ଏକ ଅଭିନବ ଦୃଷ୍ଟାନ୍ତ। ଏହା ପଦ୍ୟ ଓ ଗଦ୍ୟର ଅନବଦ୍ୟ ସୁମଧୁର ସମନ୍ୱୟ। ମାଧୁର୍ଯ୍ୟପୂର୍ଣ୍ଣ କଳାତ୍ମକ ଭାବଭଙ୍ଗୀରେ ଏହାର ସୌଷ୍ଠବ ସଂଗଠିତ। ମନୋହର ରସାପ୍ଳୁତ ସ୍ରୋତସ୍ୱିନୀ ପ୍ରବାହ ସଦୃଶ ଏହି ରଚନାର ଧାରା ଏପରି ଗତିଶୀଳ ଯେ ଥରେ ଅଧ୍ୟୟନ ଆରମ୍ଭ କରିଲେ ସମାପ୍ତି ନକରି ରହିହେବ ନାହିଁ। ରସଭଙ୍ଗର ଆଶଙ୍କା ନାହିଁ। କାଦମ୍ବରୀ, ବୃହତକଥା, କଥା ସରିତ ସାଗର ପରି ରୁଦ୍ର ସୁଧାନିଧିର କଥାବସ୍ତୁ ଏକ ମନୋଜ୍ଞ ପରିପ୍ରକାଶ। କଥାଭାଗ ଅପେକ୍ଷା ଧର୍ମଦର୍ଶନର ପ୍ରାଳ ବର୍ଣ୍ଣନା ଏହି ଗ୍ରନ୍ଥର ପୃଷ୍ଠଭୂମି। କାଳ୍ପନିକ କାବ୍ୟପରି ଏକ ଚିତ୍ତାକର୍ଷକ କାଳ୍ପନିକ ପ୍ରଣୟ କାହାଣୀ ବର୍ଣ୍ଣିତ ଏହି ଗ୍ରନ୍ଥରେ ପୂର୍ବଜନ୍ମ ଓ ପରଜନ୍ମ, ବିରହ-ମିଳନ, ରସଚର୍ଚ୍ଚା, ପ୍ରଭୃତିର ନିପୁଣତା ପରିଲକ୍ଷିତ ହୁଏ।

ଗଦ୍ୟରେ ପଦ୍ୟାତ୍ମକ ରଚନା ରୀତି ଅନେକ ପୂର୍ବରୁ ବାଣଭଟ୍ଟଙ୍କ 'କାଦମ୍ବରୀ' ଓ ଦଣ୍ଡିଙ୍କର 'ଦଶକୁମାର ଚରିତ'ରେ ଥିଲେ ମଧ୍ୟ ଓଡ଼ିଆ ସାହିତ୍ୟରେ ତାହା ଦୁର୍ଲଭ ଥିଲା। ରୁଦ୍ର ସୁଧାନିଧିର କବି ଥିଲେ ଜଣେ ଯଶସ୍ୱୀ ଯୋଗୀ ଏବଂ ସଂସ୍କୃତ ଭାଷାରେ ଅସାମାନ୍ୟ ପଣ୍ଡିତ। ଏହି ଗ୍ରନ୍ଥର ପ୍ରାରମ୍ଭରେ ସ୍ୱୟଂ କବି ଲେଖିଛନ୍ତି, 'ଶ୍ରୀ ହରିହବଭ୍ୟାଂ ନମଃ। ଶ୍ରୀ ଏକାମ୍ବରବନ ଆଶ୍ରିତ। ଶ୍ରୀ ଭୁବନେଶ୍ୱରୀ ଦେବୀ ବରପୁତ୍ର। ନିର୍ଦ୍ଦୋଷ ବାକ୍ ବିଶେଷ। ଆଗମ ଜନ୍ମ। ପୁଂସାବତାର ଶାରଦା। ଦିଗ୍‌ଗଜ ପଣ୍ଡିତକୁ ବିକ୍ରମକେଶରୀ। ସୁଦ୍ଧ ଧିରେ ମତ୍ତ ଗର୍ବିତ। ପଣ୍ଡିତ ଜନ ସମୁହକୁ ଉନ୍ମତ୍ତ ଯୁବା। କ୍ଷୁଧା ପଞ୍ଚାନନ। ନରାକୃତି କର୍ଣ୍ଣୀରବ ପଞ୍ଚମ ବେଦ। ଷଟ୍ ଶାସ୍ତ୍ର। ନବଧା ବ୍ୟାକରଣ। ଅଷ୍ଟାଦଶ ବିଦ୍ୟା।'

ଏହି ଗ୍ରନ୍ଥରେ ଅନେକ ପ୍ରାଚୀନ ଶବ୍ଦର ବ୍ୟବହାର ପରିଲକ୍ଷିତ ହୁଏ। ଅଧିକାଂଶ ପଦର ଆରମ୍ଭରେ 'ତ' ବ୍ୟବହୃତ ହେବା ସହିତ ମାନନ୍ତ, ଏମାନନ୍ତ, ଦାନନ୍ତ, ଅନୁପାମ, ହାଇ ହାଇ, ତୁଡ଼ିପାଡ଼ି, ଉଛାହା, ଅରିଷ୍ଟ, ଯୁଧିଷ୍ଟ, ପୋଖିଲା, ସମ୍ପୋତେ, ଏକାମ୍ବର, ହାଦେ, କିଛୁଦିନ, ପରିଜା, ରିଧି, ହେଠାମୁଣ୍ଡି ପ୍ରଭୃତି ପ୍ରାଚୀନ ଓଡ଼ିଆ ଶବ୍ଦର ବ୍ୟବହାର ଦେଖାଯାଏ।

ଆଦିକବି ସାରଳା ଦାସ 'ମହାଭାରତ' ଓ 'ଚଣ୍ଡିପୁରାଣ' ଓଡ଼ିଆ ପଦ୍ୟଧାରାରେ ରଚନା କରିଥିଲେ ମଧ୍ୟ କେତେକ ସ୍ଥଳରେ ଓଡ଼ିଆ ଗଦ୍ୟର ପ୍ରୟୋଗ ଉପଲବ୍ଧ ହୁଏ। ତାଙ୍କର

**'ରୁଦ୍ର ସୁଧାନିଧି' ଓଡ଼ିଆ ଗଦ୍ୟ ସାହିତ୍ୟର ଏକ ଅଭିନବ ଦୃଷ୍ଟାନ୍ତ। ଏହା ପଦ୍ୟ ଓ ଗଦ୍ୟର ଅନବଦ୍ୟ ସୁମଧୁର ସମନ୍ୱୟ।**

'ନିତ୍ୟାନି ଗୁରୁବାର' ରେ ଓଡ଼ିଆ ଗଦ୍ୟର ପ୍ରୟୋଗ ରହିଛି। ତାହାର କୀୟଦଂଶ ହେଲା, 'ସାସୁନା ଶ୍ରୀୟା, ବୋହୁନା ପ୍ରିୟା। ସାହୁନା ଶ୍ରୀଧର। ପୁଅନା ଶ୍ରୀକର। ଚାରି ଶ୍ରୀମ' ଯେକାନାରେ ଥାନ୍ତି। ଗୁରୁବାର ଦିନ ବୋହୁ ବୋଇଲା ସାସୁଯେ ମୁଁ ପଦ୍ମ ତୋଳି ଯିବି। ସାସୁ ବୋଇଲା କିଲୋ ମା ଏତେଦିନ ଥାଇ ଯେହା କଲୁ।' ସାରଳାଙ୍କ 'ଚଣ୍ଡିପୁରାଣ'ରେ, 'ମହିଷାସୁର ଆଜ୍ଞା' ପତ୍ରିକାରେ ମଧ୍ୟ ଗଦ୍ୟଧାରା ପରିଲକ୍ଷିତ ହୁଏ। ପଞ୍ଚସଖା ଯୁଗରେ ଜଗନ୍ନାଥ ଦାସଙ୍କ 'ତୁଳାଭିଣା' ଓ ବଳରାମ ଦାସଙ୍କ 'ବ୍ରହ୍ମଗୀତା'ରେ ଗଦ୍ୟର ବ୍ୟବହାର ସ୍ପଷ୍ଟ ମିଳେ। ଏହି ଓଡ଼ିଆ ଗଦ୍ୟ ସାହିତ୍ୟର ପରିମାଣ ସ୍ୱଳ୍ପ ହେଲେ ମଧ୍ୟ ଏହାର ଭାଷାରେ ଲୌକିକ ଓ କଥିତ ଭାଷାର ଶୈଳୀ ପ୍ରତିବିମ୍ବିତ ହୋଇଥିବା ଦେଖାଯାଏ।

ଓଡ଼ିଆ ଗଦ୍ୟ ସାହିତ୍ୟକୁ ବ୍ରଜନାଥ ବଡ଼ଜେନାଙ୍କ ଅନବଦ୍ୟ ଅବଦାନ ଅତୁଳନୀୟ। 'ହାସ ବିନୋଦ', 'ରସବିନୋଦ', 'ପ୍ରୀତି ବିନୋଦ' ଓ 'ନୀତି ବିନୋଦ' ସଂଯୋଜିତ ଚାରିଗୋଟି ଦୀର୍ଘ ଗଳ୍ପର ସମାହାରରେ 'ଚତୁର ବିନୋଦ' ହେଉଛି ଓଡ଼ିଆ ଗଳ୍ପ ସାହିତ୍ୟରେ ସର୍ବପ୍ରଥମ ପୂର୍ଣ୍ଣାଙ୍ଗ ଗଳ୍ପ ସଙ୍କଳନ।

ଖ୍ରୀଷ୍ଟୀୟ ନବମ-ଦଶମ ଶତାବ୍ଦୀଠାରୁ ଉନବିଂଶ ଶତକର ମଧ୍ୟଭାଗ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟର ଐତିହାସିକ କ୍ରମବିକାଶର ଧାରା ଅନୁଶୀଳନ କଲେ ପଦ୍ୟ ସାହିତ୍ୟ ସହିତ ସମାନ୍ତରାଳରେ ଓଡ଼ିଆ ଗଦ୍ୟ ସାହିତ୍ୟର ମଧ୍ୟ ଏକ ମନୋରମ ଶୃଙ୍ଖଳା ଦୃଷ୍ଟିଗୋଚର ହୁଏ। ଶିଶୁବେଦ, ସୋମନାଥ ବ୍ରତକଥା, ମାଦଳାପାଞ୍ଜି, ରୁଦ୍ରସୁଧାନିଧି, ଚତୁରବିନୋଦ ପ୍ରଭୃତି ଏହାର ଉଜ୍ଜ୍ୱଳ ପ୍ରମାଣ। ସବୁଠାରୁ ଉଲ୍ଲେଖନୀୟ ଯେ ଆଦିଯୁଗରେ ଖୋଦିତ ସମସ୍ତ ଶିଳାଲେଖ ହିଁ ଓଡ଼ିଆ ଗଦ୍ୟରେ ଲିପିବଦ୍ଧ ହୋଇଥିଲା। ଆଦିଯୁଗରେ ଓଡ଼ିଆ ଗଦ୍ୟସାହିତ୍ୟର ଉନ୍ମେଷ ଚିନ୍ତା ଓ ଯୁକ୍ତିର ପରିଣତି ସଙ୍ଗେ ଏହାର ଆତ୍ମପ୍ରକାଶ ଓଡ଼ିଆ ଭାଷା ଓ ସାହିତ୍ୟର ବଳିଷ୍ଠ ଅସ୍ମିତା ପ୍ରଦାନ କରିଛି।

**ସବୁଠାରୁ ଉଲ୍ଲେଖନୀୟ ଯେ ଆଦିଯୁଗରେ ଖୋଦିତ ସମସ୍ତ ଶିଳାଲେଖ ହିଁ ଓଡ଼ିଆ ଗଦ୍ୟରେ ଲିପିବଦ୍ଧ ହୋଇଥିଲା।**

□□

ଲେଖକଙ୍କ ଇ-ମେଲ ଠିକଣା:
rknprincipalbbm@gmail.com





**ଅନୁବାଦ ଗଳ୍ପ**

# ଆବେଦନ



ଅନୁବାଦ : ଡ. କନକ ମଞ୍ଜରୀ ପଟ୍ଟନାୟକ   ମୂଳହିନ୍ଦୀ : ସନ୍ତୋଷ ସୁପେକର

ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ରାଘବେନ୍ଦ୍ର ପତ୍ନୀ ଏବଂ ପିଲାମାନଙ୍କ ସହ ନିଜର ପୈତୃକ ପଡ଼ାକୁ ଆସିଛି । ଚାକିରିଆ ହେତୁ ଛୁଟି ନ ମିଳିବା ବିବଶତା କାରଣରୁ ତା'ର ଇଚ୍ଛାଥିଲେ ମଧ୍ୟ ସପ୍ତାହେ- ଦଶଦିନରୁ ଅଧିକା ଏଠି ରହି ପାରେ ନାହିଁ। କିନ୍ତୁ ତା' ମନରେ ସବୁବେଳେ ଥାଏ, ବର୍ଷ ସାରା ନ ହେଲେ ବି ଅନ୍ତତଃ ଦୁଇ-ତିନି ମାସ ତା'ର ମା' ବାପା ଅହମ୍ମଦାବାଦରେ ତା' ପାଖରେ ନିଶ୍ଚୟ ରହନ୍ତୁ । ତା'ର ପତ୍ନୀ ଅନୀତାର ବି ଏଇ ଇଚ୍ଛା। ଏ ସବୁ ଭାବନାକୁ ଦୃଷ୍ଟିରେ ରଖି ସେ ପାଂଚ କୋଠରି ବିଶିଷ୍ଟ ଫ୍ଲାଟଟିଏ ବନାଇଥିଲେ ହେଁ କେଜାଣି କାହିଁକି ମା' ବାପା, ଖୁବ୍ କମ୍ ଦିନ ପାଇଁ ଘରକୁ ଆସନ୍ତି। ବର୍ଷକ ଭିତରେ ଥରେ ଅଧେ, ତା' ବି ଅଳ୍ପ ଦିନ ପାଇଁ।

'ବାପା, ତମେ ଓ ମା' ଚାରି ଛ' ଦିନ ପାଇଁ ନୁହେଁ, ଚାରି ଛ' ମାସ ଏଠି ଆସି ରୁହ। ଏତେ ଶୀଘ୍ର ଫେରି ଯାଉଛ ଯେ ମନ ମାଡ଼ି ମକଚି ହେଲା ଭଳି ଲାଗୁଛି।' ଗତଥର ତା'ଠୁ ଏ କଥା ଶୁଣି ସେ କହିଥିଲେ, 'ବାପରେ, ମୁଁ ତତେ କେତେ ଥର କହିଲିଣି, ସେଇ ଛୋଟିଆ ପଡ଼ା ହିଁ ମୋର ଜନ୍ମଭୂମି ଓ କର୍ମଭୂମି । ସେଇ ଜାଗାକୁ ଛାଡ଼ିଦେଲେ ଆଉ କେଉଁ ସ୍ଥାନ ବି ମତେ ସେଭଳି ଭଲ ଲାଗୁନାହିଁ। ମହାନଗରରେ ତୋ'ର ଏତେବଡ଼ ଫ୍ଲାଟ ଭିତରେ ମୁଁ ଚାରି ଆଠଦିନରୁ ଅଧିକ ରହିପାରିବି ନାହିଁ।' ଆଜି ସନ୍ଧ୍ୟାବେଳେ ସେ ତା' ବଖରା ଭିତରକୁ ଗଲା। ଲାଇଟ୍ ଅନ୍ କରି ଗୋଟେ କୋଣରେ ରଖାଯାଇଥିବା ବାକ୍ସଟିଏ ପାଖରେ ତା' ପାଦ ଅଟକି ଗଲା। ତା' ପିଲାଦିନର ସାଥି, ତା'ର ଅତି ପ୍ରିୟ କାଠ ତିଆରି ସେଇ ବଡ଼ ବାକ୍ସ। ସେ ଯେତେଥର ଏଠିକୁ ଆସିଛି ତା'ର ଏଇ ବାକ୍ସକୁ ନିଶ୍ଚୟ ଥରେ ଖୋଲି ଦେଖିଛି । ସହଜ ଉତ୍ସୁକତାବଶତଃ ଏଥର ବି ସେ ଖୋଲିଲା। ଷଷ୍ଠ-ସପ୍ତମ-ଅଷ୍ଟମ ଶ୍ରେଣୀର କିଛି ପାଠ୍ୟକ୍ରମ ବହି, ଜ୍ୟାମିତି ବାକ୍ସ, ଫୁଟବଲ, ସୁଜ୍, ଏନି ସି ସି ର ଏକ୍ସ୍ଟ୍ରା ଡ୍ରେସ, ପୁରୁଣା ଫଟୋ ଆଲବମ୍... ଇତ୍ୟାଦି ଆହୁରି କେତେ କ'ଣ । ଚାରିଥର ଓଲଟ ପାଲଟ କରି ଦେଖିଲେ ବି ମନ ଭରୁ ନାହିଁ। ଏତିକି ବେଳେ ଗୋଟେ ପୁରୁଣା ପଲିଥିନ ମୁଣା ଉପରେ ତା'ର ଦୃଷ୍ଟି ପଡ଼ିଲା। ଆରେ, ଯା' ଭିତରେ କ'ଣ ଅଛି। ଯା' ପୂର୍ବରୁ ତ ଏ ମୁଣା ଉପରେ ଦୃଷ୍ଟି ପଡ଼ିନାହିଁ। ସେ ତାକୁ ଉଠାଇ ଆଣି ଖୋଲିଲା। ଭିତରେ ଈଷତ୍ ହଳଦିଆ ପଡ଼ିଯାଇଥିବା ଗୁଡ଼ାଏ ଛୋଟ ଛୋଟ କାଗଜ ଚିରକୁଟି। ସେ ଗୋଟେ ଗୋଟେକୁ ଉଠାଇ ପଢ଼ିଲା- ବାପା, ଆଜି ମୋ ପାଇଁ ଝିଲାପି ଆଣିବ, ବାପା, ଆଜି ସନ୍ଧ୍ୟାକୁ କଂପାସ ବାକ୍ସ ଲୋଡ଼ା, ବାପା, ସନ୍ଧ୍ୟାବେଳକୁ ଦୁଇଟା ପେନ୍ସିଲ କିଣି ଆଣିବ, ବାପା...। ପିଲାଦିନେ ବାପାଙ୍କ ପାଖରେ କରିଥିବା ସନ୍ତାନ ସୁଲଭ ମାଗୁଣିର ଗୋଟେ ଗଦା। ପଢୁ ପଢୁ ତା' ଆଖି ଓଦା ହୋଇଗଲା। ବାପାଙ୍କର ବଡ଼ ଗେଲବସର ରାଘବେନ୍ଦ୍ର, ରାଘବ। ତାକୁ ଯାହା ବି ଦରକାର ଥାଏ, ସେ ମୁହଁରେ କହିପାରେନା। ବାସ୍, ଇଚ୍ଛିତ ବସ୍ତୁକୁ ଖଣ୍ଡେ ଚିରକୁଟିରେ ଲେଖି ବାପାଙ୍କ ପକେଟରେ ରଖି ଦେଉଥିଲା । ଏବଂ ଏମିତି କେବେ ଥରେ ବି ହୋଇନାହିଁ, ବାପା ତା'ର ଇପ୍ସିତ ବସ୍ତୁକୁ ଆଣି ନାହାନ୍ତି ଅଥବା କେବେ ଥରଟିଏ ବି ତା'ର ଇଚ୍ଛା ପୂରଣ କରି ନାହାନ୍ତି।

> **ଏମିତି କେବେ ଥରେ ବି ହୋଇନାହିଁ, ବାପା ତା'ର ଇପ୍ସିତ ବସ୍ତୁକୁ ଆଣିନାହାନ୍ତି।**

ଭାବନା ଭିତରେ ତଲ୍ଲୀନ ରାଘବେନ୍ଦ୍ରର ଅଶ୍ରୁଭରା ଦୁଇ ଆଖି ଅଚାନକ ଚମକି ଉଠିଲା। ସେ ଚଟାପଟ କାଗଜର ଆଉ ଖଣ୍ଡେ ଚିରକୁଟି ବନାଇ ତା' ଉପରେ ଲେଖିଦେଲା- ବାପା, ମୁଁ ହୃଦୟ ଭିତରୁ ଚାହୁଁଛି, ତମେ ଓ ମା' ମୋ ପାଖରେ, ଅହମ୍ମଦାବାଦରେ ଆସିରୁହ । ପ୍ରତିବର୍ଷ ଅତି କମ୍‌ରେ ଦୁଇ-ତିନି ମାସ ପାଇଁ । ତୁମର କୌଣସି ଅସୁବିଧା ହେବ ନାହିଁ ।

- ତୁମର ରାଘବ ।

ବାପାଙ୍କ କୁର୍ତ୍ତାର ପକେଟ ଭିତରେ ଚିରକୁଟି ଖଣ୍ଡକ ରଖିବା ସମୟରେ ଅତିରିକ୍ତ ରୋମାଂଚ ହେତୁ ତା' ହାତ କଂପି ଉଠୁଥିଲା। କିନ୍ତୁ ଆଶ୍ୱସ୍ତ ଥିଲା, ତା'ର ଏ ଆବେଦନ ଖାରଜ ହେବ ନାହିଁ।

□□

ଅନୁବାଦିକାଙ୍କ ଇ-ମେଲ୍ ଠିକଣା:
kanakmanjari1951@gmail.com

କବିତା

# ଘଇତାମାରୀ ପାଟ



ଅଜୟ ମହାଲା

ରାତିର ଆଖିରୁ ନିଦ ସରିନାହିଁ ବାଜିଲା କାହାର ହାତ
"ଭୁଲି ଗଲୁ କି ଲୋ ହଳ ଧରି ଯିବି ମଝି ପାଟ ଧାନ କ୍ଷେତ
ଅଲିହା, ଅଲିହା, ଆଲୋ ହେ ଅଲିହା -ଉଠ ଉଠ ଛାଡ ଶେଯ
ମତେ ଦେ ମୁହାଏ ତୋରାଣି ଓ ଭାତ ଆଉ ବଳଦଙ୍କୁ ପେଜ ।"

ଚିହ୍ନିନି ଜାଣିନି ସିଏ ହୀରା, ନୀଳା, ସୁନା, ରୂପା ଅବା ମୋତି
ହେଲେ ସେ ଚିହ୍ନଇ ଦୋରସା ବା ପଟୁ, ପଙ୍କୁଆ, ବାଲିଆ ମାଟି ।
ପାଟ ମଝି ବିଲ ଟିକେ ଦୂର ସିନା ସୁନା ହାଣ୍ଡି ସମତୁଲ
ଲଙ୍ଗଳ ମୁନରେ ଶୁଭ ଗାର ଦେବ ଘରୁ ବାହାରି ସଅଳ ।

ଓଡଟିଏ ଚାଷ ହୋଇଲେ ବୈଶାଖେ ମାଟି ଯେ ଖାଇବ ଖରା
ବଳଦ ପଟିଏ ଉଧାର ଦେଲେନି ମାଗିଥିଲା ଗାଁ ସାରା
ଚାଷେ ସିନା ଚାଷୀପୁଅ ତରତର ମଠୁଆ କହୁଛି ଗାଁ
ବାପ କରୁଥିଲା ଭଲ ଚାଷ ଆଗେ ପୁଅ ବୁଡାଇଲା ନାଁ ।

ଠିଆ ହୋଇଥିଲା ସନିଆଁ ଦୁଆରେ ମନଟିକୁ ମାରିଦେଇ
ଶିତଳେଇ ହାତ ରୂପା ଖଡୁ ହଳ ଅଲିହା ଦେଲା ଓହ୍ଲେଇ
ଦିଅଁକୁ ସୁମରି ସନିଆଁ ବେଳସୁଂ ଗଲା ଗୋରୁ ହାଟ ଚାଲି
ଗୁହାଳ ପୂରିବ ହେଲେ ଅଲିହାର ହାତ ଦିଶେ ଖାଲି ଖାଲି ।



ବାଛି ଜାଣିଲାନି ବଳଦ ହାଟରେ ଆଣିଛି ଗୋଟିଏ ହଡା
ମହଣ କରିନି ପୁରୁଣା ଖାଉନ୍ଦ ଟିକିଏ ତରକା ତେଢ଼ା
ପାଞ୍ଚିଛି ମନରେ ଆଗିଲା ସନକୁ କିଣିବ ହଳେ ଦାମୁଡ଼ି
ପହିଲି ଧାନରେ ଅଲିହାକୁ ଦେବ ନୂଆ ପାଟ ନୂଆ ଚୁଡି ।

ପଗଡି ନାଆଁରେ ଚାଳରେ ଗେଞ୍ଜିଛି ପୋରିଆ ମଳିଆ ବସ୍ତ୍ର
ଆଜି ସେ କ୍ଷେତକୁ ଯିବ ହାତେ ଧରି ମାଟି ସୈନିକର ଅସ୍ତ୍ର
କାନ୍ଧରେ ଝୁଲାଇ ଯୋତିବା ଦଉଡି, ହଳ, ବାଉଁଶ ପାଞ୍ଚଣ
କରିବ କର୍ଷଣ ଭୁଇଁର , ଅଭାବ କଷଣ ସହିତ ରଣ ।

"ସଅଳ ଯାଉଛି ଜାଣି ଥା ଆଜି ଲୋ ଆସିବା ହେବ ଉଚ୍ଛୁର
ପାଣି ନେଇ କ୍ଷେତେ ଆସିବୁ ନ ହେଲେ ହଂସା ଉଡିଯିବ ମୋର"
'ଦିଗ୍ ଦିଗ୍ ହଟ ହଟ',କହି ବଳଦଙ୍କ ଲାଞ୍ଜ ସିଏ ଦେଲା ମୋଡି
ପଛେ ରହିଗଲା ଗାଆଁର ପଳାଶ, ତା ପଛେ କିଆ ଗୋହିଡି ।

ଟବର ଟବର ଛିଞ୍ଚିଲା ଦାଣ୍ଡରେ ଅଲିହା ଗୋବର ପାଣି
ଏ ମୁଣ୍ଡୁ ସେ ମୁଣ୍ଡ ପହଁରା ମାରିଲା ଅଣ୍ଟାରେ କାନିକୁ ଟାଣି
ଲିପା ପୋଛା କରି ସଜାଇ ଦେଲା ସେ ଛୋଟ ଅଗଣାଟି ତାର
ଫୁଙ୍କି ଲଗାଇଲା ଚୁଲିରେ ନିଆଁ ସେ ଧୂଆଁ ବୁଲି ଯାଏ ଘର ।

ଶୁଖୁଆ ସାଂଗକୁ ବେସର ମସଲା ଖାଇବ ରଘୁଆ ବାପ
ଖାଇବାରେ ଊଣା ହେଲେ ମରଦର କେତେ କରନ୍ତି ଲୋ କୋପ
ତରତର ହୋଇ ରାନ୍ଧିଥିଲା ସିଏ ଦରଫୁଟା ଭାତ ଦିନେ
ଭାତମିଶା ଥାଳି ଫୋପାଡି ଥିଲା ସେ ଏବେ ପଡିଯାଏ ମନେ ।

ଏତେ ବଡ ପାଟ ଆଖି ପାଏ ନାହିଁ ବିଲ ପରେ ଖାଲି ବିଲ
ଗଛ ବୋଲି ଖାଲି ବେଣାବୁଦା ଯାହା ଏଠି ଢିପ ସେଠି ଖାଲ
ମାଟି ପିଇ ଯାଏ ବୈଶାଖର ଖରା ପାଟ ଲାଗେ ଖାଁଆ ଖାଁଆ
ପାଟ ମଝିରେ ଛିଡା ହୋଇଗଲେ ଦିଶେ ନାହିଁ କେଉଁ ଗାଆଁ ।

'ମାରଣା'କୁ ଯୋତିଦେଲା ବାଆଁ ପଟେ 'ତେଢ଼ା' ସମ୍ଭାଳେ ଡାହାଣ
କେବେ କେବେ ଯାଏ ଅଟକି ଲଙ୍ଗଳ, ପଡି ଗଲେ ମାଟି ଟାଣ
ପଶୁ ଖୁରା ତାଳେ ମିଶି ଚାଲେ ବିଲେ ଅଦମ୍ୟ ମାନବ ପାଦ
ବଳଦ ମୁହଁରୁ ଫେଣ ବହିଯାଏ ସନିଆଁ ଦେହରୁ ସ୍ୱେଦ।

ଖଣ୍ଡିଏ ବକଟେ ନୁହେଁ ପାଟ ଜମି ବିଲ ପୂରା ଦଶ ଗୁଣ୍ଠ
ସକାଳ ପହରୁ ହଳ କରି କରି ଶୁଖି ଆସିଲାଣି କଣ୍ଠ
ବେଗେ ବେଗେ ଘରୁ ଗୋଡ କାଢିଥିଲା ମନେ ପ୍ରମାଦ ନ ଆଣି
କହି ଆସିଥିଲା ଘରଣୀରାଣୀକୁ କ୍ଷେତକୁ ଆଣିବ ପାଣି।

ସେପଟେ ଅଲିହା ମରଦଙ୍କ କଥା ଭାବି ହୁଏ ହଇରାଣ
ଆଣିବେନି ଘରେ ସାଜ ସରଞ୍ଜାମ ମାଗିବେ ବାର ତିଅଣ
ରାନ୍ଧେ ସୁଆଦିଆ ତିଅଣ ଅଲିହା ଗାଁ ବୁଲି ସିନା ଗପେ
ନୁଖୁରା ସାଗକୁ ଦେବାପାଇଁ ତେଲ ବୋତଲରେ ନାହିଁ ଧାପେ।


ଭଲମନ୍ଦ ଯାହା ରୋଷେଇ କରି ସେ କ୍ଷେତକୁ ହେଲା ବାହାର
ମୁହେଁ ନାହିଁ କଥା ହାତେ ପାଣି ଲୋଟା ଚାଲୁଥାଏ ତରତର
ଆଜି ନିଶ୍ଚ ଗାଳି ପଡିବ ଭାବେ ସେ ଦୋଷ ନ ଥାଇ ବି ତାର
କୃଷକ ଅବଳା କି ଅବା କରିବ ପତି ଯଦି ହୁଏ କ୍ରୁର।

ବଢି ବଢି ଯାଏ ପବନରେ ତାତି ହଳ ଚାଲେ ଥିରି ଥିରି
ତୃଷା ଆଉ ରୋଷେ ସନିଆ ଥରଇ ଲଂଗଳ ହେଉନି ଧରି
ଦେଖିଲା ଦୂରରୁ ଅଲିହା ଆସଇ ହାତରେ ପିତଳ ଲୋଟା
ପାଞ୍ଚଣରେ ଠାରି କହେ ବେଗି ଆସ ମୁଖେ ନ ବାହାରେ କଥା।

ପାଞ୍ଚଣ ହଲାକୁ ବୁଝି ପାରିଲାନି ଭୟରେ ଗଲା ସେ କମ୍ପି
ଖାଇବ ଆଜି ସେ ନିର୍ଘାତ ମାଡ କେହି ପାରିବେନି ରଖି
ଶହେଟି ପାହୁଣ୍ଡ ଦୂରେ ଛିଡା ହୋଇ ସନିଆକୁ ରହେ ଚାହିଁ
କେମିତି ଯିବ ସେ ରୁଷ୍ଟ ସ୍ୱାମୀ ପାଶେ ବୁଦ୍ଧି ବାଟ ଦିଶେ ନାହିଁ।

ଟେଳାଏ ମାଟିର ଉପରେ ରଖିଲା ପିତଳ ଲୋଟା ଅଲିହା
ଶହେ ପାହୁଣ୍ଡରୁ ଫେରି ଚାଲିଗଲା ପଛକୁ ନ ଚାହିଁ ଯାହା
ଅସମତଳ ସେ ମାଟି ଟେଳା ପାଶେ ସନିଆ ଗଲା ଯେ ଧାଇଁ
ଦୁର୍ଭାଗ୍ୟକୁ ଲୋଟା ଗଡିଗଲା ତଳେ ପାଣି ଗଲା ସବୁ ବୋହି।

କିଛି ଦୂର ଚାଲି ଯାଇ ସେ ଅବଳା କୌତୁହଳେ ଦେଲା ଚାହିଁ
ମୁଣ୍ଡେ ହାତ ଦେଇ ବସିଛି ସନିଆଁ ହିଡେ ଦେହ ଆଉଜେଇ
"ଏ କି ହେଲା" କହି ଦଉଡେ ଅଲିହା ଜନଶୂନ୍ୟ ଦିପହରେ
ନିଜେ ପଡି ନଇଁ, କଳା ସିନା ଛାଇ, ଛାଇରେ କି ଶୋଷ ମରେ !



କଣ୍ଠ ରୁଦ୍ଧ ହୋଇଯାଏ ସନିଆର ବୁଦ୍ଧିବାଟ ଦିଶେ ନାହିଁ
ଦେଖୁ ଦେଖୁ ସ୍ୱାମୀ ଲୋଟିଗଲା ତଳେ ଅଲିହା ରହିଛି ଚାହିଁ
କାତର ହରିଣୀ ପରି କାନ୍ଦୁଥିଲା କୋଳେ ସ୍ୱାମୀ ମଥା ରଖି
ନିକାଞ୍ଚନ ପାଟ କଲା ଉପହାସ କିଛି ବେଣା ବୁଦା ସାକ୍ଷୀ।

ବଢି ଚାଲିଥିଲା ଆକାଶ ଛାତିରେ ସୂର୍ଯ୍ୟଦେବତାଙ୍କ ତେଜ
ସନିଆର ଲାଗି ଉବୁଡା ଖାବୁଡା ଧୂସର ମାଟିର ଶେଯ
ଶୂନ୍ୟ ସେ ପାଟରେ 'ତେଢ଼ା' ଓ 'ମାରଣା' ଗୋମାତାର ଦୁଃଖୀ ପୁଅ
କରୁଣ ଚାହାଣି ଟାଣି ଦେଇ ନେତ୍ରେ ଦେଖନ୍ତି ଖାଉନ୍ଦ ମୁହଁ।

ଅପବାଦ ତାର ପୁରୁଣା ରୀତିରେ ପୁନଶ୍ଚ ଉଠିଲା ଜିଇ
ନାରୀ ମୁଣ୍ଡେ ଅପବାଦର କାଳିମା ସହଜରେ ନେସି ଦେଇ
"ଘଇତାମାରି" ନାମିତ ସେ ପାଟ ବାକି ଯାହା ଲୋକକଥା
ଅଲିହା ନୁହେଁ ସେ ଅହଲ୍ୟା ଥିଲା ପାଷାଣୀ ଶାପଗ୍ରସ୍ତା।

ଭୟ ଓ ଭକତି ଦୁଇଟି ରଜ୍ଜୁରେ ଅବଳା ଜୀବନ ବନ୍ଧା
କିଏ ବାରି ଦିଏ କେବେ ଦେହ ପିନ୍ଧା କେବେ କିଏ ହାତ ରନ୍ଧା
ଅପରାଜିତାର ସ୍ୱପ୍ନ ପୋଛି ଦେଇ ସାଜେ ସେ ଅପରିଚିତା
କେବେ ସେ ବିଧବା, କେବେ ପୁତ୍ରହୀନା, କେବେ ଶୋକାକୁଳା ମାତା।

ହସ ଓ ଲୁହରେ ଗୁନ୍ଥା କ୍ଷଣ କ୍ଷଣ ଧନ୍ୟ ସେ ନାରୀ ଜୀବନ
ଗୋଟିଏ ଗାଆଁରେ ଏନ୍ତୁଡ଼ି ତାହାର ଅନ୍ୟ ଗ୍ରାମେ ଶମଶାନ
ପୂରିଲା ହାତକୁ ପୂରିଲା ମଥା ତା, ପୂର୍ଣ୍ଣତା ହିଁ ସ୍ୱପ୍ନ ତାର
ଚାହେଁ ପୂର୍ଣ୍ଣ କୋଳ, ପୂର୍ଣ୍ଣ ପରିବାର, ପୂର୍ଣ୍ଣ କଳସ ଦ୍ୱାର।

କିନ୍ତୁ ଫୁଟିବାର ସ୍ୱପ୍ନ ନେଇ ଝଡେ ଶତ ସହସ୍ର କଢ
ନାରୀ ଲାଗି ଏହି ସମାଜ ସାଜିଛି ଗୋଟିଏ ଅନ୍ଧାରୀ ଗଡ
ଚୁନି ଚୁନି ହସ ଫୁଟେ ନାହିଁ ଏଠି ଲକ୍ଷ ନିୟୁତ ଓଠେ
ଆସି ପୁଣି ଚାଲି ଯାଇଛି ସଭ୍ୟତା ପୂର୍ବ ପରି ନିଜ ବାଟେ।

□□

କବିଙ୍କ ଇ-ମେଲ ଠିକଣା:
ajayamahala@gmail.com

**"'ଘଇତାମାରୀ ପାଟ' ନାମକ ବିଲର ଅବସ୍ଥିତି ଭଦ୍ରଖ ଜିଲ୍ଲା ଧାମନଗର ବ୍ଲକର ଭଣ୍ଡାରିପୋଖରୀ ଅଞ୍ଚଳରେ। ଆଖଣ୍ଡଳମଣି ମନ୍ଦିରକୁ ପାଦରେ ଚାଲି ଯିବାବେଳେ ଏହି ପାଟ ପଡେ। ଏହା ସେହି ଚାଷ ଜମିଟି ସହିତ ସଂଶ୍ଳିଷ୍ଟ ଏକ ଲୋକକଥା ଉପରେ ଆଧାରିତ କବିତାଟିଏ।"**

ଆମର ଏକ ନୂଆ ପ୍ରୟାସ...
AMESABU
ଓଡ଼ିଶାର
ସଂସ୍କୃତି-ଐତିହ୍ୟ-ପରମ୍ପରା
କେବଳ ଆମେସବୁ ପ୍ଲାଟଫର୍ମରେ
WE ALL. FOR ALL.
ଆମେସବୁ
ANDROID APP ON Google Play
@ amesabu



ଗଳ୍ପ

# ସିଦ୍ଧାର୍ଥର ସିଦ୍ଧି

ଆନନ୍ଦ ଚନ୍ଦ୍ର ପହି

ଏ ଘନ ବନାନୀର ଅପୂର୍ବ ଶୋଭା ସଂପଦ, ଏ ଗିରି ନିର୍ଝରର କଳ କଲ୍ଲୋଳ, ବନପକ୍ଷୀଙ୍କର ମଧୁର କାକଳୀ ତୁମ ମନରେ କ'ଣ ରଙ୍ଗ ବୋଳୁ ନାହିଁ? ଏ ପରିବେଶ କ'ଣ ତୁମ ମନ ପ୍ରାଣକୁ ଉଚ୍ଚାଟ କରୁ ନାହିଁ? ତୁମେ ନୀରବ କାହିଁକି ସିଦ୍ଧାର୍ଥ?

: ଏ ସବୁ କ୍ଷଣସ୍ଥାୟୀ ଲୋପାମୁଦ୍ରା! ଶୀତ ଋତୁରେ ଏ ସବୁ ସବୁଜ ବନାନୀର ବୃକ୍ଷରାଜି ପତ୍ର ବିହୀନ ହେବ। କଳ କଲ୍ଲୋଳିନୀ ନିର୍ଝର ଶୁଷ୍କ ହେବ। ବନ ପକ୍ଷୀମାନଙ୍କର ମନୋମୁଗ୍ଧକର ସଂଗୀତ ପରିବର୍ତ୍ତେ ଶୁଭିବ ସେମାନଙ୍କ କର୍ଣ୍ଣଫଟା ଆର୍ତ୍ତ ଚିତ୍କାର।

: ଜୀବନ, ପୃଥିବୀ ଓ ପରିବେଶ ପ୍ରତି ତୁମର ଏ ନେଗେଟିଭ ଆଟିଚୁଡ୍ ଯୋଗୁ ତୁମେ ଜୀବନକୁ ଉପଭୋଗ କରିପାରୁନ ସିଦ୍ଧାର୍ଥ!

: ଯାହା ସତ୍ୟ ତାକୁ ଅସ୍ୱୀକାର କରିହେବ ନାହିଁ ଲୋପାମୁଦ୍ରା!

: ସବୁ ସତ୍ୟ ଆପେକ୍ଷିକ ସିଦ୍ଧାର୍ଥ। ଆଜି ଯାହା ସତ୍ୟ କାଲି ହୁଏତ ତାହା ମିଥ୍ୟା ହୋଇପାରେ। ସତ୍ୟ, ମିଥ୍ୟା ଏ ସବୁର ଉର୍ଦ୍ଧ୍ୱରେ ଜୀବନ। ଦୁର୍ଲଭ ମଣିଷ ଜୀବନକୁ ଉପଭୋଗ କର। ଯେତୋଟି ମୁହୂର୍ତ୍ତ ବିଷାଦରେ କଟିବ ସେତିକିଟି ମୁହୂର୍ତ୍ତ ଜୀବନରୁ ମୃତ୍ୟୁ ହାତକୁ ଖସିଯିବ।

: କିନ୍ତୁ ମୃତ୍ୟୁ ସତ୍ୟ। ଜୀବନ ମିଥ୍ୟା।

: କିନ୍ତୁ ମୁଁ କହିବି ଜୀବନ ମଧ୍ୟ ସତ୍ୟ ଆଉ ସୁନ୍ଦର।

: ନା ଲୋପାମୁଦ୍ର! ଜୀବନ ଏକ ଭ୍ରମ, ମୃତ୍ୟୁ କେବଳ ସତ୍ୟ। ଜୀବନ ଆସେ ଗୋଟିଏ ବାଟରେ। ମୃତ୍ୟୁ ଆସେ ଅନେକ ବାଟରେ।

: ତୁମେ ଅତ୍ୟନ୍ତ ପଳାୟନପନ୍ଥୀ ସିଦ୍ଧାର୍ଥ। ଜୀବନକୁ ସାମନା କରିବାକୁ ସଂକଳ୍ପ ନିଅ। ମୃତ୍ୟୁ ସହିତ ସଂଗ୍ରାମ କର। ତୁମେ ବିଜୟୀ ହେବ।

: ନା ଲୋପାମୁଦ୍ରା! ଜୀବନଠୁ ମୃତ୍ୟୁ ଅଧିକ ବଳଶାଳୀ, ଅଧିକ ପ୍ରଭାବଶାଳୀ, ଅଧିକ ବ୍ୟାପ୍ତ, ଅଧିକ ବିସ୍ତାରିତ। ମୃତ୍ୟୁ ଘୋଟିଛି ଜୀବନର ଚଉପାଶ। ମୃତ୍ୟୁ ରେରେକାର କରି ଧାଇଁଛି ଜୀବନ ପଛରେ। ଜୀବନ କାକୁସ୍ଥ ହୋଇ ପଳାଉଛି ପ୍ରାଣ ବିକଳରେ।

: ଉପରର ଦୁଇ ଚରିତ୍ର ସିଦ୍ଧାର୍ଥ ଓ ଲୋପାମୁଦ୍ରା ଐତିହାସିକ କି ପ୍ରାଗୈତିହାସିକ ଚରିତ୍ର ନୁହଁନ୍ତି। ଏ ଦୁହେଁ ବର୍ତ୍ତମାନ ଯୁଗର। ସିଦ୍ଧାର୍ଥ ଶିଳ୍ପପତି ଶୁଦ୍ଧୋଦନ ପଟ୍ଟନାୟକଙ୍କ ଏକମାତ୍ର ପୁତ୍ର ଏବଂ ଲୋପାମୁଦ୍ରା ପ୍ରଫେସର ଦୀନବନ୍ଧୁ ମହାନ୍ତିଙ୍କ ଜ୍ୟେଷ୍ଠା କନ୍ୟା। ଶିଳ୍ପପତି ଶୁଦ୍ଧୋଦନ ପୁତ୍ରର ସଂସାର ବିରାଗ ମନୋବୃତ୍ତି ଦେଖି ଲୋପାମୁଦ୍ରା ପରି ଉଚ୍ଚ ଶିକ୍ଷିତା, ଅତ୍ୟନ୍ତ ସୁନ୍ଦରୀ କନ୍ୟା ସହିତ ବିବାହ ଦେବାକୁ ସ୍ଥିର କରିଛନ୍ତି। କିନ୍ତୁ ସିଦ୍ଧାର୍ଥ ବିବାହ କରିବାକୁ ପ୍ରସ୍ତୁତ ହେଉନାହାଁନ୍ତି। ସିଦ୍ଧାର୍ଥକୁ ସଂସାର ପ୍ରତି ଆକୃଷ୍ଟ କରିବାର ଦାୟିତ୍ୱ ଲୋପାମୁଦ୍ରାଙ୍କ ଉପରେ ନ୍ୟସ୍ତ କରିଛନ୍ତି ଶିଳ୍ପପତି ଶୁଦ୍ଧୋଦନ।



ଲୋପା ବିଭିନ୍ନ ଭାବରେ ସିଦ୍ଧାର୍ଥଙ୍କୁ ଆସକ୍ତ କରିବାରେ ବିଫଳ ହୋଇ ସମସ୍ତ ମୁଖଲଜ୍ଜା ତ୍ୟାଗ କରି ପ୍ରକାଶ କଲେ -

: ତୁମେ ଇତିହାସ ପ୍ରସିଦ୍ଧ ସିଦ୍ଧାର୍ଥ ପରି ସଂସାର ବିରାଗୀ ହୋଇଯାଇଛ। ସେ ସିଦ୍ଧାର୍ଥ ଜଣେ ଭିକାରି, ଜଣେ ରୋଗୀ ଓ ଗୋଟିଏ ଶବ ଦେଖି ସନ୍ନ୍ୟାସ ଗ୍ରହଣ କରିଥିଲେ। ତୁମେ କ'ଣ ଦେଖି ସନ୍ନ୍ୟାସ ଗ୍ରହଣ କରିଛ?

ସିଦ୍ଧାର୍ଥ ଖୁବ୍ ନିର୍ଲିପ୍ତ କଣ୍ଠରେ ଉତ୍ତର ଦେଲେ : ମୁଁ ସନ୍ନ୍ୟାସ ଗ୍ରହଣ କରି ନାହିଁ କି ସନ୍ନ୍ୟାସ ଗ୍ରହଣ କରିବାର ଇଚ୍ଛା ମୋର ନାହିଁ।

ଲୋପା ପ୍ରଶ୍ନ କଲେ : ସେ ସିଦ୍ଧାର୍ଥଙ୍କର ବାଣୀ ଥିଲା

କାମନାର ବିନାଶରେ ଦୁଃଖର ବିନାଶ। ନିର୍ବାଣ ଥିଲା ତାଙ୍କର ଲକ୍ଷ୍ୟ। ତୁମର ଲକ୍ଷ୍ୟ କ'ଣ ?

ସିଦ୍ଧାର୍ଥ ଠୋ ଠୋ ହୋଇ ହସି ଉଠିଲେ। ସେମିତି ହସୁ ହସୁ କହିଲେ : ସେ ସିଦ୍ଧାର୍ଥ କହୁଥିଲେ ଏ ଜୀବନ ଦୁଃଖ ଭରା। ତାଙ୍କର ଲୋଡ଼ା ଜୀବନରୁ ମୁକ୍ତି। ମୁଁ କହୁଛି ଏ ଜୀବନ ଆନନ୍ଦମୟ। ମୁଁ ଚାହେ ମୁକ୍ତି ମୃତ୍ୟୁ କବଳରୁ, ରୋଗ ଓ ଜରା କବଳରୁ। ମୁଁ ମୃତ୍ୟୁକୁ ଯେତିକି ଭୟ କରେ ଜୀବନକୁ ସେତିକି ଭଲ ପାଏ। ମୁଁ ମୃତ୍ୟୁ ଚାହେଁନା। ମୁଁ ଚାହେଁ ଜରା ବ୍ୟାଧିହୀନ ଦୀର୍ଘ ଜୀବନ । ଅମରତ୍ୱ ।

: ଯାହା କେବେ ସମ୍ଭବ ନୁହଁ ସେମିତି ଗୋଟେ କଥା କହି ତୁମେ ମୋତେ ଆଭଏଡ୍ କରୁଛ।

: ନା ଲୋପା ।

: ତୁମେ ଯଦି ଜୀବନକୁ ଏତେ ଭଲପାଅ ତେବେ ଜୀବନକୁ ଉପଭୋଗ କରିବାକୁ ତୁମେ କୁଣ୍ଠିତ କାହିଁକି ? ଆମର ବିବାହ ପ୍ରସ୍ତାବକୁ ତୁମେ କ'ଣ ଅନୁମୋଦନ କରୁନା ?

: ତୁମ ପରି ଅନନ୍ୟ ସୁନ୍ଦରୀ, ଉଚ୍ଚଶିକ୍ଷିତା, ସର୍ବଗୁଣସଂପନ୍ନାକୁ କିଏ ହାତଛଡ଼ା କରିବାକୁ ଚାହିବ ?

**ମୃତ୍ୟୁ ସତ୍ୟ ବୋଲି କହୁଛ କିନ୍ତୁ ଅମରତ୍ୱ କାମନା କରୁଛ। ଜୀବନକୁ ଭଲ ପାଅ ବୋଲି କହୁଛ, କିନ୍ତୁ ପ୍ରତି ମୁହୂର୍ତ୍ତରେ ମୃତ୍ୟୁ ଭୟରେ ଥର ଥର ଥରୁଛ।**

ଲୋପାମୁଦ୍ରା ସିଦ୍ଧାର୍ଥଙ୍କର ଏ କଥାର ଉତ୍ତରରେ ଲାଜ ଲାଜ କଣ୍ଠରେ କହିଲେ : ମୁଁ କିଛି ବୁଝିପାରୁ ନାହିଁ ସିଦ୍ଧାର୍ଥ। ତୁମେ ମୋତେ ଭଲପାଅ, ତୁମେ ଆମ ବିବାହ ପ୍ରସ୍ତାବକୁ ସମର୍ଥନ କର, କିନ୍ତୁ ବିବାହକୁ ଉପେକ୍ଷା କରି ଚାଲିଛ। ମୃତ୍ୟୁ ସତ୍ୟ ବୋଲି କହୁଛ କିନ୍ତୁ ଅମରତ୍ୱ କାମନା କରୁଛ। ଜୀବନକୁ ଭଲ ପାଅ ବୋଲି କହୁଛ, କିନ୍ତୁ ପ୍ରତି ମୁହୂର୍ତ୍ତରେ ମୃତ୍ୟୁ ଭୟରେ ଥର ଥର ଥରୁଛ।

: କୁହ ଲୋପା ! ଜୀବନ ଯେତେବେଳେ ଅନିଶ୍ଚିତ ସେତେବେଳେ ଅନ୍ୟଜଣକୁ ବିବାହ କରି ଘର ସଂସାର ବସାଇବା କେତେ ଦୂର ସଂଗତ ? ମୁଁ ତୁମକୁ ବିବାହ କରିବି, କିନ୍ତୁ କିଏ ଜାଣେ ମୁଁ ଯଦି ଆମ ବାସରରାତିରେ ମୃତ୍ୟୁ ବରଣ କରେ ?

: ଏ ସବୁ ତୁମେ କ'ଣ କହୁଛ ସିଦ୍ଧାର୍ଥ ?

: ମୁଁ ଯାହା କହୁଛି, ତାହା ଅକାଟ୍ୟ ସତ୍ୟ। ପୃଥିବୀରେ ଏମିତି ଅଘଟଣ ବିରଳ ନୁହଁ।

: ଏକଥା ବି ହୋଇପାରେ ସିଦ୍ଧାର୍ଥ ବାସରରାତିରେ ଆମର କାହାର କିଛି କ୍ଷତି ହୋଇ ନ ପାରେ।

: କିନ୍ତୁ ଏ କଥା ସତ୍ୟ, କିଛି ଦିନ ପରେ ଆମକୁ ବାର୍ଦ୍ଧକ୍ୟ ଗ୍ରାସ କରିବ। ଆମର ସୁନ୍ଦର ଦେହ ଦୁର୍ବଳ ଓ ବିକଳାଙ୍ଗ ହେବ। ପ୍ରତିଦିନ ପାହାଚ ପାହାଚ କରି ଆମେ ମୃତ୍ୟୁ ଆଡ଼କୁ ଆଗେଇ ଯିବା।

: ଆମେ ସେତେବେଳକୁ ଜୀବନଟା ବଞ୍ଚି ସାରିଥିବା।

: ନା ଲୋପା ! ମୋ ସ୍ୱପ୍ନର ପୃଥିବୀରେ ମଣିଷ ଚିରଯୌବନ ଭୋଗ କରିବ। ସେଠି ଜରା କି ମୃତ୍ୟୁ ନଥିବ।

ଲୋପାଙ୍କର ଶତ ଅନୁରୋଧ, ଆକଟ, ଆବେଦନ, ନିବେଦନକୁ ପଛରେ ପକାଇ ଶିଳ୍ପପତି ଶୁଦ୍ଧୋଦନ ପଟ୍ଟନାୟକଙ୍କ ପୁତ୍ର ସିଦ୍ଧାର୍ଥ ଏକବସ୍ତ୍ର ହୋଇ ରିକ୍ତ ହସ୍ତରେ ଜନପଥକୁ ଓହ୍ଲାଇ ନଗ୍ର ପରେ ନଗ୍ର, ଜନପଦ ପରେ ଜନପଦ ଭ୍ରମି ଭ୍ରମି ଅନୁସନ୍ଧାନ କରି ଚାଲିଲେ। ଅନେକ ସନ୍ନ୍ୟାସୀ, ଅନେକ ମହାପୁରୁଷ, ଅନେକ ଜ୍ଞାନୀ ଗୁଣୀଙ୍କ ଦ୍ୱାରସ୍ଥ ହେଲେ। କିନ୍ତୁ କେହି ତାଙ୍କୁ ଦୀର୍ଘଜୀବନର ପ୍ରକୃତ ସନ୍ଧାନ ଦେଇ ପାରିଲେ ନାହିଁ। କାହାରି ଉପଦେଶ ତାଙ୍କୁ ସନ୍ତୁଷ୍ଟ କଲା ନାହିଁ।

ପାଞ୍ଚବର୍ଷ କାଳ ଏମିତି ଦିଗ ବିଦିଗ ବିଭ୍ରାନ୍ତ ଭ୍ରମଣ କରିବା ପରେ ସିଦ୍ଧାର୍ଥ ହିମାଳୟର ଘନ ବନାନୀ ମଧ୍ୟରେ ତପମଗ୍ନ ହେଲେ। ଲୋପାମୁଦ୍ରା ସିଦ୍ଧାର୍ଥଙ୍କ ଫେରିବା ପଥକୁ ଅପେକ୍ଷା କଲେ। କିନ୍ତୁ ହିମାଳୟର ହିଂସ୍ର ଜନ୍ତୁ ପରିପୂର୍ଣ୍ଣ ଅରଣ୍ୟରେ ତପସ୍ୟା ଯେ କି ଭୟଙ୍କର ଏକଥା ହୃଦୟଙ୍ଗମ କରି ଲୋପା ଉଦ୍‌ବିଗ୍ନ ହେଲେ। ସିଦ୍ଧାର୍ଥଙ୍କର ସୁରକ୍ଷା ପାଇଁ ଲୋପା ଶୁଦ୍ଧୋଦନଙ୍କ ସାହାଯ୍ୟ ଲୋଡ଼ିଲେ। ତତ୍ କ୍ଷଣାତ୍ ଶୁଦ୍ଧୋଦନ ଗୁଳି ବନ୍ଧୁକ ଓ ଅନ୍ୟାନ୍ୟ ଅଙ୍ଗରକ୍ଷୀ ଗହଣରେ ହିମାଳୟର ଅରଣ୍ୟରେ ପ୍ରବେଶ କଲେ। ଲୋପା ମଧ୍ୟ ସେମାନଙ୍କ ସହିତ ସିଦ୍ଧାର୍ଥଙ୍କ ପାଖରେ ପହଞ୍ଚିଲେ। ସିଦ୍ଧାର୍ଥଙ୍କଠୁ ଅଳ୍ପ ଦୂରରେ ଘେରି ରହିଲେ ବନ୍ଧୁକଧାରୀ ବହୁ ରକ୍ଷାକାରୀ। ଶୁଦ୍ଧୋଦନ ଓ ଲୋପା ମଧ୍ୟ ଜାଗ୍ରତ ରହିଲେ।

ତପମଗ୍ନ ସିଦ୍ଧାର୍ଥ ସ୍ୱପ୍ନାବିଷ୍ଟ ହେଲେ। ସ୍ୱପ୍ନରେ ସିଦ୍ଧାର୍ଥ ପହଞ୍ଚିଲେ ସ୍ୱର୍ଗ ଲୋକରେ। ତାଙ୍କ ଶରୀର କିନ୍ତୁ ହିମାଳୟର ଅରଣ୍ୟରେ ତପରତ।

ସ୍ୱର୍ଗଲୋକରେ ସିଦ୍ଧାର୍ଥ ଭେଟିଲେ ଦେବରାଜ ଇନ୍ଦ୍ରଙ୍କୁ।

ତାଙ୍କ ଦରବାରରେ ଆସନ ଗ୍ରହଣ କରିବା ପରେ ଦେବରାଜ ଇନ୍ଦ୍ର ତାଙ୍କୁ ଆସିବାର କାରଣ ଜିଜ୍ଞାସା କଲେ।

ସିଦ୍ଧାର୍ଥ ପ୍ରକାଶ କଲେ : ସ୍ୱର୍ଗଧାମର ଅନ୍ୟ ନାମ ଅମରାବତୀ। ସମସ୍ତ ଦେବଲୋକ ଅମର। ସ୍ୱର୍ଗର ସମସ୍ତେ ଚିରଯୌବନ ଉପଭୋଗ କରନ୍ତି। ଏଠି ପ୍ରାଚୁର୍ଯ୍ୟର ସୁଅ ଛୁଟୁଛି। ମୁଁ ଆସିଛି ସ୍ୱର୍ଗପୁରୀରୁ ଅମରତ୍ୱ ଆଉ ଚିରଯୌବନ ମର୍ତ୍ତ୍ୟପୁରକୁ ଘେନି ଯିବାକୁ।

ଦେବରାଜ ଇନ୍ଦ୍ର ସ୍ମିତହାସ୍ୟ କରି ଉତ୍ତର ଦେଲେ : ତୁମେ କିଛି ଦିନ ସ୍ୱର୍ଗରେ ଅବସ୍ଥାନ କଲେ ତୁମର ଏ ଧାରଣା ସଂପୂର୍ଣ୍ଣ ବଦଳିଯିବ।

ସିଦ୍ଧାର୍ଥ ସହଜ କଣ୍ଠରେ ପ୍ରକାଶ କଲେ : ମୁଁ ଜାଣେ ସ୍ୱର୍ଗଲୋକରେ ଜୀବନ ସତ୍ୟ, ଶାଶ୍ୱତ। ମୃତ୍ୟୁ ମିଥ୍ୟା। କିନ୍ତୁ ପୃଥିବୀରେ ମୃତ୍ୟୁ ସତ୍ୟ, ଶାଶ୍ୱତ। ଜୀବନ ମିଥ୍ୟା। ଜୀବନ, ଯୌବନ ଓ ମୃତ୍ୟୁର ଲୁଚକାଳି ଖେଳକୁ ନେଇ ପୃଥିବୀର ମଣିଷ ଅତ୍ୟନ୍ତ ଅନିଶ୍ଚିତ ଭାବେ କାଳ କାଟୁଛି।

ଇନ୍ଦ୍ର ନିରୁଦ୍‌ବିଗ୍ନ କଣ୍ଠରେ କହିଲେ : ତୁମେ ସିନା କହୁଚ ମୃତ୍ୟୁହୀନ ଜୀବନ ଭଲ କିନ୍ତୁ ଆମେ ଯେଉଁମାନେ ମୃତ୍ୟୁହୀନ ଜୀବନ ବଞ୍ଚୁଛୁ ତାହା ଆମକୁ ଚିର ମୃତ୍ୟୁ ପରି କଷ୍ଟଦାୟକ। କ୍ଲାନ୍ତିକର। ଆମେ ଜୀବନର ଶବକୁ କାନ୍ଧରେ ବୋହି ଚାଲିଛୁ ସାରା ଜୀବନ। ଯାହାର ଶେଷ ନାହିଁ, ସୀମା ନାହିଁ ସେ ଜୀବନର ଅନ୍ୟ ନାମ ଯନ୍ତ୍ରଣା।

> **ଯିଏ ମୃତ୍ୟୁର ସ୍ୱାଦ ପରଖି ନାହିଁ ତା' ପାଇଁ ଜୀବନ ମୂଲ୍ୟହୀନ। ଯିଏ ଜରା କ'ଣ ଜାଣି ନାହିଁ ଯୌବନର ଅର୍ଥ ତାକୁ ବୁଝାଇ ହେବନାହିଁ।**

ସିଦ୍ଧାର୍ଥ ନିର୍ବୋଧ ପରି ଦେବରାଜଙ୍କ ମୁହଁକୁ ଚାହିଁ ରହିଲେ। ପଂକ୍ତିଟିଏ ଆଧୁନିକ କବିତା ପରି ଦେବରାଜଙ୍କ କଥା ତାଙ୍କୁ ଦୁର୍ବୋଧ ମନେ ହେଲା।

ଦେବରାଜ ପୁଣି କହିଲେ : ମରଣଶୀଳ ମଣିଷକୁ ଅମରପୁରୀର ଅମରତ୍ୱର ବେଦନା ବୁଝାଇବା କଷ୍ଟକର। ଆମେ ଏକା ପ୍ରକାର ଜୀବନ ଅନାଦି କାଳରୁ ବଞ୍ଚି ବଞ୍ଚି କ୍ଲାନ୍ତ।

ସିଦ୍ଧାର୍ଥ ପ୍ରଶ୍ନ କଲେ : ଚିରଯୌବନ ଭୋଗ କରୁଥିବା ଦେବଲୋକମାନଙ୍କର କୋଟି କୋଟି ବର୍ଷ ବଞ୍ଚିବାରେ ଅସୁବିଧା କେଉଁଠି ମୁଁ ବୁଝି ପାରୁ ନାହିଁ। ଏଠି ପୁଣି ଚିରବସନ୍ତ ବିରାଜମାନ କରୁଛି।

: ସେ ସବୁ ସତ୍ୟ ସିଦ୍ଧାର୍ଥ। କିନ୍ତୁ ଚିରଯୌବନ, ଚିରବସନ୍ତ ଓ ଅମରତ୍ୱ ସବୁ କ୍ଲାନ୍ତିକର, ଅରୁଚିକର। ସେଇ ଏକ ପ୍ରକାର କାମକରି କୋଟି କୋଟି ବର୍ଷ ଏକ ପ୍ରକାର ଜୀବନ ବଞ୍ଚିବା ମୃତ୍ୟୁଠାରୁ ଅଧିକ ଯନ୍ତ୍ରଣାଦାୟକ। ପୃଥିବୀର ଜୀବନ କ୍ଷଣସ୍ଥାୟୀ ବୋଲି ସୁନ୍ଦର, ମଧୁର, ପ୍ରୀତିପ୍ରଦ। ସେଠି ପ୍ରତି ଦୁଇ ମାସରେ ଋତୁ ବଦଳେ, ପାଗ ବଦଳେ, ପରିବେଶ ବଦଳେ। ଭିନ୍ନ ଭିନ୍ନ ଋତୁରେ ଭିନ୍ନ ଭିନ୍ନ ଗଛ, ଭିନ୍ନ ଭିନ୍ନ ଫଳ, ଫୁଲ, ଭିନ୍ନ ଭିନ୍ନ ଫସଲ, ଭିନ୍ନ ଭିନ୍ନ ପନିପରିବା। କିନ୍ତୁ ସ୍ୱର୍ଗଧାମରେ ଚିରଦିନ ବସନ୍ତ ଋତୁ ବିରାଜମାନ କରୁଛି । ବସନ୍ତ ଋତୁରେ ଜନ୍ମୁଥିବା ସେଇ ଗୋଟିଏ ପ୍ରକାର ଗଛ, ଫୁଲ, ଫଳ, ପନିପରିବା। ଏଠି ଜୀବନ ଗୋଟିଏ ପ୍ରକାର, ଶରୀର ଗୋଟିଏ ପ୍ରକାର, ଋତୁ ଗୋଟିଏ ପ୍ରକାର, କାମ ଗୋଟିଏ ପ୍ରକାର। ଜୀବନ ଏଠି ଗତିଶୀଳ ନୁହଁ, ସ୍ଥିର, ସ୍ଥବିର, ସ୍ଥାଣୁ, ସ୍ଥିତିଶୀଳ। ଯାହା ଗତିଶୀଳ ନୁହଁ କି ପରିବର୍ତ୍ତନଶୀଳ ନୁହଁ ତାହା ଜୀବନ ନୁହଁ ମୃତ୍ୟୁ।

: କିନ୍ତୁ ସବୁ ପଦାର୍ଥ ଏଠି ପ୍ରଚୁର। ପୃଥିବୀବାସୀଙ୍କ ପରି ଅଭାବ, ଅନଟନର କଷାଘାତ ଆପଣମାନେ ପାଇ ନାହାଁନ୍ତି।

: ଏଇ ପ୍ରାଚୁର୍ଯ୍ୟ କେତେ ବିରକ୍ତିକର ଯିଏ ଭୋଗିଛି ସେହିଁ କେବଳ ତାହା ଜାଣେ। ଯାହା ପ୍ରଚୁର ମିଳେ ତାହା ଯେତେ ସୁନ୍ଦର, ଯେତେ ମଧୁର ହେଲେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ସୀମା ବାହାରେ ତାହା କ୍ଲାନ୍ତିକର, ବିରକ୍ତିକର।

ସିଦ୍ଧାର୍ଥ ତଥାପି କିଛି ନ ବୁଝି ପାରିବାର ମୁଦ୍ରା ମୁହଁରେ ଫୁଟାଇ ଦେବରାଜଙ୍କୁ ଚାହିଁ ରହିଲେ।

ଦେବରାଜ ତାଙ୍କୁ ବୁଝାଇବା ପାଇଁ କହିଲେ: ଯିଏ ମୃତ୍ୟୁର ସ୍ୱାଦ ପରଖି ନାହିଁ ତା' ପାଇଁ ଜୀବନ ମୂଲ୍ୟହୀନ। ଯିଏ ଜରା କ'ଣ ଜାଣି ନାହିଁ ଯୌବନର ଅର୍ଥ ତାକୁ ବୁଝାଇ ହେବନାହିଁ। ଯାହାକୁ ଅଭାବ ଅନଟନ ସ୍ପର୍ଶ କରିନାହିଁ ପ୍ରାଚୁର୍ଯ୍ୟ ତାକୁ ଆନନ୍ଦ ଦେଇ ପାରିବ ନାହିଁ । ସତ କହିବାକୁ ଗଲେ ଚିରଜୀବନ ନାଆଁରେ ଚିରମରଣ ଆମ ଉପରେ ଲଦି ଦିଆ ଯାଇଛି। ଆମ ଏ ଜୀବନ ଯନ୍ତାରୁ ମୁକ୍ତିର ବାଟନାହିଁ । ପ୍ରାପ୍ତି ଆଉ ପ୍ରାଚୁର୍ଯ୍ୟ ଭାରରେ ଆମେ ଅବସର୍ଣ୍ଣ, କ୍ଲାନ୍ତ।

ସିଦ୍ଧାର୍ଥ ଯୁକ୍ତି ବାଢ଼ିଲେ : କିନ୍ତୁ ଆମେ ପୃଥିବୀବାସୀ ପ୍ରତି ମୁହୂର୍ତ୍ତରେ ମୃତ୍ୟୁ ଭୟରେ ଥରହର। ସାରା ଜୀବନ ମଣିଷ ଦେହରୁ ମରଣ ତାଡି ଓହ୍ଲାଏ ନାହିଁ।

: ଆଃ ମୃତ୍ୟୁ କେତେ ସୁନ୍ଦର ! ମୃତ୍ୟୁ ମୁକ୍ତିର ପଥ। ଜୀବନ ଯନ୍ତ୍ରଣାର ଅର୍ଗଳରୁ ଖସି ଯିବାର ବାଟ ହିଁ ମୃତ୍ୟୁ। ଜୀବନ ଯନ୍ତ୍ରଣାରେ ଛଟପଟ ହେଉଥିବା ମଣିଷର ଦୃଢ଼ ଧାରଣା ମୃତ୍ୟୁ ଆସିବ, ମୁକ୍ତି ଦେବ ଜୀବନ ଜଂଜାଳରୁ। - ଇଏ ଥିଲା ଇନ୍ଦ୍ରଙ୍କ ଯୁକ୍ତି ।

: ମୃତ୍ୟୁ ଯଦି ଆପଣମାନଙ୍କର କାମ୍ୟ ତା'ହେଲେ ଚାଲନ୍ତୁ ଆପଣମାନେ ପୃଥିବୀରେ ରହିବେ। ଜୀବନକୁ ଉପଭୋଗ କରିବେ। - ସିଦ୍ଧାର୍ଥ ଯୁକ୍ତି ବାଢ଼ିଲେ।

ଦେବରାଜଙ୍କ ମୁହଁରେ ଧାରେ ସ୍ମିତ ହାସ୍ୟ ବିଜୁଳି ପରି ଚମକି ମିଳାଇ ଗଲା। ସେ ଦୀର୍ଘଶ୍ୱାସ ତ୍ୟାଗ କରି କହିଲେ : ପୃଥିବୀରେ ବାସ କରିବା ସୁଯୋଗ ଆମକୁ ସବୁବେଳେ ମିଳେ ନାହିଁ। କିନ୍ତୁ ସେ ସୁଯୋଗ ଆମକୁ ଯେତେବେଳେ ଯାହାକୁ ମିଳିଛି ଆମେ ସେ ସୁଯୋଗ କେବେ ହାତଛଡ଼ା କରିନାହୁଁ। ପୃଥିବୀରେ ଆମ ଭିତରୁ ଯିଏ ଯେଉଁ ଅଳ୍ପ କେତେ ଦିନ ରହିଛି ତାହା ତାର ସ୍ମୃତିରେ ଉଜ୍ଜ୍ୱଳ ରହିଛି। ପୃଥିବୀରେ ଜନ୍ମନେବା ସୁଯୋଗ ହେଉଛି ଏ ସ୍ୱର୍ଗର କ୍ଲାନ୍ତିକର ଜୀବନରୁ ଅସ୍ଥାୟୀ ମୃତ୍ୟୁ। ପ୍ରକୃତରେ ଆମେ ସେମିତି ଏକ ମୃତ୍ୟୁ ପାଇଁ କେତେ ଆଗ୍ରହୀ ମୁଁ ତୁମକୁ ବୁଝାଇ ପାରିବି ନାହିଁ।



ସିଦ୍ଧାର୍ଥଙ୍କର ମନ ଟହଲି ଗଲା। ତାଙ୍କର ଏତେ ଦିନର ଧାରଣା ବଦଳି ଗଲା। ଅମରତ୍ୱ ଯେ ଏତେ କ୍ଳାନ୍ତିକର ତାଙ୍କର ଧାରଣା ନଥିଲା। ପ୍ରାଚୁର୍ଯ୍ୟଭରା, ଚିରବସନ୍ତ ବିରାଜମାନ କରୁଥିବା, ଚିରଯୌବନ ଭୋଗୁଥିବା ଦେବଲୋକରେ ଯଦି ଅମରତ୍ୱ ଏପରି ଅସହ୍ୟ, ଅଭାବ ଅନଟନ, ପ୍ରାକୃତିକ ଦୁର୍ବିପାକରେ ପ୍ରପୀଡ଼ିତ, ଜରାଜର୍ଜରିତ ପୃଥିବୀରେ ଏହା କେତେ ଅରୁଚିକର, କ୍ଳାନ୍ତିକର ଓ ଅସହ୍ୟ ହେବ ତାହା ସିଦ୍ଧାର୍ଥଙ୍କର ଚକ୍ଷୁ ସାମ୍ନାରେ ଉଦ୍‌ଭାସିତ ହେଲା।

ଇନ୍ଦ୍ରଦେବ ପ୍ରଶ୍ନ କଲେ : ସିଦ୍ଧାର୍ଥ ତୁମେ ନିରବ ରହିଲ କାହିଁକି ? ପ୍ରକାଶ କର। ତୁମର କ'ଣ ଦରକାର ? ଚିରଯୌବନ, ଚିରବସନ୍ତ ନା ଚିରଜୀବନ ? ମୁଁ ଜାଣେ ପ୍ରତ୍ୟେକ ପୃଥିବୀବାସୀଙ୍କର ଅମରତ୍ୱ ଲାଭ ପାଇଁ ଏକ ପ୍ରଚ୍ଛନ୍ନ ଅଭିଳାଷ ଥାଏ। ସେ ଅଭିଳାଷ ପୂର୍ଣ୍ଣ କରିବା ପାଇଁ ଆଉ ଏକ ପନ୍ଥା ଅଛି ଯେଉଁଥିରେ ଏ ଦୀର୍ଘ ଜୀବନ ବଞ୍ଚିବାର ଯନ୍ତ୍ରଣା ଓ କ୍ଳାନ୍ତି ନାହିଁ। କିନ୍ତୁ ଅମରତ୍ୱର ଗୌରବ ଅଛି।

ତାହା କିପରି ସମ୍ଭବ ଦେବରାଜ ?

ଦେବରାଜ କହିଲେ : ମଣିଷ ଯିଏ ଯେତିକି ଦିନ ବଞ୍ଚୁଛି ସେଇ ସୀମିତ ସମୟ ଭିତରେ ଏମିତି ବଡ଼କାମ କରୁ, ମହତକାମ କରୁ ଯେମିତି ସେହି କାମ ପାଇଁ ସିଏ ଚିର ଅମରତ୍ୱ ଲାଭ କରିବ। ସେମିତି ଭଲ କାମ, ମହାନ କାମକରି ପୃଥିବୀରେ ଅମର ହୋଇଥିବା ମଣିଷଙ୍କ ସଂଖ୍ୟା ବି କିଛି କମ୍ ନୁହଁ। ଅନେକ ଲୋକ ତାଙ୍କ ଉଚ୍ଚକୋଟୀର କାମ ପାଇଁ ଚିରଦିନ ଅମର ହୋଇ ରହିଛନ୍ତି। ସେମିତି ଅମରତ୍ୱ ଲାଭ କରିଥିବା ମଣିଷମାନଙ୍କର ଭିଡ଼ ପୃଥିବୀରେ ସୃଷ୍ଟି ହେଲେ ପୃଥିବୀ ସ୍ୱର୍ଗରେ ପରିଣତ ହେବ। ଅମରତ୍ୱର ସନ୍ଧାନରେ ଆଉ କାହାକୁ ସ୍ୱର୍ଗଧାମକୁ ଆସିବାକୁ ପଡ଼ିବ ନାହିଁ।

ସିଦ୍ଧାର୍ଥଙ୍କ ଜ୍ଞାନ ଚକ୍ଷୁ ଉନ୍ମୋଚିତ ହେଲା। ସିଏ ଦେବରାଜ ଇନ୍ଦ୍ରଙ୍କୁ ପ୍ରଣାମ କରି ସ୍ୱର୍ଗଧାମରୁ ପ୍ରତ୍ୟାଗମନ କଲେ। ଇନ୍ଦ୍ରଦେବ କିନ୍ତୁ ତାଙ୍କୁ ଅନୁରୋଧ କଲେ କିଛି ଦିନ ସ୍ୱର୍ଗଧାମରେ ରହି ସବୁ ଭଲ ଭାବେ ଦେଖି ଯିବାକୁ। କିନ୍ତୁ ସିଦ୍ଧାର୍ଥ ତା'ଙ୍କ ସୀମିତ ଜୀବନରୁ ଆଉ ଗୋଟିଏ ମୁହୂର୍ତ୍ତ ବି ସ୍ୱର୍ଗରେ ଅଯଥାରେ କଟାଇବାକୁ ନଚାହିଁ ସ୍ୱର୍ଗପୁରରୁ ସିଧା ପୃଥିବୀ ପୃଷ୍ଠକୁ ଲମ୍ଫ ପ୍ରଦାନ କଲେ।

ହିମାଳୟ ପାଦ ଦେଶରେ ବସି ତପସ୍ୟା କରୁଥିବା ସିଦ୍ଧାର୍ଥ ଚିତ୍କାର କରି ଉଠିଲେ। ତାଙ୍କ ଚାରିପାଖରେ ତାଙ୍କ ସୁରକ୍ଷା ପାଇଁ ଜଗି ବସିଥିବା ଲୋପା, ଶୁଦ୍ଧୋଦନ ଓ ଅନାନ୍ୟ ଅଙ୍ଗରକ୍ଷୀମାନେ ସିଦ୍ଧାର୍ଥଙ୍କୁ ଘେରି ଗଲେ। ତାଙ୍କ ମୁହଁରେ ଜଳ ସିଞ୍ଚି ସାନ୍ତ୍ୱନା କଲେ। ତା'ଙ୍କ ସ୍ୱପ୍ନ ଭଙ୍ଗ ଘଟିଛି।

ହଠାତ୍ ସିଦ୍ଧାର୍ଥ ଘୋଷଣା କଲେ : ମୁଁ ସିଦ୍ଧିଲାଭ କରିଛି ଲୋପା ! ମୁଁ ସିଦ୍ଧି ଲାଭ କରିଛି ।

ସମସ୍ତେ ଅବାକ୍ ହୋଇ ସିଦ୍ଧାର୍ଥଙ୍କୁ ଚାହିଁ ରହିଲେ । ସିଦ୍ଧିଲାଭର ଦୀପ୍ତିରେ ସିଦ୍ଧାର୍ଥଙ୍କ ମୁଖମଣ୍ଡଳ ମଧ୍ୟାହ୍ନର ସୂର୍ଯ୍ୟପରି ଜାଜ୍ୱଲ୍ୟମାନ ଥିଲା ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
anandapahi@gmail.com



ରମ୍ୟରଚନା

# ଅଜଣା ପୁଲିସର ଆତ୍ମ କଥା

ଡା. ଅଭୟ ଦାଶ

ପୁଲିସ, ଆମ ପିଲାଦିନେ କହୁଥିଲେ ନାଲି ପଗଡିଆ। ଆଜିକାଲି ସେ ନାଲିପଗଡିର ଇଭୋଲ୍ୟୁସନ ବା ବିବର୍ତ୍ତନ ହୋଇଛି। ସେଇଟା ଥିଲା ସର୍ବ କନିଷ୍ଠ କର୍ମଚାରୀଙ୍କ ପୋଷାକ, ବ୍ରିଟିଶ ଶାସନ କାଳରୁ ଚଳି ଆସିଛି କେତେ ପରିବର୍ତ୍ତନ ଦେଇ। 'ମାଛ ଖାଇବ ଇଲିସି ଚାକିରି କରିବ ପୁଲିସି' ବହୁ ପୁରୁଣା ଲୋକୋକ୍ତି। ଅଧ୍ୟାପକ ଜୋଇଁଟିର ପ୍ରସ୍ତାବ ଫିକା ପଡିଯାଏ ପୁଲିସ ସବ୍ ଇନ୍ସପେକ୍ଟରର ପ୍ରସ୍ତାବ ଆଗରେ। ଆଜି ନୁହେଁ, ବହୁ ପ୍ରାଚୀନ ପରମ୍ପରା ଇଏ। କାରଣ ସମସ୍ତଙ୍କୁ ଜଣା। ଅବଶ୍ୟ ଅଧ୍ୟାପକମାନେ ସେ ରାସ୍ତା ଧରିଲେଣି ଖାତା ଦେଖା ଟିଉସନ ମାଧ୍ୟମରେ। ଛୁଟି, ଷ୍ଟ୍ରାଇକ ଏକ୍ସଟ୍ରା ପର୍କ।

ପୁଲିସ ସବୁବେଳେ ବଦନାମ। 'ଗାଇ ମାଇଲେ ମଲି, ଗାଇକୁ ମାଇଲେ ମଲି।' ଚୋର ଧରିଲେ ଦୋଷ, ଛାଡିଦେଲେ ଦୋଷ। ଜୀବନକୁ ବାଜି ଲଗେଇ ଲଢିବାକୁ ହୁଏ ସିନା, ବଦନାମ ପାଖ ଛାଡେ ନାହିଁ। ସତହେଉ କି ମିଛହେଉ ଶୁଣିବ, 'ଶଳା ଖାଇଲା'! ଏ 'ଶଳା' ପଦଟା ପୁଲିସ କହେ, ଚୋର, କୈଦୀ, ଆରୋପିଙ୍କୁ କିନ୍ତୁ ଜନତା ବି କହେ ପୁଲିସକୁ। ଏ ପଦଟା ଯେମିତି ସମ୍ବିଧାନ ଦ୍ୱାରା ଗୃହୀତ, ପୁଲିସ ବିଭାଗ ପାଇଁ ମରିଗଲେ କେହି ଲୁହ ଗଡାଇବେ ନାହିଁ। ଯାହାଙ୍କ ଦୁଆରେ ଚବିଶ ଘଣ୍ଟା ଜଗିଥିବେ, ଖରା ବରଷାରେ ଯାହାଙ୍କପାଇଁ ଠିଆହୋଇ ଟ୍ରାଫିକ୍ କଣ୍ଟ୍ରୋଲ କରୁଥିବେ, ସେମାନେ କେବେ ହେଲେ ଭଲ ପଦେ କହିବା ଶୁଣାଯାଏ ନାହିଁ। ପୁଲିସ ର ନାଲି ଆଖି ସମସ୍ତେ ଜାଣନ୍ତି। ସେଇଟା କଣ ଭଲ ଲୋକଙ୍କ ପାଇଁ? କଣ ନା ଇନକ୍ୱାରୀ ହେଉ। ତୁମେ ପଥର ପକେଇଲ, ସିଏ ଗୁଳି ଚଳେଇଲେ ଏଇଟା ତାଙ୍କର ଦୋଷ? ଯାହାଙ୍କୁ ସୁରକ୍ଷା ଦେଉଥିଲେ ସେ କହିଲେ ଇନକ୍ୱାରୀ କର। ଆଗ ସସ୍ପେଣ୍ଡ୍! ତା ପରେ ଇନକ୍ୱାରୀ। ଯୁଡିସିଆଲ ଇନକ୍ୱାରୀ। ସରକାରୀ ସମ୍ପତ୍ତି ର ସୁରକ୍ଷା କରିବାକୁ ଯାଇ ଜୀବନ ଦାନ କରିବାକୁ ହୁଏ। କିଏ ଶୁଣୁଛି?



କରୋନା ହେଲା ଯେ, କେହି ପୁଅ ଝିଅ ବି ପାଖରେ ପଶିଲେ ନାହିଁ ! ଶ୍ମଶାନକୁ ନେବାଠାରୁ ସତ୍କାର ପର୍ଯ୍ୟନ୍ତ ସବୁ କଲେ ପୁଲିସ। ସରକାର ତାଙ୍କୁ କରୋନା ଯୋଦ୍ଧା କହି ତାଳି ମରାଇଲେ। ଯେଉଁମାନେ ତାଳି ମରାଇଲେ, ସେମାନେ ଦେଶ ରକ୍ଷକର ମେଡାଲ ଝୁଲାଇ ବୁଲିଲେ ଆସନ୍ତା ନିର୍ବାଚନକୁ ଆଖିଆଗରେ ରଖି। ଯେଉଁମାନଙ୍କ ସଭାରେ ଆଗରୁ ଆସି, କୁକୁର ସୁଙ୍ଘାଇ ସଭାମଞ୍ଚ ସୁରକ୍ଷିତ ରଖିବା ଦାୟିତ୍ୱ ନେଇ, ସଭାକୁ ସାଫଲ୍ୟ ମଣ୍ଡିତ କରିବାରେ ହାତ ବଢାଉଥିଲେ,ତାଙ୍କପାଇଁ କେବେ ପଦେ ପ୍ରଶଂସା ବାଣୀ ଶୁଣିଛନ୍ତି? ସଭାରେ ସେଇମାନେ ଶଣ୍ଢ ପୁରାନ୍ତି ଯେଉଁମାନେ ଆରପଟର। ଯାଙ୍କୁ ସହିବାକୁ ହୁଏ। କହନ୍ତୁ ନାହିଁ ଆଜ୍ଞା!

ଯେତେ ଯାତ୍ରା ମେଳା ମଉଚ୍ଛବରେ ଆପଣମାନେ ପିଲାଛୁଆଙ୍କୁ ଧରି ଯାଆନ୍ତି, ଦେଖିଥିବେ କେତେ ପୁଲିସ ଆପଣଙ୍କ ଜୀବନରକ୍ଷା ପାଇଁ ତୈନାତ ଥିବେ। ତାଙ୍କ ପରିବାରକୁ କିଏ ଯାତ୍ରା ଦେଖାଇ ନେଉଥିବ? ଡ୍ୟୁଟି ଯେ, ସାତସାତ ଦିନଯାଏ ନିଜ ପିଲାଙ୍କ ମୁହଁ ଦେଖିବା ସମ୍ଭବ ହୋଇପାରେ ନାହିଁ। କିଏ ଶୁଣିବ?

ପୁଲିସଟାଏ ମଲା ମବ୍ କଣ୍ଟ୍ରୋଲ ଏକ୍ସରସାଇଜରେ, କଣ ପାଇଲା? ଇନକ୍ୱାରୀ ହେଲା, ଜୀବନ ରକ୍ଷା ପାଇଁ ସରକାରୀ ସମ୍ପତ୍ତି କୁ ସୁରକ୍ଷା ଦେବାପାଇଁ ବନ୍ଧୁକଟା ଚଲାଇ ଦେଲାଯେ, ଗୁଳିଟା ଆଇନ୍ ନମାନି ଟିକିଏ ଉପରକୁ ଚାଲିଯାଇ ଜଣଙ୍କର ଜୀବନ ନେଲା। ଆଇନ୍ ଶକ୍ତ ହୋଇଗଲା। ମାନ୍ୟବର ଅବସରପ୍ରାପ୍ତ ନ୍ୟାୟାଧୀଶ ରାୟ ଦେଲେ ଗୁଳିଟା ଆଇନ୍‌ର ସୀମା ଲଙ୍ଘନ କରିଛି।

ଯାହା ହେବା କଥା! ଆଇନ୍ ଲଙ୍ଘିଲେ ଯାହା ହୁଏ! ନା ଜନତା, ନା ନେତା କେହି ପଦେ ପାଟି ଫିଟାଇଲେ ନାହିଁ। ପତ୍ରକାରେ ହୋ ହୋ ହେଲେ। ଆମେ କହିଲୁ ବିଚରା ପୁଲିସ!

□□

ଲେଖକଙ୍କ ଇ-ମେଲ୍ ଠିକଣା:
abhaydash1@gmail.com

ପ୍ରବନ୍ଧ

# ଓଡ଼ିଆ ଭାଷାର ଶାସ୍ତ୍ରୀୟତା ଓ ଅନୁବାଦ



ଡ. ଶକୁନ୍ତଳା ବଳିଆରସିଂହ

'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ଓଡ଼ିଆ ଭାଷାର ଅମୂଲ୍ୟ ଗ୍ରନ୍ଥ। ଏହାର ତୁଳନା ନାହିଁ। ପରମ ବିଦ୍ୱାନ୍ ସାଧକ ଗୋପାଳଚନ୍ଦ୍ର ପ୍ରହରାଜ ମହୋଦୟ ଦୀର୍ଘ କାଳ କଠିନ ପରିଶ୍ରମ କରି ଏକକ ପ୍ରଚେଷ୍ଟାରେ ଏହି ଗୌରବ ଗ୍ରନ୍ଥକୁ ୧୯୩୧ରେ ଛପାଇଥିଲେ। ଏହି ବିରାଟ ଗ୍ରନ୍ଥ, ସାତଟି ଭଲ୍ୟୁମ୍‌ରେ ପୁନର୍ବାର ଲାର୍କବୁକ୍‌ସଙ୍କ ଦ୍ୱାରା ୨୦୦୬ରେ ପୁନଃ ମୁଦ୍ରିତ ହେଲା। ପ୍ରଥମେ ଏହି ଭାଷାକୋଷ ଯେଉଁଭଳି ଖବରକାଗଜ ଆକାର ନେଇ ପ୍ରକାଶିତ ହୋଇଥିଲା ତାହା ଯେଉଁମାନେ ବିବିଧ ଲାଇବ୍ରେରୀରେ ଦେଖିଥିବେ ମନେ ରଖିଥିବେ। ରେଭେନ୍ସା କଲେଜର କନିକା ଲାଇବ୍ରେରୀ ପ୍ରଥମ ଓ ପରେ ବିଜେବି କଲେଜ ଲାଇବ୍ରେରୀରେ ଏହାକୁ ଦେଖି ଓ ଛୁଇଁ ଆମେ କୃତାର୍ଥ ହୋଇଥିଲୁ। ଏହା ଗ୍ରନ୍ଥ ନୁହେଁ, ଡିକ୍ସନାରୀ ନୁହେଁ ଗୋଟିଏ ଜାତୀୟ ତୀର୍ଥସ୍ଥଳୀ। ହଜାର ହଜାର ପୃଷ୍ଠାର ଏହି ଅଭିଧାନରେ ଉତ୍କଳର ଅନେକ ଗ୍ରାମ୍ୟଭାଷା, ନୂତନ ଟିପ୍ପଣୀ, ଟୀକା, ପ୍ରବଚନ, ଢଗଢ଼ମାଳି ଏଥିରେ ସଂଯୁକ୍ତ କରିଛନ୍ତି ଭାଷାକୋଷକାର। ଏହା ସତ୍ତ୍ୱେ ସେ ସନ୍ତୁଷ୍ଟ ହୋଇ ନାହାନ୍ତି, ଲେଖିଛନ୍ତି: "ବଙ୍ଗ, ବିହାର, ମାନ୍ଦ୍ରାଜ, ମଧ୍ୟପ୍ରଦେଶ ଓ ଓଡ଼ିଶା ଗଡଜାତମାନଙ୍କରେ ଥିବା ଉତ୍କଳଭାଷା ଅଞ୍ଚଳର ଗଳିକନ୍ଦି ଯେବେ ଖୋଜାଯିବ ତେବେ ଅନ୍ତତଃ ଆଉ ଦଶହଜାର ପ୍ରାଦେଶିକ, ଦେଶାଂଶରେ ପ୍ରଚଳିତ ଗ୍ରାମ୍ୟ, ପ୍ରାଚୀନ, ବୈଜ୍ଞାନିକ ଓ ବ୍ୟବହାରିକ ଶବ୍ଦ ସଂଗୃହୀତ ହୋଇପାରିବ।



ପୂର୍ଣ୍ଣଚନ୍ଦ୍ର

ଓଡ଼ିଆ ଭାଷାକୋଷ।

ପ୍ରଥମ ଖଣ୍ଡ (ସ୍ୱରବର୍ଣ୍ଣ ଅ-ଔ)

ସଂଗ୍ରାହକ—ଗୋପାଳଚନ୍ଦ୍ର ପ୍ରହରାଜ

PŪRṆṆACHANDRA

ORḌIĀ BHĀSHĀKOSHA.

ଏହି ଭାଷାକୋଷରେ ନିହିତ ଅଛି ଏକ ଲକ୍ଷ ପଞ୍ଚାଅଶୀ ହଜାର (୧,୮୫,୦୦୦) ଶବ୍ଦ। ଲିପିବଦ୍ଧ ନ ହୋଇଥିବା ଶବ୍ଦଗୁଡିକୁ ମିଶାଇଲେ ଓଡ଼ିଆ ଭାଷାର ଶବ୍ଦ ସଂଖ୍ୟା ହେବ ଦୁଇଲକ୍ଷ। ଏଇଥିରୁ ଆମେ କଳନା କରିପାରିବା ଆମ ମାତୃଭାଷା ଓଡ଼ିଆ କେତେ ପ୍ରାଚୀନ ଓ କେତେ ଉନ୍ନତ। ଏହି ଅଭିଧାନରେ ପୁଣି ଇଂରାଜୀ ଅର୍ଥ, ବୈୟାକରଣିକ ଉତ୍ପତ୍ତି ଓ ପ୍ରାଚୀନ ପ୍ରୟୋଗ ଦର୍ଶାଯାଇଛି। ଉଦାହରଣ: ଅକରଟା -ଦେ. ବିଣ, ସ୍ତ୍ରୀ-ଯେଉଁ ଗାଈ ବା ଛଡ଼ା ଶୀଘ୍ର ଗର୍ଭଧାରଣ କରେ।

କରଟା ଅକରଟା ଛନ୍ଦ ଦୁହାଁଳ ଗାଈ
ସୁଖେ କ୍ଷୀର ଦେବେ ତୋର ଯେତେ ଇଚ୍ଛା ହୋଇ
(ସାରଳା ମହାଭାରତ, ଉଦ୍‌ଯୋଗ।)

ତା୧୧.୩.୨୦୧୪ରିଖ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଓଡ଼ିଆ ଭାଷା ଭାରତର ଏକ ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କଲା। ଶାସ୍ତ୍ରୀୟ ମାନ୍ୟତା ପାଇଁ ଆବଶ୍ୟକ (୧) ଦୁଇ ହଜାର ବର୍ଷର ଲିପିବଦ୍ଧ ଇତିହାସ ଓ ସଂସ୍କୃତି, (୨) ମହତ୍ତ୍ୱପୂର୍ଣ୍ଣ ପ୍ରାଚୀନ ସାହିତ୍ୟିକ ପରମ୍ପରା, (୩) ଅନ୍ୟ ଭାଷା ଦ୍ୱାରା ପ୍ରଭାବିତ ନ ହୋଇ ମୌଳିକ ସୃଷ୍ଟି ସମ୍ଭାରରେ ସମୃଦ୍ଧ (୪) ପ୍ରାଚୀନ ଓ ଆଧୁନିକ ଭାଷା ରୂପ ମଧ୍ୟରେ ଅବିଚ୍ଛିନ୍ନ ସମ୍ପର୍କ।

ଏ ସମସ୍ତ ଆବଶ୍ୟକତା ଓଡ଼ିଆ ଭାଷା ପୂରଣ କରିଅଛି।

ସ୍ୱୟଂ ଗୋପାଳଚନ୍ଦ୍ର ପ୍ରହରାଜ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ'ର ମୁଖବନ୍ଧରେ ଲେଖିବଛନ୍ତି "ଦି ଓଡିଆ ଲାଙ୍ଗୁଏଜ୍ ଇଜ୍ ୱାନ୍ ଅଫ୍ ଦି ଓଲ୍‌ଡେଷ୍ଟ ଭର୍ନାକୁଲାର ଇନ୍ ଇଣ୍ଡିଆ, ବଟ୍ ଦି ରିଚ୍‌ନେସ୍ ଅଫ ଇଟ୍‌ସ କ୍ଲାସିକ୍‌ସ ଆଣ୍ଡ ଇଟ୍‌ସ ଭୋକାବୁଲାରୀ"। ଅର୍ଥାତ୍ : "ଓଡ଼ିଆ ଭାଷା ଭାରତର ସର୍ବପୁରାତନ ଭାଷାମାନଙ୍କ ମଧ୍ୟରୁ ଅନ୍ୟତମ। ହେଲେ ଏହି ଭାଷାରେ ବହୁ ଦିନରୁ ପ୍ରସିଦ୍ଧ ସର୍ବୋତ୍କୃଷ୍ଟ ସାହିତ୍ୟିକ ଐଶ୍ୱର୍ଯ୍ୟ ଏବଂ ଏହାର ବ୍ୟବହୃତ ଶବ୍ଦ ସମୂହ ସମ୍ବନ୍ଧେ ବାହାର ଦୁନିଆର କିଛି ବି ଧାରଣା ନାହିଁ।" ଏହି ଖେଦୋକ୍ତି କେବଳ ସ୍ୱର୍ଗତ ପ୍ରହରାଜଙ୍କର ନୁହେଁ, ସମଗ୍ର ଓଡ଼ିଆ ଜାତିର।

ସାରା ବିଶ୍ୱରେ ସମସ୍ତ ବିଦ୍ୱାନଙ୍କର ଏହି ଗୋଟିଏ ମତ; ଯେଉଁ ଜାତି ଯେତେ ପରିମାଣରେ ଉନ୍ନତ ତାହାର ସାହିତ୍ୟ ସେହି ପରିମାଣରେ ଉନ୍ନତ ଓ ଶ୍ରୀସମ୍ପନ୍ନ। କାରଣ ଭାଷା ମଧ୍ୟରେ ବ୍ୟକ୍ତି ଓ ଜାତି ନିଜର ପରିଚୟ ଏବଂ ଉପଲବ୍ଧିମାନଙ୍କୁ ଏକତ୍ରିତ କରିଥାଏ।

ଏଠାରେ ଗୋଟାଏ କଥା ମନେ ରଖିବାକୁ ହେବ; ଯେକୌଣସି ଭାଷା ଲିପିବଦ୍ଧ ହେବା ପୂର୍ବରୁ ଜନସାଧାରଣଙ୍କ ମଧ୍ୟରେ ଦୈନନ୍ଦିନ ଚଳଣିରେ କଥିତ ଭାଷାର ରୂପ ନେଇ ଆଗ ବ୍ୟବହୃତ ହେଉଥାଏ। ଭାରତରେ ଏହାକୁ ଆମେ 'ପ୍ରାକୃତ' ନାମ ଦେଇଛୁ। ପ୍ରକୃତି ସମ୍ବନ୍ଧୀୟ ଅର୍ଥାତ୍ ପ୍ରଜାମାନଙ୍କର ଭାଷା ହୋଇଥିବା ହେତୁ ଏହା 'ପ୍ରାକୃତ' ଭାଷା।

ଆମର ସର୍ବପ୍ରାଚୀନ ଭାଷା ବୈଦିକ ଭାଷା। ଏହା ସାଧାରଣ ଜନତାଙ୍କ ଦ୍ୱାରା ସରଳ ଭାବରେ ଗୃହୀତ ହୋଇ ନ ପାରିବାରୁ ଏହି ଭାଷାରେ କିଛି ସଂସ୍କାର ଆଣି ସଂସ୍କୃତ ଭାଷାର ସୃଷ୍ଟି ହେଲା। ସଂସ୍କୃତ ଭାଷା ବ୍ୟବହୃତ ହେଲା ଆଚାର୍ଯ୍ୟ, ଋଷି, ବ୍ରାହ୍ମଣ, କବି ଓ ରାଜନ୍ୟମଣ୍ଡଳୀ ଦ୍ୱାରା। ବୈଦିକ ଭାଷା ଏହା ପୂର୍ବରୁ ବ୍ୟବହୃତ ହେଉଥିଲା ଯାଗ, ଯଜ୍ଞ ଓ ଦେବ ଆରାଧନା କାର୍ଯ୍ୟରେ। କିନ୍ତୁ ଜନସାଧାରଣ ପରସ୍ପର ମଧ୍ୟରେ କଥାବାର୍ତ୍ତା ହେଉଥିଲେ ପ୍ରାକୃତ ଭାଷାରେ।

**ଖ୍ରୀଷ୍ଟପୂର୍ବ କାଳରୁ ଏହି ଭାଷା ଭିନ୍ନ ଭିନ୍ନ ଅଞ୍ଚଳକୁ ନେଇ ଆର୍ଷୀ ପ୍ରାକୃତ, ଅର୍ଦ୍ଧ ମାଗଧୀ, ଓଡ୍ର ମାଗଧୀ, ଓଡ୍ର ପ୍ରାକୃତ, ଓଡ୍ର ବିଭାଷା, କଳିଙ୍ଗୀ ପ୍ରାକୃତ ଇତ୍ୟାଦି ନାମରେ ବ୍ୟବହୃତ ହୋଇଅଛି।**

ଖ୍ରୀଷ୍ଟପୂର୍ବ କାଳରୁ ଭିନ୍ନ ଭିନ୍ନ ଅଞ୍ଚଳକୁ ନେଇ ଆର୍ଷୀ ପ୍ରାକୃତ, ଅର୍ଦ୍ଧ ମାଗଧୀ, ଓଡ୍ର ମାଗଧୀ, ଓଡ୍ର ପ୍ରାକୃତ, ଓଡ୍ର ବିଭାଷା, କଳିଙ୍ଗୀ ପ୍ରାକୃତ ଇତ୍ୟାଦି ନାମରେ ବ୍ୟବହୃତ ହୋଇଅଛି। ପରିଶେଷରେ ଓଡ୍ର ଭୂଖଣ୍ଡରେ ବାସ କରୁଥିବା ଲୋକମାନେ ବ୍ୟବହାର କରୁଥିବା ଭାଷାକୁ ଓଡ଼ିଆ କୁହାଯାଉଛି।

ଭାଷାରେ ସଂସ୍କାର ହୋଇ ସଂସ୍କୃତ ଭାଷା ଯେପରି ରାଜାନୁଗ୍ରହ ଲାଭ କରିଛି କଥିତ ଭାଷା ମଧ୍ୟ ଧୀରେ ଧୀରେ ସେହିପରି ଲିପିବଦ୍ଧ ହୋଇଛି। ଖ୍ରୀ.ପୂ. ଚତୁର୍ଥ ଶତାବ୍ଦୀରେ ଭରତମୁନିଙ୍କ ନାଟ୍ୟଶାସ୍ତ୍ରରେ ଅର୍ଦ୍ଧ ମାଗଧୀ (ଓଡ୍ର ମାଗଧୀ)ର ଉଲ୍ଲେଖ ଅଛି। ସେତେବେଳେ ଓଡ୍ର ଭୂଖଣ୍ଡ ଥିଲା ନନ୍ଦବଂଶର ଶାସନାଧୀନ। ନନ୍ଦମାନେ ମଗଧରୁ ଆସିଥିଲେ। ତେଣୁ ଉତ୍ତର ଭାରତ ଓ ମଗଧାଞ୍ଚଳର ଭାଷା ଓଡ୍ରଭାଷାକୁ ପ୍ରଭାବିତ କରିବା ସ୍ୱାଭାବିକ। ଏତଦ୍‌ବ୍ୟତୀତ ଖ୍ରୀଷ୍ଟପୂର୍ବ କାଳରୁ ଓଡ୍ର (ଓଡ଼ିଆ)ମାନେ ନୌବାଣିଜ୍ୟରେ ଧୂରୀଣ ଥିଲେ। ଏହାଦ୍ୱାରା ବହୁ ଦୂରାଞ୍ଚଳର ଭାଷା ଓଡ୍ର ସାଧବମାନଙ୍କ ରୀତିନୀତିକୁ ପ୍ରଭାବିତ କରିଥିବ।

ଭାଷା ଏକ ପ୍ରବହମାନ ନଦୀତୁଲ୍ୟ ସର୍ବଦା ସଞ୍ଚରଣଶୀଳ। ପରିବର୍ତ୍ତନ ହିଁ ଏହାର ଚରିତ୍ର। ଆଜି ଆମେ ଯେଉଁ ଓଡ଼ିଆ ଭାଷାରେ କଥା କହୁଛେ ବା ରଚନା କରୁଛେ ତାହା ବହୁ ପଥ ଅତିକ୍ରମି ଏଠାରେ ପହଞ୍ଚିଛି। ଏପରିକି ସଂସ୍କୃତ ଭାଷା ଠାରୁ ଓଡ୍ର ପ୍ରାକୃତ ଆହୁରି ପ୍ରାଚୀନତର ବୋଲି ସାର୍ ଜର୍ଜ ଆବ୍ରାହମ୍ ଗ୍ରୀୟରସନ୍ କହିଛନ୍ତି। ପଣ୍ଡିତ ନୀଳକଣ୍ଠ ଦାସ ଏହି ମତକୁ ଦୃଢ଼ ସମର୍ଥନ କରି କହିଛନ୍ତି; "ଓଡ଼ିଆ ଯେଉଁ ପ୍ରାକୃତ ଭାଷାରୁ ଆସିଛି ସେହି ପ୍ରାକୃତ ଭାଷା ସଂସ୍କୃତ ଭାଷାର ବି ଜନନୀ ହୋଇପାରେ।"


ଇଂରେଜମାନେ ୧୮୦୩ରେ ଓଡ଼ିଶା ଅଧିକାର କରିବା ପରେ ଭାରତୀୟ ସାତଟି ଭାଷାକୁ ଭିତ୍ତିକରି ଜନ ବିମ୍‌ସ ଲେଖିଥିଲେ, "ଏ କମ୍ପାରାଟିଭ୍ ଗ୍ରାମାର ଅଫ୍ ମଡର୍ଣ୍ଣ ଆର୍ଯ୍ୟନ ଲାଙ୍ଗୁଏଜ୍‌ସ ଅଫ୍ ଇଣ୍ଡିଆ"। ଏହି ଆଧୁନିକ ଆର୍ଯ୍ୟଭାଷାମାନ ହେଲେ, ହିନ୍ଦୀ, ପଞ୍ଜାମୀ, ଗୁଜରାଟୀ, ମରାଠୀ, ସିନ୍ଧି, ବଙ୍ଗଳା ଓ ଓଡ଼ିଆ। ଆର୍ଯ୍ୟ ଭାଷାର ଏହି ତୁଳନାତ୍ମକ ବିକାଶକ୍ରମ ଓ ବ୍ୟାକରଣ ବିଧି ପୁସ୍ତକରେ ବୀମ୍‌ସ ଓଡ଼ିଆ ଭାଷାକୁ ସଂସ୍କୃତ ଭାଷାର ନିକଟତମ ରୂପ ବୋଲି କହିଛନ୍ତି। ଆଉ ମଧ୍ୟ ବୈଦେଶିକ ଆକ୍ରମଣ ଭଳି ପ୍ରତିକୂଳ ପରିସ୍ଥିତିରେ ଓଡ଼ିଆ ଭଷା ନିଜର ମୌଳିକତା ନ ହରାଇ ବରଂ ଭାଷା ବିବେଚନାରେ ଆପଣା ଶାସ୍ତ୍ରୀୟତା ବଜାୟ ରଖିଛି। କେବଳ ସେତିକି ନୁହେଁ, ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ଏହି ଅତି ପ୍ରାଚୀନ ଓଡ଼ିଆ ଭାଷା ପ୍ରାକୃତ ଭାଷାର ବ୍ୟାକରଣ ଦ୍ୱାରା ଶୃଙ୍ଖଳିତ ହୋଇରହିଥିଲା।

ଖ୍ରୀ.ପୂ. ୪ର୍ଥ ଶତାବ୍ଦୀରେ ରଚିତ ନାଟ୍ୟ ଶାସ୍ତ୍ରରେ ଭରତ ମୁନି ଲେଖିଲେ-

*"ଶକରାଭୀର ଚଣ୍ଡାଳ ସବର ଦ୍ରାବିଡୋଡ୍ରଜା,*
*ହୀନ ବନେଚରାଣାଞ୍ଚ ବିଭାଷା ନାଟକେ ସ୍ମୃତା।"*

ଖ୍ରୀ.ପୂ. ତୃତୀୟ ଶତାବ୍ଦୀରେ ସମ୍ରାଟ ଅଶୋକଙ୍କ ଧଉଳି ଓ

ଜଉଗଡ ଅନୁଶାସନ, ଖ୍ରୀ.ପୂ. ତୃତୀୟ ଶତାବ୍ଦୀରେ ସମ୍ରାଟ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖ ଓ ତାମ୍ରପତ୍ର ଅନୁଶାସନ, ସପ୍ତମ ଶତାବ୍ଦୀରେ ଶୈଳୋଦ୍ଭବ ମହାରାଣୀ କଲ୍ୟାଣୀ ମହାଦେବୀଙ୍କ ନିମିନା ତାମ୍ର ଶାସନ ଇତ୍ୟାଦି ଶିଳାଲେଖ ଓ ତାମ୍ରପତ୍ର ଅନୁଶୀଳନ କରି ଭାଷା ବିଜ୍ଞାନୀମାନେ ଏହି ନିଷ୍କର୍ଷରେ ପହଞ୍ଚିଛନ୍ତି ଯେ ସପ୍ତମ ଶତାବ୍ଦୀ ବେଳକୁ ଓଡ଼ିଆ ଭାଷାର ବିକାଶ ତୁଙ୍ଗ ସ୍ପର୍ଶ କରିଥିଲା। ସପ୍ତମରୁ ଦଶମ - ଏକାଦଶ ଶତାବ୍ଦୀ ମଧ୍ୟରେ ରଚିତ ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କ ଚର୍ଯ୍ୟାଗୀତିଗୁଡିକୁ ପ୍ରଥମ ଓଡ୍ର ସାହିତ୍ୟର ମାନ୍ୟତା ଦିଅନ୍ତି ଭାଷାବିତ୍‌ମାନେ।




୮୪ ଜଣ ବୌଦ୍ଧ ସିଦ୍ଧ ସାଧକ ଏହି ଚର୍ଯ୍ୟାଗୀତିମାନଙ୍କର କବି। ଏମାନଙ୍କ ମଧ୍ୟରୁ ଭୁସୁକୁପାଦ ବା ଭୁସୁକୁ ପାଙ୍କ ଉଦାହରଣ ଆମେ ନେଇପାରିବା। ଭୁସୁକୁ ସପ୍ତମ - ଅଷ୍ଟମ ଶତାବ୍ଦୀର କବି କେନ୍ଦୁଝର ରାଜ୍ୟର ରାଜପୁତ୍ର ଶାନ୍ତିଦେବ ଥିଲେ ବୋଲି କେତେ ମତ ଦିଅନ୍ତି।

**୧. ଭୁସୁକୁପାଦ - ଚର୍ଯ୍ୟାଗୀତି**

ରାଗ - ପଟମଞ୍ଜରୀ

*କାହେରେ ଘିନି ମେଲି ଆଛହୁ କୀସ।*
*ବେଢ଼ିଲ ହାକ ପଡଇ ଚୌଦୀସ॥*
*ଆପଣା ମାଂସେ ହରିଣା ବୈରୀ।*
*ଖନହ ନ ଛାଡ଼ଇ ଭୁସୁକୁ ଆହେରୀ*
*ତିଣ ନ ଛୁବଇ ହରିଣା ପିବଇ ନ ପାଣୀ।*
*ହରିଣା ହରିଣୀର ନିଲଅ ନ ଜାଣି*
*ହରିଣା ବୋଲଇ ସୁଣ ହରିଣା ତୋ।*
*ଏ ବଣ ଛାଡ଼ି ହୋହୁ ଭାନ୍ତୋ॥*
*ତରଙ୍ଗତେ ହରିଣାର ଖୁର ନ ଦୀସଇ*
*ଭୁସୁକୁ ଭଣଇ ମୂଢ଼ା - ହିଅହିଣ ପଇସଇ।*

ଅନୁବାଦ-

କାହାକୁ ନେଇ ମେଲିବୁ ସଂସାର ତୁ କିସ
ବେଢ଼ିଲାଣି ଚାରିଆଡୁ ଶିକାରୀର ଫାଶ।
ନିଜ ଦେହ ପାଇଁ ହେଲୁ ଶତ୍ରୁ ତୁ ନିଜର
କ୍ଷଣକ ପାଇଁ କି ଶତ୍ରୁ ନ ଛାଡେ ଶରୀର।
ତୃଣ ନ ଛୁଏଁ ହରିଣ ନ ପିଅଇ ପାଣି
ହରିଣୀର ଠିକଣା ତ ହରିଣ ନ ଜାଣି।
ହରିଣୀ କହେ ହରିଣ ଶୁଣ ମୋ ବଚନ
ସହସା ପଳାଅ ଛାଡି ଏ ଭ୍ରାନ୍ତିର ବନ।
ଏହା ଶୁଣି ହରିଣର ପଳାୟନ - ଛଇ
ଗତିର ତରଙ୍ଗେ ଆଉ ପାଦ ନ ଦିଶଇ।

**(୨)ଶବର ପାଦ - ଚର୍ଯ୍ୟାଗୀତି**

ରାଗ - ବଳାଡଡି

*ଉଁଚା ଉଁଚା ପିଚ ପରିହଣ ସବରୀ ଗୀବତ ଗୁଞ୍ଜରୀ ମାଳୀ*
*ଉମତ ସବରୋ ପାଗଳ ସବରୋ*
*ମାକର ଗୁଳୀ ଗୁରିଡ଼ା ତୋହରି*
*ଣିଅ ଘରଣୀ ନାମେ ସହଜ ସୁନ୍ଦରୀ।*
*ନାନା ତରୁବର ମୋଉଳିଲରେ ଗଅଣତ ଲାଗେଲି ଡାଳୀ*
*ଏକେଲୀ ସବରୀ ଏବଣ ହିଣ୍ଡଇ କର୍ଣ୍ଣକୁଣ୍ଡଳ ବଜ୍ରଧାରୀ।*
*ତିଅ ଧାତୁ ଖଟ ପାଡ଼ିଲା ସବରୋ ମହାସୁଖେ ସେଜି ଛାଇଲା*
*ସବରୋ ଭୁଜଙ୍ଗ ନୈରାମଣୀ ଦାରୀ ପ୍ରେମହରାତି ପୋହାଇଲୀ।*
*ହିଅ ତାମ୍ବୋଲା ମହାସୁଖେ କପୂର ଖାଇ*
*ସୁନ ନୈରାମଣୀ କଣ୍ଠେ ମହାସୁହେ ରାତି ପୋହାଇ।*
*ଗୁରୁବାକ୍ ପୁଛିଆଁ ବିନ୍ଧ ନିଅମଣ ବାଣେ*
*ଏବେ ଶରି ସନ୍ଧାନେଁ ବିନ୍ଧହ ବିନ୍ଧହ ପରମଣିବାଣେ।*
*ଉମତ ସବରୋ ଗରୁଆ ରୋଷେ*
*ଗିରିବର ସିହର-ସନ୍ଧି ପଇସନ୍ତେ ସବରୋ ଲୋଡ଼ିବେ କଇସେ।*

ଅନୁବାଦ-

ଅତି ଉଞ୍ଚା ପର୍ବତେ ଯେ ବସିଛି ଶବରୀ
ମୟୂରପୁଚ୍ଛ ତା' ମାଥେ, ବେକେ ଗୁଞ୍ଜ ମାଳି।
ଉନ୍ମତ୍ତ ଶବର ଆରେ କିମ୍ପା କରୁ ଗୋଳ
ଅନାରେ ନିଜ ଘରଣୀ, ସହଜ ସୁନ୍ଦର।
ନାନା ତରୁ ମୁକୁଳିଲେ ଗଗନେ ମେଲି ଡାଳ,

ଏବେ କିମ୍ପା ବୁଲୁ ବଣେରେ ଶବର,
କର୍ଣ୍ଣେ ତୋ କୁଣ୍ଡଳ।
ନ ଶୁଣେ ଶବର ମଉ ଖଟ ଧରି ଧାଏଁ,
ମହାସୁଖ ଆଶାରେ ସେ ଶେଯକୁ ବିଛାଏ।
ବିଟପ ସ୍ୱଭାବ ସେ ଶବର ଅତି ଭୋଳା,
ନୈରାମଣି ଦାରୀ ପାଖେ ରାତି ପୁହାଇଲା।
କର୍ପୂର ମିଶା ତାମ୍ବୁଳ ମହାସୁଖେ ଖାଇ,
ସୁଖେ ନିଶି ଯାପେ ସେ ଶବର
ଶୂନ୍ୟ- ନୈରାମଣି ଗଳେ ଭୁଜ ଦେଇ।
ଗୁରୁବାକ୍ୟ ଅନୁସରି ଛାଡ଼ ମନବାଣ,
ଏକମାତ୍ର ଶର ଯେହ୍ନେ ଭେଦିବ ସୁଖଦ ନିର୍ବାଣ।
ଉନ୍ମତ୍ତ ଶବର ସେ ଯେ ବିନ୍ଧିଣ ଗୁରୁ ରୋଷେ,
ଗିରିବର ଶିଖର ସନ୍ଧିରେ ଗଲା ମିଶି ଲୋ ଶବରୀ,
ଖୋଜିଲେ କାହୁଁ ଆସେ ?

ଚର୍ଯ୍ୟା - ସ୍ତ୍ରୀଂ (ଚର୍+ଯତ୍+ଟାପ୍) ଆଚାର-ରୀତି, ଧାର୍ମିକ ବ୍ୟବହାର ବା କରଣୀୟ କର୍ମ। ସିଦ୍ଧାଚାର୍ଯ୍ୟମାନଙ୍କର ଆଚରଣୀୟ ପଦଗୁଡ଼ିକ ସମକାଳୀନ ସମାଜକୁ ଚେତାବନୀ।

**ପ୍ରତି ମୁହୂର୍ତ୍ତରେ ମନୁଷ୍ୟ ଯାହା ଦେଖୁଛନ୍ତି, ଶୁଣୁଛନ୍ତି ଆଉ ଅନୁଭବ କରୁଛନ୍ତି, ସେସବୁ ମସ୍ତିଷ୍କକୁ ଯାଇ ଅନୂଦିତ ହୋଇ ସ୍ରଷ୍ଟାଙ୍କ ସୃଜନକର୍ମରେ ରୂପାୟିତ ହୋଇଚାଲିଛି।**

ଓଡ଼ିଶାର ଗ୍ରାମାଞ୍ଚଳରେ 'ଦୋହା' ବା 'ଧୂଆ' ନାମରେ ଏକ ପ୍ରକାର ପଦ୍ୟ ପ୍ରଚଳିତ। 'ଯୋଗୀନ୍ଦ୍ର ଦାଣ୍ଡ ଧୂଆ', 'ଶରୀର ଭେଦ ଭଜନ' (ଏକ ପ୍ରକାର ଦୋହା) 'ବୌଦ୍ଧଗାନ ଓ ଦୋହା'ର ସମ୍ପୂର୍ଣ୍ଣ ଅନୁରୂପ।

ଖ୍ରୀ. ୧୧୦୦ରେ ଚୋଡଗଙ୍ଗଦେବଙ୍କ ରାଜତ୍ୱକାଳରୁ 'ମାଦଳାପାଞ୍ଜି' ଗଦ୍ୟରେ ଲେଖା ହୋଇଆସୁଅଛି। ସମୟକ୍ରମେ ଏହାର ଭାଷା ବ୍ୟବହାରରେ କିଞ୍ଚିତ ପରିବର୍ତ୍ତନ ଦେଖାଦେଇଥିଲେ ହେଁ ମୂଳ ଗଠନ (ଷ୍ଟ୍ରକ୍‌ଚର) ଏକାଦଶ ଶତାବ୍ଦୀର ଗଦ୍ୟ ଭାଷା ହୋଇରହିଛି।

ମାର୍କଣ୍ଡ ଦାସଙ୍କ 'କେଶବ କୋଇଲି' ଏକ ଚଉତିଶା। ମାର୍କଣ୍ଡ ଦାସଙ୍କୁ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ପ୍ରଣେତା ଖ୍ରୀଷ୍ଟୀୟ ତ୍ରୟୋଦଶ ଶତାବ୍ଦୀରେ ସ୍ଥାପିତ କରିଛନ୍ତି। ଯଦି ଏହା ସତ୍ୟ ହୁଏ ତା'ହେଲେ ଖ୍ରୀ. ୧୧୦୦ ବେଳକୁ ଓଡ଼ିଆ ଭାଷା ବହୁତ ଉନ୍ନତ ହୋଇଥିଲା ବୋଲି ମାନିବାକୁ ହେବ। କିମ୍ବା କେଶବ ଶ୍ରୀକୃଷ୍ଣଙ୍କ ମଥୁରା ଗମନ ଓ ମାତା ଯଶୋଦାଙ୍କ ଅନ୍ତରର ବ୍ୟଥାକୁ କବି ମାର୍କଣ୍ଡ ନିଜ ହୃଦୟରେ ଅନୁଭବ କରି ଏହାକୁ ଅନୁବାଦ କରିଛନ୍ତି ବୋଲି କହିବାକୁ ହେବ।

ଅନୁବାଦ କ'ଣ କି? ପ୍ରତି ମୁହୂର୍ତ୍ତରେ ମନୁଷ୍ୟ ଯାହା ଦେଖୁଛନ୍ତି, ଶୁଣୁଛନ୍ତି ଆଉ ଅନୁଭବ କରୁଛନ୍ତି, ସେସବୁ ମସ୍ତିଷ୍କକୁ ଯାଇ ଅନୂଦିତ ହୋଇ ସ୍ରଷ୍ଟାଙ୍କ ସୃଜନକର୍ମରେ ରୂପାୟିତ ହୋଇଚାଲିଛି। ଅନୁବାଦ ନିଃଶ୍ୱାସ-ପ୍ରଶ୍ୱାସ ଭଳି ଏକ ନିରନ୍ତର ପ୍ରୟାସ। ଶିଶୁଟି ଜନ୍ମରୁ ମାତାଙ୍କଠାରୁ ଶୁଣେ, କାଉ କ'ଣ କହୁଛି ? କା- କା। କୋଇଲି କୁହୁ କୁହୁ ଇତ୍ୟାଦି। ଆମ ମୁଣ୍ଡ ଭିତରେ ହିଁ ଏ କାର୍ଯ୍ୟ ସମାହିତ ହୋଇଚାଲିଛି। ଅନୁବାଦକ କେବଳ ନୁହଁନ୍ତି, ପ୍ରତ୍ୟେକ ସୃଜନଶିଳ୍ପୀ ନିଜ ନିଜ ବାଟରେ ଅନୁବାଦ ହିଁ କରିଚାଲିଛନ୍ତି।

ସେଥିପାଇଁ ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ଓଡ଼ିଆ ଭାଷାରେ ପୁରାଣ ଅନୁବାଦର ଯୁଗ ଆସିଛି। ପୁରାଣକୁ ଶାସ୍ତ୍ର କୁହାଯାଏ। ଶାସ୍ତ୍ରରୁ ଆସିଛି ଶାସ୍ତ୍ରୀୟ। ଶାସ୍ତ୍ର କ'ଣ? ସଂ.ବି. (ଶାସ ଧାତୁ = ଶାସନ କରିବା + କରଣ ତ୍ର) ବେଦ, ତନ୍ତ୍ର, ସ୍ମୃତି, ପୁରାଣାଦି ଧର୍ମଗ୍ରନ୍ଥ। ଯାହା ସତ୍ୟ ବିଦ୍ୟା ପ୍ରତିପାଦନ କରେ ଯଦ୍ଦ୍ୱାରା ମନୁଷ୍ୟର ସତ୍ୟାସତ୍ୟ, ଧର୍ମାଧର୍ମ, ନ୍ୟାୟାନ୍ୟାୟ, ବିଧେୟାବିଧେୟ କର୍ମର ଶିକ୍ଷା ଲାଭ ହୁଏ ତାହା ଶାସ୍ତ୍ର।


ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଜ୍ୟୋତିଷ, ଛନ୍ଦ, ଚାରିବେଦ, ମୀମାଂସା, ନ୍ୟାୟ, ଧର୍ମଶାସ୍ତ୍ର, ପୁରାଣ, ଆୟୁର୍ବେଦ, ଧନୁର୍ବେଦ, ଗନ୍ଧର୍ବବେଦ, ଅର୍ଥଶାସ୍ତ୍ର। ଏହି ୧୮ଟି ଶାସ୍ତ୍ରକୁ ୧୮ ବିଦ୍ୟା ବୋଲାଯାଏ। ହିନ୍ଦୁମାନଙ୍କର ସବୁ ଧର୍ମ ପୁସ୍ତକ ଶାସ୍ତ୍ର ସଂଜ୍ଞାର ଅନ୍ତର୍ଭୁକ୍ତ। ମହାଭାରତ, ନୃସିଂହ ପୁରାଣ, ଶିବ ପୁରାଣ, ବିଷ୍ଣୁ ପୁରାଣ ପ୍ରଭୃତି ଅନେକ ପୁରାଣ ଓଡ଼ିଆ ଭାଷାରେ ଅନୁବାଦିତ ଓ ରଚିତ ମଧ୍ୟ।

ବ୍ୟାସକୃତ 'ଭାଗବତ' ଗ୍ରନ୍ଥ ଶ୍ରୀଜଗନ୍ନାଥ ଦାସଙ୍କ ଦ୍ୱାରା ଅନୁବାଦିତ ହୋଇଥିଲେ ମଧ୍ୟ ଏଥିରେ ଭାଷାକୁ ଏଭଳି ଆବଦ୍ଧ କରାଯାଇପାରିଛି ଯେ 'ଭାଗବତ' କାର ଓଡ଼ିଆ ଭାଷା ନିର୍ମାଣ କରିଥିବା ଏବଂ ଓଡ଼ିଆ ଭାଷାକୁ 'ମାନକ' ଭାଷା ପ୍ରଦାନ କରିଥିବାର ଗୌରବ ଲାଭ କରିଛନ୍ତି।

ଏକାଦଶ ଶତାବ୍ଦୀର ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ

ଯେଉଁସବୁ ଓଡ଼ିଆ ପୁସ୍ତକ ରଚିତ ହୋଇଛି ସେଥି ମଧ୍ୟରୁ ଅଧିକାଂଶ ସଂସ୍କୃତରୁ ଅନୁବାଦିତ ବା ସଂସ୍କୃତ ପୁସ୍ତକର ଅନୁକରଣରେ ରଚିତ। ପଞ୍ଚତନ୍ତ୍ର, ହିତୋପଦେଶ ଭଳି କଥା ସାହିତ୍ୟ ଜଗତକୁ ପୁଷ୍କଳ କରିଥିବା ପୁସ୍ତକମାନଙ୍କର ମୂଳ ରହିଛି ସଂସ୍କୃତରେ ହିଁ।

କେବଳ ଭାରତରେ ନୁହେଁ ସାରା ବିଶ୍ୱରେ ଦଶମରୁ ପଞ୍ଚଦଶ ଶତାବ୍ଦୀ ମଧ୍ୟରେ ଶାସ୍ତ୍ରୀୟ ଗ୍ରନ୍ଥଗୁଡିକର ଅନୁବାଦ ବିବିଧ ଭାଷାରେ, ବିଶେଷ କରି ଇଂରାଜୀ ଭାଷାରେ କରାଇବାର ଆକୁଳତା ଲକ୍ଷ୍ୟଣୀୟ। ସଂସ୍କୃତ ପରି ରୋମ୍‌ର ଲାଟିନ ଭାଷା ଗୋଟିଏ ଅତି ପ୍ରାଚୀନ ଭାଷା ଓ ବାକରଣର କଠୋର ନିୟମରେ ବନ୍ଧା। ଆଉ ଗୋଟିଏ ପ୍ରାଚୀନ ଭାଷା ହେଉଛି 'ହିବ୍ରୁ'। ଲାଟିନ ଭାଷାର ସମସ୍ତ ଶାସ୍ତ୍ରୀୟ ଗ୍ରନ୍ଥକୁ ଇଂରାଜୀରେ ଅନୁବାଦ କରି ଇଂରାଜୀ ଭାଷା ଆଜି ବିଶ୍ୱର ଭାଷା ଜଗତର ଅପ୍ରତିଦ୍ୱନ୍ଦୀ ସମ୍ରାଟ ହୋଇପାରିଛି। 'ହିବ୍ରୁ' ଭାଷାର ଶାସ୍ତ୍ରୀୟ ପୁସ୍ତକମାନ ଆରବିକ୍ ଓ ପାର୍ସୀ ଭାଷାରେ ଅନୂଦିତ ହୋଇ ଇଂରାଜୀକୁ ଆସିଛି।




ଯେଉଁ ଯେଉଁ ପ୍ରାଚୀନ ଭାଷା ମାନଙ୍କର ଶାସ୍ତ୍ରୀୟ ଗ୍ରନ୍ଥସବୁ ଅନୁବାଦ ମାଧ୍ୟମରେ ପ୍ରସାରିତ ହୋଇପାରିଛନ୍ତି ସେଗୁଡିକର ଶାସ୍ତ୍ରୀୟ ମୂଲ୍ୟ ଦିନକୁ ଦିନ ବଢୁଛି ସିନା କମିବାର ପ୍ରଶ୍ନ ଉଠୁନାହିଁ। କାଳିଦାସ ମହାକବିଙ୍କ ରଚନାବଳୀ ସେହି ଦୃଷ୍ଟିରୁ ବିଶ୍ୱବାସୀଙ୍କର ଆଦରଣୀୟ ହୋଇପାରିଛି। ଲାଟିନ କବି ଦାନ୍ତେ (ଖ୍ରୀ. ୧୩୦୦)ଙ୍କ 'ଡିଭାଇନ୍ କମେଡ଼ି' ମହାକାବ୍ୟର ଅନୁବାଦ ପୃଥିବୀର ୫୧ଟି ଭାଷାରେ ହୋଇସାରିଛି। ଏବେ ବି ହେଉଛି। ନର୍କଯାତ୍ରାର ଏହି ଅତୁଳନୀୟ ବର୍ଣ୍ଣନା ଆଲୋଚକ, ସମୀକ୍ଷକମାନଙ୍କୁ ଏବେ ବି ଆଶ୍ଚର୍ଯ୍ୟ ଚକିତ କରି ଚାଲିଛି। ଦାନ୍ତେଙ୍କ ଡିଭାଇନ କମେଡିର ଏହି ଲେଖକ ଦ୍ୱାରା ଓଡ଼ିଆ ଅନୁବାଦ ପୁସ୍ତକଟି ଆମ ସାହିତ୍ୟ ଏକାଡେମୀ ଦ୍ୱାରା ୧୯୧୮ରେ ପ୍ରକାଶିତ।

ସମଗ୍ର ବିଶ୍ୱବାସୀଙ୍କୁ ଚକିତ କଲା ଭଳି ଅନ୍ୟ ଏକ ପ୍ରତିଭାଧର ହେଉଛନ୍ତି ପଞ୍ଚଦଶ ଶତାବ୍ଦୀର ସାରଳା ଦାସ, ମାଟିର ମହାକବି। ଓଡ଼ିଆ ଭାଷାକୁ ଆପେ ସମ୍ପୂର୍ଣ୍ଣତା ଆଡକୁ ନେଇଗଲେ ସାରଳା ଦାସ। ଏହାକୁ କେହି ଅନୁବାଦ କରିପାରିବେ ନାହିଁ। ମାଟି ତିଆରି ହାଣ୍ଡିକୁଣ୍ଡେଇ ପରି ମାଟିରୁ ବାହାରିଛି ମୌଳିକ କାହାଣୀ ସମୂହ, କଥା ବିନ୍ୟାସ, ଚଳଣି, ରୀତିନୀତି। ମୂଳ କାହାଣୀ ସାଦୃଶ୍ୟରେ ଗଢ଼ି ହୋଇଯାଇଛି ଅନ୍ୟ ଅନ୍ୟ ଓଡ଼ିଆ କାହାଣୀ। ଢ଼ଗଢ଼ମାଳି, ଆପ୍ତ ବାକ୍ୟର ପ୍ରୟୋଗରେ ସଂକ୍ଷିପ୍ତ ବାକ୍ୟମାନ ହୋଇଉଠିଛନ୍ତି ଜୀବନ୍ତ ଓ ଗତିଶୀଳ। ଅନୁଭୂତିର ଗନ୍ତାଘର ତାଙ୍କର ଲୋକଜୀବନ। ହୃଦୟରେ ଅନୁରଣିତ ଲୋକବାଣୀ। ଆତଯାତ ଲୋକବୃତ୍ତ ଭିତରେ। ଓଡ଼ିଆ ମାଟିର ଇଷତ୍ ଲବଣସ୍ୱାଦଯୁକ୍ତ ହୋଇ ପ୍ରକାଶ ପାଇଛି ବୃହତକାୟ ସାରଳା ମହାଭାରତ। ଯାହା ନାହିଁ ଭାରତେ, ତାହା ନାହିଁ ଭାରତେ। ମହାଭାରତରେ ଯାହା ନାହିଁ ତାହା ଭାରତବର୍ଷରେ ନାହିଁ। ଓଡ଼ିଆ ମାଟିର ସ୍ୱାଦ ଦେଇଛି ଭାରତୀୟ ମାନବୀୟ ମୂଲ୍ୟବୋଧକୁ ନୂତନ ରୂପ। ଛାଞ୍ଚ ଏକଦମ ପ୍ରାଚୀନ, ବ୍ୟାସକୃତ। ଶରୀର ଏକାଧାରରେ ଶାସ୍ତ୍ରୀୟ ଓ ଲୌକିକ। ପାଠକର ସୁଖର ଅନ୍ତ ହୁଏ ନାହିଁ। ଏକାଧାରରେ ପ୍ରାଚୀନ ଓ ନବୀନ, ସେଥିପାଇଁ ଶାସ୍ତ୍ରୀୟ।

ଏଭଳି ଏକ ଚମକପ୍ରଦ ଶାସ୍ତ୍ରୀୟ ଗ୍ରନ୍ଥର ବହୁଭାଷାରେ ଅନୁବାଦ ହେବା ଦରକାର। ଇଂରାଜୀ ଓ ହିନ୍ଦୀରେ ଆଗ ହେବା ଆବଶ୍ୟକ। ବହୁମୂଲ୍ୟ ହୀରାକୁ ଓଡ଼ିଆ ଜାତି ଗୋଟେ ଭଙ୍ଗାଟିଣ ଟ୍ରଙ୍କରେ ପକେଇ ରଖିଛି, ଖୋଲି ଦେଖିବାକୁ ବେଳ ନାହିଁ, ଅନୁବାଦକର ଅଭାବ, ଭାଷାଜ୍ଞାନ ସୀମିତ ଓ ସ୍ତିମିତ ହୋଇଆସୁଛି।

ସକଳ ଶାସ୍ତ୍ରୀୟ ଗ୍ରନ୍ଥମାନଙ୍କର ଯେତେଶୀଘ୍ର ଯେତେ ଭାଷାରେ ଅନୁବାଦ ହୋଇପାରିବ ସେତେ ଶୀଘ୍ର ଓଡ଼ିଆ ଭାଷାର ଶାସ୍ତ୍ରୀୟତାର ମହକ ବିଚ୍ଛୁରିତ ହେବ। ଅନୁବାଦ ପରା ବିଶ୍ୱକୁ ଗବାକ୍ଷ।

ବଳରାମ ଦାସଙ୍କ ଜଗମୋହନ ରାମାୟଣ, ଚଣ୍ଡୀ ପୁରାଣ, ଅଚ୍ୟୁତାନନ୍ଦଙ୍କ ଗ୍ରନ୍ଥ ସମୂହ, ଯଶୋବନ୍ତ, ଅନନ୍ତଙ୍କ କାବ୍ୟାବଳୀର ଅନୁବାଦ କାହିଁ ? ମନେ ପଡ଼ିଯାଉଛି ବଳରାମ ଦାସଙ୍କ

"କମଳଲୋଚନ ଶ୍ରୀହରି, କରେଣ ଶଙ୍ଖ ଚକ୍ରଧାରୀ। ଖଗ ଆସନେ ଖଗପତି। ଖଟନ୍ତି ଲକ୍ଷ୍ମୀ ସରସ୍ୱତୀ।" ଏହା କ'ଣ କେବଳ ଚଉତିଶା ନା କବିତା? ଏହା ଦୃଶ୍ୟକାବ୍ୟ। ଆମର ଚାଟଶାଳୀ ପାଠ ଆରମ୍ଭ ହୋଇଛି ମାନସ ଚକ୍ଷୁରେ ଶଙ୍ଖଚକ୍ରଧାରୀ ଚତୁର୍ଭୁଜ ଶ୍ରୀହରିଙ୍କୁ ଅବଲୋକନ କରି।

ଆହା, ଭାଷାର ଅତୀତ ଅତ୍ୟନ୍ତ ଆଡମ୍ବରମୟ। ପ୍ରାଚୀନ ବୋଲି ଯାହାକୁ କହୁଚେ ତାହା କେତେ ଆଧୁନିକ ସତେ! ଭଲ କରି ପଢ଼ି ବି ପାରିନେ, ତାହାକୁ ହେଜିବା ଦୂରର କଥା। ଅନୁବାଦ କଥା ପଢ଼ିଲେ ଭୟ ଜାତ ହେବା ସ୍ୱାଭାବିକ। ଆତ୍ମବୋଧ, ଆତ୍ମବିଶ୍ୱାସ ଆସେ ମାତୃଭୂମି ଓ ମାତୃଭାଷା ପ୍ରୀତିରୁ। ପୁଣି ଓଡ଼ିଶା ଭଳି ୪୮୫ କିଲୋମିଟର ଉପକୂଳ ଥିବା ଘନବନଭୂମି ଶୋଭିତ, ଐଶ୍ୱର୍ଯ୍ୟମୟୀ ଭୂଖଣ୍ଡ ଆଉ ଓଡ଼ିଆ ଭଳି କେତେ ହଜାର ବର୍ଷର ଗୌରବମୟ ଐତିହ୍ୟ ବହନ କରୁଥିବା ଭାଷାର ଉତ୍ତରାଧିକାରୀ ଆମେ। କି ଗୌରବମୟ ଐତିହ୍ୟ ବହନ କରୁଥିବା ଭାଷାର ଉତ୍ତରାଧିକାରୀ ଆମେ। କି ଉତ୍ତରାଧିକାରୀ ଆମେ ଯଦି ନିଜ ଭୂମି ନିଜ ଭାଷାକୁ ଭଲ କରି ଦେଖିନାହେଁ, ଚିହ୍ନି ନାହେଁ, ତାକୁ ନେଇ ଗର୍ବ କରିପାରୁ ନାହେଁ, ବା ଗବେଷଣା କରିପାରୁ ନାହେଁ। 'କପିଳ ସଂହିତା' କହନ୍ତି:

> **କି ଉତ୍ତରାଧିକାରୀ ଆମେ ଯଦି ଆମେ ନିଜ ଭୂମି, ନିଜ ଭାଷାକୁ ଭଲ କରି ଦେଖିନାହେଁ କି ଚିହ୍ନି ନାହେଁ।**

ବର୍ଷାଣାଂ ଭାରତଃ ଶ୍ରେଷ୍ଠା ଦେଶାନାମୁତ୍କଳଃ ଶ୍ରୁତଃ।
ଉତ୍କଳସ୍ୟ ସମୋଦେଶୋ
ଦେଶୋ ନାସ୍ତି ମହୀତଳେ ॥

ଓଡ଼ିଆ ଶାସ୍ତ୍ରୀୟ ସାହିତ୍ୟର ପ୍ରଚୁରରୁ ପ୍ରଚୁର ଅନୁବାଦ ହିନ୍ଦୀ ଓ ଇଂରାଜୀରେ ହେଉ। ସାହିତ୍ୟ ଏକାଡେମୀ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ଯୁଦ୍ଧକାଳୀନ ଭିତ୍ତିରେ ପ୍ରତିଯୋଗିତା କରି ଏହି କାର୍ଯ୍ୟ କରନ୍ତୁ। ପ୍ରାଚୀନ ସାହିତ୍ୟମାନଙ୍କର ବହୁଳ ପୁନଃ ପ୍ରକାଶନ ଦାୟିତ୍ୱ ପ୍ରକାଶନ ସଂସ୍ଥାମାନଙ୍କୁ ଦିଆଯାଉ। ଜାତୀୟ କାର୍ଯ୍ୟରେ ସମସ୍ତେ ମିଳିମିଶି କାମ କରିବା। ମାଆର ସେବାରେ କାର୍ପଣ୍ୟ କାହିଁକି? ଚରୈବେତି ଚରୈବେତି।

□□


ଲେଖିକାଙ୍କ ଇ-ମେଲ ଠିକଣା:
sakuntalabsingh@gmail.com

*ଶୁଭେଚ୍ଛା ସହ:*

**ଓଡିଶାର ପ୍ରମୁଖ ପୁସ୍ତକ ପ୍ରକାଶନ ଓ ବିତରଣ ସଂସ୍ଥା**

**ଧାରା ଶ୍ରୀରାଧା ଟ୍ରଷ୍ଟ**

DHARA SHREE RADHA TRUST Regd. No.: 41081705388 Bhubaneswar, Odisha



**DHARA SHREE RADHA TRUST**
**(A Literary & Cultural Organisation)**
**Email - dharashreeradha2017@gmail.com**

ଗଳ୍ପ

# ମନ୍ଦ କପାଳ



ଶରତ କୁମାର ରାଉତ

"ମୋ କଥା ମାନିବ ?" କିଛିକ୍ଷଣ ପୂର୍ବରୁ ବାହାରୁ ଫେରି ଘରେ ନିରବରେ ବସିଥିବା ସାଗରର ଡ଼ାହାଣ ହାତ ପାପୁଲି ଧରି ଖୁବ୍ ନରମ ସ୍ୱରରେ କହିଲା ଶର୍ମିଳା । ଏଭଳି କି କଥା ହୋଇପାରେ ଯେ, ହଠାତ୍ ଶର୍ମିଳା କଥାଟେ ମାନିବାକୁ ଅନୁରୋଧ କରୁଛି । ବିନା ଅନୁରୋଧରେ ତ ସେ ଯେତେବେଳେ ଯାହା କହିଛି, ସାଗର ମାନିଛି ! ଏପରିକି ବେଳେବେଳେ ଏଥିପାଇଁ ସାଗରକୁ ହଜାର ହଜାର ଟଙ୍କାର କ୍ଷତି ସହିବାକୁ ବି ପଡ଼ିଛି ! କିନ୍ତୁ ଶର୍ମିଳା କେବେ ଜାଣିବାକୁ ଚାହିଁନି ସାଗରର ଅବସ୍ଥା । ତିନିତୁଣ୍ଡରେ ଛେଳି କୁକୁର ଭଳି ସେ ମାନି ନେଇଛି ଶର୍ମିଳାର ସବୁ କଥା ! ଚାହିଁଥିଲା ଫ୍ରିଜ୍, କୁଲର୍, କମ୍ପ୍ୟୁଟର, ରଂଗିନ୍ ଟି.ଭି., ଗ୍ରାଇଣ୍ଡର, ସୋଫାସେଟ୍, ଦାମିକା ପଲଙ୍କ, ଭଲ ଭଡ଼ାଘର, ଗାଡ଼ି ଆଉରି କେତେ କ'ଣ – ସବୁ ପୂରଣ କରିଛି ! ତା' ଭାଇ ଶିଶିରର ଅର୍ଥିକ ଅବସ୍ଥା କଥା ବର୍ଣ୍ଣନା କରି ସାହାଯ୍ୟ କରିବା ପାଇଁ କହିଥିଲା, ତାହା ବି ପୂରଣ କରିଛି ! କିଛି ନଗଦ ଟଙ୍କା ସହ ବାହାଘର ବେଳେ ତାଙ୍କ ଘରୁ ପାଇଥିବା ସୁନାଚେନ୍ ଓ ମୁଦିଟା ବି ଦେଇଛି !



ମାସେ ତଳେ ଶିଶିର ଆସିଥିଲା । ଜାଲିଆତି କରି ପନ୍ଦର ହଜାର ଟଙ୍କା ନେଇଗଲା ସାଗର ଠାରୁ ! ସେକଥା ମନେ ପଡ଼ିଲେ, ସାଗରର ରାଗ ଚରମ ସୀମା ଟପିଯାଏ । ହେଲେ ଘରେ ପାଦଦେବା ମାତ୍ରେ ସ୍ୱାଭାବିକ ଅବସ୍ଥାକୁ ଫେରି ଆସେ । ଛିଃ, ଏତେ ନୀଚ ହୋଇପାରେ ମଣିଷ ! ଦାରିଦ୍ର୍ୟ ସବୁ ମଣିଷର ରହିଛି ! ଜୀବନ ସହ ସମସ୍ୟା ତ ଓତଃପ୍ରୋତ ଭାବେ ଜଡ଼ିତ । ସମୟ ସହ ମୁକାବିଲା ନ କରି ଚୋରଙ୍କ ପରି ବିଶ୍ୱାସ ଘାତକତା କ'ଣ ମାନବିକତା ? ...ତଥାପି ସାଗର ସେଦିନ ପାଟି ଖୋଲି ନଥିଲା । କାଳେ ଶର୍ମିଳା ଦୁଃଖ କରିବ ! ସେ ତ କଦାପି ଦେଖିପାରିବନି ଶର୍ମିଳାର ଆଖିର ଲୁହକୁ ! ବିରହର ଭାର ଶର୍ମିଳା ଉପରେ ନ୍ୟସ୍ତ କରିଥିଲା ସିଏ । ସିଏ କାହିଁକି କହିଥାନ୍ତା ସଂପର୍କ ଛିନ୍ନ କରିବା ଶିଶିର ସହ ! ଏଘଟଣାକୁ ଶର୍ମିଳା ଯଦି ମାନିନେବ, ସେ କ'ଣ ପାରିବନି ?... ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉଚିତ୍ ବୁଝାମଣାରେ ତ ସୁନାର ସଂସାର ତିଆରି ହୋଇଥାଏ । ଶର୍ମିଳା ଯଦିଓ ନିଜ ସଂସାରର ଉନ୍ନତି ନ ଚାହୁଁଛି, ଭବିଷ୍ୟତ ଅବସ୍ଥା ଚିନ୍ତା ନକରୁଛି, ତା'ର କ'ଣ ଅଛି କହିବାରେ !......ହୁଏତ ଏହା ତା'ର ଅଭିମାନ କିମ୍ବା ଶର୍ମିଳାକୁ ଅତି ଭଲ ପାଇବା ହୋଇପାରେ !

ଶର୍ମିଳା ମୁହଁରେ ଭାଷା ନଥିଲା ଅନ୍ୟ କଥା ଭଳି ଚଳେଇ ନେବାକୁ ଭାଇର ପକ୍ଷ ଧରି । ଯେହେତୁ ଅନ୍ୟ କଥା ଓ ଏକଥା ଭିତରେ ଥିଲା ଆକାଶ-ପାତାଳ ଫରକ୍ ! ତା'ର ନରମ ଭାବ ଯୋଗୁଁ ଶିଶିର ଏତେବାଟ ଆଗେଇ ଯାଇଛି ବୋଲି ଭାବି ନିଜକୁ ଅପମାନ ବୋଧ କରୁଥିଲା ଶର୍ମିଳା । ମନେ ମନେ କାନ୍ଦିଥିଲା ଯେତିକି, ଶିଶିରକୁ ଗାଳି କରିଥିଲା ସେତିକି । ବଡ଼ ଭାଇ ହୋଇ ନଥିଲେ ହୁଏତ ସେ ତା'କୁ ଶାସନ କରି ପାରିଥା'ନ୍ତା ! ତଥାପି କିଛିଦିନ ଅପେକ୍ଷା କରିବାକୁ ଭାରି ହୃଦୟରେ କହିଥିଲା ଶର୍ମିଳା । ଆଉ କୌଣସି ପ୍ରତିକ୍ରିୟା ପ୍ରକାଶ ନକରି ସେକଥା ବି ମାନିନେଇଥିଲା ସାଗର ବାଧ ଶିଶୁଭଳି ।

ଆଶ୍ଚର୍ଯ୍ୟ ହୋଇଥିଲା ଶର୍ମିଳା । ଏତେବଡ଼ ଘଟଣାରେ କୌଣସି ପ୍ରତିକ୍ରିୟା ପରିବର୍ତ୍ତେ ସାଗରର ସେଇ ଶାନ୍ତ, ସରଳ ବ୍ୟବହାରରେ ସ୍ତବ୍ଧ ହୋଇଯାଇଥିଲା ସିଏ । ପୂର୍ବ କଥାଗୁଡ଼ିକୁ ମନେ ପକାଇ ଅନୁତପ୍ତ ହୋଇ ଥିଲା । ଶିଶିରର ଏଭଳି କାଣ୍ଡ ପାଇଁ ସେ ନିଜେ ଦାୟୀ ବୋଲି ଅନୁଭବ କରୁଥିଲା । ସେ

କରିଛି କ'ଣ ସ୍ତ୍ରୀ ହିସାବରେ? ଖାଲି ପ୍ରତାରଣା କରିଛି,ସବୁବେଳେ ବାପ ଘରକୁ ଉପରେ ରଖି ଶାଶୁ ଘରକୁ ନୀଚ ଦେଖିଆସିବା ପ୍ରତାରଣା ନୁହେଁ ତ ଆଉ କ'ଣ?......

ପଇସା କ'ଣ ସଂପର୍କଠୁ ବି ଉଚ୍ଚରେ? କୋଉ ଭାଇ କ'ଣ ତା' ସାନ ଭଉଣୀର ସୁଖର ସଂସାର ଭାଙ୍ଗିବାକୁ ଚାହିଁବ? ତା'ର ଅତି ଆପଣାର ଭାଇ ଯେ ତା' ସ୍ୱାମୀଙ୍କୁ ବାରମ୍ବାର ପ୍ରତାରଣା କରିଚାଲିଛି, ତା'ର ଆଉ ବୁଝିବାରେ ବାକି ନଥିଲା। ଶିଶିର....ତା'ର ଅତି ଆପଣାର ଭାଇ, ପିଲାଦିନେ ଯିଏ ତା' ପାଇଁ ସବୁକିଛି ସହିପାରେ, ତା'ର ସବୁ ଅଳି-ଅଝଟ ଯିଏ ପୂରଣ କରେ, ତା'ର ଟିକେ ଦୁଃଖ ଦେଖି ଯିଏ କାନ୍ଦି ପକାଏ, କ'ଣ ହୋଇଛି ବୋଲି ବାରମ୍ବାର ପଚାରି ବ୍ୟସ୍ତ ହୋଇପଡ଼େ- ଯେମିତି ଆକାଶରୁ ଚାନ୍ଦ ଆଣି ଦେଇ ପାରିବ!!!... ଅଥଚ ସେହି ଭାଇ ଆଜି ତା' ଅବସ୍ଥା କଥା ଟିକେ ଭାବୁନି?...ହୋଇଛି କ'ଣ ତା'ର?... ସେ କ'ଣ ଏତିକି ଚିନ୍ତା କରିପାରୁନି, ସାଗର ଯଦି ମୋ ଭଉଣୀକୁ କିଛି ଗାଳି କରେ କି ଅତ୍ୟାଚାର କରେ!... ପିଲାଦିନୁ ବାହାହେବା ପର୍ଯ୍ୟନ୍ତ ତା' ପ୍ରତି ଶିଶିରର ଅନାବିଳ ସ୍ନେହ-ଶ୍ରଦ୍ଧା ଓ ଏବେର ଆଚରଣକୁ ସେ ତା' ଜ୍ଞାନରେ ତଉଲୁଥିଲା। ଶେଷକୁ ଅନୁମାନ କରିଥିଲା, ଶିଶିରର ତା'ପ୍ରତି ପିଲାବେଳ ଭଳି ସ୍ନେହ ନାହିଁ, ଶ୍ରଦ୍ଧା ନାହିଁକି ଶୁଭେଚ୍ଛା ନାହିଁ। ବରଂ ସାନ ଭଉଣୀର ସଂସାର ଉଜାଡ଼ି ଦେଇ ସେ ନିଜ ସଂସାର ପ୍ରତିଷ୍ଠା କରିବାକୁ ଚାହୁଁଛି!.... ନା, ବହୁତ ହୋଇଗଲା, ଆଉ ସେ ଭାଇକୁ କ୍ଷମା ଦେବନି! ଦରକାର ଯଦିଓ ମାଗିଥିଲେ ଦିଆଯାଇଥାନ୍ତା!!...ହେଲେ.....! ଖୁବ୍ ଅନୁତପ୍ତ ହୋଇଥିଲା ଶର୍ମିଳା।

ତଥାପି ଏକଥା ଭୁଲିଯିବା ପାଇଁ ଶର୍ମିଳା ଅନୁନୟ ହୋଇ କହିଥିଲା ସାଗରକୁ। କ୍ଷମା ମାଗି ନେଇଥିଲା ନିଜର ଦୋଷ ପାଇଁ! ଏହା ମଧ୍ୟ ସାଗର ମାନି ନେଇଥିଲା ବିନା ଦ୍ୱିଧାରେ। ହେଲେ ପୁଣି କି କଥା ମାନିବାକୁ ପଡ଼ିବ ବୋଲି ଭାବି ସନ୍ଦିହାନ ହୋଇଗଲା ସାଗର।

ଏଥର ସାଗର ଶର୍ମିଳାକୁ କୋଳେଇ ଆଣିଲା। ତା' ମୁହଁକୁ ଖୁସିରେ ଚାହିଁଦେଇ କହିଲା, "ଆରେ, ଶିଶିର ଭାଇ ହୁଏତ ଅସୁବିଧାରେ ପଡ଼ି ଏମିତି କରିଛନ୍ତି ! ମୁଁ ତ ସେକଥା ଭୁଲି ସାରିଲିଣି! ଦେଖିବ ରୁହ, ଦିନେ ଦୁଇଦିନ ଭିତରେ ଆସି ସେ ନିଜ ଭୁଲ୍ ସବୁଥର ଭଳି ସ୍ୱୀକାର କରିବେ ! ଯେତେହେଲେ ତ ସେ ତମ ବଡ଼ଭାଇ ! ଏଥର କ'ଣ କୁହ, ମୁଁ ତମ କଥା ମାନିବି ନିଶ୍ଚୟ ! କୋଉ କଥା ମାନିନି କି? ପରସ୍ପର ଭିତରେ ଉଚିତ ବୁଝାବଣାରେ ତ ସ୍ୱାମୀ-ସ୍ତ୍ରୀର ସୁନାର ସଂସାର! କୁହ, ନିଶ୍ଚୟ ମାନିବି!" କିଛିଦିନ ହେଲା ଶର୍ମିଳା ଅନ୍ୟ ମନସ୍କ ରହୁଛି। କିଛି ଗୋଟେ ଭାବନାରେ ମଗ୍ନ ରହୁଛି। ହୁଏତ ଭାଇକୁ ଡ଼କେଇ ଆଣିବା ପାଇଁ କିମ୍ବା ତାଙ୍କ ଘରକୁ ବୁଲିଯିବା ପାଇଁ ଶର୍ମିଳା କହିବ ବୋଲି ସାଗର ନିଶ୍ଚିତ ଥିଲା।

"ସତ କହୁଛ, ମାନିବ?" ଶର୍ମିଳା ପୁଣି ଥରେ ଦୋହରାଇଲା ନିଜର ଅଭିଳାଷ।

**"ମୁଁ ସତ କହୁଛି, ସଂପର୍କ କାଟିଦେବା ଆମ ଘର ସହ! ଜୀବନରେ କାହାରି ମୁହଁ ବି ଚାହିଁବିନି! ଚିରଦିନ ପାଇଁ ଭୁଲିଯିବି ଯେ, ମୋର ବାପଘରଟିଏ ଅଛି ବୋଲି। କ'ଣ କହୁଛ?"**


"ମୁଁ ଜାଣେ, ତମେ କେବେ ଭୁଲ୍ କଥା କହିବନି! ଏଣୁ ନ ମାନିବାର ପ୍ରଶ୍ନ ଆସିଲା କୋଉଠୁ?"ସାଗର ଶପଥବଦ୍ଧ ଭଳି ପ୍ରତିଶ୍ରୁତି ଦେଲା।

"ମୁଁ ସତ କହୁଛି, ସଂପର୍କ କାଟିଦେବା ଆମ ଘର ସହ! ଜୀବନରେ କାହାରି ମୁହଁ ବି ଚାହିଁବିନି! ଚିରଦିନ ପାଇଁ ଭୁଲିଯିବି ଯେ, ମୋର ବାପଘରଟିଏ ଅଛି ବୋଲି। କ'ଣ କହୁଛ?"

ଶର୍ମିଳାର କଥା ଶୁଣି ମନେ ମନେ ହସରେ ଉଡ଼େଇ ଦେଲା ସାଗର। ମୁଣ୍ଡଟା ବୋଧେ ବିଗିଡ଼ି ଯାଇଛି ଶର୍ମିଳାର। ତା'ନହେଲେ ବାପ ଘରକୁ ଛାଡ଼ି ରହିପାରିବ ଏମିତି ! ବାପ ଘରର ଅଭୁଲା ସ୍ମୃତି ଓ ଭବିଷ୍ୟତ ସଂପର୍କରେ ଟିକେ ବି ଧାରଣା ନାହିଁ ତା'ର! ଯେତେଯାହା ହେଲେ ବି ବାପଘରକୁ ଛାଡ଼ି କୌଣସି ଝିଅ କ'ଣ କେବେ ସୁଖରେ ବଂଚିପାରେ?...... ଏହା ତା'ର ଏକ ସାମୟିକ ନିଷ୍ପତ୍ତି ବୋଲି ସାଗର ନିଶ୍ଚିନ୍ତ ଥିଲା। ଅନେକ ବୁଝେଇଥିଲା ସାଗର। ମାନିନଥିଲା ଶର୍ମିଳା। ଏହା ହିଁ ତା'ର ଶେଷ ନିଷ୍ପତ୍ତି ବୋଲି ଶର୍ମିଳା କହିଥିଲା ସଫା ସଫା। ମାତ୍ର ଏଇ ନିଷ୍ପତ୍ତିର କୌଣସି ସ୍ଥାୟିତ୍ୱ ନଥିବା ବିଷୟରେ ସାଗର ନିଃସନ୍ଦେହ ଥିଲା।

ଦିନ ପରେ ଦିନ ଗଡ଼ିଚାଲିଲା ଏମିତି ସାଧାରଣତଃ ଝିଅଟି ଯେତେ ବଡ଼ ଘରେ ବାହା ହେଲେ ବି, ସ୍ୱାମୀ ଯେତେ ବଡ଼ ପଦବୀରେ ଥିଲେ ବି, ମନରେ ଭାସି ଉଠେ ବାପଘରର ସ୍ମୃତି! ଶାଶୁଘରେ ହଜାର ହଜାର ଟଙ୍କାର ଶାଢ଼ି ପିନ୍ଧୁଥିଲେ ବି, ତା' ମନ ଉଡ଼ିବୁଲେ ବାପଘରର ସୂତା ଶାଢ଼ି ଖଣ୍ଡକ ପାଇଁ! ଆଉ ମାଂସ ପଲଉ ଖାଉଥିଲେ ବି ବାପଘରର ତୋରାଣି କଥା ମନେପଡ଼େ! ସର୍ବୋପରି ପୂନେଇ ପର୍ବକୁ ବାପଘରର ଖଇ ମୁଠାକୁ ଅପେକ୍ଷା କରେ ଚାତକୀ ପରି! ଶର୍ମିଳା ଏଥିରୁ ବାଦ୍ ପଡ଼ନ୍ତା ବା କିପରି? ....ସେଥିପାଇଁ ପର୍ବପର୍ବାଣୀରେ ମଳିନ ପଡ଼ିଯାଏ ତା' ମୁହଁ! କାହାକୁ ଅପେକ୍ଷା କରିବା ଭଳି ଜଣାଯାଏ! ...ଏହା ଅନୁଭବ କରିପାରେ ସାଗର।

ସାଗର ଓ ରବି ବସିଛନ୍ତି ଡ୍ରଇଁ ରୁମ୍‌ରେ। ଏମିତି ସେ ଆସେ ସବୁଥର ଭୁବନେଶ୍ୱରରୁ ଆସିଲେ। ସେ ସାଗରର ବାଲ୍ୟସାଥୀ-ସହପାଠୀ ଓ ଏକମାତ୍ର ଅନ୍ତରଙ୍ଗ ମଧ୍ୟ। ଡ଼ାଏନିଙ୍ଗ୍ ଟେବୁଲ୍ ଉପରେ ଚା' କପ୍ ରଖୁଥିବା ବେଳେ ହଠାତ ଶର୍ମିଳାର ପୁରୁଣା ସ୍ମୃତି ଖିଆଲ ଆସିଲା। ଏମିତି ସେ କେତେଥର ଚା'କପ୍ ଆଣି ଥୋଇଛି ସାଗର ଓ ତା'ଭାଇ ସାମ୍ନାରେ। କେତେ ଆଳାପ-ଆଲୋଚନା କରିଛି ସେମାନଙ୍କ ସହ। ଆଜି ହଠାତ୍ ତା' ମୁହଁରୁ 'ଭାଇ' ଡ଼ାକ ଉତୁରି ପଡ଼ି ଅଟକିଗଲା ପାଟି ପାଖରେ। ଭ୍ରମିଗଲା ତା' ମନ। ପୁଣି ସ୍ମୃତି ରାଜ୍ୟରେ ଭାସି ବୁଲିଲା ସିଏ। .....ଟିକେ ସମୟ ପରେ ସାଗରକୁ ଡ଼ାକି ଆରପଟ ଘରେ ଅନୁନୟ ଭାବେ କହିଲା ତା' ମନର କଥା!



ଏକଥା ମଧ୍ୟ ମାନିନେଲା ସାଗର ବିନା କୌଣସି ପ୍ରତିକ୍ରିୟାରେ। ଯେମିତି ହେବା କଥା, ସେହି ପର୍ବଟି ଶେଷ ହେଲା। ରବି ଆନନ୍ଦରେ ଗ୍ରହଣ କରିନେଲା ଶର୍ମିଳାକୁ ଭଉଣୀ ଭାବରେ! ଏବେଠାରୁ ରବି ଓ ସାଗର ଭିତରେ ପୁରୁଣା ସମ୍ବୋଧନ ପରିବର୍ତେ ଆରମ୍ଭ ହୋଇଗଲା ଏକ ସଶକ୍ତ ବନ୍ଧୁତ୍ୱର ସଂପର୍କ!

ଧୀରେ ଧୀରେ ବଦଳିବାକୁ ଲାଗିଲା ଶର୍ମିଳାର ମନ। ଭାଇ ଭଳିଆ ଭାଇଟି ପାଇଛି! ପ୍ରଥମ ଭେଟରେ ଅନୁଭବ କରିପାରିଛି ଭାଇର ସ୍ନେହ! ସବୁ ପୂନେଇ ପର୍ବକୁ ଖୋଜିବ ବୋଲି କହିଛି! ତା' କଅଁଳା ଝିଅ ଲୁସିକୁ ଗେଲ କରି ଯେତେବେଳେ କହୁଥିଲା,ମୋର ତ ଭଉଣୀ ନାହିଁ, ହେଲେ ଲୁସିର 'ମାମୁଁ' ଡ଼ାକରେ ମୁଁ ଯେ କେତେ ଖୁସି ହେବି, ସେକଥା ଏବେ ଭାବିପାରୁନି! ଆଉ ଆମର ନୀତୁ ତ ଭାଣିଜୀକୁ ଦେଖି ଅଡ଼ି ବସିବ, ମୁଁ ଆଦୌ ଛାଡ଼ିବିନି-ଲୁସି ମୋର ଝିଅହୋଇ ରହିବ!...ସେତେବେଳେ ଶର୍ମିଳାର ମନ କୋଉ ଦୂର ଆକାଶରେ ଉଡ଼ୁଥିଲା କେଜାଣି!!

....ସେଦିନୁ ତା' ମନ ଭଲ ନାହିଁ। ଆତ୍ମା ଉଡ଼ିବୁଲୁଛି ରବି ଭାଇ ପାଖରେ! ଭୁବନେଶ୍ୱର ଯିବ। ତା' ଭାଇ ବଡ଼ ଠିକାଦାର, ନୀତୁ ଭାଉଜ କୁଆଡ଼େ ବହୁତ ଭଲ! ଚିଠି ଦେଇଛନ୍ତି ଯିବାକୁ! ନଣନ୍ଦ-ଭାଉଜ କେତେ ଆଡ଼େ ବୁଲିବେ! ବାପଘର ଖାନା ଖାଇ ରନ୍ଧାବଢ଼ାରୁ ତ ଟିକେ ନିସ୍ତାର!ବସା ଘରେ ନିତି ବନ୍ଧୁବାନ୍ଧବ! ଭିଡ଼ ଏମିତି ଯେ ବିରକ୍ତି ଲାଗିଲେ ବି ସାଗର ମୁହଁରେ କିଛି କହିପାରୁନି। ତାଙ୍କ ଘର ସହ ସଂପର୍କ ଥିଲେ କେତେ ଥର ବୁଲିଆସନ୍ତାଣି! ଧରମ ଭାଇ ହେଲେ ବି ବାପଘର ତ! ଭୁବନେଶ୍ୱର ଯିବାକୁ ଶର୍ମିଳା ଲଗେଇଲା ସାଗର ସାଙ୍ଗରେ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
journalistsaratrout@gmail.com



ବ୍ୟଙ୍ଗ

# କୋଭିଡ କାଳର ଅନ୍‌ଲାଇନ୍ ପାଠ

ବିଭୁ ପ୍ରସାଦ ନାୟକ (ଡ. ଧର୍ମଛଡା)

ମହାବାତ୍ୟା ଏବଂ ଫନୀ ଭଳି ପ୍ରାକୃତିକ ବିପର୍ଯ୍ୟୟ ଯେତିକି କ୍ଷତି ଓଡ଼ିଶାର କରିନଥିଲା, କରୋନା ମହାମାରୀର ଲକଡାଉନ ଓ ସଟଡାଉନ ତାଠାରୁ ହଜାର ଗୁଣ କ୍ଷତି କରିଛି, ଉଭୟ ଆମ ଶିକ୍ଷା ବ୍ୟବସ୍ଥା ଓ ଛାତ୍ରକୁଳର ଦକ୍ଷତା ପ୍ରତି। ଏମିତି ହେଲାଣି ଯେ ସ୍କୁଲ ବର୍ଷ ବର୍ଷ ଧରି ଛୁଟିରେ ରହିବାରୁ ଛାତ୍ରଛାତ୍ରୀ ନିଜ ସ୍କୁଲ ନାଁ ସହିତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବି ଭୁଲିଯାଇଛନ୍ତି ଏବଂ ସେମିତି ଶିକ୍ଷକ ଶିକ୍ଷୟିତ୍ରୀମାନେ ବି ଛାତ୍ରଛାତ୍ରୀଙ୍କୁ ଭୁଲିଯାଇଛନ୍ତି। ହେଲେ କେହି ଭୁଲିପାରିନାହାନ୍ତି ଖରାଛୁଟି, ପୂଜା ଛୁଟି ତଥା ଧାନକଟା ଛୁଟି ଭଳି ଲମ୍ବା ଲମ୍ବା ଛୁଟିର ମଜା। ଅନଲାଇନ କ୍ଲାସର ମାୟା ଗ୍ରାସ କରିଛି ଉଭୟ ପିତାମାତା ଏବଂ ଛାତ୍ରଛାତ୍ରୀଙ୍କୁ। ତାଛଡ଼ା ସମସ୍ତଙ୍କ ମୁହଁରେ ମାସ୍କ ଏମିତି ବନ୍ଧା ହୋଇଛି ଯେ କାହାକୁ ଚିହ୍ନିବା ମୁସ୍କିଲ।

**ଏମିତି ଦିନେ ରଘୁପାତ୍ରଙ୍କ ବାଡ଼ିରୁ କୁକୁଡ଼ା ଚୋରି ହେଲା ଏବଂ ଚଗଲା ଛାତ୍ର ଖତୁଆ ଚୋରିକରିଛି ଜଣା ପଡ଼ିଗଲା ପରେ ଲୋକେ ଖତୁଆ ଭଳି ଦେଖାଯାଉଥିବା ଗୋଲି ସାରଙ୍କୁ ନିର୍ଦ୍ଧୁମ ପିଟିବାରେ ଲାଗିଲେ।**

ଏବେ ସ୍କୁଲ୍‌ର ଗୋଲି ସାର୍ ତାଙ୍କ ଛାତ୍ର ଖତୁଆ ଭଳି ହେୟାର ଷ୍ଟାଇଲ କରି ଅବିକଳ ଖତୁଆ ପରି ଦେଖାଯାଉଛନ୍ତି, ସାରଙ୍କ ଭଳି ଆଉ କିଛି କିଛି ଶିକ୍ଷକ ମଧ୍ୟ ଘରେ ମାସମାସ ଧରି ରହି ଯୋଗ ସାଧନା ବଳରେ ରଙ୍ଗିଲା ଟୋକା ଛାତ୍ର ଖତୁଆ ଭଳି ଦେଖା ଯାଉଛନ୍ତି। ଏମିତି ଦିନେ ରଘୁପାତ୍ରଙ୍କ ବାଡ଼ିରୁ କୁକୁଡ଼ା ଚୋରି ହେଲା ଏବଂ ଚଗଲା ଛାତ୍ର ଖତୁଆ ଚୋରିକରିଛି ଜଣା ପଡ଼ିଗଲା ପରେ ରଘୁବାବୁ ଖତୁଆ ଭଳି ଦେଖାଯାଉଥିବା ଗୋଲି ସାରଙ୍କୁ ନିର୍ଦ୍ଧୁମ ପିଟିବାରେ ଲାଗିଲେ। ମାଡ଼ ଖାଉଥିବା ବ୍ୟକ୍ତି ଯେ ଖତୁଆ ନୁହେଁ ବରଂ ଖତୁଆ ପରି ଦେଖାଯାଉଥିବା ଗୋଲିସାର୍ ଥିଲେ ଏହା ଜାଣିପାରି ସମସ୍ତେ ମୁଣ୍ଡରେ ହାତ ଦେଲେ। ଅଭିଭାବକମାନଙ୍କ ପାଇଁ ରୋଜଗାର ବନ୍ଦ ସମୟରେ ବ୍ୟୟବହୁଳ ସ୍ମାର୍ଟ ଫୋନ କିଣି ପିଲାଙ୍କୁ ଦେବା ଅତ୍ୟନ୍ତ କଷ୍ଟକର ଥିଲା। ତଥାପି ପିଲାଙ୍କୁ ମୂର୍ଖ ଦୋଷରୁ ଉଦ୍ଧାର କରିବା ପାଇଁ ବାପା ମାଆ ମାନେ ଧାରକରଜ ତଥା ସୁନାଗହଣା ଏବଂ ଜମିବାଡ଼ି ବିକ୍ରିକରି ପିଲାମାନଙ୍କୁ ସ୍ମାର୍ଟ ଫୋନ ଦେବାର ବହୁତ ନଜିର ରହିଛି। ସ୍ମାର୍ଟ ଫୋନ ସହିତ ଇଣ୍ଟରନେଟର ସୁବିଧା ପିଲାମାନଙ୍କ ପାଠ ଅପେକ୍ଷା ଶାଠର ଦକ୍ଷତାକୁ ବହୁତ ପରିମାଣରେ ବଢେଇ ଦେଲା। ଏହି ସ୍ମାର୍ଟ ଫୋନ ପାଇ ପିଲା ପାଠ ବଦଳରେ ଗୀତ ଶୁଣିଲେ, ସିନେମା ଦେଖିଲେ, ଗେମ ଖେଳିଲେ ଆଉ ସବୁଠାରୁ ବେଶୀ ଦକ୍ଷତା ହାସଲ କଲେ ଫେକ୍ ଆକାଉଣ୍ଟ ଖୋଲି ଫେସବୁକ ଏବଂ ହ୍ୱାଟ୍ସଅପରେ ଚାଟିଂ କରିବାରେ। ଏହି ଚାଟିଂ ଫଳରେ ଅନେକ ଛାତ୍ରଛାତ୍ରୀ ପାଠ ପଢ଼ିଲେ କମ୍, ପ୍ରେମ ନିଶାରେ ମତୁଆଲା ହେଲେ ଅଧିକ। ଖାଲି ଛାତ୍ରଛାତ୍ରୀ ନୁହନ୍ତି ଶିକ୍ଷକ ଶିକ୍ଷୟିତ୍ରୀମାନେବି ଏଥିରେ ପଛରେ ପଡ଼ିଲେନି। ଏମିତି ଏକ ଛାତ୍ର ଖତୁଆର ଫେକ୍ ଆକାଉଣ୍ଟର ଶିକାର ହୋଇଥିଲେ ତା' ନିଜର କ୍ଲାସ ଟିଚର ମମତା ମାଡାମ୍। ଯେତେବେଳେ ଉଭୟେ ଉଭୟଙ୍କୁ ସାକ୍ଷାତ ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଭେଟାଭେଟି ହେବାକୁ ଉପସ୍ଥିତ ହେଲେ ତା'ପରଠୁଁ କେହି କାହା ମୁହଁକୁ ଚାହିଁ ପାରୁନାହାନ୍ତି। କିସ କରିବା, କପାଳରେ ସିନା କର ମାରିବା!

ଏବେ ଅଫଲାଇନରେ ପରୀକ୍ଷା ହେବା କଥା ଶୁଣି କିଛି ଛାତ୍ରଛାତ୍ରୀ ମେଳିହେବା ଘଟଣା ଶୁଣି ଗୋଟିଏ ଗପ ମନକୁ ଆସୁଛି। ଜଙ୍ଗଲୀ ପଶୁ ପକ୍ଷୀମାନଙ୍କୁ ନିର୍ଯ୍ୟାତନା ଦେଲେ ଆଇନ ଅନୁସାରେ ଦଣ୍ଡିତ ହେବାକୁ ପଡ଼ିବ, ଏହି ନିୟମ ଯେବେ ଭାରତରେ ଲାଗୁହେଲା, ସେତେବେଳେ ବହୁତ ସର୍କସ୍ ବନ୍ଦ ହୋଇଗଲା। ଆମ ଦେଶରେ ଅନେକ ସର୍କସ ଦଳମାନଙ୍କୁ କ୍ଷତି ସହିବାକୁ ପଡ଼ିଲା। ସେହିଭଳି ଆମ କଲିକତାରେ ଗୋଟିଏ ସର୍କସ୍ ଦଳରେ ଦଶଟି ବାଘ ଥିଲେ। ସେମାନଙ୍କୁ କଟା ମାଂସ ଖାଇବାକୁ ଦିଆହେଉଥିଲା, ଆଉ ଖାଇବା ବାବଦରେ

କମ୍ପାନୀକୁ ଦିନକୁ ୫୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିଲା, ସେପଟେ ସର୍କସ ଖେଳ ଦେଖାଇବା ବନ୍ଦ, ଏପଟେ ଟଙ୍କା ଖର୍ଚ୍ଚ। କମ୍ପାନୀ ଦେବାଳିଆ ହୋଇଗଲା, ଫଳରେ କମ୍ପାନୀର ମାଲିକ ଉକ୍ତ ବାଘଙ୍କୁ ଜଙ୍ଗଲରେ ଛାଡ଼ିଦେଲେ। ଦୁଇ ଚାରି ଦିନ ପରେ ଜଣାପଡ଼ିଲା ସେ ବାଘଙ୍କୁ ଜଙ୍ଗଲର କୁକୁର ମାରି ଖାଇ ଦେଇଛନ୍ତି। କାରଣ ବାଘ କଟା ମାଂସ ଖାଇଖାଇ ଶୀକାର କରିବା ବିଦ୍ୟା ସହିତ ସେମାନେ ନିଜର ପରାକ୍ରମ ବା ଦକ୍ଷତା ବି ଭୁଲିଯାଇଥିଲେ ଏବଂ ଭୋକିଲା କୁକୁରମାନେ ସେମାନଙ୍କୁ ଦେଖି ଅତ୍ୟନ୍ତ ହିଂସ୍ର ହୋଇଯାଇଥିଲେ। ଫଳରେ ଶୀକାରୀ ମହାବଳ ବାଘ ଶେଷରେ ସାମାନ୍ୟ ଜଙ୍ଗଲୀ କୁକୁରର ଶୀକାର ସାଜିଲା।

ଏହି ଗପଟି କହିବାର ଉଦ୍ଦେଶ୍ୟ ହେଲା ପିଲାମାନେ ସ୍କୁଲ ଏବଂ କଲେଜକୁ ନଯାଇ ଅନଲାଇନରେ ପାଠ ପଢ଼ି ସର୍କସର ବାଘ ସାଜିଛନ୍ତି। ଫଳରେ ଅଫଲାଇନରେ ପରୀକ୍ଷା ଦେବାକୁ ଡରୁଛନ୍ତି। ଏହାର ଫାଇଦା ନେଇ ଜଙ୍ଗଲର କୁକୁର ସଦୃଶ କେତେକ ବେକାର ଅସାମାଜିକ ତତ୍ତ୍ୱ ଓ ଆତ୍ମଘୋଷିତ ଛାତ୍ର ନେତାମାନେ ଆନ୍ଦୋଳନ ଏବଂ ବିକ୍ଷୋଭର ଦ୍ୱାହି ଦେଇ ଏମାନଙ୍କ ଦକ୍ଷତାକୁ ଖିନଭିନ କରି ଝୁଣି ଖାଇଯାଉଛନ୍ତି। ଅବଶ୍ୟ ଯେଉଁମାନେ ପାଠ ପଢ଼ିଛନ୍ତି ସେମାନେ ପ୍ରତ୍ୟେକ ପରୀକ୍ଷାର ସମ୍ମୁଖୀନ ହେବାପାଇଁ ପ୍ରସ୍ତୁତ ଅଛନ୍ତି। କିନ୍ତୁ ଯେଉଁମାନେ ପାଠ ନପଢ଼ି ମୋବାଇଲର ଅସୀମ ବ୍ୟବହାର କରି ଛାତ୍ରଛାତ୍ରୀ ପରିବର୍ତ୍ତେ ଛାୟାର ସଂସାର ଆରମ୍ଭ କରିଦେଇଛନ୍ତି ସେମାନଙ୍କର ତ ପରୀକ୍ଷାକୁ ପ୍ରାଣେ ଡର। ଏହି ଡରର ଫାଇଦା ନେବାପାଇଁ ଅଣ୍ଟା ଭିଡ଼ି ଆଗେଇ ଆସନ୍ତି ଆତ୍ମଘୋଷିତ ଛାତ୍ରନେତାମାନେ।



ଖତୁଆର ଏ ବର୍ଷ ନବମ ଶ୍ରେଣୀ। ଆର ବର୍ଷ ମାଟ୍ରିକ୍ ପରୀକ୍ଷା ଦବ। ସ୍କୁଲ ମାଟି ତ ମାଡ଼ିବାର ନାଇଁ, ଦି ବର୍ଷ ହେଲା କୋଭିଡ୍ ବ୍ୟାଚ୍ ଚାଲିଛି। ଆରାମରେ ଗୋଟେ ଶ୍ରେଣୀରୁ ଆର ଶ୍ରେଣୀକୁ ଡିଆଁ ମାରିଛି। ଦିନେ ଅନଲାଇନ କ୍ଲାସରେ ଇଂଲିଶ ସାରେ କହିଲେ "ଦୁଇଦିନର ଛୁଟି ପାଇଁ ପ୍ରିନ୍‌ସପାଲ୍‌ଙ୍କୁ ଇଂରାଜୀରେ ଏକ ଦରଖାସ୍ତ ଲେଖ।" ସାରେ କହିଲେ "୧୦ ମିନିଟ୍ ଭିତରେ ଲେଖିକି ମୋତେ ହ୍ୱାଟ୍ସଆପରେ ପଠାଅ, ଦେଖିବା କିଏ କେମିତି ଲେଖୁଛି।" ଖତୁଆର ତ ପାଠ ପଢ଼ାରେ ମନ ନାହିଁ। ସେପଟେ ପାଠ ପଢ଼ା ହଉଥିବ, ସିଏ ଏପଟେ ୟୁଟ୍ୟୁବରେ ଫିଲ୍ମ ଦେଖୁଥିବ କିମ୍ବା ଫେକ ଆକାଉଣ୍ଟରେ ଚାଟିଂ କରୁଥିବ। ଖତୁଆ ଲେଖିଲା, "ଡିଅର ପ୍ରିନ୍ସପାଲ ସାର୍, ଆଇ ଆମ୍ କ୍ଲାସ୍ ନାଇନ୍ ଖତୁଆ ପରିଡା। ୟଷ୍ଟରଡେ ଆକ୍ସିଡେଣ୍ଟ ଡନ୍। ମାଇ ଲେଫ୍ଟ ଲେଗ୍ ସ୍ଲିପିଙ୍ଗ ଟୁ ରନ୍, ଆଣ୍ଡ ରେଡ୍ କଲର ବ୍ଲଡ ସ୍ୱିଡଲି ଗନ୍। ସୋ ଆଇ ନଟ୍ କମ୍। ଥ୍ୟାଙ୍କ ୟୁ।" ଶିକ୍ଷକ ଖତୁଆର ଏଭଳି ଇଂରାଜୀ ଦକ୍ଷତା ଭିତିକ ଦରଖାସ୍ତ ପଢ଼ି ପୂରା ବାୟା ହୋଇଗଲେ। ପଚାରିଲେ, ବାବୁ "ଖତୁ... ଇଏ କୋଉ ପ୍ରକାର ଇଂଲିଶ? ମୁଁ କ'ଣ ତୋତେ ଏୟା ପଢ଼େଇଥିଲି!" ଖତୁଆ କହିଲା, "ସାରେ ଆପଣ କହିଲେ ହ୍ୱାଟ୍ସଆପରେ ଲେଖିବାକୁ ତ, ମୁଁ ସେଇ ହ୍ୱାଟ୍ସଅପ ଷ୍ଟାଇଲରେ ଦରଖାସ୍ତ ଲେଖିଦେଲି।" ଇଏ ହେଉଛି କୋଭିଡ୍ ମାଡ଼ଖିଆ ଛାତ୍ରଛାତ୍ରୀଙ୍କ ଇଂରାଜୀ।

ମୋବାଇଲରେ ଅନଲାଇନ କ୍ଲାସ କରି କରି ଖତୁଆ ମୋବାଇଲିଆ ହୋଇଯାଇଥିଲା। ସବୁ ମାଆମାନଙ୍କ ଭଳି ଖତୁଆ ମାଆ ବି ୟୁଟୁବରୁ ରୋଷେଇ ଦେଖି ଅଜବ ଆଇଟମ ସବୁ ରୋଷେଇ କରୁଥିଲେ। ସେଦିନ ମାଆ ସ୍ପେସାଲ ଚିକେନ ବିରିଆନି କରିଥିଲେ। ଲୋଭୀ ଖତୁଆ ଅତ୍ୟଧିକ ଖାଇ ଗତକାଲି ରାତିରୁ ଝାଡ଼ାବାନ୍ତିରେ ପଡ଼ିଛି। ସେ କଟକର ଗୋଟିଏ କ୍ଲିନିକରେ ପହଞ୍ଚିଲା। ଯେତେବେଳେ ଖତୁଆର ପାଳି ପଡ଼ିଲା ଡାକ୍ତର ବାବୁ ଖତୁଆକୁ ପଚାରିଲେ, "ତମର କଣ ହୋଇଛି, କୁହ?" ଖତୁଆ ତ ମୋବାଇଲ ପାଗଳ, ସେ ତା' ଭାଷାରେ କହିଲା, "ସାର୍ କାଲି 'ଏକ୍ସେସ ଇନକମିଙ୍ଗ' ମାନେ ଅଧିକ ଖିଆପିଆ ହୋଇଯାଇଥିଲା। କାଲି ରାତିରୁ 'ଅଟୋମେଟିକ ଆଉଟଗୋଇଙ୍ଗ' ମାନେ ଝାଡ଼ାବାନ୍ତି ଚାଲିଛି। 'ସେଟ୍'ରେ ମାନେ ଦେହରେ ବ୍ୟାଟେରି ଡାଉନ ହୋଇ ଗଲାଣି। ପ୍ୟାଣ୍ଟରେ 'ମିସକଲ୍' ହୋଇଯାଉଛି। 'ରିଙ୍ଗଟୋନ୍' ମାନେ ବାୟୁ ଆସୁନି। ପେଟଟା ଖାଲି 'ଭାଇବ୍ରେଟ୍' ଏବଂ 'ଫଲ୍ସ ରିଙ୍ଗ' ହେଉଛି। ଡାକ୍ତର ଜାଣିଗଲେ

ଯେ ଇଏ ଝାଡ଼ାବାନ୍ତି ରୋଗୀ ସାଙ୍ଗକୁ ମୋବାଇଲିଆ ରୋଗୀ। ସେ ନର୍ସକୁ ଡାକି ମୋବାଇଲିଆ ଭାଷାରେ କହିଲେ, "ଦିଦି ଏ ପେସେଣ୍ଟର ସେଟ୍ ରେ 'ଆଣ୍ଟିଭାଇରସ' (ଇଂଜେକସନ) ଅପଲୋଡ କରିଦିଅ ଏବଂ ବେଡ଼ରେ ଶୁଆଇ 'ରିଚାର୍ଜ' ମାନେ ସାଲାଇନ ପିନ୍ ଗେଞ୍ଜି ଦିଅ। ଯେପର୍ଯ୍ୟନ୍ତ 'ରିଙ୍ଗ-ଟୋନ' ନବାଜିଛି ବେଡ଼ରେ ରିଚାର୍ଜ ଚାଲୁ ରଖିବ।" ଏହା କହି ଡାକ୍ତର ଚାଲିଯାଉଥିଲେ। କିଛି ବୁଝି ନପାରି ନର୍ସ ଜଣକ ଡାକ୍ତରଙ୍କ ପଛରେ ଧାଇଁ ଯାଇ କହିଲେ, "ସାର ମୋ 'ମେମୋରି ଫେଲ୍?' ହୋଇଯାଉଛି। ଆଉଥରେ 'ଡାଟା ଅପଲୋଡ଼' କରନ୍ତୁ।" ଡାକ୍ତର ହସି ହସି କହିଲେ, "ତାକୁ ସାଲାଇନ ଦେଇ ଛାଡ଼ି ଦିଅ।" ନର୍ସ ଏବେ ସବୁ ବୁଝି ହାତରେ ସାଲାଇନ ଧରି ଖତୁଆ ବେଡ୍ ପାଖରେ ପହଞ୍ଚିଲେ। ନର୍ସଙ୍କ ହାତରେ ସାଲାଇନର ବଡ଼ ଛୁଞ୍ଚି ଦେଖି ଖତୁଆ କହିଲା, "ମାଡାମ ମୋ 'ସେଟ୍' ଏବେ 'ଅପ୍‌ଡେଟ' ହୋଇ ଗଲାଣି, 'ରିଙ୍ଗଟୋନ୍' ବି ଆସିଲାଣି," ଏହା କହି ଡାକ୍ତରଖାନାରୁ ଡିଆଁ ମାରି ଚଂପଟ ଦେଲା।

**ନର୍ସଙ୍କ ହାତରେ ସାଲାଇନର ବଡ଼ ଛୁଞ୍ଚି ଦେଖି ଖତୁଆ କହିଲା, "ମାଡାମ ମୋ 'ସେଟ୍' ଏବେ 'ଅପ୍‌ଡେଟ' ହୋଇ ଗଲାଣି, 'ରିଙ୍ଗଟୋନ୍' ବି ଆସିଲାଣି," ଏହା କହି ଡାକ୍ତରଖାନାରୁ ଡିଆଁ ମାରି ଚଂପଟ ଦେଲା।**

ଗାଁଟା ସାରା ଚର୍ଚ୍ଚାର ବିଷୟ, ଖତୁଆ ମେଟ୍ରିକ ପାସ୍ କରିଛି। ସାହି ଲୋକ ଯେତିକି ଆଶ୍ଚର୍ଯ୍ୟ ହେଉଛନ୍ତି ତା ଠାରୁ ବେଶୀ ଆଶ୍ଚର୍ଯ୍ୟ ଖତୁଆର ଶିକ୍ଷକମାନେ। ହେବେନି କେମିତି କହୁନାହାନ୍ତି! ଯେଉଁ ଖତୁଆ ବର୍ଷକ ଯାକ ପଢ଼ି ପରୀକ୍ଷା ଦେବାପରେ ଅଷ୍ଟମ ଶ୍ରେଣୀରେ ୨୮% ରୁ ଅଧିକ ଆଣିନଥିଲା, କରୋନାରେ ସ୍କୁଲ ନଯାଇ, ପରୀକ୍ଷା ନଦେଇ ସେଇ ଖତୁଆ ୮୨% ମାର୍କ ରଖି ବ୍ଲକରେ ଟପର। ନବମ ଶ୍ରେଣୀରେ ଅନଲାଇନ ପରୀକ୍ଷା ଖାତାରେ ତା ବାପା ଲେଖିଦେଇଥିଲେ। ହେଲେ ଏବେ ଅସନ୍ତୁଷ୍ଟିଆ ଖତୁଆ ଏପଟେ ବିରୋଧୀ ଦଳିଆ ଛାତ୍ର ନେତାଙ୍କ ପ୍ରରୋଚନାରେ ପଢ଼ି ଅଧିକ ମାର୍କ ପାଇଁ ଦାବି କରୁଛି। ଖତୁଆର ରାସ୍ତାରେ ହଙ୍ଗାମା ଦେଖି ଗଣମାଧ୍ୟମଙ୍କ ଭିଡ଼ ଜମିଗଲା। ମିଡିଆ ବାଲାଙ୍କୁ ଦେଖି ଖତୁଆ ଉତ୍ସାହିତ ହୋଇ ଜଣେ ଦକ୍ଷ ତଥା ପ୍ରବୀଣ ଛାତ୍ର ନେତା ଭଳି କହିଲା, "ଆଜ୍ଞା ମୋ କାଲକୁଲେସନ ହିସାବରେ ମୁଁ ୯୮% ରଖିବା ପିଲା, ମୋତେ ୮୨% ମିଳିଛି ଏକଥା ମୁଁ 'ଟଏଲେଟ' କରିପାରୁନି।" ସାମ୍ବାଦିକ ମାନେ ପ୍ରଶ୍ନ କଲେ, 'ମାର୍କ ସହିତ 'ଟଏଲେଟ'ର ସମ୍ପର୍କ କଣ ଅଛି? ଆପଣ ଟଏଲେଟ ନକଲେ ଆପଣଙ୍କ ଦେହ ଖରାପ ହେବଯେ! ସେକଥା ଛାଡ଼ନ୍ତୁ, ଆପଣ କିପରି ଜୋରଦେଇ କହୁଛନ୍ତି ଯେ ଆପଣଙ୍କୁ ୯୮% ମିଳିଥାନ୍ତା ବୋଲି।" ଖତୁଆ କହିଲା, "କହିବିନି କେମିତି? ଶୁଣନ୍ତୁ ମୋ ବାପା ମେଟ୍ରିକ ରେ ୯୮% ରଖିଥିଲେ ନା?" ସାମ୍ବାଦିକ ମାନେ କହିଲେ, "ଆପଣ ଅଷ୍ଟମ ଶ୍ରେଣୀରେ୨୮% ପାଇଥିଲେ ଏବେ ୮୨% ପାଇଛନ୍ତି। ବାପାଙ୍କ ମେଟ୍ରିକ ପରୀକ୍ଷାରେ ପାଇଥିବା ନମ୍ବର ଭଳି ଆପଣ ଆପଣଙ୍କ ମେଟ୍ରିକରେ ନମ୍ବର ପାଇବେ ବୋଲି ଆଶା କରୁଛନ୍ତି କିପରି?" ଖତୁଆ କହିଲା, "ଆଶା କରିବନି କିପରି କହିଲେ, ନବମ ଶ୍ରେଣୀର ଅନଲାଇନ ପରୀକ୍ଷାରେ ବାପା ଲେଖିଦେଇଥିଲେ, ଦଶମ ପ୍ରିଟେଷ୍ଟ ଅନଲାଇନ ପରୀକ୍ଷାରେ ବି ମୋ ବାପା ଲେଖିଦେଇଥିଲେ।" ସାମ୍ବାଦିକ ମାନେ ହସି ହସି କହିଲେ, "ବାପା ତ ପରୀକ୍ଷା ଦେଉଥିଲେ, ଆପଣ କୋଉ ବୁକ୍ ପଢୁଥିଲେ କି?" ଖତୁଆ ଚଟାପଟ ଉତ୍ତର ଦେଲା, "ମୁଁ ଫେସବୁକ୍ ପଢୁଥିଲି।" ସାମ୍ବାଦିକ ମାନେ ନିଜ ନିଜ ଭିତରେ କୁହାକୁହି ହେଉଥିଲେ, ସେଇଥିପାଇଁ ଏ ଜ୍ଞାନୀ ପ୍ରବର ଟଏଲେଟ କରିପାରୁନାହାନ୍ତି। ସବୁ ସାମ୍ବାଦିକ ପରିହାସ କରି କହିଲେ, "ବାବୁ ଆପଣ ଘରକୁ ଯାଇ ଶୌଚାଳୟରେ ଟଏଲେଟ କରିଦିଅନ୍ତୁ। କାରଣ ସରକାର ଘୋଷଣା କରିଛନ୍ତି ଯେଉଁ ଛାତ୍ର ଛାତ୍ରୀ ଅସନ୍ତୁଷ୍ଟ ସେମାନଙ୍କ ପାଇଁ ପରୀକ୍ଷା ହେବ। ଯାଅ ଫର୍ମ ଫିଲପ କରି ଅଫଲାଇନରେ ପରୀକ୍ଷା ଦେବ।" ଖତୁଆ ଫର୍ମ ଫିଲଅପ ଏବଂ ଆଉଥରେ ଅଫଲାଇନରେ ପରୀକ୍ଷା ଦେବାକଥା ଶୁଣି ଛାନିଆ ହୋଇଗଲା ଏବଂ କହିଲା, "ନାଇଁ, ମୁଁ ଆଉ ପରୀକ୍ଷା ଦେବିନି।" ତହୁଁ ଡିଆଁମାରି ସେ ସେଠାରୁ ଉଡାନ୍ ହୋଇଗଲା।

□□

ଲେଖକଙ୍କ ଇ-ମେଲ ଠିକଣା:
bibhuprasad.nayak27@gmail.com

କବିତା

# କାଳଜୟୀ ବଣମଲ୍ଲୀ



ପଦ୍ମନାଭ ମିଶ୍ର



କେଉଁ ଏକ ଅଜ୍ଞାତ ବିପିନେ
ଫୁଟିଥିଲ ଆଗୋ ବଣମଲ୍ଲୀ
ଚହଟାଇ ଚୌଦିଗ ସୁବାସେ
ବ୍ରୀଡାନତେ ପଡିଥିଲ ଢ଼ଳି ।
ଲୁଟୁଥିଲା ସୁବାସ ସମୀର
ତାପୁଥିଲା ସୌର କରଜାଳ
ଛନ୍ଦୁଥିଲା ଜାଲ ଉର୍ଣ୍ଣନାଭ
ହସିହସି ନେଇ ତା ସମ୍ଭାଳି ।
ପ୍ରଭଂଜନ ଦେଖାଇ ପ୍ରତାପ
ଉଡେଇଣ କଲା ଅର୍ଦ୍ଧପ୍ରାଣ
ପକାଇଲା ପଥ ପ୍ରାନ୍ତେ ନେଇ
ମୋତି ମୂଲ୍ୟ ବୁଝେ କି ଶବର ।
କେ ପ୍ରେମିକ ତୋଳିନେଲା କରେ
ମୁଗ୍ଧ ନେତ୍ର ଚାହିଁଲା ନିରେଖି
ଝାଉଁଳିଲା ରୂପର ପସରା
ବାସ ଦାନେ ନଥିଲ ନିଷ୍ଠୁର ।
ହଜି ସିନା ଯାଇଥିଲା ରୂପ
ସଉରଭ ଥିଲା ତ ଅତୁଟ
ମହଳଣ ରୂପ ଶୋଭା ତଳେ
ଝଲୁଥିଲା ବେଦନାର ତ୍ରାସ ।
ଦିନୁ ଦିନ ମଉଳିଲା ତନୁ
ଚୂର୍ଣ୍ଣ ରୂପ ସୁଷମା ଲହର
ଝରିଗଲା ପୁଣି ଧରା ତଳେ
ପ୍ରେମିକରେ ଦେଇ କିଛି ପ୍ରାସ ।
କାହିଁ ଗଲା ବଣମଲ୍ଲୀ ବୋଲି
ଖୋଜା ଯେବେ ପଡ଼ିଲା ତୁମରେ
ତୁଳିବାକୁ ଆନ ଶୋଭା ସାଥେ
ତୁମ ଶୋଭା ସଂପଦ ପସରା ।

ଯେ ବାସନା ମରମେ ମରମେ
ଅନୁଭୂତି ଦେଇଥିଲା ଶତ
ଯା ପରଶ ଜଗାଇ ପୁଲକ
ଢାଳିଥିଲ ପ୍ରେମ ସୁଧା ଧାରା ।
ରୂପ ରାଗ ରଂଜିତ ଶରୀର
ସୁବାସିତ ଅନ୍ତର ସୌରଭ
ଅପଲକ ନେତ୍ର ଦେଖି ଯାହା
ମନଃ ପୂତ ସ୍ୱର୍ଗୀୟ ମାଧୁରୀ ।
ଭାନୁ କର ଛୁଇଁଛି ସେ ରୂପ
ସମୀରଣ ଲୁଟିଛି ସୌରଭ
ଅଙ୍ଗେ ପୀଡା ଦେଲା ପ୍ରଭଂଜନ
ପ୍ରେମିକର କର ନେଲା ତୋଳି ।
ପ୍ରେମିକର ଅଂଗୁଳି ଫାଙ୍କରେ
ଝରିଗଲା ଚୂର୍ଣ୍ଣ କଳେବର
କେହି ତାରେ ପାରିଲେ କି ରଖି
ନତଶିର ନିୟତିର ପାଖେ ।
କାଳଜୟୀ ତୁମେ ବଣମଲ୍ଲୀ
ନଥାଉ ଏ ନଶ୍ୱର ଶରୀର
ପ୍ରତିଭାର ଅନାଦର ଯହିଁ
ତୁମ ନାମ ଆସିଥାଏ ମୁଖେ ।

□□

କବିଙ୍କ ଇ-ମେଲ ଠିକଣା:
padmanavamishra07@gmail.com



ପ୍ରବନ୍ଧ

# ଭୀମଭୋଇଙ୍କ ରଚନାରେ ବ୍ରହ୍ମ-ବିଚାର

ଡ. ଦୋଳଗୋବିନ୍ଦ ବିଶୀ

ସତ୍ୟ ମହିମା-ଧର୍ମର ପରମ ନିଷ୍ଠାପର ପୁରୋଧା ଓ ଶ୍ରେଷ୍ଠ ଚାରଣ କବି ଭୀମ ଭୋଇ ଥିଲେ ସତ୍ୟର ସାଧକ ଓ ବ୍ରହ୍ମବାଦୀ ସନ୍ଥ। ମହାତ୍ମା ଭୀମ ଭବ୍ୟବାଣୀ ସ୍ୱରୂପରେ ଯଥାର୍ଥରେ ପ୍ରଚାର କରି ଯାଇଛନ୍ତି,-"ଜାତି ଲୋଡ଼ିଲେ ମୁକ୍ତି ନାହିଁ ଓ ମୁକ୍ତି ଲୋଡ଼ିଲେ ଜାତି ନାହିଁ।" ସଚରାଚର ବିଶ୍ୱ ବ୍ରହ୍ମାଣ୍ଡରେ ବ୍ରହ୍ମଙ୍କର ସାମ୍ୟ-ବିଚାର ହିଁ ଏକମାତ୍ର ସତ୍ୟ। ସେଥିପାଇଁ ତ ପଙ୍କରୁ ଜାତ ପଦ୍ମ ସକଳ ପଙ୍କିଳତାରୁ ମୁକ୍ତ-ପ୍ରମୁକ୍ତ ହୋଇ ବିମୁକ୍ତ ବ୍ରହ୍ମଙ୍କର ପରମଜ୍ୟୋତି ରସ ଆସ୍ୱାଦନ କରିବାକୁ ସକ୍ଷମ ହୋଇଥାଏ ; ତାର ଏକଗ୍ରତା ଓ ସାଧନା ବଳରେ ପଦ୍ମ-ପରମ ଭକ୍ତ ହୋଇପାରେ। ପଦ୍ମଠାରୁ ସେହି ପ୍ରକାର ସତ୍ୟ ପୁଣ୍ୟବ୍ରତ ଶିକ୍ଷା କରିବା ପାଇଁ ବ୍ରହ୍ମବାଦୀ ମହର୍ଷି କବିମାନେ ନତମସ୍ତକରେ ଶରଣାପନ୍ନ ହୋଇଥାନ୍ତି। ଠିକ୍ ସେହିପରି ଅଶିକ୍ଷା ଅନ୍ଧକାରରେ ଆଚ୍ଛନ୍ନ, ବନଚର କନ୍ଧକୁଳରେ ଜନ୍ମି ମଧ୍ୟ କବିକୁଳ ଚାନ୍ଦ ଭୀମଭୋଇ ଅଲେଖ ବ୍ରହ୍ମ ନିରଞ୍ଜନଙ୍କର କୃପାଲୋକ ଲାଭ କରି ପାରିଥିଲେ। ତାଙ୍କ ସାହିତ୍ୟ ମଧ୍ୟସ୍ଥ ବ୍ରହ୍ମ-ବିଚାରର ତାତ୍ତ୍ୱିକ ମାର୍ଗର ଆଲୋଚନା ବେଳେ ଜ୍ଞାନ- ବିକ୍ରମ ସିଂହମାନଙ୍କର ମଧ୍ୟ ହୃତ୍‌କମ୍ପ ଜାତ ହୋଇଥାଏ। ସମଗ୍ର ବିଶ୍ୱକୁ ପଶ୍ଚିମ ଓଡ଼ିଶାର କନ୍ଧ ସଂସ୍କୃତିର ମହାର୍ଘ ଅବଦାନ ହେଉଛି- "ଭୀମଭୋଇ" ଓ ଭୀମ ଭୋଇଙ୍କ ମାଧ୍ୟମରେ ବିଶ୍ୱପ୍ରେମତା'। 'ଏଇ ଭାରତର ମହାମାନବର ସାଗର ତୀରେ' ଏକାକାର ହୋଇଯାଇଥିବା ସମନ୍ୱୟାତ୍ମକ ସଂସ୍କୃତିର ପୃଷ୍ଠଭୂମିରେ ଉପଲବ୍ଧ ହୋଇଥିଲା ଯେଉଁ ଅମୂଲ୍ୟ ରତ୍ନ- ତାହାହିଁ 'ବିଶ୍ୱପ୍ରେମତା'। ଏହାର ପରିପୂର୍ଣ୍ଣ ପ୍ରତିଷ୍ଠାର ପ୍ରଚେଷ୍ଟା ନିମିତ୍ତ ସତେ ଯେପରି ବନବାସୀ ସଂସ୍କୃତିର ଦାୟାଦ କବି ଭୀମ ଭୋଇ ବ୍ରହ୍ମଙ୍କର ଯଥାର୍ଥ ବିବେଚନାରେ ଭୂମିଷ୍ଠ ହୋଇଥିଲେ ଓ ବିଶ୍ୱର ସକଳ ମାନବଧର୍ମୀ ଜ୍ଞାନର ଅଭିନବ ମାର୍ଜିତ ପ୍ରକାଶକୁ ନିଜ ଅନ୍ତଃର୍ଗତ ଅନୁଭବ ସମତା ମଧ୍ୟରେ ଉପଲବ୍ଧି କରି ସ୍ୱୀୟ ବାଙ୍ମୟ ମାଧ୍ୟମରେ ଏକ ଯଥାର୍ଥ ମାନବବାଦୀ ଦର୍ଶନ ଘୋଷଣା କରିଗଲେ-

"ଧର୍ମ ପଛେ ନିନ୍ଦା ପାଉ-ଧରଣୀ ମଣ୍ଡଳ ରହୁ।
ଶୂନ୍ୟ ଧରଣୀ ଆକାଶ - ଏ ତିନିହେଁ ହସୁଥାଉ ।।"

ଧରଣୀ ମଣ୍ଡଳରେ ହସ ଓ ଖୁସିର ଫୁଲ ଫୁଟାଇବାରେ ହିଁ ଧର୍ମର ପ୍ରତିଷ୍ଠା। ଏଥିପାଇଁ ଧର୍ମ ନିନ୍ଦା ପାଇଲେ ପାଉ ପଛେ ହେଲେ ଧରଣୀ ସଦା ହସୁଥାଉ-ସେଥିରେ ରହିଛି ତା'ର ବାସ୍ତବ ଗୌରବବୋଧ। ପ୍ରକୃତିର ସଦା ହାସ୍ୟମୁଖର ଫୁଲମନିଆ ଜାତି ହେଉଛନ୍ତି-ବନବାସୀ। ଅମାବାସ୍ୟା ରଜନୀରେ ହସର ଜୁଆର ବୁଣିବା ପାଇଁ ସେମାନେ ନିଜ ମସ୍ତକକୁ ଛେଦନ କରି ଆକାଶରେ ଚନ୍ଦ୍ରମା ରୂପରେ ଖଞ୍ଜିଦେବାକୁ ଆଗଭର ହୋଇ ପଡ଼ନ୍ତି। (ମିଥ୍) ହେଉ ପଛେ କାହା ମତରେ ଅନ୍ଧ ବିଶ୍ୱାସ-ଶୂନ୍ୟ, ଧରଣୀ ଓ ଆକାଶକୁ ହସାଇବା ପାଇଁ ନିଜ ପୁଅକୁ ମେରିଆ ବଳିରେ ଉତ୍ସର୍ଗ କରିବାର ଶକ୍ତି ଓ ସାହସ କେବଳ ବନବାସୀର ହୃଦୟରେ ହିଁ ଦେଖିବାକୁ ମିଳେ। ବିଂଶ ଶତାବ୍ଦୀର ଅଶାନ୍ତିମୟ କାଳରେ ମଧ୍ୟ ବନବାସୀ ହିଁ ନିଜେ ନର୍କରେ ପଡ଼ି ଜଗତକୁ ଉଦ୍ଧାର କରିବାରେ ଲାଗି ପଡ଼ିଛି। ଭୀମଭୋଇଙ୍କର ସାହିତ୍ୟ ସମୀକ୍ଷା ପରିପ୍ରେକ୍ଷୀରେ ତେଣୁ ମୋର ମନେ ପଡ଼େ ଏକ ବନବାସୀ ଲୋକୋକ୍ତି-



"କୁଦୋ ଭାତ ଖୁଦ ମଡ଼ିଆ ଜଉ
ଖିରି ପୁରି କରି ସାଇବ ଖଉ,
ଆମ ଧରତୁନି ହଁସୁତି ଥଉ ..."

ବନବାସୀ ସଂସ୍କୃତିର ଏହି ଧରଣୀକୁ ହସାଇବାର ସକଳ ପ୍ରଚେଷ୍ଟାର ସାଧନାମନ୍ତ୍ରକୁ ହିଁ ଭୀମଭୋଇ ଜପିଛନ୍ତି। ତେଣୁ ତାଙ୍କ ସୃଷ୍ଟ ସତ୍ୟ-ମହିମା-ଧର୍ମ ସାହିତ୍ୟ ଦର୍ଶନର କୁସୁମ ଭିତରେ ଏକ ଜୀବନ ସତ୍ୟ ମଧୁ-ସ୍ରାବୀ ବ୍ୟକ୍ତି ଓ ସମାଜ ସାପେକ୍ଷ ସୁରଭି

ରହିଛି । ଏହା କେବଳ ବୌଦ୍ଧିକ ତର୍ଜମାକୁ ଅପେକ୍ଷା କରି ନାହିଁ । "ପ୍ରତିଟି ସର୍ବକାଳୀନ ପ୍ରଚାରକ କବି ପରି ଭୋଇ ସାହିତ୍ୟରେ ମଧ୍ୟ ସତ୍ୟ ମହିମା ଧର୍ମର ପୃଷ୍ଠଭୂମି ଉପରେ ଜୀବନର ଚେର ସଂକ୍ରମି ଯାଇଛି ଦୁର୍ବାର ଆକର୍ଷଣରେ, ମଳୟ ମର୍ମରିତ ଧୂପଛାୟା ସ୍ନିଗ୍ଧ ପରିବେଶ ଭିତରେ ଜୀବନର ଉପଭୋଗ ସହ ଦିଗ୍‌ବଳୟ ଚୁମ୍ବିତ ସାଗରର ମହାବିସ୍ତୃତିକୁ ଛୁଇଁ ଯିବାର ଅପ୍ରତିହତ ଶାଶ୍ୱତ ଜୀବନର କାମନାକୁ ଚିରାୟିତ କରି ମାନବବାଦର ପ୍ରତିଷ୍ଠା କରାଯାଇଛି ଏହି ସାହିତ୍ୟରେ ।" ତେଣୁ ଅଲେଖ କୈନ୍ଦ୍ରିକ ସତ୍ୟମହିମା ଧର୍ମର ବରେଣ୍ୟ କବିଙ୍କର ତତ୍ତ୍ୱଭୂମି ସ୍ୱୀୟ ସଂସ୍କୃତି ରସରେ ପୃଷ୍ଟ ହେବା ସଙ୍ଗେ ସଙ୍ଗେ "ଉଭୟ ଜୀବନ ଓ ଜୀବନୋତ୍ତର ସତ୍ୟପଥର ସନ୍ଧାନ ଦେଇଛି ।"

ପ୍ରତିଟି କନ୍ଧ ପାଇଁ "ଭୀମା" ନିରାକାର ଦେବତା ହେଲେ, ଭୀମ ଥିଲେ ମାନବ ରୂପୀ ମହାତ୍ମା ଦେବତା । ମୌଖିକ ଢ଼ାପ୍‌ଗୀତ ରେ ପ୍ରତିଫଳିତ ବହୁ ତତ୍ତ୍ୱର ସନ୍ଧାନ ଯେପରି ଭୀମ ଭୋଇଙ୍କ ସାହିତ୍ୟରେ ମିଳିଥାଏ, ଠିକ୍ ସେପରି ଭୀମଭୋଇଙ୍କର ଦୁଇଟି ଶିଷ୍ୟ କନ୍ଧ କବି ଦଇତାରୀ ମାଝୀ ଓ ମାଦୁକା ମାଝୀଙ୍କର ରଚିତ ଢ଼ାପ୍ ଗୀତ ଓ ଅନ୍ୟାନ୍ୟ ଭଜନ ଗୁଡ଼ିକରେ ମଧ୍ୟ ସତ୍ୟ-ମହିମା-ଧର୍ମର ଗଭୀର ପ୍ରଭାବ ଦେଖିବାକୁ ମିଳିଥାଏ । ଯେମିତି, କବି ଦଇତାରୀ ମାଝୀଙ୍କ ଏକ ରଚନାରେ,- "ଆମର୍ ଗୁରୁ ଅଲେଖ, ଶୁଇନେ ରହିଛେ ଦେଖ" । ଆଦି...

ଢ଼ାପ୍ ଗୀତର ଏକ ଜନପ୍ରିୟ ପାୟାର ହେଉଛି - "ଯାଶୁନିଯା' ବାୟାର ମନ ହୋ... ମୁଜି ଖାଇ ଚୁକା ବୁନ..." । ମୁଜି ହେଉଛି ମୂଳବୀଜ ବା ପରମ ବୀଜ ବ୍ରହ୍ମ-ଏକେଶ୍ୱର । କୁଟିଆ କନ୍ଧମାନଙ୍କର ନିରାନ୍ତାଲୀ ଓ କନ୍ଧମାନଙ୍କର ଭୀମାଙ୍କର ବର୍ଣ୍ଣନା ଠିକ୍ ଏହାର ଅନୁରୂପ । ତହିଁରୁ ଜାତ ପରବର୍ତ୍ତୀ କାଳୀନ ସାକାରବାଦ ହେଉଛି "ଚୁକା"(ସମସ୍ତ ସ୍ଥୁଳ ସୃଷ୍ଟି) । ନିରାନ୍ତାଲୀ ପ୍ରଥମେ ନିରାକାର ରୂପରେ ହିଁ ଥିଲେ, ପରେ ପ୍ରକଟିତ ହେଲେ । ତେଣୁ ତାଙ୍କୁ ଆର୍ଯ୍ୟ ସିଦ୍ଧାନ୍ତର ନିରାକାରଙ୍କ ସହ ତୁଳନା କରାଯାଇ ପାରେ । ଭୋଇଦର୍ଶନରେ ନିର୍ଗୁଣବ୍ରହ୍ମଙ୍କର ବିଚାର ବା ତାଙ୍କ ବ୍ରହ୍ମତତ୍ତ୍ୱ ସଂପର୍କରେ ଆଲୋଚନା କଲାବେଳେ, ବେଦାନ୍ତ ଦର୍ଶନକୁ ଅଗ୍ରାଧିକାର ଦେବାବେଳେ,କନ୍ଧସଂସ୍କୃତିରେ କଳ୍ପିତ ମୂଳବୀଜ ଚିନ୍ତାକୁ ଏଡ଼ାଇ ଦେବା ଉଚିତ ହେବନାହିଁ । ଏହି ସୂତ୍ରରୁ ହିଁ ଭୀମଭୋଇ ତାଙ୍କ ବାଙ୍ମୟରେ ଆର୍ଯ୍ୟଗ୍ରନ୍ଥାଦି ରେ ବର୍ଣ୍ଣିତ ପରିପୂର୍ଣ୍ଣ ବ୍ରହ୍ମଙ୍କର ବିଳାସ କରାଇଛନ୍ତି । ମହିମାପନ୍ଥୀ ମାନେ ବ୍ରହ୍ମ(ଅଲେଖ)ଙ୍କୁ ଧ୍ୟାନ କରନ୍ତି । ସେ ଅଧିକାଂଶ ଧର୍ମ ଦର୍ଶନରେ ପୁରୁଷ ଭାବରେ କୀର୍ତ୍ତିତ ହୋଇଛନ୍ତି । କନ୍ଧମାନଙ୍କର ଢ଼ାପଗୀତରେ ତାଙ୍କ ଉଦ୍ଦେଶ୍ୟରେ କୁହାଯାଇଛି,-"ଦେଖ ଦେଖ ଛେକ ଛେକ... ଶୁନ ପଛେ ଅଛେ ଏକ ।" ଏକ ବ୍ରହ୍ମ ଦ୍ୱିତୀୟ ନାସ୍ତି ମତରେ ମୂଳବସ୍ତୁକୁ ଫେରି ଯିବାର ଆହ୍ୱାନ ସବୁଯୁଗର ଶାଖା ଓ ପଲ୍ଲବାଶ୍ରିତ ଯୁଗ ଜନତାକୁ ଧର୍ମଦ୍ରଷ୍ଟାମାନେ ଏକବୃକ୍ଷକୁ ଫେରି ଯିବାକୁ ପରାମର୍ଶ ଦେଇଥାନ୍ତି । ପଞ୍ଚସଖା ଗୋଷ୍ଠୀ, ଅଲୱାର ଗୋଷ୍ଠୀ, ତଥା କବିର ପନ୍ଥୀ ସବୁଠି ସେହି ଏକତ୍ୱର ହିଁ ଦର୍ଶନ । ଋଗ୍‌ବେଦର "ଏକମ୍ ଏବ ସମିଧ,ଏକଂ ସୂର୍ଯ୍ୟ ବିଶ୍ୱମନୁ ପ୍ରଭୁତଃ" ଠୁ ଆରମ୍ଭ କରି ବେଦ, ଉପନିଷଦ ଯାଏଁ ସେହି ଏକା କଥା । ସେ ଏକ ଓ ଅଦ୍ୱୈତ । ଶଙ୍କରାଚାର୍ଯ୍ୟଙ୍କ ଭାଷାରେ ସେ "ନେତି ନେତି" ପୁଣି ଏଯୁଗର ଦ୍ରଷ୍ଟା ଜୋନସ୍‌ଙ୍କ ଭାଷାରେ "ହି ଇଜ୍ ମୋର" । କେନୋପନିଷଦର "ନାସ୍ୟମତଂ ସ୍ୟେମତଂ ମତଂନାସ୍ୟ ନା ବେଦସଃ" । ସକ୍ରେଟିସ୍ ଉପଲବ୍ଧିରେ ପ୍ରକାଶ କଲେ, "ଆଇ ନୋ ଦ୍ୟାଟ୍, ନଥିଂ ।" ଅରୂପବ୍ରହ୍ମ ଅଣାକାର 'ଭୀମା' ଥିବାରୁ କନ୍ଧବିଶ୍ୱାସରେ ଦେହେରି ମୁଣ୍ଡରେ ଅବତରି ଥାନ୍ତି । ଆଧାର ପାଣି ଖାଇ ଏକାଦିକ୍ରମେ ଯାତ୍ରା ଦିନରେ ଝାଙ୍କର ହାତରୁ ଭୋଗ ଗ୍ରହଣ କରନ୍ତି । କନ୍ଧ ସଂସ୍କୃତିରେ ବିଶ୍ୱାସ ହିଁ ଏହିପରି । ଭୀମ ଭୋଇ ଏହି ଏକବ୍ରହ୍ମଙ୍କ ମଞ୍ଜୁଳ ବର୍ଣ୍ଣନାର ଚମତ୍କାର ଅବତାରଣା କରିଛନ୍ତି । ଯଥା -

"ଅରୂପ ବ୍ରହ୍ମ ସେ ରୂପେ ନ ଦିଶଇ ନାହିଁନା ତାହାର ଛାଇ ।
ଜନମ ଦିନୁର ଇଚ୍ଛାରେ ବଢ଼ିଛି ଅଧାର ପାଣି ନ ଖାଇ ।।
ମାତା ପିତା ନାହିଁ ଅଯୋନି ସମ୍ଭୁତ ନାହିଁ ରଜ ବୀର୍ଯ୍ୟ ଗନ୍ଧ ।
କେ ଗଢ଼ିନାହିଁ ଆପେ ଗଢ଼ି ହୋଇଛି ଅରୂପ ଅନାଦି କନ୍ଦ ।।'

ଭୀମଭୋଇଙ୍କ ମତରେ ସେ ଅନିର୍ବଚନୀୟ ହେବାରୁ ସବୁ ଯୁଗରେ କବିମାନେ ତାଙ୍କୁ ଲେଖିବାକୁ ଅକ୍ଷମ ହୋଇ'ଅଲେଖ'ବୋଲି ନାମ ଦେଲେ । ଏହି ଦୃଶ୍ୟାଦୃଶ୍ୟ ବିଶ୍ୱବ୍ରହ୍ମାଣ୍ଡ ଭିତରେ ଅଲେଖଙ୍କର 'ଖେଢ଼ଘର' ହିଁ ଚାଲିଛି । ତାଙ୍କୁ ପୁଣି ଭୀମଭୋଇ ପୁରୁଷ ଭାବରେ ସମ୍ବୋଧନ କରିଛନ୍ତି । ଏହି ଶବ୍ଦଟି ବହୁ ପୂର୍ବବର୍ତ୍ତୀ । ଯଥା:-

**ମହିମାପନ୍ଥୀ ମାନେ ବ୍ରହ୍ମ(ଅଲେଖ)ଙ୍କୁ ଧ୍ୟାନ କରନ୍ତି । ସେ ଅଧିକାଂଶ ଧର୍ମ ଦର୍ଶନରେ ପୁରୁଷ ଭାବରେ କୀର୍ତ୍ତିତ ହୋଇଛନ୍ତି ।**

(କ) ଏତାବାନ ଅସ୍ୟ ମହିମାତୋ ଜାୟନ୍ତେ ପୁରୁଷଃ
ପୁରୁଷ ସୂକ୍ତ ୧୦ମ ମଣ୍ଡଳ ।

(ଖ) ଯ ସର୍ବଜ୍ଞ ସର୍ବବିଧ ଯସୋଷ ମହିମାଭୂବିଃ
ମଣ୍ଡୁକ-୨-୨-୭ ।

(ଗ) ସହୋବାଚ ମହିମାନ୍ ଏବୈଷାସେତେଃ-
ବୃହଦାରଣ୍ୟକ-୩-୯-୭ ।

ଭୀମଭୋଇଙ୍କ ବାଙ୍ମୟରେ ଏହି ଅଲେଖ ମହିମା ବା ନିରଞ୍ଜନ ସକଳ ସୃଷ୍ଟି, ସ୍ଥିତି ଓ ବିଳୟର ମୂଳାଧାର,କାରଣ । ଏହି ତତ୍ତ୍ୱ ପ୍ରଭାବିତ ତାଙ୍କର ସୃଷ୍ଟି ପ୍ରକରଣ ମଧ୍ୟ ଅତି ଆଶ୍ଚର୍ଯ୍ୟ ଭାବରେ ଅବିକଳ କନ୍ଧସଂସ୍କୃତିର ସୃଷ୍ଟି ସଂପର୍କୀତ ଲୋକମିଥ୍ ପରି । 'ଶୂନ୍ୟ ଶୂନ୍ୟ ମହାଶୂନ୍ୟରୁ ପ୍ରଥମେ ନିଜେ ନିଜକୁ ପ୍ରକାଶ କଲେ ମହାପ୍ରଭୁ ନିରାନ୍ତାଲୀ-ନିରାକାର । ତାଙ୍କଠାରୁ ହିଁ ପରବର୍ତ୍ତୀ ସମୟରେ ପ୍ରକାଶ୍ୟମାନ ଜୀବଜଗତ ଓ ଦେବାଦେବୀଙ୍କ ସୃଷ୍ଟି ହେଲା ।' ଭୀମଭୋଇଙ୍କ ମତରେ ସୃଷ୍ଟି, ସ୍ଥିତି ଓ ପ୍ରଳୟ ପ୍ରକ୍ରିୟା ଏହିପରି, -




"ଏ ମାଟିର ପୁର ସମୀରଣ ଜଳ ଏମାନେ ନଥିଲେ କେହି ।
ଶୂନ୍ୟ ଶୂନ୍ୟ ମହାଶୂନ୍ୟ ଅନ୍ଧକାର ଥିଲା ନିଶବଦ ହୋଇ ।।
ଚନ୍ଦ୍ର ସୂର୍ଯ୍ୟ କେହି ଆକାଶେ ନଥିଲେ ନବଲକ୍ଷ ତାରାଗଣ ।
ଦିବସ ରଜନୀ ଏକ ହୋଇଥିଲା ନଥିଲା ରଚନା ମାନ ।।
ସ୍ୱର୍ଗ ମର୍ତ୍ତ୍ୟପୁର ପାତାଳ ନଥିଲା ବ୍ରହ୍ମାବିଷ୍ଣୁ ରୂପ ତିନି ।
ତେତିଶକୋଟି ଦେବ ତହିଁ ନଥିଲେ ନଥିଲା ଶବଦ ଧ୍ୱନି ।।
ନିଶବଦ ଘରୁ ଅନାମ ବ୍ରହ୍ମରୁ ଜନମ ହୋଇଲା ଶୂନ୍ୟ ।
ଶୂନ୍ୟ ସଂସ୍କାରରୁ ଆକାର ଧରିଲା ବାହାର ହୋଇଲା ବର୍ଣ୍ଣ ।।
ଅନାମରୁ ଅଗ୍ନି ପବନ ଜନ୍ମିଲା ଆକାଶେ ରହିଲା ପୁରି ।
ଘୁଘୁ ଶବଦ ନିରନ୍ତର ହୋଇଲା ତାମସ ଗୁଣକୁ ଧରି ।।
ଅନାମରୁ ତହିଁ ଜଳ ଜାତ ହେଲା ଅଗ୍ନି ପବନେ ମିଶିଲା ।
ସତ ରଜ ତମ ତିନି ନାମ ବହି ତିନି ଗୁଣ ପ୍ରକାଶିଲା ।।
ଇତ୍ୟାଦି ।

ଶ୍ରୁତିନିଷେଧ ଗୀତା, ବ୍ରହ୍ମ ନିରୂପଣ ଗୀତା, ନିର୍ବେଦ ସାଧନ, ଆଦିଅନ୍ତ ଗୀତା, ଅଷ୍ଟକ ବିହାରୀ ଗୀତା, ପଦ୍ମକଳ୍ପ ଓ ବ୍ରହ୍ମଚାଳକ ଆଦି ଗ୍ରନ୍ଥଗୁଡ଼ିକରେ ଭୀମଭୋଇ ବ୍ରହ୍ମଙ୍କର ଅଭିନବ ବର୍ଣ୍ଣନା ଓ ବିଚାର କରି ବ୍ରହ୍ମତତ୍ତ୍ୱର ପ୍ରସାର ଓ ପ୍ରଚାର ପାଇଁ ବ୍ୟାକୁଳ ହୋଇଛନ୍ତି ତଥା ଏହାର ନିର୍ଯାସରେ ଅଲେଖ ବ୍ରହ୍ମହିଁ ସର୍ବୋତ୍ତମ ତତ୍ତ୍ୱ ବୋଲି ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ସେ ଉପନିଷଦୀୟ ଆନନ୍ଦବାଦୀ ଦର୍ଶନ ଦ୍ୱାରା ପରିଚାଳିତ ହୋଇଛନ୍ତି । ଯଥା:-

"ତାହାର ନାହିଁ ଘଡ଼ିବେଳା । ସଦା ଆନନ୍ଦ ମତିଭୋଳା ।।
ସହି ପାରଇ ପୃଥ୍ୱୀପଣେ । ମୋହି ପାରଇ ସର୍ବଜନେ ।।
ଚାହିଁଇ ଚନ୍ଦ୍ର କୃପାଜଳେ । ପଛକୁ ଆଗକୁ ନ ଚଳେ ।।
କହଇ ବୀର ପଣେ କଥା । ସାଧିବା ପଣେ ସମରଥା ।।
ଏମନ୍ତ ବ୍ରହ୍ମ ସେ ବୋଲାଇ । ଆଶ୍ରୟ କଲେ ମୁକ୍ତିପାଇ ।।"
(ଶ୍ରୁତି ନିଷେଧ ଗୀତା)

ଏହି ବ୍ରହ୍ମ ହେଉଛନ୍ତି ଅଲେଖ ଓ ସେ ଶୂନ୍ୟରୂପୀ, ଶୂନ୍ୟବିହାରୀ । ବ୍ରହ୍ମାଶ୍ରୟ ହେଉଛି- ଅଲେଖ ଏକାକ୍ଷର ନାମବ୍ରହ୍ମର ଜପ ଓ ଏକଶୂନ୍ୟଙ୍କ ସାନ୍ନିଧରେ ଶରଣାପନ୍ନ । ଭୀମଭୋଇଙ୍କ ମତରେ ଏହା ଅନ୍ତଃର୍ଗତ ଅନୁଭବ ସମତା ବା Intution ଦ୍ୱାରା ସମ୍ଭବ ହୋଇଥାଏ । ଅନ୍ତର୍ଗତ ଅନୁଭବ ସମତା ଏକ ପ୍ରକାର ସାତ୍ତ୍ୱିକ ବ୍ୟାକୁଳତା- ଯହିଁରେ ଅନୁଭବ ମାଧ୍ୟମରେ ବ୍ରହ୍ମସତ୍ତାକୁ ଉପଲବ୍ଧି କରି ହେବାର ଆଶାବୋଧ ତୀବ୍ର ଭାବରେ ରହିଥାଏ ।

"ଅନୁଭବ ମୂଳ ଅଟଇ କେବଳ ତେଜ ବିବେକର ମତି ।
ନ ଜାଣିଣ ଭଣ୍ଡ ଜ୍ଞାନୀ କରି ଭଣ୍ଡ ବିକର୍ମରେ ମାତିଥାନ୍ତି ।।"

ଆଲୋଚକମାନଙ୍କ ମତରେ ଏହି ଅନ୍ତର୍ଗତ ଅନୁଭବ ସମତାରେ ଲୟଯୋଗର ପ୍ରାଧାନ୍ୟ ରହିଥାଏ । ତାହା ଚିତ୍ତଶୁଦ୍ଧିରେ ପର୍ଯ୍ୟବସିତ ହୁଏ । ଅନ୍ତଃର୍ଦୃଷ୍ଟି ଦେଇ ବିଚାରକଲେ ଯଥାର୍ଥରେ ସତ୍ୟମହିମା ଧର୍ମ ସାହିତ୍ୟରେ ବର୍ଣ୍ଣିତ ଲୟ ଯୋଗ ଆଦିଗୁରୁଙ୍କର ନାଦାନୁସନ୍ଧାନକୁ ମଧ୍ୟ ଅତିକ୍ରମ କରିଯାଇଛି । ଦୈନନ୍ଦିନ ଜୀବନଚର୍ଯ୍ୟା ଭିତରେ ଅହରହ ପରଂବ୍ରହ୍ମଙ୍କର ମନୋଗତ ଅରୂପକୁ-ଧ୍ୟାନ କରିବାକୁ ମହିମା ଧର୍ମରେ ନିର୍ଦ୍ଦେଶ ଦିଆଯାଇଛି ଓ କୁହାଯାଇଛି ଯେ କର୍ମ ଅକର୍ମ ଭେଦରେ 'କର୍ମଦେବ' ପାଦରେ ହିଁ ସେବା କରିବା ଉଚିତ ଓ ଏହା ମଧ୍ୟରେ ଶୁଦ୍ଧଚିତ୍ତରେ

ବ୍ରହ୍ମଶରଣର କାମନାକୁ ଧରି ରଖିବା ଆବଶ୍ୟକ-

"ପଚିଶକୁଳ ବାଉନ ଯେ ପାଟକ ଯେ ଅଛ ସ୍ତିରୀ ପୁରଷ।
ଉଚ୍ଚନୀଚ ବୋଲି ବାରଣ ନକରି ନାମରେ ଶରଣ ପଶ॥
ବ୍ୟାଧ ହୋଇ ଯେବେ ଜୀବମରା ବୃତ୍ତି ଜୀବ ବଧୁ ଥାଅ ପଛେ।
ଅଲେଖ ମହିମା ଭଜୁଥାଅ ଏକା ଦୃଢ଼ କରିଥାଅ ଚିତ୍ତେ॥
ଧୀବର ହୋଇଣ ମୀନ ମାରୁ ପଛେ ମହିମାକୁ ଥାଉ ଧ୍ୟାୟୀ।
ତାହାର ବୃତ୍ତି ତାହାକୁ ଦିଆ ଅଛି କେମନ୍ତେ ଛାଡ଼ିବ ସେହି॥
ହାଡ଼ି ହୋଇ ଯେବେ ଦାଣ୍ଡ ପହଁରଇ ବାଡ଼ିଘର ପଛେ ଖଟୁ।
ଗୁରୁ ପାଦ ତଳେ ଚିତ୍ତବୃତ୍ତି ରଖି ଦୃଢ଼ଚିତ୍ତେ ନାମରଟୁ॥"

**ବନବାସୀ ବିଶେଷତଃ କନ୍ଧମାନଙ୍କ ଏକ ଜନପ୍ରିୟ ଲୋକୋକ୍ତି ହେଉଛି- 'ବୁଝଲେ ବୁଝ, ନାଇଁ ବୁଝଲେ ମାଇଁ କୁକ୍ରା ପୁଜ'।**

କନ୍ଧକବି ଦିଇତାରୀ ମାଝୀଙ୍କର କେତୋଟି ଗୀତରେ ଓ ଢ଼ାପଗୀତର ଅନେକ ପଦରେ ଏହି କର୍ମ-ଅକର୍ମ ଭେଦରେ କର୍ମଦେବ ପାଦରେ ନିଷ୍ଠା ଓ ବ୍ରହ୍ମରେ ଶରଣ ଭାବକୁ ପ୍ରଚାର କରାଯାଇଛି।

ବନବାସୀ ବିଶେଷତଃ କନ୍ଧମାନଙ୍କ ଏକ ଜନପ୍ରିୟ ଲୋକୋକ୍ତି ହେଉଛି- 'ବୁଝଲେ ବୁଝ, ନାଇଁ ବୁଝଲେ ମାଇଁ କୁକ୍ରା ପୁଜ'। ଏହା "ଗୁରୁ ନ କଲେ ହେ ଅର୍ଜୁନ, କାହୁଁ ପାଇବୁ ସଦଜ୍ଞାନ" ର ସମାର୍ଥକ। ଏହାର ଅନ୍ତରାଳରେ ଗୁରୁବାଦର ପ୍ରତିଷ୍ଠା କଥା କୁହାଯାଇଛି। ଢ଼ାପ୍‌ଗୀତର ଚଖ୍‌ନାରେ ମଧ୍ୟ ରହିଛି-

ସଦ୍‌ଗୁରୁ ଜୁହାର !
ପୁଡ଼ି ଯଉଛେ ସଁସାର ସୁଧାର॥

ଜୀବାତ୍ମାକୁ ଯେଉଁ ପରମ ଶକ୍ତିମାନ 'ଗୁ' ରୁ 'ରୁ' କୁ ଉନ୍ନିତ କରାଇଥାନ୍ତି ସେ ହେଉଛନ୍ତି- 'ଗୁରୁ' ତେଣୁ ଗୁରୁ ଶବ୍ଦର ତାତ୍ତ୍ୱିକ ଭାବାର୍ଥ ହେଉଛି'-

ଗୁକାରୋଽନ୍ଧକାରସ୍ତୁ ରୁକାରସ୍ତନିବର୍ତ୍ତକଃ
ଅନ୍ଧକାର ନିବୃତ୍ତ୍ୟାତୁ ଗୁରୋରୀତ୍ୟଭିଧୀୟତେ।'

ତେଣୁ 'ଗୁରୁ' ର ପରିଚୟ ଆହୁରି ଦିଆଯାଇଛି-

'ଗୁଣାବଚ ଗୁଣାତୀତଂ ରୁ ଶବ୍ଦ ରୂପବର୍ଜିତମ
ଗୁଣରୂପଂ ଦ୍ୱୟନାସ୍ତି ତସ୍ମୈଶ୍ରୀ ଗୁରବେ ନମଃ।

ଭୀମଭୋଇ ମଧ୍ୟ ଏହି ଗୁରୁଙ୍କର ଯଥାର୍ଥ ପରିଚୟ ଦେଇ କହିଛନ୍ତି- "ରୂପରେଖ ନାହିଁ ହେ ଶୂନ୍ୟଦେହୀ ଅଛ ଉଦେ ହୋଇ"। ଗୁରୁଙ୍କର ସାମୀପ୍ୟ ବ୍ୟତିରେକେ ମୁକ୍ତି ଅସମ୍ଭବ। ଏହା ଚିତ୍ତବୃତ୍ତି ଶୁଦ୍ଧତାର ଚରମ ସୋପାନ। ଏଥିପାଇଁ ସାଧକକୁ ବିଭିନ୍ନ ସୋପାନ ଦେଇ ଗତି କରିବାକୁ ପଡ଼ିଥାଏ। ଏହା ଜ୍ଞାନ ଓ ଭକ୍ତିର ପୂର୍ବାପର ସଙ୍ଗତିର ଏକ ଶୃଙ୍ଖଳିତ ମହତ୍ତର କ୍ରମ ମାତ୍ର। ଯାହାକୁ ଏ ଯୁଗର ଦାର୍ଶନିକ ଡ଼କ୍ଟର ରାଧାକୃଷ୍ଣନ୍ ବୁଝାଇ କହିଛନ୍ତି- 'ପ୍ରତିବୋଧ ବା ପ୍ରଜ୍ଞାନକୁ ବୋଧ ବା ବିଜ୍ଞାନ ଠାରୁ ଭିନ୍ନ କରି ଦେଲେ, କେବଳ ଆତ୍ମ ସନ୍ତୁଷ୍ଟି ରହସ୍ୟ ବିଳାସରେ ପର୍ଯ୍ୟବେସିତ ହୋଇ ପଡ଼ିବ। ଜ୍ଞାନ ମାର୍ଗରେ ଶ୍ରେଷ୍ଠ ତତ୍ତ୍ୱର ଅନ୍ୱେଷଣ କରି ଶେଷରେ ଆମେ ଈଶ୍ୱରୋପଲବ୍ଧିର ଅବସ୍ଥାନରେ ଉପନୀତ ହୋଇ ପାରିବା।' ଏହି ନିର୍ଦ୍ଦେଶିତ ସୋପାନ ଗୁଡ଼ିକୁ ମହିମା ଧର୍ମର ପ୍ରବକ୍ତା ବିଶ୍ୱନାଥ ବାବା ନିମ୍ନମତେ ବର୍ଣ୍ଣନା କରିଛନ୍ତି।

"ପ୍ରଥମେ ସୁ ସାଧୁସଙ୍ଗ ଶାସ୍ତ୍ର ଅଧ୍ୟୟନ।
ବୈରାଗ୍ୟ ଭାବରେ ସଦା ହେବ ସଚେତନ॥
ଜ୍ଞାନଭୂମିର ମଧ୍ୟରେ ହୋଇବ ପ୍ରବେଶ।
ସଂସାର ବିଷୟେ ସଦା ହୋଇବ ଉଦାସ॥
ଶୁଭେଚ୍ଛା ପଦ ସହଜେ ହୋଇଲେ ସମ୍ପନ୍ନ।
ଦ୍ୱିତୀୟ ପଦକୁ ଚିତ୍ତ କରିବ ଚାଳନ॥
ସତ୍‌ଶିକ୍ଷା ସଦାଚାର କରିବ ପାଳନ।
ଅସତ୍ କାର୍ଯ୍ୟରୁ ସଦା ହୋଇବ ବିଚ୍ଛିନ୍ନ॥
ତୃତୀୟ ପାଦ ଯେ ତନୁ ମାନସ ଅଟଇ।
ଇନ୍ଦ୍ରିୟ ପଣକୁ ସଦା ଜୟ କରିଥାଇ॥

X X X

ଏହି କ୍ରମରେ.....
ଏହାର ଅନ୍ତିମ ଗତି ପ୍ରାପତ ହୁଅଇ।
ଜୀବନ୍ମୁକ୍ତ ପଦେ ଆତ୍ମା ସଦା ବିହରଇ॥

ଏହା ହେଉଛି ପଞ୍ଚମନର ଏକତ୍ୱ ଅବସ୍ଥାରେ ଯୋଗ ଅବସ୍ଥା। ଏହି ପ୍ରକାର ଧ୍ୟାନ ଓ ଧାରଣାରେ ଗୁରୁଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ସେହି ଗୁରୁ ଆଉ କେହି ନୁହନ୍ତି, ନିଜେ ଅଲେଖ, ଅଣାକାର, ବ୍ରହ୍ମନିରଞ୍ଜନ। ଭୀମଭୋଇ ଲେଖିଛନ୍ତି:-

"ଅମଡ଼ା ଅପୋଡ଼ା ଭୁଇଁ ଚନ୍ଦ୍ର ସୂର୍ଯ୍ୟ ନାମ ନାହିଁ
ଲୋଡ଼ ସେ ସ୍ଥାନକୁ ଗୋ, ସୁମରି ଗୁରୁଙ୍କୁ।
ପାଞ୍ଚମନ କଲେ ତତ୍ତ୍ୱ ପାଇବ ପୂର୍ବର ହେତୁ
ଭାଜନ ହୋଇଲେ ଗୋ, ଦାସପଣକୁ॥

କନ୍ଧ ସଂସ୍କୃତିର ଢ଼ାପ୍‌ଗୀତରେ ଏହାର ଅବିକଳ ପ୍ରତିଫଳନ ଶୁଣିବାକୁ ମିଳେ। ଯଥା–

"ଅମଡ଼ା ଭୁଇଁ ନେ ଅପୁଡ଼ା ଭୁଇଁ ନେ ହାପୁଡୁ ହାପୁଡୁ ମନ,
ପାଁଚ ଝନିଆରି ଝନକେ ବିଚାର ପରମ ଗୁରୁକେ ଚିନ,
ଅଲେଖ ! ଆମର୍ ବେହେକା ଦେକ (ଦେଖ)
ଅଲେଖ ହେଲେ ତୁଇ ଅଲେଖ ମିଲାବୁ
ଅଲେଖ ଅଲେଖ ଡ଼ାକ।।"

ଢ଼ାପ୍‌ଗୀତର ଏହି ତତ୍ତ୍ୱକୁ ଉପନିଷଦ ମଧ୍ୟ ସମର୍ଥନ କରିଛି। ଏହାହିଁ ଆମ ମହାଭାରତୀୟ ସଂସ୍କୃତିରେ ମହାସମନ୍ୱୟର ଦୃଷ୍ଟାନ୍ତ। ଉପନିଷଦ ଅନୁସାରେ ବ୍ରହ୍ମବିଦ୍ ବ୍ରହ୍ମହିଁ ହୋଇଯାଏ। ଭୀମଭୋଇ ତାଙ୍କ ଶାଶ୍ୱତ ସାହିତ୍ୟରେ ସେହି ବ୍ରହ୍ମ ହୋଇଯିବା କଥାହିଁ କହିଛନ୍ତି।–

"ସିନ୍ଧୁ ପରାଏ ବ୍ରହ୍ମ ସେହି । ତଦନ୍ତ କହିତ ନୁହଇ।।
ଯେ ବ୍ରହ୍ମ ବ୍ରହ୍ମ ହୋଇପାରେ। ତାଙ୍କ ମହିମା ସେ ଉଚ୍ଚାରେ।।
ନୋହିଲେ ଚନ୍ଦ୍ର ସୂର୍ଯ୍ୟ ବଣା। କେ ଅବା କରୁଛି କଳଣା।।

ବ୍ରହ୍ମ ପାଇଁ ବ୍ୟାକୁଳ ପ୍ରାଣ ଓ ବ୍ରହ୍ମଙ୍କ ଶ୍ରେଷ୍ଠଭକ୍ତ ଭୀମଭୋଇ ନାସ୍ତିକର ଅପବାଦରେ ଲୋକାୟତନରେ ନିନ୍ଦିତ ହୋଇଛନ୍ତି। ଧର୍ମଧ୍ୱଜୀ ମାନଙ୍କ ନିନ୍ଦାଗାଳି ଶୁଣିଛନ୍ତି। କନ୍ଧ ପରିବାରରେ ସେ ଏକ ଅରକ୍ଷିତ ଓ ଅବହେଳିତ ମଣିଷ ରୂପରେ ଆବିର୍ଭାବ ହୋଇଥିଲେ ହେଁ 'ନିଜ ଜୀବନକୁ ନର୍କରେ ପକାଇ ଜଗତକୁ ଉଦ୍ଧାର କରିବା' ପ୍ରୟାସୀ ହୋଇଛନ୍ତି। ତାଙ୍କ ଏହି ମାନବବାଦୀ ମହତ୍ତ୍ୱକୁ କେହି ଗ୍ରହଣ କରିପାରି ନାହାନ୍ତି। ପ୍ରବଞ୍ଚନାମୟ ଧର୍ମ ପ୍ରତି ତାଙ୍କ ଅସହଯୋଗ ମନୋବୃତ୍ତି, ମାନବ ପରିକଳ୍ପିତ ଧର୍ମର ଭ୍ରାନ୍ତିପୂର୍ଣ୍ଣ ପ୍ରହସନକୁ ଅସ୍ୱୀକାର କରି ଦୃଢ଼ ମନୋବଳରେ ଅସତ୍ୟକୁ ପ୍ରତ୍ୟାଖ୍ୟାନ କରିବା କ୍ଷମତା ହିଁ ତାଙ୍କୁ ସନ୍ଥ ଭାବରେ ଚିହ୍ନାଇଛି। ଭୀମଭୋଇ ଥିଲେ ବ୍ରହ୍ମର ଉପାସକ। ଶ୍ରୀ ଜଗନ୍ନାଥ ହେଉଛନ୍ତି ପୂର୍ଣ୍ଣ ବ୍ରହ୍ମ। ଭୀମଭୋଇ ଥିଲେ ବନବାସୀ କନ୍ଧ। ଶ୍ରୀ ଜଗନ୍ନାଥ ହେଉଛନ୍ତି ମୂଳତଃ ବନବାସୀ ଦେବତା। ତେବେ ସେ ତଥାକଥିତ ବଡ଼ପଣ୍ଡାଙ୍କ ଦୃଷ୍ଟିରେ ନାସ୍ତିକ ହେଲେ କାହିଁକି ? ଶ୍ରୀ ଜଗନ୍ନାଥ ଶବର ପଲ୍ଲୀରୁ ବନଫୁଲ ଫଳ ର ମୋହଛାଡ଼ି ଯେତେବେଳେ ରାଜଭୋଗର ଆସକ୍ତିରେ ଶ୍ରୀ ନୀଳାଚଳରେ ବିରାଜମାନ କରିଛନ୍ତି,ସେତେବେଳେ ସେ ହୋଇପଡ଼ିଛନ୍ତି ଧର୍ମଧ୍ୱଜୀ ବଡ଼ବଡ଼ିଆ ମାନଙ୍କର ବଡ଼ ଦେବତା। ପୂର୍ବରୁ ସେ ଥିଲେ ମୂଳତଃ ବନବାସୀ ସଂସ୍କୃତିର ବିଶ୍ୱପ୍ରେମର ପ୍ରତୀକ। ପୁଣି, 'ଜାତି ଲୋଡ଼ିଲେ ମୁକ୍ତି ନାହିଁ ଓ ମୁକ୍ତି ଲୋଡ଼ିଲେ ଜାତି ନାହିଁ' ତତ୍ତ୍ୱର ଦେବତା। ଯେଉଁ ସଂସ୍କୃତି ଏକ ସାଂସ୍କୃତିକ ସହାବସ୍ଥାନ ପାଇଁ ଆଗ୍ରହୀ ହୋଇ ସାରା ମାନବସମାଜକୁ ନିଜର ପରମପ୍ରିୟ ଦେବତାଙ୍କୁ ଦାନ କଲା, ପ୍ରତିଦାନରେ ସେ ପାଇଲା ଅନ୍ୟମାନଙ୍କଠାରୁ ଅବହେଳା ପୂର୍ଣ୍ଣ ବ୍ୟବହାର। ସେଠି ଆଉ ବନବାସୀର ବିଶ୍ୱଭ୍ରାତୃତ୍ୱବୋଧ କାହିଁ ? ଏହା କ'ଣ ବ୍ରହ୍ମଙ୍କର ପରିଚୟ ? ସେ ପ୍ରକାର ଧାର୍ମିକ ବଡ଼ିମାର ପ୍ରତୀକ ପ୍ରତିମାଟିକୁ ବା ଭୀମଭୋଇ ବ୍ରହ୍ମବୋଲି ସ୍ୱୀକାର କରନ୍ତେ କିପରି ? ଏ ମିଥ୍ୟାଚାର ଓ ଭଣ୍ଡାମୀ ଭୀମଙ୍କୁ ଅତି ବାଧକ ହୋଇପଡ଼ିଛି। ବ୍ରହ୍ମଙ୍କୁ ନେଇ ବ୍ୟବସାୟ ! ନା ନା ଏହା ସଂପୂର୍ଣ୍ଣ ମିଥ୍ୟାଚାର। ବ୍ରହ୍ମ ଏପରି ହୋଇପାରେନା। ତେଣୁ ସେ ଅନ୍ୟତ୍ର ବ୍ରହ୍ମଙ୍କୁ ବା ପ୍ରଭୁଙ୍କୁ ଯାଇ ଲୋଡ଼ିବା ପାଇଁ ପ୍ରଚଣ୍ଡ ଆତ୍ମାଭିମାନ ଛଳରେ ଅକପଟ ସତ୍ୟର ପ୍ରକାଶ ଆଳରେ ତାଙ୍କର ଅନେକ ପଦରେ ବ୍ୟାକୁଳ ଭାବରେ ନାସ୍ତିକତାକୁ ବରି ନେଇଛନ୍ତି ଓ ବ୍ରହ୍ମଙ୍କୁ ଖୋଜିବା ପାଇଁ ଆହ୍ୱାନ ଦେଇଛନ୍ତି। ଯଥା:–

"ଜଗତ ଭଗତ ଜନ ଆସ ଲୋଡ଼ିବା ପ୍ରଭୁଙ୍କୁ
ଶ୍ରୀକ୍ଷେତ୍ରେ ଅଛନ୍ତି ବୋଲି ପ୍ରତେ ନୋହୁଛି ମନକୁ।"

ଅଛୁଵ ଭାବରେ ଦୂରେଇ ଦେଇ ତାଙ୍କୁ ଆମର ଧର୍ମ ଉଦ୍‌ଗାତାମାନେ କାଷ୍ଠପାଷାଣର ଜଗନ୍ନାଥ ବିଗ୍ରହ ଦେଖିବାର ସୁଯୋଗ ମଧ୍ୟ ଦେଇନାହାନ୍ତି। ଭୀମ ତେଣୁ ବିପ୍ଳବୀର ଭୀମସ୍ୱର ଉତ୍ତୋଳନ କରି ପ୍ରତିବାଦ କଣ୍ଠରେ ଘୋଷଣା କରିଛନ୍ତି– "ସତକଥା ଏହା କାଷ୍ଠପାଷାଣର ଏକ ବୃକ୍ଷ ପିଣ୍ଡ ସିନା।"... ଦେବତାତ ନୁହେଁ ? ଅର୍ଥାତ ସେ ଆଉ ବନବାସୀର ସେହି ଆପଣାର ଦେବତା ନୁହେଁ। ତାଙ୍କୁ କେନ୍ଦ୍ରକରି ବ୍ରହ୍ମଜିଜ୍ଞାସା କରିବା ବୃଥା ମାତ୍ର। ବରଂ ଆକୁଳ ନୟନରେ ଶୂନ୍ୟକୁ ଚାହିଁ ସେହି ଶୂନ୍ୟ ପୁରୁଷ ଅଲେଖ ବ୍ରହ୍ମଙ୍କୁ ଲାଭ କରାଯାଇପାରେ।

□□


**ବ୍ରହ୍ମ ପାଇଁ ବ୍ୟାକୁଳ ପ୍ରାଣ ଓ ବ୍ରହ୍ମଙ୍କ ଶ୍ରେଷ୍ଠଭକ୍ତ ଭୀମଭୋଇ ନାସ୍ତିକର ଅପବାଦରେ ଲୋକାୟତନରେ ନିନ୍ଦିତ ହୋଇଛନ୍ତି।**

ଲେଖକଙ୍କ ଇ-ମେଲ ଠିକଣା:
dgbkoshalayana@gmail.com

ସାକ୍ଷାତକାର

# ବର୍ଷୀୟାନ କଥାକାର ଅଚ୍ୟୁତାନନ୍ଦ ପତିଙ୍କ ସହ ଏକ ଅନ୍ତରଙ୍ଗ ଆଳାପ

*ଆମ ସମୟର ପ୍ରଥିତଯଶା କଥାକାର ଶ୍ରୀ ଅଚ୍ୟୁତାନନ୍ଦ ପତିଙ୍କୁ ବର୍ତ୍ତମାନ ବୟସ ୯୫ ବର୍ଷ। ଓଡ଼ିଶା ସରକାରଙ୍କ ସର୍ବୋଚ୍ଚ ସାହିତ୍ୟିକ ସମ୍ମାନ ଅତିବଡୀ ପୁରସ୍କାର, ସାରଳା ସମ୍ମାନ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଭଳି ଅନେକ ସମ୍ମାନରେ ଭୂଷିତ ଶ୍ରୀ ପତିଙ୍କର କଲମ ଏ ବୟସରେ ବି ସକ୍ରିୟ ଅଛି। ତାଙ୍କର ୧୧ଗୋଟି ଗଳ୍ପ ସଂକଳନ ପ୍ରକାଶ ପାଇଛି ଏବଂ ତନ୍ମଧ୍ୟରୁ ଅନେକ ଗଳ୍ପ ବିଭିନ୍ନ ବିଦେଶୀ ଭାଷାରେ ଅନୁବାଦିତ ହୋଇ ଆନ୍ତର୍ଜାତିକ ସ୍ୱୀକୃତି ମଧ୍ୟ ପାଇଛି। ଏହି ବରେଣ୍ୟ ସ୍ରଷ୍ଟାଙ୍କ ସହ ତାଙ୍କ ବାସଭବନରେ ସାକ୍ଷାତ କରି ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସଂପାଦକ ନିହାର ଶତପଥୀ।*



**ସାହିତ୍ୟ ଚର୍ଚ୍ଚା:** ବହୁ ସାରସ୍ୱତ ସମ୍ଭାରରେ ପରିପୂର୍ଣ୍ଣ ଆପଣଙ୍କ ଲେଖକୀୟ ଜୀବନ। ତେବେ, ଲେଖିବା ଆରମ୍ଭ କଲେ କେତେ ବର୍ଷ ବୟସରୁ ?

**ଅଚ୍ୟୁତାନନ୍ଦ ପତି:** ସେତେବେଳେ ମୁଁ ପଞ୍ଚମ ଶ୍ରେଣୀର ଛାତ୍ର। ମୁଁ ମାମୁଁଙ୍କ ଘରେ ରହୁଥିଲି। ମୋ ମାମୁଁ ହେଉଛନ୍ତି ଉପେନ୍ଦ୍ର ପଣ୍ଡା, ଯେ କି ଥିଲେ ହରେକୃଷ୍ଣ ମହତାବଙ୍କ ସାଙ୍ଗ। ଯେତେବେଳେ 'ପ୍ରଜାତନ୍ତ୍ର' ପ୍ରଥମ ହୋଇ ବାଲେଶ୍ୱରରୁ ବାହାରିଲା, ମାମୁଁ ତାର ସମ୍ପାଦକ ଥିଲେ।

**ସାହିତ୍ୟ ଚର୍ଚ୍ଚା:** 'ପ୍ରଜାତନ୍ତ୍ର' ତେବେ ବାହାରୁଥିଲା ବାଲେଶ୍ୱରରୁ !

**ଅଚ୍ୟୁତାନନ୍ଦ ପତି:** ହଁ, କଟକରେ ଦୈନିକ ସମ୍ବାଦପତ୍ରର ରୂପ ନେବା ପୂର୍ବରୁ ଏହା ବାଲେଶ୍ୱରରୁ ଏକ ସାପ୍ତାହିକୀ ଭାବରେ ବାହାରୁଥିଲା।

**ସାହିତ୍ୟ ଚର୍ଚ୍ଚା:** ସେଥିରେ କ'ଣ ଆପଣଙ୍କ ପ୍ରଥମ ଲେଖାଟି ପ୍ରକାଶ ପାଇଥିଲା ?

**ଅଚ୍ୟୁତାନନ୍ଦ ପତି:** ନା, ନା। ସେ ତ ଗୋଟିଏ ମଜା କଥା। ମାମୁଁ ଉଚ୍ଚ ପ୍ରତିଭାଧର ଥିଲେ। ମୁଁ ପିଲାଦିନେ ଭଲ ନାଚୁଥିଲି। ମାମୁଁ ମତେ ନାଚ ପାଇଁ ଗୀତ ଶିଖାନ୍ତି। ମୋ ମନକୁ ସେତେବେଳେ ଗୋଟିଏ ଝୁଙ୍କ ଆସିଲା, 'ମୁଁ ଏମିତି ଲେଖନ୍ତି କି !' ଗୋଟିଏ ରଫ୍ କାଗଜ ଆଣି ଯାଡୁ ସ୍ୟାଡୁ ପଦମାନ ଯୋଡି ଲେଖିବାକୁ ଚେଷ୍ଟା କଲି। ଏମିତି ଲେଖିବାପରେ ମନକୁ ମନ ଭାବିଲି, 'ସରସ୍ୱତୀ ଯଦି ନ ମାଡିବେ ତେବେ କବିତା ହେବନାଇଁ।' ତେଣୁ କବିତାଟି ଧରି କୃଷ୍ଣସାଗର ପୋଖରୀ ପାଖକୁ ଗଲି। ତା'ର ପଛପଟେ ଥିଲା ଗୋଟିଏ ପଳାଶ ବଣ। ଛୁଆ ମନ ତ, ମୁଁ ଭାବିଲି ଯେ ସରସ୍ୱତୀ ସିଧା ବାଟରେ ଆସିବେ ନାଇଁ, ଯଦି ଆସନ୍ତି, ଆସିବେ ସେଇ ପଳାଶ ବଣ ଦେଇ। କବିତାଟି ହାତରେ ଧରିଥାଏ।

**ସାହିତ୍ୟ ଚର୍ଚ୍ଚା:** କ'ଣ ଥିଲା ସେଇ କବିତା ?

**ଅଚ୍ୟୁତାନନ୍ଦ ପତି:** ଏବେ ଠିକ୍ ମନେ ପଡୁନାହିଁ, ତେବେ ତା'ର ନାଁ ବୋଧହୁଏ ଥିଲା 'ବ୍ୟଥାର ଝରଣା'। ସେଇ ପୋଖରି ହୁଡାରେ ପଦ୍ମ ଫୁଲଟିଏ ଥୋଇ ତା' ଉପରେ ରଖିଦେଲି କବିତାଟିକୁ। ବିଶ୍ୱାସ ଥିଲା ଯେ ମାଆ ସରସ୍ୱତୀ ଯେତେବେଳେ ସେଇବାଟେ ଚାଲିଚାଲି ଆସିବେ ମୋ'ର କାଗଜଟି ଉପରେ ନିଶ୍ଚୟ ତାଙ୍କର ପାଦ ପଡ଼ିବ, ଏବଂ ମୁଁ କବି ହୋଇଯିବି।

**ସାହିତ୍ୟ ଚର୍ଚ୍ଚା:** ତା'ପରେ କ'ଣ ଆଗକୁ ଆହୁରି କବିତା ଲେଖିଚାଲିଲେ ?

**ଅଚ୍ୟୁତାନନ୍ଦ ପତି:** ଲୁଚେଇ ଲୁଚେଇ ଲେଖୁଥିଲି, କିନ୍ତୁ ଅଷ୍ଟମ ଶ୍ରେଣୀରେ ପଢିବା ବେଳକୁ ଥରେ ଦୋଦୋପାଞ୍ଚ ହୋଇ ଭାବିଲି ଯେ ସ୍କୁଲର ମେଗାଜିନକୁ ଗୋଟିଏ କବିତା ଦେଇଦେଲେ ହୁଅନ୍ତା। ଦେଇଦେଲି। ସେଇଟି ବାହାରି ମଧ୍ୟ ଗଲା। ତା'ର ନାଁ ଟି ଥିଲା 'ଅଶ୍ରୁଧାରା'। ତାପରେ ତ କବିତା ଲେଖିଚାଲିଲି। ସେତେବେଳକୁ ବମ୍ବେରୁ ବାହାରୁଥିବା ହାତଲେଖା ପତ୍ରିକା 'କୁଙ୍କୁମ'ରେ ମୋ ଲେଖା ପ୍ରକାଶ ପାଇଲା।

**ସାହିତ୍ୟ ଚର୍ଚ୍ଚା:** ତେବେ ସାହିତ୍ୟ ଭିତରକୁ ଆପଣ ପ୍ରବେଶ କଲେ କବିତା ଜରିଆରେ! କିନ୍ତୁ ଆପଣଙ୍କ ବୃହତ୍ତର ପରିଚୟ ତ ଜଣେ ପ୍ରବୀଣ କଥାକାର ଭାବରେ। କବିତା ଭିତରୁ ବାହାରି ଏ ଗଳ୍ପ ରାଇଜକୁ ପୁଣି କେମିତି ଆସିଲେ ?

**ତା'ପରେ ମୋ'ର କବିତା ହୋଇଗଲା ମାଇନସ୍, ଆଉ ଗଳ୍ପ ଲେଖିବାଟା ହେଲା ପ୍ଲସ୍।**

**ଅଚ୍ୟୁତାନନ୍ଦ ପତି:** ଏହି ମୋଡ଼ଟି ନେଲା ସେତେବେଳେ ଯେବେ ବିନୋଦ ନାୟକ ଯାଜପୁର କଲେଜକୁ ଆସିଲେ। ମୁଁ ତାଙ୍କୁ ମୋର କବିତା ଦେଖାଇଲି। ଦିନେ ଆମେ ଦୁହେଁ ନଈ କୂଳରେ ବସି କଥା ହେଉଥିଲୁ। ସେ ନିଜେ ବି ଜଣେ କବି ଥିଲେ। ସେ କହିଲେ, 'ଦେଖ୍, ଆମେ କବିତା ଲେଖି କିଛି କରିପାରିନାହୁଁ। ବହୁତ ଦଣ୍ଡ-ବୈଠକ ମାରିଲୁଣି। ଏଥିରେ ଉଠି ହେବନାହିଁ। ତୁ ଗଳ୍ପ ଲେଖ।' ଜାଣିନି, ସେ କାହିଁକି ଏମିତି କହିଲେ। ମୁଁ ପଚାରିଲି ଯେ ଗଳ୍ପ କେମିତି ଲେଖିବି ? ସେ କହିଲେ, ତୁ ପ୍ରଥମେ କବିତା ଛାଡ୍।

**ସାହିତ୍ୟ ଚର୍ଚ୍ଚା:** ବୋଧହୁଏ ତାହାପରେ ଆରମ୍ଭ ହୋଇଗଲା ଗଳ୍ପ ଲେଖିବା!

**ଅଚ୍ୟୁତାନନ୍ଦ ପତି:** ମୁଁ ତାଙ୍କ କଥାରେ ପ୍ରଥମେ ଲେଖିଲି ଗଳ୍ପ, 'ପ୍ଲସ୍ ମାଇନସ୍'। ଏହା ଜଣେ ଗଣିତ ଶିକ୍ଷକଙ୍କ ଜୀବନ ଗାଥା। ସେଥିରେ ଦର୍ଶାଇ ଥିଲି ଯେ କେମିତି କ୍ଲାସ୍ ରେ ତାଙ୍କର ସବୁ ଅଙ୍କ ଛିଡି ଯାଉଛି, କିନ୍ତୁ ଘରେ ଜୀବନର ଅଙ୍କ ଛିଡୁନାହିଁ। ସେଇଟି 'ଆସନ୍ତାକାଲି'ରେ ବାହାରିଲା।

**ସାହିତ୍ୟ ଚର୍ଚ୍ଚା:** ତେବେ କ'ଣ ତା'ପରେ ଲେଖିଚାଲିଲେ ଗଳ୍ପ ହିଁ ?

**ଅଚ୍ୟୁତାନନ୍ଦ ପତି:** ହଁ, ତା'ପରେ ମୋ'ର କବିତା ହୋଇଗଲା ମାଇନସ୍, ଆଉ ଗଳ୍ପ ଲେଖିବାଟା ହେଲା ପ୍ଲସ୍। ଏଇମିତି ୧୯୫୨ ମସିହାରୁ ମୁଁ ଗଳ୍ପ ଲେଖିବା ଆରମ୍ଭ କଲି।

**ସାହିତ୍ୟ ଚର୍ଚ୍ଚା:** ତେଣୁ ଆପଣଙ୍କର କୌଣସି କବିତା ସଂକଳନ ପ୍ରାୟ ନାହିଁ, ସବୁତକ ହିଁ ଗଳ୍ପ ସଂକଳନ।

**ଅଚ୍ୟୁତାନନ୍ଦ ପତି:** ଅଛି ନା, ଗୋଟିଏ କାବ୍ୟ ସଂକଳନ - 'କାହାଣୀ ନୁହେଁ'।

**ସାହିତ୍ୟ ଚର୍ଚ୍ଚା:** ହଁ, ସେଇ ଗୋଟିକୁ ଛାଡ଼ି!

**ଅଚ୍ୟୁତାନନ୍ଦ ପତି:** ବାକି ସବୁତକ ଗଳ୍ପ।

**ସାହିତ୍ୟ ଚର୍ଚ୍ଚା:** ଏଠି ଗୋଟିଏ କଥା ମନକୁ ଆସୁଛି, କେବଳ ଗଳ୍ପ କାହିଁକି ? ଉପନ୍ୟାସ ମଧ୍ୟ କାହିଁକି ନୁହଁ ?

**ଅଚ୍ୟୁତାନନ୍ଦ ପତି:** ଗଳ୍ପର ଗୋଟିଏ ସଂଜ୍ଞା ହେଉଛି, ନାତିବୃତ୍ତ, ଅର୍ଥାତ୍, ଅଳପ କଥା। ଏ ବିଷୟରେ ଆପଣଙ୍କୁ ଯୋଡିଏ କଥା କହିବି, (୧) ନିଜ ବିଷୟରେ ଯେ ବେଶୀ କହେ, ସେ ତାହା କରେ ନିଜର ଦୁର୍ବଳତା ଲୁଚାଇବା ପାଇଁ। (୨) ହ୍ୱେନ୍ ଗୁଡ୍ ଇଜ୍ ଇନ୍ ବ୍ରିଫ୍, ଇଟ୍ ଇଜ୍ ଡ଼ବଲି ଗୁଡ୍। ହ୍ୱେନ୍ ବ୍ୟାଡ୍ ଇଜ୍ ଇନ୍ ବ୍ରିଫ୍, ଇଟ୍ ଇଜ୍ ନଟ୍ ସୋ ବ୍ୟାଡ୍। ତେଣୁ ଅଳ୍ପରେ କହିଲେ ଭଲ।

**ସାହିତ୍ୟ ଚର୍ଚ୍ଚା:** ସେକ୍ସପିଅର୍ କହିଥିଲେ ଯେ, 'ବ୍ରେଭିଟି ଇଜ୍ ଦି ସୋଲ୍ ଅଫ୍ ୱିଟ୍'।

**ଅଚ୍ୟୁତାନନ୍ଦ ପତି:** ହଁ, ସେ ବି ଏହାକୁ କହିଥିଲେ, 'ସୋଲ୍ ଅଫ୍ ୱିଟ୍'।

**ସାହିତ୍ୟ ଚର୍ଚ୍ଚା:** ତେବେ ସେହି ସଂକ୍ଷିପ୍ତପଣିଆକୁ ଆପଣାଇବା ପାଇଁ ଆପଣ ଗଳ୍ପକୁ ଆସିଲେ, ଏବଂ ଗୋଟିଏ ବି ଉପନ୍ୟାସ ଲେଖିଲେନାହିଁ।

**ଅଚ୍ୟୁତାନନ୍ଦ ପତି:** ହଁ।


**ସାହିତ୍ୟ ଚର୍ଚ୍ଚା:** ଏହାହିଁ ଆପଣଙ୍କ ଅନନ୍ୟତା। ଆପଣ ଗଳ୍ପକୁ

ହିଁ ବାଛିନେଲେ ନିଜର ମାଧ୍ୟମ ଭାବରେ, ଏବଂ ସେଥି ସହିତ ହିଁ ସଂଶ୍ଲିଷ୍ଟ ହୋଇରହିଲେ ସାରା ଜୀବନ।

**ଅଚ୍ୟୁତାନନ୍ଦ ପତି**: ଗଳ୍ପ ହିଁ ମୋର ମାଧ୍ୟମ ହୋଇ ରହିଗଲା।

**ସାହିତ୍ୟ ଚର୍ଚ୍ଚା**: ଆଉ ଗୋଟିଏ କଥା, ଆଜିକାଲିକାର ଗଳ୍ପ, ଅର୍ଥାତ୍ ଏଇ ପିଢ଼ିର ଗଳ୍ପ, ଆପଣ ପଢ଼ନ୍ତି ତ ?

**ଅଚ୍ୟୁତାନନ୍ଦ ପତି**: ଶୁଣନ୍ତୁ, ମୁଁ ବର୍ତ୍ତମାନ ଗୋଟିଏ କାମ କରୁଛି, ଯେଉଁମାନେ ନାଁ କରା, ସେମାନଙ୍କର ଗଳ୍ପ ପଢୁନାହିଁ। ଯେଉଁଠି ନୂଆ ଲେଖକଙ୍କର ଭଲ ଗଳ୍ପଟିଏ ପାଉଛି ସେଇଟି ପଢ଼ିସାରି ତାଙ୍କୁ ବ୍ୟକ୍ତିଗତ ଭାବେ ଫୋନ୍ କରୁଛି। ସେମାନେ ଚକିତ ହୋଇ କହୁଛନ୍ତି, 'ସାର୍, ଆପଣଙ୍କୁ ମୋ ଗପଟି ଭଲ ଲାଗିଛି ! ଆଉ ଏଥିପାଇଁ ଫୋନ୍ ବି କରିଛନ୍ତି। ଆମକୁ ବହୁତ ଭଲ ଲାଗୁଛି।' ଏମିତି ମୁଁ ପିଲାଙ୍କ ଦ୍ୱାରା ଲେଖାହେଉଥିବା ଗପ ସବୁ ପଢୁଛି, ଏବଂ ଯେଉଁଟି ଭଲ ଲାଗୁଛି ନମ୍ବରଟି ଥିଲେ ସେମାନଙ୍କୁ ଫୋନ୍ କରୁଛି।




**ସାହିତ୍ୟ ଚର୍ଚ୍ଚା**: ଶୁଣିଛୁ ଆପଣ ନିଜେ ପାଇଥିବା ପୁରସ୍କାରର ଅର୍ଥ ଏବଂ ନିଜର ବ୍ୟକ୍ତିଗତ ସମ୍ବଳ ବିନିଯୋଗ କରି ପ୍ରତି ବର୍ଷ ଆପଣଙ୍କ ଜନ୍ମ ଦିବସ ଦିନ ଅନେକ ଯୁବ ଗାଳ୍ପିକଙ୍କୁ ପୁରସ୍କୃତ କରନ୍ତି।

**ଅଚ୍ୟୁତାନନ୍ଦ ପତି**: ହଁ, ସେହିଭଳି କିଛି ପୁରସ୍କାରର ବ୍ୟବସ୍ଥା କରିପାରିଛି।

**ସାହିତ୍ୟ ଚର୍ଚ୍ଚା**: ଆପଣଙ୍କର ମନେହୁଏ କି ଯେ ଆଜିକାଲିକାର ଗଳ୍ପରେ ଭାବପ୍ରବଣତା ଅଧିକ ଏବଂ ଗାଳ୍ପିକତା ଟିକିଏ କମ୍ ?

**ଅଚ୍ୟୁତାନନ୍ଦ ପତି**: ଗଳ୍ପରେ ଦର୍ଶନ ରହୁ, କିନ୍ତୁ ଦାର୍ଶନିକତା ନ ରହୁ। ଗଳ୍ପ ଉପରେ ଯଦି ତୁମେ ଚିନ୍ତା-ଚେତନା ଗୁଡାଏ ଲଦିଦେବ, ଗଳ୍ପ ଆଣ୍ଠେଇପଡିବ, ଠିଆ ହୋଇପାରିବ ନାହିଁ।

**ସାହିତ୍ୟ ଚର୍ଚ୍ଚା**: ତେଣୁ ଗଳ୍ପର ଏକ ଛାଂଚ ବା ସ୍କେଲିଟନ୍ ରହିଥିବା ଦରକାର, ଏଇଆ ତ !

**ଅଚ୍ୟୁତାନନ୍ଦ ପତି**: ହଁ, ସେଥିପାଇଁ ଗଳ୍ପ ସିଧାସଳଖ ଦର୍ଶନର କଥା କହିବା ଉଚିତ ନୁହେଁ। 'ମିଛ କହିବା ମହାପାପ'- ଗଳ୍ପରେ ଏଭଳି ସିଧା କଥାଟିଏ କୁହାଯାଏନାହିଁ। ଗାଳ୍ପିକ ଚରିତ୍ର ମାଧ୍ୟମରେ ହିଁ ଯାହା କିଛି କହିବ, ସେଇଥିରୁ ହିଁ ଦର୍ଶନ ଝରିବ।

**ସାହିତ୍ୟ ଚର୍ଚ୍ଚା**: ଚରିତ୍ର ଛଡ଼ା, ଘଟଣା ମାଧ୍ୟମରେ ବି !

**ଅଚ୍ୟୁତାନନ୍ଦ ପତି**: ହଁ, ଠିକ୍।

**ସାହିତ୍ୟ ଚର୍ଚ୍ଚା**: ଆପଣଙ୍କ 'ଅଶୁଭ ପୁତ୍ରର କାହାଣୀ'ଠାରୁ ନେଇ ଏ ଯାବତ ପ୍ରକାଶିତ ଅଧିକାଂଶ ପୁସ୍ତକର ଗଳ୍ପ ନିବିଡ଼ ଭାବରେ ଛୁଇଁଯାଏ ପାଠକର ଅନ୍ତସ୍କରଣ। ତେବେ ପାଠକର ଚିନ୍ତା ଓ ଚେତନାକୁ ଆପଣଙ୍କ ଗଳ୍ପର କେଉଁ ଉପାଦାନଟି ଅଧିକ ଭାବରେ ଆକୃଷ୍ଟ କରେ ବୋଲି ଆପଣ ଭାବନ୍ତି ?

**ଅଚ୍ୟୁତାନନ୍ଦ ପତି**: ଯେ କେହି ଗଳ୍ପ ଲେଖନ୍ତୁ, ନିଜର ଚିନ୍ତା, ଚେତନା, ଅନୁଶୀଳନ - ସବୁ କରନ୍ତୁ। କିନ୍ତୁ ପାଠକର ଚିନ୍ତା, ଚେତନାକୁ ଯଦି ତା ଭିତରେ ବୁଡାଇ ନ ରଖନ୍ତି, ତେବେ ତା'କୁ କେହି ପଢିବେନାହିଁ।

**ସାହିତ୍ୟ ଚର୍ଚ୍ଚା**: ତେବେ ଆପଣଙ୍କ କହିବାର କଥା ଯେ ଗଳ୍ପ ଭିତରେ ପାଠକର ଭାବନାକୁ ପ୍ରତିଫଳିତ କରିବା ବଡ଼ କଥା। କିନ୍ତୁ ଏମିତି ବହୁତ ଗଳ୍ପରେ ହୁଏନାହିଁ କାହିଁକି ?

**ଅଚ୍ୟୁତାନନ୍ଦ ପତି**: ଏହାର କାରଣ, ଲେଖକଙ୍କର ରୁଗ୍ଣ ଅହଙ୍କାର। ଦେଖନ୍ତୁ, ମୋ ପାଖକୁ ତ ଗଳ୍ପକୁ ନେଇ ଅନେକ ବଡ଼ବଡ଼ ଲୋକଙ୍କର ଚିଠି ଆସିଛି। କିନ୍ତୁ ଗୋଟିଏ ସେଥିମଧ୍ୟରୁ ମୋ ପାଇଁ ସବୁଠାରୁ ବଳି ମୂଲ୍ୟବାନ। ମଫସଲର ଜଣେ ହଳିଆ ମୋତେ ଲେଖିଥିଲେ, 'ସାର୍, ମୁଁ ହଳ କରେ। ବେଳେବେଳେ ଆପଣଙ୍କ ଗପ ପାଇଲେ ପଢେ। ଆପଣ ତ ଆମରିମାନଙ୍କ କଥା ଲେଖୁଛନ୍ତି।'

**ସାହିତ୍ୟ ଚର୍ଚ୍ଚା**: ସମାଜର ତଳ ସ୍ତରରେ ଥିବା ଶୋଷିତ, ଦଳିତଙ୍କ ସ୍ୱରକୁ ଆପଣ ସାକାର କରିଛନ୍ତି ନିଜ ଗଳ୍ପରେ।

**ଅଚ୍ୟୁତାନନ୍ଦ ପତି**: ଯେଉଁମାନେ ସମାଜରେ ଦୀନ, ହୀନ, ନ୍ୟୂନ, ତାଙ୍କରି କଥା କହିବାକୁ ଚେଷ୍ଟା କରିଛି।

**ସାହିତ୍ୟ ଚର୍ଚ୍ଚା**: ଆପଣଙ୍କ 'ଅଶୁଭ ପୁତ୍ରର କାହାଣୀ'ରେ ଆପଣ ଦର୍ଶାଇଛନ୍ତି ପେଚା ଛୁଆଟିଏ ଅନ୍ଧାରି ମୂଲକରୁ ଆଲୁଅକୁ ଆସିବାକୁ ଚେଷ୍ଟା କରି କେମିତି ଶେଷକୁ ହାରିଯାଇଛି। ଏହା ଦଳିତ ବର୍ଗର ଜୀବନ-ସଂଘର୍ଷର ଏକ ସାଙ୍କେତିକ ଉପସ୍ଥାପନା କି ?

**ଅଚ୍ୟୁତାନନ୍ଦ ପତି**: ହଁ, ସେ ଆଲୋକକୁ ଜୟ କରିବା ପାଇଁ ଯାଇଛି, କିନ୍ତୁ ପାରିନାହିଁ। ଏହି କାହାଣୀଟି ଭାରତର ବହୁ ଭାଷାରେ ଅନୁବାଦିତ ହୋଇଛି। ଋଷ ଏବଂ ଇଂଲଣ୍ଡ ଭଳି ବିଭିନ୍ନ ଦେଶରେ ବି ଲୋକପ୍ରିୟ ହୋଇଛି। ଏହାକୁ 'ପ୍ରୋଗ୍ରେସିଭ୍ ଲିଟରେଚର' ଭାବରେ ଗ୍ରହଣ କରାଯାଇଛି।

**ସାହିତ୍ୟ ଚର୍ଚ୍ଚା:** ଜଣେ ବିପ୍ଳବ-ଚେତାର ହାରିଯିବାର କଥା ଆପଣ କାହିଁକି କହିଛନ୍ତି ?

**ଅଚ୍ୟୁତାନନ୍ଦ ପତି:** ସେ ହାରିଯାଇଛି ସତ । କିନ୍ତୁ ତା'ର ଶେଷ କଥାଟି ଆପଣ ପଢିନାହାନ୍ତି କି ! ସେ କହିଛି, 'ମାଆ, ତୁ କାନ୍ଦନା । ମୋର ଆଉ ଭାଇ ହେଲେ ତାଙ୍କୁ କହିବୁ, ତାଙ୍କ ଭାଇ ଆଲୋକ ରାଜ୍ୟ ଜୟ କରିବାକୁ ଯାଇ ବୀର ପରି ମରିଛି ।'

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ଗଳ୍ପରେ ଅଛି, ମାଟି ସହିତ ଯୋଡ଼ି ହୋଇ ରହିଥିବା ମଣିଷର ଚିତ୍ର ।

**ଅଚ୍ୟୁତାନନ୍ଦ ପତି:** ମାଟି ମୋ'ର କଂଚା ମାଲ । ମୁଁ ମାଟିରେ ଘାଣ୍ଟିଚକଟି ହୁଏ । କିନ୍ତୁ ମୁଁ ମୂଲିଆ ନୁହେଁ, ମୁଁ ମୂର୍ତ୍ତିକାର । ମାଟିକୁ ଚକଟି ଚକଟି ମୂର୍ତ୍ତି ତିଆରିକରେ ।

**ସାହିତ୍ୟ ଚର୍ଚ୍ଚା:** ଆଶା କରୁଛି, ପରବର୍ତ୍ତୀ ଯେଉଁ ପ୍ରଶ୍ନଟି ମୋ ମନକୁ ଆସୁଛି ତାହାର ଉତ୍ତର ଆପଣ ଅନ୍ୟ ଅନେକ ଲେଖକଙ୍କ ପରି ଔପଚାରିକ ଭାବରେ ଦେବେ ନାହିଁ; ଯେମିତି, 'ମୋର ସମସ୍ତ ସୃଷ୍ଟି ମୋର ସନ୍ତାନ ଭଳି । ତେଣୁ ମୋର ସେମାନଙ୍କ ପ୍ରତି ବାଛବିଚାର ନାହିଁ ।' ତଥାପି ମୁଁ ପଚାରିବି, ଆପଣଙ୍କ ସୃଷ୍ଟି ସମଗ୍ର ଭିତରୁ ଆପଣଙ୍କ ପ୍ରିୟତମ ରଚନାଟି କ'ଣ ?

**ଅଚ୍ୟୁତାନନ୍ଦ ପତି:** (ହସି) ମୋର ସେଇ ଏକା ଉତ୍ତର । ଛୁଆ ସିଂଘାଣି-ନାକିଆ ହେଉ, କି ଯାହାବି ହେଉ, ମାନସ ସନ୍ତାନ ସଭିଏଁ ସମାନ ।

**ସାହିତ୍ୟ ଚର୍ଚ୍ଚା:** ତଥାପି କହନ୍ତୁ, ନିଜର କେଉଁ ଗପଟି ଆପଣଙ୍କୁ ବାରମ୍ବାର ଖୋଲି ପଢିବାକୁ ଇଚ୍ଛା ହୁଏ ?

**ଅଚ୍ୟୁତାନନ୍ଦ ପତି:** ସେମିତି କହିଲେ, ପ୍ରଥମେ ମୁଁ ଯେଉଁ ଗଳ୍ପ ଲେଖିଥିଲି - 'ଚାରି ସଂଗାତ କଥା,' 'ଅବୋଲକରାର ଅନୁଚିନ୍ତା,' 'କଇଁ', 'ମଉନାବତୀର ମାନ,'- ଏଗୁଡିକ ବସି ବେଳେବେଳେ ପଢେ । ଆଜିକାଲି ଆଉ ସେମିତି ଗଳ୍ପ ଲେଖୁନାହିଁ ।

**ସାହିତ୍ୟ ଚର୍ଚ୍ଚା:** ଆଉ ଗୋଟିଏ କଥା । ଆପଣ ତ ସାରଳା ସମ୍ମାନ ଓ ଅତିବଡୀ ସମ୍ମାନ ଭଳି ବହୁ ପୁରସ୍କାରରେ ଭୂଷିତ ହୋଇଛନ୍ତି । ଏଭଳି ସ୍ୱୀକୃତି ଆପଣଙ୍କ ରଚନାଧର୍ମୀତାକୁ ପ୍ରଭାବିତ କରିଛି କି ?

**ଅଚ୍ୟୁତାନନ୍ଦ ପତି:** ଜଣେ ନୋବେଲ୍ ପୁରସ୍କାର ବିଜେତାଙ୍କୁ ଆଉଜଣେ ପଚାରିଲେ, 'ଆପଣଙ୍କୁ ବର୍ତ୍ତମାନ କେମିତି ଲାଗୁଚି ?' ସେ କହିଥିଲେ, 'ମୁଁ ଏଇ ବହିଟି ଲେଖିବା ବେଳେ, ଏବଂ ସାରିବା ବେଳେ ଯେଉଁ ଆନନ୍ଦ ପାଇଥିଲି, ଏ ପୁରସ୍କାରର ଆନନ୍ଦ ତା' ତୁଳନାରେ କିଛି ନୁହେଁ ।' ଆଜିକାଲି ପୁରସ୍କାର ବ୍ୟକ୍ତି ପାଇଁ ବେଶୀ ଦିଆଯାଏ ଏବଂ କୃତି ପାଇଁ କମ୍ । ଉଇଲିଆମ୍ ଫକନର୍ ତାଙ୍କ ପାଇଁ ନୋବେଲ ପୁରସ୍କାର ଘୋଷଣା ହେବାପରେ କହିଥିଲେ, 'ଯଦି ଫକନର୍‌କୁ ଜଣେ ବ୍ୟକ୍ତି ହିସାବରେ ଏହି ପୁରସ୍କାର ଦେଉଛ, ତେବେ ଦିଅନାହିଁ । କିନ୍ତୁ ଯଦି ଫକନର୍‌ର କୃତିକୁ ଏଇଟି ଦେଉଛ, ତେବେ ଦିଅ ।'

**ସାହିତ୍ୟ ଚର୍ଚ୍ଚା:** କିଛି ସମୟ ପୂର୍ବରୁ ଆପଣ କହିଲେ ଯେ ଆପଣ ନୂତନ ସ୍ରଷ୍ଟାମାନଙ୍କ ଗଳ୍ପ ଅଧିକ ପଢ଼ନ୍ତି । ତେବେ ସେଗୁଡ଼ିକ ପଢିବା ପରେ, ଆପଣ ଓଡ଼ିଆ ଗଳ୍ପର ଭବିଷ୍ୟତ ନେଇ ଆପଣ ଆଶାବାଦୀ ହୁଅନ୍ତି କି ?

**ଅଚ୍ୟୁତାନନ୍ଦ ପତି:** ଶୁଣନ୍ତୁ, ମୁଁ ପିଲାମାନଙ୍କର ଗପ ପଢୁଛି । ଆଉ କିଛି ପଢୁନାହିଁ, କେବଳ ନୂଆ ପିଲାଙ୍କ ଗପ ସବୁ ଖୋଜି ଖୋଜି ପଢୁଚି । ଯେଉଁମାନେ ଗଳ୍ପରେ ତୁଳୀ ଚଳାଇଛନ୍ତି, ପ୍ରଥମ ହାତରେ କେଉଁଠି ମୋଟା ଆଉ କେଉଁଠି ସରୁ ଗାର ହୋଇ ହୁଏତ ଚିତ୍ରଟିଏ ହୋଇପାରେ । ସେଇଟା ଖୁଣ ନୁହେଁ, ବରଂ ସେଇଟା ଅଭ୍ୟାସ ପରେ ଠିକ୍ ହୋଇଯିବ । କିନ୍ତୁ ଗଳ୍ପର ଆତ୍ମାକୁ ମୁଁ ପିଲାଙ୍କ ଗଳ୍ପରେ ଖୋଜି ପାଇଛି । ତେଣୁ ମୁଁ ଆଶାବାଦୀ ।

**'ମୁଁ ଏଇ ବହିଟି ଲେଖିବା ବେଳେ, ଏବଂ ସାରିବା ବେଳେ ଯେଉଁ ଆନନ୍ଦ ପାଇଥିଲି, ଏ ପୁରସ୍କାରର ଆନନ୍ଦ ତା' ତୁଳନାରେ କିଛି ନୁହେଁ ।'**

**ସାହିତ୍ୟ ଚର୍ଚ୍ଚା:** ତାହାଲେ ଆପଣ ଯଦି ଏହା ଅନୁଭବ କରିଛନ୍ତି, ତେବେ ତ ଆମେ ଭାବୁଛୁ ଯେ ଗଳ୍ପର ଭବିଷ୍ୟତ ବେଶ୍ ସୁଦୃଢ଼ ।

**ଅଚ୍ୟୁତାନନ୍ଦ ପତି:** ମୁଁ ଚ୍ୟାଲେଂଜ୍ କରି କହୁଚି, ଓଡ଼ିଆରେ ଯେଉଁ ଗଳ୍ପ ଲେଖା ହୋଇଛି ବା ହେଉଛି ତାହା ଆମ ଦେଶର ଅନ୍ୟ କୌଣସି ଭାଷାର ଗଳ୍ପଠାରୁ କୌଣସି ଗୁଣରେ ନ୍ୟୂନ ନୁହେଁ । କିନ୍ତୁ କଥା କ'ଣ କି, ତାଙ୍କର ପ୍ରଚାର ଅଛି, ଆମର ନାହିଁ ।

**ସାହିତ୍ୟ ଚର୍ଚ୍ଚା:** ଆଜିର ଏହି ମନୋଜ୍ଞ ଆଲୋଚନାଟି ପାଇଁ ଆମେ ଆପଣଙ୍କ ନିକଟରେ ଅନେକ କୃତଜ୍ଞ ।

□□

ପ୍ରବନ୍ଧ

# ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ଶଶିସେଣା ଓ କବି ପ୍ରତାପ ରାୟ



ଡ. ଅଶୋକ କୁମାର ପଣ୍ଡା

ପ୍ରାଚୀନ କାଳରୁ ସଂସ୍କୃତ କିମ୍ବା ପ୍ରାକୃତ ଭାଷାରେ କାବ୍ୟ ରଚନା କରିବା ପାଇଁ ସ୍ରଷ୍ଟାବୃନ୍ଦ ରାମାୟଣ, ମହାଭାରତ, କିମ୍ବା ଅଷ୍ଟାଦଶ ପୁରାଣ, ଉପପୁରାଣ ନିକଟକୁ ଯାଉଥିଲେ ବିଷୟବସ୍ତୁ ଆହରଣ ନିମନ୍ତେ। ପ୍ରାଚୀନ ଓଡ଼ିଆ ସାହିତ୍ୟର କାବ୍ୟ ଜଗତର କଳେବର ପରିପୁଷ୍ଟ କରିବା ପାଇଁ ଯଥା ସମ୍ଭବ ଏଗୁଡିକର ସୃଷ୍ଟି ହୋଇଥିଲା। ରାମାୟଣ, ମହାଭାରତ, ଭାଗବତରୁ ସଂଗୃହୀତ ବିଷୟବସ୍ତୁକୁ ନେଇ ରାମାତ୍ମକ ଓ କୃଷ୍ଣାତ୍ମକ କାବ୍ୟ ରଚିତ ହେଉଥିଲା। ଅନ୍ୟାନ୍ୟ ପୁରାଣରୁ ବିଷୟବସ୍ତୁ ସଂଗ୍ରହ କରି କେତେକ ଆଖ୍ୟାନମୂଳକ କାବ୍ୟ ଉଚିତ ହୋଇଯାଇଛି। ଲୋକ ପ୍ରଚଳିତ କେତେକ କଥା ଏବଂ ଉପାଖ୍ୟାନକୁ ନେଇ ମଧ୍ୟ ଅନେକ କାବ୍ୟ ରଚିତ ହୋଇଛି। ଏ ପରିପ୍ରେକ୍ଷୀରେ ଦେଶ ପ୍ରଚଳିତ କଥା ଅବଲମ୍ବନରେ ପ୍ରତାୟରାୟ "ଶଶିସେଣା" କାବ୍ୟ ଲେଖିଥିବା ସ୍ୱାଭାବିକ। ତେଣୁ ଚଉଦଛାନ୍ଦ ବିଶିଷ୍ଟ "ଶଶିସେଣା" କାବ୍ୟ ପ୍ରତାପରାୟଙ୍କ ଏକ ସ୍ୱତନ୍ତ୍ର ସୃଷ୍ଟି।




କବି ପ୍ରତାପ ରାୟ "ଶଶିସେଣା" କାବ୍ୟର କାହାଣୀ ପରିକଳ୍ପନା ଏବଂ ରଚନା ପୂର୍ବରୁ ଦେଶରେ ହଳାହଳ କୁମାର ବା ଶଶିସେଣା କଥା ଯେ ପ୍ରଚଳିତ ଥିଲା ତାହା କବିଙ୍କ ରଚନାରୁ ଜଣାଯାଏ। ଯଥା-

"କର-ପତ୍ର ଯୋଡ଼ି ବୋଲେ ଶୁଣ ଭୋ ନାଥ
ଶଶିସେଣା କଥା ମୋତେ କହ କେମନ୍ତ।"

ମଧ୍ୟଯୁଗୀୟ କବିବୃନ୍ଦ କାବ୍ୟର ପ୍ରତ୍ୟେକ ଛାନ୍ଦର ଶେଷରେ ପ୍ରାୟ ନିଜକୁ ଜଗନ୍ନାଥଙ୍କ ଭକ୍ତ ଭାବରେ ହିଁ ପରିଚିତ କରାଇଥାନ୍ତି। କବିଙ୍କ ଲେଖନୀରେ ତାହା-

"ନୀଳଗିରି-ଜଗନ୍ନାଥ କରୁଣା କର
ଲକ୍ଷ୍ମୀ ସରସ୍ୱତୀ ନିତ୍ୟେ ଉଦନ୍ତି ଯାର।" (୧/୬୧)
"ଦକ୍ଷିଣ ସିନ୍ଧୁ ଉତ୍ତର ପାର୍ଶ୍ୱେ ଦେଶ ନୀଳଗିରି
ବଉଧ ରୂପେ ଦାରୁବ୍ରହ୍ମ ଯହିଁ ବିଜୟେ କରି।" (୨/୨୨)
"ଜୟ ଜଗନ୍ନାଥ ଅନାଥ ବନ୍ଧୁ
ଶରଣ ପଞ୍ଜର କରୁଣା ସିନ୍ଧୁ
ଭଗତ ଜନମାନଙ୍କର ହିତେ
ବିଜୟ ପ୍ରଭୁ ନନ୍ଦିଘୋଷ ରଥେ।" (୬/୩୪)

କବିଙ୍କର ବାସସ୍ଥାନ, ସମୟ, ଜୀବନୀ ସଂପର୍କରେ ବିଶେଷ କିଛି ତଥ୍ୟ ଦୃଷ୍ଟିଗୋଚରକୁ ଆସେ ନାହିଁ। ତେଣୁ କବିଙ୍କ ଜୀବନୀ ସଂପର୍କରେ ବିଶେଷ କିଛି କହିବା ଅସମ୍ଭବ। କବି ପ୍ରତାପରାୟ କାବ୍ୟର କୌଣସି ସ୍ଥାନରେ ନିଜର ଆତ୍ମପରିଚୟ କିମ୍ବା ବଂଶ ପରିଚୟ ଦେଇନାହାନ୍ତି। କାବ୍ୟଟିକୁ ପାଠ କଲେ ଜଣାଯାଏ ଯେ ନିଜ ଜୀବନକାଳ ଜଗନ୍ନାଥ ଧାମରେ ଅତିବାହିତ କରିଥିଲେ। କାବ୍ୟର ପ୍ରକୃତି ବର୍ଣ୍ଣନାରୁ ଜଣାଯାଏ ଯେ, କବି ଅରଣ୍ୟ ନିକଟସ୍ଥ ଗଡ଼ଜାତ ଅଞ୍ଚଳର ଅଧିବାସୀ ଥିଲେ।

କବି ପ୍ରତାପରାୟଙ୍କ ଜୀବନ ଚରିତ ସଂପର୍କରେ କୌଣସି ଉପାଦାନ ବା ନିର୍ଭରଯୋଗ୍ୟ ସୂତ୍ର ଏହି କାବ୍ୟରୁ ମିଳେ ନାହିଁ। କବି କାବ୍ୟ ମଧ୍ୟରେ ସ୍ୱକାଳର କୌଣସି ସୂଚନା ଦେଇନାହାନ୍ତି; ତଥାପି ଯେଉଁ ପ୍ରଣାଳୀରେ ସେ ସ୍ୱୀୟ ମନୋଭାବ ପ୍ରକାଶ କରିଛନ୍ତି ତାହା ପ୍ରାଚୀନ ରୀତିର ପରିଚାୟକ। କାବ୍ୟ ମଧ୍ୟରେ ଏପରି ଅନେକ ଶବ୍ଦ କବି ପ୍ରୟୋଗ କରିଛନ୍ତି ଯାହା କବିଙ୍କ ପ୍ରାଚୀନତା ପ୍ରମାଣ କରିବାରେ ପ୍ରଧାନ ସହାୟକ ହୋଇପାରିଛି।

କାବ୍ୟ ମଧ୍ୟରେ ସ୍ୱାମୀଚରଣ, ପ୍ରଲମ୍ଭ, ଉଡ଼ଙ୍ଗଶିଷ୍ୟ, କତାୟ, ଶୟଳ, ନଟୀକାଳ, ପାରୁଆ, ବିରେହା, ମୁହାଁସ, ସୁତିଲା, ବିନୋଇଣ ପ୍ରଭୃତି ଶବ୍ଦ ବ୍ୟବହୃତ ହୋଇଛି। ପ୍ରତ୍ୟେକ

ଛାନ୍ଦର ଆରମ୍ଭରେ ଯେଉଁ ବାଣୀମାନ ନିର୍ଦ୍ଦେଶ ହୋଇଛି ସେ ସବୁ ଆମର ଏକଥାକୁ ସମର୍ଥନ କରେ। ନିର୍ଦ୍ଦେଶିତ ବାଣୀଗୁଡ଼ିକ ଯଥା- ଚକ୍ରକେଳି, ସପନ ଚେତିଆ, ଆଷାଢ଼ ଶୁକ୍ଳ, କଳସା ବାଣୀ, ମୁନିବର ବାଣୀ ପ୍ରଭୃତି। ଏହି ବାଣୀ ଗୁଡ଼ିକ ରହସ୍ୟମଂଜରୀ ଏବଂ ପୂର୍ବବର୍ତ୍ତୀ କାବ୍ୟ ମାନଙ୍କରେ ନିର୍ଦ୍ଦେଶ ହୋଇଥିବାର ଦେଖିବାକୁ ମିଳେ। 'ଶଶିସେଣା' କାବ୍ୟ ଚତୁର୍ଦ୍ଦଶ ଛାନ୍ଦର "ସପନେ ଅଙ୍ଗ ସଙ୍ଗ ଲଭି ଅଙ୍ଗନା" ବାଣୀଟି ମଧ୍ୟ 'ଉଷାଭିଳାଷ' କାବ୍ୟ ପଞ୍ଚମ ଛାନ୍ଦର ୨ୟ ପଦ - "ସପନେ ଅଙ୍ଗ ସଙ୍ଗ ଲଭି ଅଙ୍ଗନା ବିରହେ ବାତୁଳ ବଚନ" ସଙ୍ଗେ ଏକ ଓ ଅଭିନ୍ନ ଏବଂ ତାହା ମଧ୍ୟ ସେହି ଆହାରୀ ରାଗରେ ରଚିତ। ଏଣୁ ଶିଶୁଶଙ୍କରଙ୍କ 'ଉଷାଭିଳାଷ' କାବ୍ୟ ରଚନା ପରେ 'ଶଶିସେଣ' କାବ୍ୟ ରଚିତ ହୋଇଥିବା ବିଷୟରେ କୌଣସି ସନ୍ଦେହ ସୃଷ୍ଟି ହୁଏ ନାହିଁ। ଏହି କାବ୍ୟ ୧୫୫୫ ଖ୍ରୀଷ୍ଟାବ୍ଦରେ ରଚିତ ହୋଇଥିବା ପ୍ରମାଣିତ ହୋଇଅଛି। 'ଶଶିସେଣା' କାବ୍ୟ ରଚିତ ହେବା ସମୟକୁ ଉଷାଭିଳାଷ ପାଠକ ନିକଟରେ ଯଥେଷ୍ଟ ଖ୍ୟାତି ଅର୍ଜନ କରିସାରିଥିଲା। ତେଣୁ 'ଉଷାଭିଳାଷ' କାବ୍ୟର ବାଣୀମାନ ଶଶିସେଣା କାବ୍ୟରେ ନିର୍ଦ୍ଦେଶିତ ହୋଇଅଛି।

**ଏହି କାବ୍ୟଟି ଭଞ୍ଜଯୁଗର ଶବ୍ଦାଳଙ୍କାର ଓ ଶବ୍ଦାଡମ୍ବରର ବୈଚିତ୍ର୍ୟରେ ବିମଣ୍ଡିତ ହୋଇନାହିଁ।**

କବି ପ୍ରତାୟରାୟଙ୍କ ଜନ୍ମ ସମୟ ଠିକ୍ ଭାବରେ ନିରୂପଣ ହୋଇପାରି ନାହିଁ ଏବଂ କୌଣସି ସଠିକ୍ ତଥ୍ୟ ମିଳେନାହିଁ। ଶଶିସେଣା କାବ୍ୟର ମୁଖବନ୍ଧରେ କୁହାଯାଇଛି, ଉଷାଭିଳାଷ କାବ୍ୟ ରଚନାର ପ୍ରସିଦ୍ଧି ଅର୍ଜନ ପାଇଁ ଏକଶତ ବର୍ଷ ଧରି ନେଲେ ଏବଂ ୧୫୫୫ ଖ୍ରୀଷ୍ଟାବ୍ଦରେ ଯୋଗ କରି ୧୬୫୫ ଖ୍ରୀଷ୍ଟାବ୍ଦ ବେଳକୁ 'ଶଶିସେଣା' କାବ୍ୟଟି ରଚିତ ହୋଇଥିବା ଜଣାଯାଏ। କାବ୍ୟଟି ରଚନା ବେଳକୁ ଅନୁମାନବଶତଃ କବିଙ୍କୁ ଯଦି ୨୫ ବା ୩୦ ବର୍ଷ ବୟସ ହୋଇଥିବା ଧରାଯାଏ ତେବେ ୧୬୩୦ କିମ୍ବା ୧୬୨୫ ଖ୍ରୀଷ୍ଟାବ୍ଦରେ ପ୍ରତାପରାୟ ଜନ୍ମଗ୍ରହଣ କରିଥିବା ସମ୍ଭବ ମନେ ହୁଏ। ତେଣୁ ପ୍ରତାପ ରାୟଙ୍କୁ ସପ୍ତଦଶ ଶତାବ୍ଦୀର ମଧ୍ୟଭାଗର କବି ଏବଂ ଶଶିସେଣା ସପ୍ତଦଶ ଶତାବ୍ଦୀର ମଧ୍ୟଭାଗର କାବ୍ୟ ବୋଲି ଧରାଯାଏ। ଏହି କାବ୍ୟଟି ଭଞ୍ଜଯୁଗର ଶବ୍ଦାଳଙ୍କାର ଓ ଶବ୍ଦାଡମ୍ବରର ବୈଚିତ୍ର୍ୟରେ ବିମଣ୍ଡିତ ହୋଇନାହିଁ। ଶରତ ଆକାଶର ମେଘ ମୁକ୍ତ ଶଶୀ ତୁଲ୍ୟ କବିତ୍ୱର ଜ୍ୟୋତି ଏବଂ କବି ପ୍ରତିଭାର ମୂର୍ଚ୍ଛନା ବିକଶିତ ହୋଇଉଠିଛି। କାବ୍ୟଟିକୁ ଅଧ୍ୟୟନ କଲେ ଜଣାଯାଏ ଯେ, ଏଥିରେ ପୁରାଣ ଯୁଗର ଅଦ୍ଭୂତ କଳ୍ପନା ଏବଂ କାବ୍ୟ ଯୁଗର ଅଦ୍ଭୂତ ମାର୍ଜିତ ରୁଚି ପାଠକ ଏବଂ ସମାଲୋଚକଙ୍କର ଦୃଷ୍ଟି ଆକର୍ଷଣ କରିଥାଏ।

କାବ୍ୟ ନାୟିକା ଶଶିସେଣାର ନାମାନୁସାରେ କାବ୍ୟଟିର ନାମ "ଶଶିସେଣା" ହୋଇଅଛି। ଅମରାବତୀ ରାଜ୍ୟର ରାଜା ବିକ୍ରମ କେଶରୀଙ୍କ କନ୍ୟା ଶଶିସେଣା ଏବଂ ମନ୍ତ୍ରୀ କୁଶଳ ରମଣଙ୍କ ପୁତ୍ର ଅହିମାଣିକ୍ୟ ଉଭୟଙ୍କ ଜୀବନର ବିଚିତ୍ର ଘଟଣାବଳୀ ଏବଂ ପତି ପତ୍ନୀ ରୂପରେ ଉଭୟଙ୍କ ଜୀବନର ବିଚିତ୍ର ଘଟଣାବଳୀ ଏବଂ ପତି ପତ୍ନୀ ରୂପରେ ଉଭୟଙ୍କ ଜୀବନର ପ୍ରେମଚିତ୍ର ଉପସ୍ଥାପନ କାବ୍ୟର ପ୍ରତିପାଦ୍ୟ ବିଷୟ। ଗୋଟିଏ ବହୁ ପ୍ରସାରଣଶୀଳ ଲୋକକଥାକୁ ନେଇ ଏହି କାବ୍ୟର ଗଳ୍ପାଂଶ ଗଠିତ ହୋଇଥିଲେ ହେଁ ମୂଳ ଗଳ୍ପଠାରୁ କାବ୍ୟର ଆଖ୍ୟାନ ଭାଗରେ ବହୁ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ। ଆଦିମ କଥାର ସ୍ୱଚ୍ଛତା ଏଥିରେ କବିତ୍ୱର କଳ୍ପନାରେ ବହୁ ପରିମାଣରେ ରଞ୍ଜିତ ହୋଇଅଛି। ମୂଳକଥାରେ ଚକୁଳିଆ ପଣ୍ଡାପୁଅ ଅଭିମନ୍ୟୁ ସହିତ ଶଶୀସେଣାର ପ୍ରଣୟ ସଂଘଟିତ ହୋଇଥିଲେ ହେଁ ଆଲୋଚିତ କାବ୍ୟରେ ଅଭିମନ୍ୟୁ ପରିବର୍ତ୍ତେ ମନ୍ତ୍ରୀ କୁଶଳ ରମଣଙ୍କ ପୁତ୍ର ଅହିମାଣିକ୍ୟ ନାୟକ ରୂପେ ବର୍ଣ୍ଣିତ ହୋଇଅଛି। ଉଭୟଙ୍କ ଜନ୍ମ କାହାଣୀରେ ସାମାନ୍ୟ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ। କେଉଁ କଥାବସ୍ତୁ ଓ ଅହେତୁକ କଳ୍ପନାର ଚାତୁରୀରେ କାବ୍ୟଟି ରଚିତ, ତାହା ଆଲୋଚନାର ବିଷୟ। ଆମ ଦେଶରେ ଅନେକ ପ୍ରାଚୀନ କାହାଣୀ ପ୍ରଚଳିତ। ବୁଢ଼ୀମା ଏବଂ ଆଈ ମୁହଁରୁ ଅନେକ କାହାଣୀ ଶୁଣି ଥାଉଁ। ତନ୍ମଧ୍ୟରେ ହଳାହଳ କୁମର ବା ଶଶିସେଣା ଅଭିମନ୍ୟୁ ଗଳ୍ପ ଅନ୍ୟତମ। ଏହି କାହାଣୀଟି ସଂପର୍କରେ ସମ୍ୟକ ଧାରଣା ଦେବା ପାଇଁ ନିମ୍ନରେ ତାହାର ଅବତାରଣା କରାଗଲା।

ଏକଦା ନାଗରାଜା ପୁଅ ହଳାହଳ କୁମର ମଞ୍ଚ ଦେଖିବାକୁ ଆସି ସାପ ଛୁଆଟିଏ ହୋଇ ନଈରେ ଖେଳୁଥିଲା। ସେହି ସ୍ଥାନରେ ଚକୁଳିଆ ପଣ୍ଡା ଗାଧୋଇଲା ବେଳେ ତା ଅଜାଣତରେ ସାପ ଛୁଆଟି ଡ଼ାଲରେ ପଶି ଯାଇଥିଲା। ଘରକୁ ଆସିବା ପରେ

ଭାରିଯା ଡ଼ାଳ ଭିତରେ ସାପ ଛୁଆକୁ ଦେଖି ପାଣି ଢ଼ାଳି ଦେଲା ପରେ ସାପ ଛୁଆଟି ସୁନ୍ଦର ଶିଶୁଟିଏ ହୋଇଗଲା। ଶିଶୁଟିର ନାମ ଅଭିମନ୍ୟୁ ଦେଇ ତାକୁ ବଡ ଯତ୍ନରେ ପାଳିଲା। ଅଭିମନ୍ୟୁ କାଳକ୍ରମେ ବଡ଼ ହୋଇ ରାଜାଙ୍କ ଚାଟଶାଳୀକୁ ଗଲା। ସେଠାରେ ରାଜାଝିଅ ପଢୁଥାଏ। ଦିନେ ଅଭିମନ୍ୟୁର ଖଡ଼ି ରାଜାଝିଅ ଆଡକୁ ଗଡିଗଲା। ଶଶିସେଣା ସତ୍ୟ କରାଇ ଖଡ଼ି ନେଇ ତାକୁ ଦେଲା। ଅଭିମନ୍ୟୁ ସତ୍ୟର କଥା ପଚାରନ୍ତେ ଶଶିସେଣା କହିଲା ତୁମ୍ଭେ ମତେ ବାହାହେବ। ତା'ପରେ ଦୁହେଁ ବାରହାତ ଖଣ୍ଡା ଧରି ମଢ଼ିଆ ଘୋଡ଼ା ପିଠିରେ ବସି ବିଦେଶକୁ ଗଲେ। ଗଲାବେଳେ ବାଟରେ ଦେଖିଲେ ଠେକୁଆ ଲାଙ୍ଗୁଡ଼ଟିଏ ପଡିଛି ଏବଂ ସେ କହିଲା ମୁଁ ତୁମ କାମରେ ଲାଗିବି। ଏହା ଶୁଣି ତାକୁ ଘୋଡ଼ା ଲାଙ୍ଗୁଡରେ ବାନ୍ଧି ସାଙ୍ଗରେ ନେଲେ। ଗଲାବେଳେ ବାଟରେ ପଡିଲା କୁଲା, ବାଉଁଶିଆ ଓ ଲଙ୍ଗଳ ଲୁହା। ଠେକୁଆ କହିବା ଅନୁସାରେ ଏସବୁକୁ ସାଙ୍ଗରେ ନେଲେ। ଯାଉ ଯାଉ ବାଟରେ ରାତି ହୋଇଯିବାରୁ ବୁଢ଼ୀ ଅସୁରୁଣୀ ଘରେ ରହିଲେ। ତା'ର ସାତ ପୁଅ। ସେମାନେ ଘରକୁ ଫେରିଲା ପରେ ବୁଢ଼ୀ କହିଲା ତୁମ ପାଇଁ ଭଲ ଖାଦ୍ୟ ଘରେ ରଖିଛି, ଯାଇ ଖାଇବ। ଅସୁରେ ଯାଇ ଦେଖିଲେ ସମସ୍ତେ କବାଟ କିଳି ଶୋଇଛନ୍ତି। ସେଇଠୁ ପଚରାରିଲେ, ତୁମେ କିଏ। ଠେକୁଆ ଲାଙ୍ଗୁଡ ଉତ୍ତର ଦେଲା ଆମେ ଅସୁରଙ୍କ ଶଶୁର। ଅସୁରମାନେ ଜିଭ, ଦାନ୍ତ, ପାଟି ଦେଖାଇବାକୁ କହିବାରୁ ଠେକୁଆ ଲାଙ୍ଗୁଡଟି କୁଲା, ବାଉଁଶିଆ ଓ ଲଙ୍ଗଳ ଲୁହା ଦେଖାଇଦେଲା। ଅସୁରମାନେ ତା' ଦେଖି ଡରି ପଳାଇଗଲେ। ମଧ ରାତ୍ରରେ ଠେକୁଆ ଲାଙ୍ଗୁଡ ଅଭିମନ୍ୟୁ ଓ ଶଶିସେଣାକୁ ଉଠାଇ ଏସବୁ କହିଲେ। ଏହା ଶୁଣି ସେଠାରୁ ଦୁହେଁ ଚାଲିଗଲେ। ଅସୁରମାନେ ଦେଖିଲାବେଳେ କେହି ନାହାନ୍ତି। ସେଠାରେ ବୁଢ଼ୀ କହିଲା ମୁଁ ଘୋଡ଼ା ଲାଙ୍ଗୁଡରେ ଶୋରିଷ ବାନ୍ଧି ଦେଇଛି। ତାହା ବୁଣି ହୋଇ ସାଙ୍ଗେ ସାଙ୍ଗେ ଗଛ ହୋଇ ଫୁଲ ଫୁଟି ଯାଉଥିବ। ତୁମେ ପଛରେ ତାଙ୍କୁ ମିଶିବ। ଅସୁରମାନେ ଧାଇଁଲେ ତାଙ୍କୁ ବାଟରେ ମିଶିଲେ।

କିନ୍ତୁ ଅଭିମନ୍ୟୁ ତାଙ୍କୁ ଦେଖି ବେତ ମଞ୍ଜି ବୁଣି ଦେବାରୁ ତାହା ବେତ ଗଛ ହୋଇଗଲା। ଅସୁରମାନେ ବେତ ଗଛର କଣ୍ଟାକୁ ନମାନି ଗୋଡ଼ାଇବାକୁ ଲାଗିଲେ। ତା'ପରେ ଅଭିମନ୍ୟୁ ଅଙ୍ଗାର ଗୁଡ଼ିଏ ବୁଣିଦେଲା। ଚାହୁଁ ଚାହୁଁ ହୁ ହୁ ହୋଇ ନିଆଁ ଜଳି ଉଠିଲା। ପୁଣି ନିଆଁକୁ ଡେ଼ଇଁ ଗୋଡ଼ାଇଲେ। ତା'ପରେ ଅଭିମନ୍ୟୁ ଫୁ କରି ଫୁଙ୍କି ଦେବାରୁ ଚାରିଆଡେ କୁହୁଡିମୟ ହୋଇଗଲା ଆଉ ମୁହଁ ଦେଖାଗଲା ନାହିଁ। ତା'ପରେ ଅସୁରମାନେ ଗନ୍ଧବାରି ଆସି ପହଞ୍ଚିଲେ। ଶେଷରେ ଅଭିମନ୍ୟୁ ବାରହାତ ଖଣ୍ଡା ବୁଲାଇ ହାଣି ପକାଇଲା। ଟିମା ନାମରେ ସବା ସାନ ଅସୁର ନିବେଦନ କଲା, ମତେ ହାଣ ନାହିଁ ମୁଁ ତୁମର ଚାକର ହୋଇ ସେବା କରିବି। ଟିମାର କଥାରେ ଶଶିସେଣାର ହୃଦୟ ବିଚଳିତ ହେଲା ଓ ସେ ଅଭିମନ୍ୟୁକୁ କହିଲା, ତାକୁ ମାର ନାହିଁ। ତା'ପରେ ଟିମାକୁ ସାଥିରେ ନେଇ କିଛି ରାସ୍ତା ଗଲା ପରେ ଏକ ନିର୍ଜନ ସ୍ଥାନରେ ରହିଲେ। ଶଶିସେଣା ଭାତ ରାନ୍ଧିଲା। ଅଭିମନ୍ୟୁ ଗାଧୋଇବାକୁ ଗଲା। ଟିମା ଭଣ୍ଡାରି ହୋଇ ସାଙ୍ଗରେ ତେଲ ଧରି ଯାଇ ପୋଖରୀ କୂଳରେ ଅଭିମନ୍ୟୁକୁ ତେଲ ଲଗାଇବା ବେଳେ ବାରହାତ ଖଣ୍ଡାରେ ହାଣି ଦେଇ ଗଣ୍ଡିଟାକୁ ଗିଳିଦେଲା। ହାତ, ଗୋଡ଼ ଓ ମୁଣ୍ଡକୁ ପୋଖରୀକୂଳ ବାଲିରେ ପୋତି ଦେଇ ତା'ର ଲୁଗାପଟା ପିନ୍ଧି ଫେରି ଆସିଲା। ଶଶିସେଣା ତାକୁ ଚିହ୍ନି ନ ପାରି ଅଭିମନ୍ୟୁ ଭାବି ଅହିମାଣିକ୍ୟମଣି ଖାଇବାକୁ ଦେଲା। ସବୁ ଭାତ ଖାଇ ସରିଗଲା ପରେ ଶଶିସେଣା ପଚାରିଲା, ତମେ ଆସିଲ, ଆଉ ଟିମା କୁଆଡ଼େଗଲା ? ତେବେ ଯାଇ ସେ କହିଲା, ମୁଁ ପରା ଟିମା। ଅଭିମନ୍ୟୁ ପୋଖରୀରେ ବୁଡି ମରିଯିବା ପରେ ମୁଁ ତାର ପୋଷାକ ପିନ୍ଧି ଆସିଲି। ଏକଥା ଶୁଣି ଶଶିସେଣା ରାଗିଯାଇ ବାରହାତ ଖଣ୍ଡା ଉଠାଇ କହିଲା, ଅଭିମନ୍ୟୁ କେଉଁଠି ମରିପଡ଼ିଛି ଦେଖା, ନ ହେଲେ ତତେ ମୁଁ ଏବେ ହାଣି ଗଡ଼ି କରିଦେବି। ଟିମା ଡରିଯାଇ ଯେଉଁଠାରେ ପୋତିଥିଲା ଦେଖାଇଲା ଏବଂ ଗିଳିଥିବା ଗଣ୍ଡିଟାକୁ ବାନ୍ତି କଲା। ଶଶିସେଣା ହାତ, ଗୋଡ, ଗଣ୍ଡି, ମୁଣ୍ଡ ସବୁ ଯୋଡ଼ିଦେଇ ବସି କାନ୍ଦିବାକୁ ଲାଗିଲା। ମଧ ରାତ୍ରରେ ଶିବପାର୍ବତୀ ଶୂନ୍ୟରେ ଉଡି ଯାଉଥିଲେ। ତାଙ୍କ କାନରେ କାନ୍ଦଣା ଶୁଭିବାରୁ ସେଠାକୁ ଆସି ଫୁଲ ପାଣି



ତିନି ମୁଠା ଛିଞ୍ଚିବାରୁ ଅଭିମନ୍ୟୁ ଜୀବନ ପାଇଲା। ଅଭିମନ୍ୟୁ ଆଗରେ ସବୁ କହିଲା ପରେ ରାଗରେ ଅଭିମନ୍ୟୁ ଟିମାକୁ ହାଣି ଅନ୍ୟ ଦେଶକୁ ଚାଲିଗଲା। ଗଲାବେଳେ ବାଟରେ ଶୋଷ ହେବାରୁ ଶଶିସେଣାକୁ ଗୋଟାଏ ଆମ୍ବଗଛ ମୂଳେ ବସାଇ ଗାଁ ଭିତରକୁ ପାଣି ପାଇଁ ଗଲା। ସେହି ଗାଁର ଜ୍ଞାନଦେଈ ମାଲୁଣୀ ଅଭିମନ୍ୟୁକୁ ଘରକୁ ଡାକିନେଇ କଳାଫୁଲଟିଏ ଶୁଙ୍ଘାଇଦେଇ ତାକୁ କାଳିଆ ମେଣ୍ଢାଟିଏ କରିଦେଲା। ସେଠାରୁ ଆଉ ଅଭିମନ୍ୟୁ ଫେରିଲା ନାହିଁ। ତା'ପରେ ଶଶିସେଣା ଗାଁକୁ ଗଲା ଖୋଜିବାକୁ। ସେଠାରେ ଗଣ୍ଡାଟି ମାତି ବୁଲୁଥିଲା। ରାଜା ଧେଣ୍ଡୁରା ଦେଇଥିଲେ, ଗଣ୍ଡାକୁ ଯେଉଁ ବ୍ୟକ୍ତି ମାରିଦେବ ତାକୁ ସେ ନିଜ ଝିଅକୁ ବାହାଦେବେ। ଏହା ଜାଣିଲା ପରେ ଶଶିସେଣା ମରଦ ପୁଅ ବେଶ ଧାରଣ କଲା ଏବଂ ବାରହାତ ଖଣ୍ଡା ବୁଲାଇ ଗଣ୍ଡାକୁ ମାରି ରାଜାଙ୍କ ପାଖରେ ପହଞ୍ଚିଲା। ରାଜା ଆନନ୍ଦିତ ହୋଇ ବାହାଘର ପାଇଁ ପ୍ରସ୍ତୁତ ହେଲେ। ଶେଷରେ ଶଶିସେଣା କହିଲା ମୋର ଗୋଟାଏ ବ୍ରତ ଅଛି ଏକ ବର୍ଷ ପରେ ବ୍ରତ ସରିବ, ତା'ପରେ ମୁଁ ବାହାହେବି।

**ଶିବ-ପାର୍ବତୀଙ୍କ କାନରେ କାନ୍ଦଣା ଶୁଭିବାରୁ ସେମାନେ ସେଠାକୁ ଆସି ଫୁଲ ପାଣି ତିନି ମୁଠା ଛିଞ୍ଚିବାରୁ ଅଭିମନ୍ୟୁ ଜୀବନ ପାଇଲା।**

ଏଥୁ ଅନ୍ତେ ଅନେକ ଦିନ ବିତିଗଲା। ଶଶିସେଣା ଅଭିମନ୍ୟୁର କୌଣସି ଖବର ପାଇଲା ନାହିଁ। ବର୍ଷେ ହେବାକୁ ପନ୍ଦର ଦିନ ବାକି ଅଛି ଶଶିସେଣା ରାଜାକୁ ନିର୍ଦ୍ଦେଶ ଦେଲା, ରାଜ୍ୟରେ ଚାରିଆଡ଼େ ଧେଣ୍ଡୁରା ଦିଅ ମହାଦେବଙ୍କ ପାଖରେ ବାରୁଣୀ ବୁଡ଼ ପଡ଼ିବ। ବୁଡ଼ ଦିନ ଶଶିସେଣା ବୁଡ଼ ପକାଇ ପୋଖରୀ କୂଳରେ ବୁଲୁଥାଏ। ଜ୍ଞାନଦେଈ ମାଲୁଣୀ ଅଭିମନ୍ୟୁକୁ ମାଇକିନିଆ ବେଶ କରାଇ ବୁଡ଼ ପକାଇବାକୁ ଆସିଲା। ବୁଡ଼ ପକାଇ ଦେଉଳକୁ ଗଲା ଏବଂ ଦର୍ଶନ ପରେ ଅଙ୍ଗାର ଖଣ୍ଡରେ କାନ୍ଥରେ ଲେଖିଲା-

"ଶଶିସେଣା ବାଳୀ ମନରେ ଭାଳେଣି ଅଭିମନ୍ୟୁ ତାର ବର,
ଜ୍ଞାନଦା ମାଲୁଣୀ ବନ୍ଦୀ କରିଅଛି ଦିନେକରେ ଶେଷ ବର।
ରାତିରେ ଧବଳ ପୁଷ୍ପ ଶୁଙ୍ଘାଇଣ କରଇ ଭେଣ୍ଡା ସୁନ୍ଦର,
ଏଥିରୁ ମୁକତ କରିପାରୁ ଯଦି ଶଶିସେଣା ବେଗେ କର।"

ଏକଥା ଶଶିସେଣା ଜାଣିବା ପରେ ମାଲୁଣୀ ଓ ତା' ମେଣ୍ଢାକୁ ଆଣି ମଣିଷ କରିବାକୁ ଆଦେଶ ଦେଲା। ମାଲୁଣୀ ଏକଥା ପାଳନ ନ କରିବାରୁ ବିଛୁଆତି ଡାଳରେ ପିଠିକୁ ମାଡ଼ ଦେଲା। ଶେଷରେ ରଡ଼ିକରି ମାଲୁଣୀ ମେଣ୍ଢାକୁ ମଣିଷ କରିଦେଲା। ରାଜା ଏକଥା ଜାଣିବା ପରେ ଆନନ୍ଦିତ ହୋଇ ମାଲୁଣୀକି ଶୂଳିଆ ପଦାରେ ଶୂଳି ଦେଲେ ଓ ତା'ର ଯାହା ଧନ ସଂପଦ ଥିଲା ସବୁତକ ନଅରକୁ ନେଇ ଆସିଲେ। ଶଶିସେଣା ରାଜାଙ୍କର ଧର୍ମଝିଅ ହେଲା। ରାଜା ସବୁକଥା ଜାଣିପାରିଲେ ଏବଂ ନିଜ ଝିଅ ଓ ଧର୍ମ ଝିଅ ଦୁହିଁକୁ ଆଡମ୍ବର ସହକାରେ ଅଭିମନ୍ୟୁ ସଙ୍ଗେ ବିବାହ କରାଇଦେଲେ। ଦୁଇ ପତ୍ନୀକୁ ନେଇ ଅଭିମନ୍ୟୁ ଆନନ୍ଦରେ ଦିନ ଅତିବାହିତ କଲା। ଏପରି ଅନେକ ଦିନ ଅତିବାହିତ ହେଲା ପରେ ଅଭିମନ୍ୟୁର ନାଗ ଭାରିଯାମାନେ ତାକୁ ନ ଦେଖି ବିରହରେ ଦିନ ଅତିବାହିତ କରୁଥାନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଦିନେ ଶବରୁଣୀ ବେଶରେ ଅମର କୋଳି ବିକିବାକୁ ଅଭିମନ୍ୟୁ ଘର ପାଖକୁ ଆସିଲା। ଶଶିସେଣା ତାକୁ ତିନୋଟି ଅମରଫଳ ମାଗିବାରୁ ସେ କହିଲା, ଦୁଇ ସଉତୁଣୀଙ୍କର ଦୁଇଟି ନିଅ। ଅଭିମନ୍ୟୁ ତ ଅମର ବୋଲି ତାର ଏ ଫଳ ଦରକାର ନାହିଁ। ସେ କିପରି ଅମର ଶଶିସେଣା ପଚାରିଛି; ତାଙ୍କୁ ପଚାର ବୋଲି କହି ଶବରୁଣୀ ଚାଲିଯାଇଛି। ଏହାପରେ ଶଶିସେଣା ମନରେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ଅଭିମନ୍ୟୁ ଘରକୁ ଫେରିବା ପରେ ଶଶିସେଣା ତାକୁ ତାର ପ୍ରକୃତ ନାମ ପଚାରିଛି। ସେ କ୍ଷଣକେ ଭାବିଲା, ଆଜି ଏ କ'ଣ ନୂଆ କଥା ପଚାରୁଛି। ହଠାତ୍ ପାତାଳପୁରର ନାଗ ଭାରିଯାମାନଙ୍କ କଥା ମନେ ପଡ଼ିଛି। ସେଇଠୁ ସେ ଶଶିସେଣାକୁ ଭୁଲେଇଦେବ ଭାବି କରିଛି ତମେ ମୋ ନାମରୁ କ'ଣ ପାଇବ। କିନ୍ତୁ ଶଶିସେଣା ଜିଦ୍ କରିବାରୁ ଅଭିମନ୍ୟୁ ନଈକୂଳକୁ ଡାକିନେଇ ଛାତିଏ ପାଣିରେ ପଶି କହିଛି-

"କହ କହ ସୁନ୍ଦରୀ ଗୋ! ମୋ ଠାରେ ଲୋଭା
କି ବା ମୋର ନାମେ ଅଛି ତୁମ୍ଭ ଶରଧା।"

ଦୁଇ ସଉତୁଣୀ ରାଜା ଝିଅ ଓ ଶଶିସେଣା କହିଛନ୍ତି-

"ନ କରଟି ସ୍ୱାମୀ! ଆମ୍ଭଠାରେ ଅବିଶ୍ୱାସ
ନାମରେ ତୁମ୍ଭର ଆମ୍ଭେ ହୋଇବୁ ସନ୍ତୋଷ।"

ତା'ପରେ ଅଭିମନ୍ୟୁ କହିଛି-

"ଯାଅ ଯାଅ ସୁନ୍ଦରୀଗୋ କରିବ ଘର
ମୋ ନାଁ ନାଗ ଲୋକେ ହଳାହଳ କୁମାର।"

ଏହା କହିଦେଇ ଅଭିମନ୍ୟୁ ପାଣିରେ ବୁଡ଼ିଗଲା ଆଉ ଉଠିଲା ନାହିଁ। ଦୁଇ ସଉତୁଣୀ କାନ୍ଦି କାନ୍ଦି ସେଇ ସ୍ଥାନରେ ମୁଡ଼ିଲେ ଏବଂ ଅଭିମନ୍ୟୁ ପଛରେ ଯାଇ ନାଗଲୋକରେ ପହଞ୍ଚବଲେ। ସେଠାରେ ମିଶି ବାସୁକୀ ଆଗରେ ନାଚ କଲେ। ବାସୁକୀ ଖୁସି ହୋଇ ବର ମାଗିବାକୁ କହିବାରୁ ଦୁଇ ସଉତୁଣୀ ଅଭିମନ୍ୟୁକୁ ଦେଖାଇ କହିଲେ ଆମକୁ ଏହି ପୁରୁଷଟି ଦିଅ। ଏହା ଶୁଣି ନାଗ ଭାରିଯାମାନେ ଦୁଇ ସଉତୁଣୀଙ୍କ ସହ ଗଣ୍ଡଗୋଳ କଲେ। ଶେଷରେ ବାସୁକି ଗଣ୍ଡଗୋଳ ସମାଧାନ କରି କହିଲେ ତୁମ୍ଭେମାନେ ଏ ପୁରୁଷକୁ ନିଅ। ଏ ମଞ୍ଚପୁରରେ ଛ'ମାସ ଓ ପାତାଳପୁରରେ ଛ'ମାସ ରହିବ। ଏହି ପ୍ରସ୍ତାବରେ ସମସ୍ତେ ରାଜି ହୋଇଗଲେ। ଅଭିମନ୍ୟୁକୁ ସାଙ୍ଗରେ ଧରି ଦୁଇ ସଉତୁଣୀ ମଞ୍ଚପୁରକୁ ଆସିଲେ, ସୁଖର ସଂସାର କରି ରହିଲେ।

ଆଧୁନିକ ପାଠକଙ୍କ ପାଇଁ ଶଶିସେଣା କାବ୍ୟର ଉପରୋକ୍ତ ପ୍ରକରଣ ହୁଏତ ଅବାସ୍ତବ ଓ କୌତୁକପୂର୍ଣ୍ଣ ମନେ ହୋଇପାରେ, ତେବେ ରାଜା ବିକ୍ରମ କେଶରୀଙ୍କ ରାଜ୍ୟ ଉତ୍କଳର ଉତ୍ତରାଞ୍ଚଳରେ ଥିଲା। ସେଠାରେ ଶଶିସେଣା ମେଢ଼ ଅଛି। ମାଲୁଣୀ, ମାୟାକୁମାରୀ, ଦେବୀ ଭାଖେଶ୍ୱରୀ, ପାନ ପୋଖରୀ ପ୍ରଭୃତିଙ୍କ ବିଷୟ ସୋନପୁର ଓ ପାଟଣା ଇତିହାସରୁ ଜଣାଯାଏ। ସୋନପୁରରେ ଶଶିସେଣା ମନ୍ଦିର ଥିବାର ମଧ୍ୟ ଜଣାଯାଏ।

ପ୍ରାଚୀନ କାଳରୁ ଲୋକ ମୁଖରେ ପ୍ରଚଳିତ ଏହି ଗଳ୍ପାଂଶଟି ସ୍ଥାନ ବିଶେଷରେ ଭିନ୍ନ ଭିନ୍ନ ପରିଧି ଧାରଣ କଲେ ହେଁ ଏହାର ପୃଷ୍ଠଭୂମି ଉପରେ କବି ପ୍ରତାପରାୟ ନିଜର କବିତ୍ୱ ଓ କଳ୍ପନା ବିଳାସର ପରିଚୟ ଦେଇଛନ୍ତି ଏବଂ କାବ୍ୟ କଥାବସ୍ତୁ ବର୍ଣ୍ଣନା ଶୈଳୀର ସୌନ୍ଦର୍ଯ୍ୟ ପ୍ରସ୍ଫୁଟିତ କରିବା ପାଇଁ ନୂଆ ନୂଆ ବର୍ଣ୍ଣନା ଚାତୁରୀ ପରିବେଷଣ କରିଛନ୍ତି।

**ପ୍ରାଚୀନ କାଳରୁ ଲୋକ ମୁଖରେ ପ୍ରଚଳିତ ଏହି ଗଳ୍ପାଂଶଟି ସ୍ଥାନ ବିଶେଷରେ ଭିନ୍ନ ଭିନ୍ନ ପରିଧି ଧାରଣ କରିଛି।**

ଏହି କାବ୍ୟର ଅନ୍ୟାନ୍ୟ କେତେକ ମହତ୍ୱପୂର୍ଣ୍ଣ ଦିଗ ସଂପର୍କରେ ଆସନ୍ତା ସଂଖ୍ୟାରେ ଆଲୋଚନା ଜାରି ରଖିବା। (କ୍ରମଶଃ)

□□

ଲେଖକଙ୍କ ଇ-ମେଲ୍ ଠିକଣା:
akpanda382@gmail.com

**ସାହିତ୍ୟ ଚର୍ଚ୍ଚା ବର୍ତ୍ତମାନ ମୋବାଇଲ ଆପ୍ ରେ**







ଆପଣଙ୍କ **ଆଣ୍ଡରଏଡ୍ ମୋବାଇଲ ଫୋନ୍** ପାଇଁ **'ସାହିତ୍ୟ ଚର୍ଚ୍ଚା'ର ଆପ୍** ବର୍ତ୍ତମାନ **'ପ୍ଲେ ଷ୍ଟୋର୍'ରେ** ଉପଲବ୍ଧ ଅଛି।

ପତ୍ରିକାର ସମସ୍ତ ନୂତନ ଲେଖା ତୁରନ୍ତ ପଢ଼ିବା ପାଇଁ ଏହାକୁ ଡାଉନଲୋଡ୍ କରି ବ୍ୟବହାର କରନ୍ତୁ।

Search **Sahitya Charcha** on **Play Store**.





# କେଇପଦ ସମ୍ବଲପୁରୀ

କବିତା

ପ୍ରଫୁଲ୍ଲ କୁମାର ତ୍ରିପାଠୀ

**ସମ୍ବଲପୁରୀ:**

## କବି କି ଗୀତ୍‌ବାଁଧୁ

କବିତା ବଏଲେଁ କିଏ କାଣା ବୁଝ୍‌ସନ୍
ନୁହେପଡ଼େ ସଫା ଜନା
ହେଥିର୍ ଲାଗି ମୋର୍ ଲେଖେଁ ପାଠକ୍ ?
ହେସନ୍ ଘାଏ ଘାଏ ବନା

ଯେ ଯାହା ଲେଖୁନ୍ ଯେନ୍‌ତା ରକ୍‌ମେ
ନାଇଁକରେଁ କେଭେଁ ମନା
କବି ନାଇଁହେଲେଁ ଗୀତ୍‌ବାଁଧୁ ବଲି
ହେମି କି ନାଇଁ ଗନା ?

**ଓଡ଼ିଆ ଭାଷାନ୍ତର:**

## କବି କି ପଦ୍ୟକାର

କବିତା ବୋଇଲେ କ'ଣ ବୁଝାଯାଏ
ପଡ଼ିନାହିଁ ସଫା ଜଣା
ସେଇଥି ପାଇଁ ତ ମୋ ଭଳି ପାଠକ
ହୁଅଂତି ଯା ମିଛେ ବଣା।

ଯେ ଯାହା ଲେଖଂତି ଯେଉଁ ପ୍ରକାରେ
କରେନାହିଁ ମୁଁ ମନା
କବି ନ ହେଲେ ବି ପଦ୍ୟକାର ରୂପେ
ହେବି କି ହେବିନି ଗଣା ?

**ସମ୍ବଲପୁରୀ:**

## ପ୍ରେମ୍ ବେଉସା

ପ୍ରେମ୍‌କେ ବେଉସା ବନାବାର୍ ଲାଗି
ମଉକା ହେଇଛେ ବନା
ଇ ସାଧାରଣ୍ ଜ୍ଞାନ୍ ସତେଁ କାଏଁସେ
ନାଇନ କାହାକେ ଜନା ?

ଆଏଲେ ଦିବସ୍, ପ୍ରେମ୍ କର୍‌ସନ୍
କେହି ନାଇଁକରନ୍ ମନା
ଦିନ୍ ରାଏତ୍ ସାରା ଟଁକା ପଏସା
ହଉଥିସି ପରେ ଗନା

**ଓଡ଼ିଆ ଭାଷାନ୍ତର:**

## ପ୍ରେମ ବେପାର

ପ୍ରେମକୁ ବେପାର ବନାଇବା ପାଇଁ
ମଉକା ହୋଇଛି ତିଆରି
ଏହି ସାଧାରଣ ଜ୍ଞାନ ସତେ କ'ଣ
ମନରେ ନାହିଁ କାହାରି ?

ଆସିଲେ ଦିବସ, କରଂତି ପୀରତି
କେହି କରଂତିନି ମନା
ଦିନ ରାତି ସାରା ନଗଦ ଟଂକା
ହେଉଥାଏ ପରା ଗଣା

(ଭାଲେଣ୍ଟାଇନ୍ ଦିବସ ଉପଲକ୍ଷେ ରଚିତ)

□□

ପ୍ରବନ୍ଧ

# ଓଡ଼ିଆ ଲୋକ ସାହିତ୍ୟ : ଏକ ସଂକ୍ଷିପ୍ତ ଦୃଷ୍ଟିପାତ



କୃଷ୍ଣଚନ୍ଦ୍ର ରଥ

ଓଡ଼ିଆ ଲୋକ ସାହିତ୍ୟ ସାମାଜିକ ଜୀବନର ଚଳଣି, ନୀତି, ନିୟମ, ପର୍ବପର୍ବାଣି, ଓଷା, ବ୍ରତ ଓ ଓଡ଼ିଶାର ସଂସ୍କୃତିକୁନେଇ ସମୃଦ୍ଧ ସମାଜରେ ପ୍ରଚଳିତ ପ୍ରଥା, ଲୋକ କାହାଣୀ, ମୌଖିକ କଥା, ଲୋକ ବିଶ୍ୱାସ, ଲୋକାଚାର, ଲୋକଗୀତରୁ ଲୋକ ସାହିତ୍ୟ ଜନ୍ମ। ମଣିଷ ଗୋଟିଏ ସାମାଜିକ ପ୍ରାଣୀ। ସେ ସମାଜ ବିନା ତିଷ୍ଠିବା ଅସମ୍ଭବ। ସମାଜରେ ଚଳିବା ପାଇଁ କେତେ ଗୁଡ଼ିଏ ନିୟମ ମାନିବାକୁ ପଡ଼ିଥାଏ। ଏହି ସାମାଜିକ ମୂଲ୍ୟବୋଧକୁ ହୃଦବୋଧ କରି ଲୋକମାନଙ୍କର ସାମାଜିକ ଉନ୍ନତି ନିମନ୍ତେ ଲୋକ ସାହିତ୍ୟ ସୃଷ୍ଟି ହୋଇଥିଲା। ମଣିଷ ଜୀବନ ଓ ସମାଜର ହସ, କାନ୍ଦ, ପ୍ରେମ, ବିରହକୁ କଳାତ୍ମକ ଭାବରେ ସୃଜନଶୀଳ କବି ଲେଖକ ମାନେ ଅତି ସରଳ ବୋଧଗମ୍ୟ ଭାଷାରେ ସାଧାରଣ ମଣିଷମାନଙ୍କୁ ପ୍ରଭାବିତ କରିବା ଢ଼ଙ୍ଗରେ ଲୋକ ସାହିତ୍ୟରେ ଉପସ୍ଥାପନ କଲେ। ସମାଜର ଲୋକମାନଙ୍କର ବାସ୍ତବ ଅନୁଭୂତିକୁ ନେଇ ଲୋକ ସାହିତ୍ୟ ଧିରେ ଧିରେ ସମସ୍ତଙ୍କର ପ୍ରିୟପାତ୍ର ହେବାରେ ଲାଗିଲା। ପ୍ରଥମେ ଲୋକମାନେ ଶୁଣି ଶୁଣି ଏହି ସାହିତ୍ୟକୁ ମନେ ରଖୁଥିଲେ, ପରେ ଏହାର ସାହିତ୍ୟିକ ମୂଲ୍ୟବୋଧ ବଢ଼ିବା ଫଳରେ ଲୋକ ସାହିତ୍ୟର ବହୁଳ ପ୍ରଚାର ପ୍ରସାର ହେବାକୁ ଲାଗିଲା ଓ ବହି ଆକାରରେ ପ୍ରକାଶିତ ହେଲା। ଏହି ସାହିତ୍ୟରେ ପୁରୁଣା ଢ଼ଗଢ଼ମାଳିର ବିଶେଷ ପ୍ରୟୋଗ ଦେଖିବାକୁ ମିଳେ।



ଯେଉଁ ସାହିତ୍ୟ ସାଧାରଣ ଲୋକଙ୍କ ଭାଷାରେ ଓ ସମସ୍ତଙ୍କର ଗ୍ରହଣ ଯୋଗ୍ୟ ଓ ହୃଦୟଗ୍ରାହୀ ହୁଏ, ତାହାକୁ ଲୋକ ସାହିତ୍ୟର ଆଖ୍ୟା ଦିଆଯାଏ। ଲୋକମାନଙ୍କ ଦ୍ୱାରା ଆଦୃତ ସାହିତ୍ୟ ହିଁ ଲୋକ ସାହିତ୍ୟ। ସର୍ବ ସାଧାରଣ ଏହି ସାହିତ୍ୟ ଦ୍ୱାରା ଉପକୃତ ହୁଅନ୍ତି ଓ ସମାଜରେ ଲୋକମାନଙ୍କ ଭିତରେ ସୁସଂପର୍କ ରଖିବାରେ ଏହା ସହାୟକ ହୋଇଥାଏ।

ଲୋକ ସାହିତ୍ୟ ଲୋକଙ୍କ ମନର ସ୍ୱପ୍ନ, କଳ୍ପନା, ସାମାଜିକ, କୁସଂସ୍କାର, ଧର୍ମବିଶ୍ୱାସ ଉପରେ ଆଧାରିତ। ଏହା ଆମକୁ ଜୀବନ ଯାତ୍ରାର ପ୍ରତ୍ୟେକ କ୍ଷେତ୍ରରେ ପ୍ରଭାବିତ କରେ ଓ ବଞ୍ଚିବା ନିମନ୍ତେ ସହଜ, ସରଳ ରାସ୍ତା ଦେଖାଇଥାଏ। ଏହା ଗାଆଁ ଠାରୁ ସହର ଚାରିଆଡ଼େ ପରିବ୍ୟାପ୍ତ। ଲୋକ ସାହିତ୍ୟ ଏକ ସର୍ବସାଧାରଣ ସଂପତ୍ତି। ଏହା କାହାର ବ୍ୟକ୍ତିଗତ ନୁହେଁ। ଲୋକସାହିତ୍ୟ କୌଣସି ନିର୍ଦ୍ଦିଷ୍ଟ ରାସ୍ତାରେ ନ ଚାଲି, ମନକୁ ମନ ସାମାଜିକ ଜୀବନରେ ତତ୍ତ୍ୱକୁ ଧରି ଗତି କରେ। ଏଥିରେ ଓଡ଼ିଆ ସଭ୍ୟତା ସଂସ୍କୃତି ଓ ସାମାଜିକ ଜୀବନ ଧାରାର ବହୁବିଧ ଛାପ ଦେଖିବାକୁ ମିଳେ। ବର୍ତ୍ତମାନର ସାହିତ୍ୟ ଠାରୁ ଏହା କୌଣସି ଗୁଣରେ ନ୍ୟୁନ ନୁହେଁ।

ଲୋକ ସାହିତ୍ୟ ମାଧ୍ୟମରେ ସାହିତ୍ୟର ପରିଚୟ ସୃଷ୍ଟି ହୋଇଥିଲା। ଆଗାମୀ ପିଢ଼ି ଓଡ଼ିଆ ସଂସ୍କୃତି ଓ ସଭ୍ୟତାକୁ ଚିହ୍ନିବା ନିମନ୍ତେ ଲୋକ ସାହିତ୍ୟ ନିଶ୍ଚୟ ସାହାଯ୍ୟ କରିବ। ଆମ ସମାଜ ଭୁଲି ଯାଇଥିବା ଓଷା, ବ୍ରତ, ଧର୍ମଭାବ, ଐତିହ୍ୟ, ପରମ୍ପରାକୁ ଲୋକ ସାହିତ୍ୟ ସ୍ମରଣ କରାଇଦିଏ। ଏହି ସାହିତ୍ୟ ହିଁ ଓଡ଼ିଆ ଭାଷାକୁ ବଞ୍ଚାଇ ରଖିଥିଲା। ଲୋକ ସାହିତ୍ୟ ସାଧାରଣ ମଣିଷଙ୍କର ଜୀବନ-ଦର୍ପଣ। ଏହା ପ୍ରଭାବରେ ସମାଜରେ ପରିବର୍ତ୍ତନ ଦେଖାଯାଏ। ପରିବର୍ତ୍ତନଶୀଳ ସମାଜରେ ଏହି ସାହିତ୍ୟ ଜନସାଧାରଣଙ୍କୁ ସଠିକ୍ ମାର୍ଗ ମଧ୍ୟ ଦେଖାଏ।

ଲୋକ ସାହିତ୍ୟରେ ରସ, ଚିତ୍ର, ଧ୍ୱନିର ଅପୂର୍ବ ସମାହାର ଦେଖିବାକୁ ମିଳେ। କାବ୍ୟ ରସ ହିଁ ଲୋକ ସାହିତ୍ୟର ପ୍ରାଣ ବିନ୍ଦୁ। ଲୋକଙ୍କ ଭାଷା ଦ୍ୱାରା ସମୃଦ୍ଧ ମଣିଷର ବ୍ୟକ୍ତିଗତ ଜୀବନରେ ଈଶ୍ୱର ବିଶ୍ୱାସକୁ ଦୃଢ଼ କରିବାରେ ଲୋକ ସାହିତ୍ୟ ସାହାଯ୍ୟ କରେ। ଏହା ସାମାଜିକ ଶୃଙ୍ଖଳା ଓ ପାରିବାରିକ ବନ୍ଧନକୁ ସୁଦୃଢ଼ କରେ।

ଏହା ମଣିଷ ଜୀବନ ବ୍ୟତୀତ ଆଉ କିଛି ମନେ ହେବନାହିଁ। ସମାଜର ଅବସ୍ଥାକୁ ନେଇ ଏହି ସାହିତ୍ୟ ରଚନା କରାଯାଏ। ତୁଣ୍ଡରୁ ବାହାରୁଥିବା କାହାଣୀ ଓ କାନରେ ଶୁଣୁଥିବା ମୌଖିକ ଗୀତରୁ ହିଁ ଲୋକ ସାହିତ୍ୟର ସୃଷ୍ଟି, ପାରିପାର୍ଶ୍ୱିକ ଅବସ୍ଥା ଓ ପରିବେଶରୁ ଏହାର ଉତ୍ପତ୍ତି। ଲୋକ ସାହିତ୍ୟରେ ଲୋକ କଥା, କାହାଣୀ, କିମ୍ବଦନ୍ତୀ, ପରୀ ଗଳ୍ପ, ଅସୁର ଅସୁରୁଣୀ, କୁହୁକ ପେଡ଼ି ଗପ, ରାଜାରାଣୀ, ରାଜାପୁଅ, ମନ୍ତ୍ରୀପୁଅ, ସାଧବ ପୁଅ ଗପ, କପୋତ କପୋତୀ କାହାଣୀ, ପଶୁପକ୍ଷୀଙ୍କ କାହାଣୀ ପର୍ଯ୍ୟାପ୍ତ ମାତ୍ରାରେ ଦେଖିବାକୁ ମିଳେ। ଏହା ଜନସାଧାରଣଙ୍କ ଜୀବନକୁ ପ୍ରଭାବିତ କରିଥାଏ ଓ ଏଥିରୁ ବହୁ ମାନବୀୟ ଗୁଣର ଶିକ୍ଷା ମିଳିଥାଏ।

ଲୋକ କାହାଣୀ ପରି ଲୋକ ଗୀତ ଲୋକ ସାହିତ୍ୟର ଏକ ମୁଖ୍ୟ ଅଂଶ ଯଥା- ଶଗଡ଼ିଆ ଗୀତ, ନାଉରୀଆ ଗୀତ, ରଜ ଦୋଳି ଓ ପୁଚି ଖେଳ ଗୀତ, ଶୋକ ଗୀତ, ରୂପା ଦେଇ କାନ୍ଦଣା, ସୁନାଦେଇ କାନ୍ଦଣା, ଚଇତି ଘୋଡ଼ା ନାଚ ଗୀତ, ଚକୁଳିଆ ପଣ୍ଡା ଗୀତ, କେଳା କେଳୁଣୀ ଓ ଶବର ଶବରୁଣୀ ଗୀତ ଇତ୍ୟାଦି।

**ଲୋକ କାହାଣୀ ପରି ଲୋକ ଗୀତ ଲୋକ ସାହିତ୍ୟର ଏକ ମୁଖ୍ୟ ଅଂଶ।**

ଲୋକ ସାହିତ୍ୟରେ ବକ୍ରୋକ୍ତି ଓ ବ୍ୟଞ୍ଜନା ଯେପରି ପୁରି ରହିଛି, ସେହିପରି ମଣିଷର ଅନୁଭୂତି, ଶିଶୁ ଗୀତ, ଚର୍ଯ୍ୟାଗୀତ, କୃଷକ ଗୀତ, ଲୋକ ବିଶ୍ୱାସ, ଧାର୍ମିକ ଚିନ୍ତା, ଲୋକ ପ୍ରବାଦ ଓ ପ୍ରବଚନ, ସାମାଜିକ ଚଳଣିରେ ଶୁଭ ଓ ଅଶୁଭ ଲକ୍ଷଣ, ଲୋକ ଚରିତ୍ର ଓ ଶରୀର ଗଠନ ସଂପର୍କରେ ବିଭିନ୍ନ ଖାଦ୍ୟପେୟ, ସ୍ୱାସ୍ଥ୍ୟ ରକ୍ଷାର ନିୟମ ପାଳନ, ଗୃହ ନିର୍ମାଣ ଇତ୍ୟାଦିକୁ ନେଇ ବହୁ ମନନାତ୍ମକ କବିତାମାନ ରଚନା କରାଯାଇ ଲୋକସାହିତ୍ୟକୁ ଉନ୍ନତ ଓ ସମୃଦ୍ଧ କରାଯାଇଛି।

ଉଦାହରଣ – "ଝୁଲୁ ହାତୀ, ଝୁଲୁ ହାତୀ, ଝୁଲିଲେ ଖାଇବୁ ଖଣ୍ଡ ଛାବି, ହାତୀ ଝୁଲରେ, ବାଆ ପାଣି ଖାଇ ଫୁଲରେ", "କଇଞ୍ଚ କାକୁଡ଼ି ନଳିତା ପିତା, ବାବୁଲି ହେବ ମୋ ଜଗତ ଜିତା", "ବାଇ ଚଢ଼େଇରେ, ବାଇ ଚଢ଼େଇ, ତୋ ମାଆ ଯାଇଛି ଗାଈ ଚରେଇ, କାଳୀ କାଈ ଠାରୁ କ୍ଷର ଆଣିବ, କ୍ଷୀରୀ କରି ତୋତେ ଖୁଆଇ ଦେବ", "ଆ ଜହ୍ନ ମାମୁଁ ସରଗ ଶଶୀ, ମୋ କାହ୍ନୁ ହାତରେ ପଡ଼ରେ ଖସି", "ଦିନ ମାଉସୀ ଲୋ ନିଦ ମାଉସୀ, ଚାଳେ ବାଡ଼େ ରଖିଥା, ସେରେ ଚାଉଳ ଦେବି, ବାବୁକୁ ନିଦ କରେଇ ଯା, କକମିନାରେ ତୁ ଯା ପଳେଇ, ବାୟା ମୋର ଶୋଇ କଡ଼ିଛି, ଆଉ କାନ୍ଦିବ ନାହିଁ", "ଚକା ଚକା ଭଉଁରୀ, ମାମୁଁ ଘର ଚଉଁରୀ, ମୋ ନାନୀ ନାଁ ଗଉଣୀ, ତୋ ନାନୀ ନାଁ ଶଉରୀ, ମାମୁଁ ଘରେ କ୍ଷିରୀ ପିଠା, ନିତି ଲାଗେ ଗହଳି", "ଧୋ ରେ ବାୟା ଧୋ, ଯେଉଁ କିଆରୀରେ ଗହଳ ମାଣ୍ଡିଆ, ସେଇ କିଆରୀରେ ଶୋ", "ଆଣ୍ଟୁଏ ପାଣିକି ଗଲି ହେ ବାପା, ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି, ଛାତିଏ ପାଣିକି ଗଲି ହେ ବାପା, କଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି", "ଦିନେ ନାହିଁ କାଳେ ନାହିଁ, ଗନ୍ଧ୍ମା ପୁନେଇରେ ମାଇଁ ମାଇଁ", "ଯେଣେ ଇଚ୍ଛା ତେଣେ ଯା କର୍ମ ଘେନି ବୁଲୁଥା", "ଆଗେ ପୁଅ ପଛେ ଦିଅଁ", "ନଅରଦାରୀ ସଂସାର ବୁଲେ, ରାଜା ବିଜେ କଲେ କବାଟ କିଳେ", "ଆମ ସାହୁକାର ଭାରି ଦାନୀ, କାଞ୍ଜି ତୋରାଣୀରେ ରାନ୍ଧନ୍ତି ଲେଖା ପାଣି, ହଳିଆ ମାଗିଲେ ସାହୁ ଘରଣୀ, ଚଳଣି ଦିଅନ୍ତି ପାଣି", "କୁଆ ରମଣ ମୃତ୍ୟୁ ଲକ୍ଷଣ", "ମଙ୍ଗଳ ରାତି ବୁଧ ପାହାନ୍ତି, ଯେଣେ ଗଲେ, ତେଣେ ଯଶ ଲଭନ୍ତି", "ମାଘେ ବର୍ଷେ ସୁନା ଖସେ, ଚଷାର ମାଇପ ଖିଲିଖିଲି ହସେ", "ଦିବସରେ ଖରା ରାତ୍ର ଜଳ, ଦିନୁ ଦିନୁ ବଢ଼େ ଦାନର ବଳ", "ଅଧିକ ଆମ୍ବ ଅଧିକ ଧାନ, ଅଧିକ ତେନ୍ତୁଳି ବନ୍ୟା ପ୍ରମାଣ", "କୁଞ୍ଚୁ କୁଞ୍ଚିଆ ମାଗୁର ନିଶୁଆ, ହିଆରେ ନ ଥାଇ ବାଳ, ଏକା ଆଖିଆକୁ ପରତେ ନ ଯିବୁ, ବଞ୍ଚିଥିବୁ ଯେତେ କାଳ", "ଉତ୍ତର ଦୁଆରି ହୁଅନ୍ତି ରୋଗୀ, ଦକ୍ଷିଣ ଦୁଆରି ହୁଅନ୍ତି ଭୋଗୀ, ପୂରୁବ ଦୁଆରି ମିଳଇ ଇଷ୍ଟ, ପଶ୍ଚିମ ଦୁଆରି ପାଆନ୍ତି କଷ୍ଟ", "ଖାଇବ ଦକ୍ଷିଣେ ଶୋଇବ ବାଁ, ଭାତ ଝଡ଼ିଯିବ ଆପଣା ଛାଁ", "ବାପ ଓଳି ପୁଅ ଖାଏ ଖଡ଼ା, ମାଆ ଓଳି ପୁଅ ଚଢ଼େ ଘୋଡା", "ଅଖ ବୁଲୁଥିଲେ ଚକ ବୁଲୁଥାଏ, ବୁଲି ପଡୁଥାଏ ପହି, ସଂସାର ଭିତରେ ଘର କରିଥିଲେ, ପଥର ପଡ଼ିଲେ ସହି"।

ଲୋକ ସାହିତ୍ୟର ବଳିଷ୍ଠ ଚିନ୍ତାଧାରା ସବୁ ସମୟରେ ଜନ ସାଧାରଣଙ୍କୁ ଆକୃଷ୍ଟ କରୁଥାଏ। ସମାଜକୁ ସଚେତନ କରିବାରେ ଲୋକ ସାହିତ୍ୟର ଭୂମିକା ପ୍ରଣିଧାନ ଯୋଗ୍ୟ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଆମର ଲୋକ ସାହିତ୍ୟ ଅବକ୍ଷୟର ସମ୍ମୁଖୀନ। ଏହି ପରିପ୍ରେକ୍ଷୀରେ ଆମେ ପୁରାତନ ଲୋକ ସାହିତ୍ୟ ଗୁଡ଼ିକୁ ସଂଗ୍ରହ କରି ଯୁବପୀଢ଼ିଙ୍କ ନିମନ୍ତେ ସୁରକ୍ଷିତ ଓ ସଂରକ୍ଷିତ କରିବାକୁ ଆପ୍ରାଣ ଉଦ୍ୟମ କରିବା ଉଚିତ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
krushchandrarath@gmail.com

ସମାଲୋଚନା

# ‘ଶତାବ୍ଦୀର ନଚିକେତା’ ଉପନ୍ୟାସର ପ୍ରବୃତ୍ତି ଓ ପ୍ରାସଙ୍ଗିକତା



ଡ. ବ୍ରହ୍ମନନ୍ଦ ଖୁଣ୍ଟିଆ

ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ସ୍ରଷ୍ଟ କଥାକାର (ଫିକ୍ସନ ରାଇଟର) ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଉପନ୍ୟାସ ‘ଶତାବ୍ଦୀର ନଚିକେତା’ (୧୯୬୫), ଭାରତୀୟ ପୁରାଣଶାସ୍ତ୍ର ତଥା ବେଦ-ଉପନିଷଦରୁ ସଂଗୃହୀତ ମିଥିକାଲ୍ ଚରିତ୍ର ମାଧ୍ୟମରେ ସାଂପ୍ରତିକ ସମାଜର ସମସ୍ୟା, ସଂକଟ ଓ ଅଭୀପ୍ସାର ବାସ୍ତବ ପ୍ରତିଛବି ବହନ କରେ। କଠୋପନିଷଦରେ ବର୍ଣ୍ଣିତ ଅଛି- ଋଷିପୁତ୍ର ନଚିକେତା ପିତାଙ୍କ ଅଭିଶାପରେ ଯମଙ୍କ ନିକଟକୁ ପ୍ରେରିତ ହୁଏ, କିନ୍ତୁ ତାର ସାଧନା, ତପସ୍ୟା ଓ ଅନୁସନ୍ଧିତ୍ସା ଯୋଗୁଁ ସେ ମୃତ୍ୟୁ କବଳିତ ନ ହୋଇ ମୃତ୍ୟୁଞ୍ଜୟୀ ହୋଇ ଫେରି ଆସେ ଯମ ଦରବାରରୁ। ସୁତରାଂ ଔପନ୍ୟାସିକ ଶାନ୍ତନୁ ତାଙ୍କର ପ୍ରଥମ ଉପନ୍ୟାସ “ନରକିନ୍ନର” (୧୯୬୨)ରେ ସମସ୍ତ ପ୍ରତିକୂଳ ପରିସ୍ଥିତିରେ ଉପନ୍ୟାସର ନାୟକ ଜର୍ଜର ସମାଜରେ ନିଜର ପ୍ରତିଷ୍ଠା ପାଇଁ ଅନ୍ୱେଷଣ ଓ ସାଧନାକୁ ଏକ ଭିନ୍ନ ପରିବେଶରେ ‘ଶତାବ୍ଦୀର ନଚିକେତା’ର ବିଭୂପ୍ରସାଦ ଓ ନଟବର ଚରିତ୍ର ମାଧ୍ୟମରେ ଉପସ୍ଥାପିତ କରିଛନ୍ତି। ସମାଜରେ ପରିବର୍ତ୍ତନ ଆଣି ନିଜକୁ ପ୍ରତିଷ୍ଠା କରିବାର ପ୍ରବଣତା, ଏ ଦୁଇ ଉପନ୍ୟାସର ପ୍ରବୃତ୍ତି ଭାବରେ ପ୍ରତ୍ୟୁତ୍ପନ୍ନ ହୁଏ। ଲେଖକ ତାଙ୍କ ଜୀବନର ଅନେକ ବାସ୍ତବ ଘଟଣା ଓ ଦୁର୍ଘଟଣାକୁ ଏକ କଳାତ୍ମକ ତରିକାରେ ଆଲୋଚ୍ୟ ‘ଶତାବ୍ଦୀର ନଚିକେତା’ ଉପନ୍ୟାସରେ ପ୍ରକାଶ କରିଛନ୍ତି। ଉପନ୍ୟାସର ଭାବଭୂମି ସମ୍ପର୍କରେ ଲେଖକ ଏକ ସାକ୍ଷାତକାରରେ କହିଛନ୍ତି “ମୁଁ ଅଧିକରୁ ଅଧିକ ସମାଜ ସଚେତନ ହେବା ପରେ ‘ଶତାବ୍ଦୀର ନଚିକେତା’ (୧୯୬୫), ‘ତିନୋଟି ରାତିର ସକାଳ’ (୧୯୬୯) ମାଧ୍ୟମରେ ଆମ ସମୟର ଯୁବ ଅସନ୍ତୋଷ ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ରାଜନୈତିକ ହସ୍ତକ୍ଷେପ ଜନିତ ବିଭ୍ରାଟକାରୀ ସମସ୍ୟା ସମ୍ପର୍କରେ ଅଧିକ ସଚେତନ ହୋଇ ଉଠିଲି। ଏଥିରେ ମୋ ନିଜ ଜୀବନରେ ଉଚ୍ଚଶିକ୍ଷା ସମୟର ହତାଶା, ମୋର ସାମାଜିକ ସଚେତନତାର ସ୍ତର ମୁଣ୍ଡଟେକି ଉଠିଲା ଓ ଉପନ୍ୟାସ ଜରିଆରେ ପ୍ରକାଶୋନ୍ମୁଖୀ ହେଲା।” ଉପନ୍ୟାସ ଅଧ୍ୟୟନ କାଳରେ ମନେହୁଏ ଲେଖକ ଶାନ୍ତନୁ ତାଙ୍କ ଛାତ୍ର ଜୀବନର ବହୁ ବାସ୍ତବ ଘଟଣାକୁ ପାଥେୟ କରି ଏହି ଉପନ୍ୟାସର ପରିକଳ୍ପନା କରିଛନ୍ତି। ଏଥିପାଇଁ ଗଳ୍ପର ସୀମିତତା ତାଙ୍କୁ ବାନ୍ଧିରଖି ପାରି ନାହିଁ।




ଉପନ୍ୟାସର ବିସ୍ତୃତ କ୍ୟାନଭାସ୍‌କୁ ସେ ଆବୋରି ନେଇଛନ୍ତି ଭାବ ପ୍ରକାଶ ପାଇଁ। କଥାବସ୍ତୁର ଆଖ୍ୟାନ ଭାଗ, ଚରିତ୍ର ମାନଙ୍କ ବିସ୍ତୃତ ବିଶ୍ଳେଷଣ, ଏକାଧିକ ଉପାଖ୍ୟାନର ସଂଯୋଜନା ମଧ୍ୟରେ ଉପନ୍ୟାସର ସ୍ୱୀକୃତ ସ୍ୱରୂପ ପ୍ରକଟିତ ହୋଇଥାଏ। ଏହି ପ୍ରସଙ୍ଗରେ ଲେଖକଙ୍କ ମନ୍ତବ୍ୟ ପ୍ରଣିଧାନ ଯୋଗ୍ୟ। “ଗଳ୍ପ ହେଲା ଛୁଞ୍ଚି, ଆଉ ଉପନ୍ୟାସ ହେଲା ନିହାଣ। ଛୁଞ୍ଚି କାମ ପାଇଁ ଛୁଞ୍ଚିଟିଏ ଦରକାର, ଆଉ କଠିଣ ବସ୍ତୁ ଯଥା କାଠ, ପଥର ଖୋଦେଇ ପାଇଁ ଦରକାର ନିହାଣ ମୁଗୁର। ଅନ୍ୟ କଥାରେ କୋଣାର୍କ ମନ୍ଦିରକୁ ଯଦି କୁହାଯାଏ ଉପନ୍ୟାସ, ସେ ମନ୍ଦିର ଗାତ୍ରରେ ଖଞ୍ଜା ଯାଇଥିବା ପ୍ରତ୍ୟେକ କମନୀୟ ଏବଂ କଳାତ୍ମକ କାରୁକାର୍ଯ୍ୟ ଏବଂ କଳାତ୍ମକ ମୂର୍ତ୍ତିତତ୍ତ୍ୱକୁ କୁହାଯିବ ଗଳ୍ପ। ଉପନ୍ୟାସର କ୍ୟାନ୍‌ଭାସ୍ ବିଶାଳ।”


“ଶତାବ୍ଦୀର ନଚିକେତା” ଉପନ୍ୟାସରେ ବିଭୁପ୍ରସାଦ, ନଟବର, ମନମୋହନ - ଉଚ୍ଚଶିକ୍ଷା ପ୍ରାପ୍ତ ଏହି ତିନୋଟି ଚରିତ୍ର ଭିତରେ ଘୂରି ବୁଲିଛି ଉପନ୍ୟାସର ବିସ୍ତୃତ କଥାଭାଗ।

ଚଳିତ ଶତାବ୍ଦୀରେ ଉଚ୍ଚଶିକ୍ଷିତ ଯୁବକମାନଙ୍କର ସାମାଜିକ ସମସ୍ୟା, ଅର୍ଥନୈତିକ ସଂକଟ, ଶିକ୍ଷାନୁଷ୍ଠାନମାନଙ୍କରେ ରାଜନୈତିକ ହସ୍ତକ୍ଷେପ, ଏକ ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନ ଓ ସହରକୁ ଉପଜୀବ୍ୟ କରି ବର୍ଣ୍ଣିତ ହୋଇଥିଲେ ହେଁ, ଏହା ଦେଶର ଯେ କୌଣସି ଉଚ୍ଚଶିକ୍ଷାନୁଷ୍ଠାନ ପ୍ରତି ସମ୍ୟକ ପ୍ରଯୁକ୍ତ ହୋଇ ପାରିବ। ଏହି ତିନୋଟି ଚରିତ୍ର ମଧ୍ୟରେ ମନମୋହନ, ଅନ୍ୟ ଦୁଇଟି ଚରିତ୍ର ବିଭୁପ୍ରସାଦ ଓ ନଟବର ଠାରୁ ଅପେକ୍ଷାକୃତ ଧନାଢ଼୍ୟ ଓ ଅର୍ଥବନ୍ତ। ମନମୋହନର ବାପା ଥିଲେ ଜଣେ ଉଚ୍ଚପଦସ୍ଥ ଅଫିସର। ବିଭୁପ୍ରସାଦଙ୍କ ପିତାଥିଲେ ଜଣେ ସାଧାରଣ ଶିକ୍ଷକ ଓ ଗାନ୍ଧୀବାଦୀ ଚିନ୍ତନର ଆଦର୍ଶ ବ୍ୟକ୍ତି। ନଟବରଙ୍କ ପିତା ଥିଲେ ଯାତ୍ରା ଦଳରେ ରାଜା ଭୂମିକାରେ ଅଭିନୟ କରୁଥିବା ଜଣେ ସାଧାରଣ କୃଷକ। ମନମୋହନଙ୍କ ଜୀବନଧାରା ଥିଲା ଏମାନଙ୍କଠାରୁ ପୃଥକ୍। ସେ ଛାତ୍ର ଥିଲେ ମଧ୍ୟ ଅର୍ଥର ପ୍ରାଚୁର୍ଯ୍ୟ ଓ ଉପଭୋଗର ବିଳାସ ମଧ୍ୟରେ ଜୀବନ ଅତିବାହିତ କରୁଥିଲେ। ମୁରାଶା ଭଳି ନିରୀହ କଲେଜ ଛାତ୍ରଙ୍କୁ ପିତାଙ୍କ ପ୍ରଭାବରେ ଚାକିରୀ କରାଇ ଦେବାର ପ୍ରଲୋଭନ ଦେଖାଇ ତାକୁ ପ୍ରତାରିତ କରିଛନ୍ତି; ଏବଂ ଯାହାର ପରିଣାମରେ କଲେଜ ଝିଅଟି ଅକାଳରେ ମୃତ୍ୟୁବରଣ କରିଛି। କଥାବସ୍ତୁର ଆରମ୍ଭରୁ ଔପନ୍ୟାସିକ ମନସ୍ତାତ୍ତ୍ୱିକ ଶୈଳୀରେ ବିଭୁପ୍ରସାଦଙ୍କ ଅତୀତ ଜୀବନର ଯେଉଁ ସ୍ମୃତିଚାରଣ କରାଇଛନ୍ତି, ତାହା ଲେଖକଙ୍କ ଜୀବନର ବାସ୍ତବ ଅନୁଭୂତିର ପ୍ରତିଫଳନ। ବିଭୁପ୍ରସାଦ ଅତୀତରେ ତାଙ୍କ ବାପାଙ୍କ ସାଙ୍ଗରେ ଯାଇ ସ୍କୁଲରେ ନାମ ଲେଖାଇବା ଅବକାଶରେ ସ୍କୁଲ ଫାଟକ ପାଖରେ ମାର୍ବଲ ପଥରରେ ଖୋଦିତ ଆଦର୍ଶବାଣୀଟିଏ ପଢ଼ି ତାଙ୍କର କିଶୋର ମାନସ ଚମତ୍କୃତ ହୋଇଛି ଏବଂ ସେ ତାହା ଦ୍ୱାରା ତମାମ ଜୀବନ ଅନୁପ୍ରାଣିତ ହୋଇଛନ୍ତି। ଆଦର୍ଶବାଣୀଟି ଥିଲା ଏହିପରି "ହ୍ୱାଟ୍‌ଏଭର୍ ମ୍ୟାନ ହାଜ୍ ଡନ୍, ମ୍ୟାନ୍ ମେ ଡୁ," ଏ ଏକ ମହାବାକ୍ୟ ଯାହାକୁ ଜୀବନସାରା ଭୁଲି ନାହିଁ ମୁଁ। ଏ ମହାବାକ୍ୟଟି ମୋ ଜୀବନର ଚଲାପଥକୁ ସମ୍ପୂର୍ଣ୍ଣ ଭିନ୍ନ ମୋଡ ଦେଇଥିଲା। ନିପଟ ମଫସଲ ଗାଁର ଏକ ମଧ୍ୟ ଇଂରାଜୀ ବିଦ୍ୟାଳୟର ଫାଟକ ଆଗରେ ସେ ଦିନ ଠିଆ ହୋଇଥିଲି। ସେଇ ସୌନ୍ଦର୍ଯ୍ୟ ଭରା ପରିବେଶ ଭିତରେ ମୋ ଆଖିଲାଖି ଯାଇଥାଏ ଫାଟକର ଗୋଟିଏ ପାଖ ଖୁଣ୍ଟ ଉପରେ। ତାରି ଉପରେ ହିଁ ଲେଖାଯାଇଥାଏ ସେଇ ମହାବାକ୍ୟ ସମ୍ବଳିତ ମାର୍ବଲ ଫଳକ। କ'ଣ ଯା ଅର୍ଥ? ମନେ ମନେ ଅନୁବାଦ କରୁଥାଏ ସେ କାବ୍ୟଟିକୁ ବାରମ୍ବାର। ପୁଣି ପଚାରୁଥାଏ ନିଜକୁ ନିଜେ ମଣିଷମାନେ ପୂର୍ବରୁ ଯେତେସବୁ କୀର୍ତ୍ତି କରିଯାଇଛନ୍ତି, ସେଭଳି କୀର୍ତ୍ତି ଅନ୍ୟ ଜଣେ ମଣିଷ ପକ୍ଷେ ଅର୍ଜିବା କ'ଣ ସତରେ ସମ୍ଭବ? ଏ ବାକ୍ୟଟିର ଅର୍ଥ କ'ଣ ଏୟା- ଯେ ରବୀନ୍ଦ୍ରନାଥ ଯାହା କରିଛନ୍ତି ମୁଁ ଚାହିଁଲେ ତା କରି ଦେଇପାରେ? ମୁଁ ଚାହିଁଲେ ମହାତ୍ମାଗାନ୍ଧୀ ହୋଇଯାଇପାରେ? ମଧୁସୂଦନ ଦାସ କି ଗୋପବନ୍ଧୁ ଦାସ ପାଲଟି ଯାଇପାରେ? ମୁଁ ଇଚ୍ଛା କଲେ ଏଭରେଷ୍ଟ ଶୃଙ୍ଗ ଆରୋହଣ କରିପାରେ।"

**ବର୍ଣ୍ଣନାର ପଟ୍ଟଭୂମିରେ ଲେଖକ ବିଭୁପ୍ରସାଦଙ୍କ ଚରିତ୍ରର ଗତିଶୀଳତାକୁ ପ୍ରକାଶ କରିଛନ୍ତି।**

ବସ୍ତୁତଃ ଉପନ୍ୟାସ କଥାବସ୍ତୁର ପରିଧି ଅତିକ୍ରମ କରି ଲେଖକଙ୍କ ଜୀବନଚର୍ଯ୍ୟା ଅନୁଶୀଳନ କଲେ ଜଣାଯାଏ ସେ ନିଜକୁ ଜଣେ ଅସାଧାରଣ ବ୍ୟକ୍ତି ଭାବରେ ଗଢ଼ି ତୋଳିବା ପାଇଁ ତାଙ୍କ ଛାତ୍ର ଜୀବନରୁ ହିଁ ପ୍ରୟାସ ଜାରି ରଖିଛନ୍ତି ଏବଂ କେତେକାଂଶରେ ତାହା ମଧ୍ୟ ସତ୍ୟରେ ପରିଣତ ହୋଇଛି। ଲେଖକ ତାଙ୍କ ଛାତ୍ର ଜୀବନରେ ରେଭେନ୍ସା କଲେଜରେ ଅଧ୍ୟୟନ କରୁଥିଲେ। ତେଣୁ କଟକ ଏବଂ ସେହି ଶିକ୍ଷାନୁଷ୍ଠାନର ଚିତ୍ର ଏହି ଉପନ୍ୟାସରେ ପ୍ରଦତ୍ତ। କଲେଜର ବିଜ୍ଞାନ ବିଭାଗର ଲବରଟେରିରେ ଚାକୁଣ୍ଡା ମଞ୍ଜିରୁ ତେଲ ବାହାର କରିବା ଗବେଷଣା କାର୍ଯ୍ୟରେ ନିୟୋଜିତ ବିଭୁ ପ୍ରସାଦଙ୍କ ଜୀବନରେ ଦେଖାଦେଇଛି ବହୁ ସାମାଜିକ ସମସ୍ୟା ଓ ଅର୍ଥନୈତିକ ସଂକଟକ। ବିଭୁପ୍ରସାଦଙ୍କ ସହ ଅନ୍ୟ ଜଣେ ଗବେଷକ ଛାତ୍ର ନଟବରଙ୍କ ବାପା ବୟସକ୍ରମେ ଗଳଗଣ୍ଡ ରୋଗରେ ପୀଡିତ ହୋଇ ମୃତ୍ୟୁବରଣ କରିଛନ୍ତି। ବର୍ଣ୍ଣନାର ପଟ୍ଟଭୂମିରେ ଲେଖକ ବିଭୁପ୍ରସାଦଙ୍କ ଚରିତ୍ରର ଗତିଶୀଳତାକୁ ପ୍ରକାଶ କରିଛନ୍ତି। ଏବଂ ତାହା ମଧ୍ୟରେ ବ୍ୟକ୍ତି ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା କରିବା ପାଇଁ ଉଦ୍ୟମ କରିଛନ୍ତି। ସ୍ୱାଧୀନତା ପରବର୍ତ୍ତୀ ତଥା ବିଶ୍ୱଯୁଦ୍ଧ ପରବର୍ତ୍ତୀ କାଳରେ ବ୍ୟକ୍ତି ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା କରିବା ଥିଲା ସାହିତ୍ୟର ଅନ୍ୟତମ ଆଭିମୁଖ୍ୟ। ଏପରି ଭାବ ଚେତନା ଲେଖକଙ୍କ ପୂର୍ବସୂରୀ ଫକୀର ମୋହନ, କାଳିନ୍ଦୀ ଚରଣ ଓ କାହ୍ନୁଚରଣଙ୍କ ଉପନ୍ୟାସ ସ୍ପଷ୍ଟରେ ପରିଲକ୍ଷିତ ହୁଏ ନାହିଁ। ଶାନ୍ତନୁଙ୍କ 'ଶତାବ୍ଦୀର ନଚିକେତା' ଉପନ୍ୟାସର

ପ୍ରମୁଖ ଚରିତ୍ର ବିଭୁପ୍ରସାଦ ବାପାଙ୍କ ସହିତ ଯାଇ ଉଚ୍ଚଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ଅବକାଶରେ ଅନୁଷ୍ଠାନର ଲାଇବ୍ରେରୀକୁ ଦେଖାଇ ତାଙ୍କର ବାପା ତାଙ୍କୁ ଯେଉଁ କଠୋର ଉପଦେଶ ଦେଇଛନ୍ତି, ତାହା ମଧ୍ୟରେ ବ୍ୟକ୍ତି ଚେତନାର ସ୍ୱତନ୍ତ୍ରତାକୁ ଲକ୍ଷ୍ୟ କରାଯାଇପାରେ। ଏହି ପ୍ରସଙ୍ଗରେ ବିଭୁପ୍ରସାଦଙ୍କ ବକ୍ତବ୍ୟ ଉଦ୍ଧାରଯୋଗ୍ୟ। "ଯେଉଁ ଦିନ ମୁଁ ଏ କଲେଜରେ ନାଁ ଲେଖେଇଲି ସେଦିନ ବାପା ଥିଲେ ମୋ ସାଙ୍ଗରେ। ମୋର ମନେ ଅଛି ବାପା ଏଇ ଲାଇବ୍ରେରୀକୁ ଦେଖାଇ ମତେ କହିଥିଲେ- ବିଭୁପ୍ରସାଦ। ଏଇ ହେଉଛି ତୋର ପ୍ରକୃତ ମା। ଏଇ ଜନନୀ ଜଠରରୁ ତୁ ବାସ୍ତବିକ କେବେ ଆତ୍ମପ୍ରକାଶ କରିବୁ? କେବେ ତୁ ସଂସାରରୁ ଆଲୁଅକୁ ଆସିବୁ? ଆଉ ସଂସାର ବି ଆସିବ ତୋର ଆଲୁଅକୁ।" ଲେଖକଙ୍କର ଏହି ବକ୍ତବ୍ୟ ମଧ୍ୟରେ ସମାଜରେ ବ୍ୟକ୍ତି ସ୍ୱତନ୍ତ୍ରତା ପ୍ରତିଷ୍ଠା କରିବାର ସଙ୍କେତ ପ୍ରଦତ୍ତ ହୋଇଛି।



ଲେଖକଙ୍କ ଆତ୍ମଜୀବନୀ (ମୋ ଜୀବନ ଅନ୍ୟ ଏକ ଉପନ୍ୟାସ) ଅଧ୍ୟୟନ କଲେ ମନେ ହୁଏ ଉଚ୍ଚଶିକ୍ଷା ସମାପ୍ତିପରେ ସେ ଚାକିରୀ ପ୍ରାପ୍ତ ହୋଇଛନ୍ତି, ଉଚ୍ଚପଦ ପଦବୀରେ ଅଧିଷ୍ଠିତ ହୋଇଛନ୍ତି କିନ୍ତୁ ଉପନ୍ୟାସରେ ବର୍ଣ୍ଣିତ ବିଭୁପ୍ରସାଦ ଓ ନଟବର ଉଚ୍ଚଶିକ୍ଷା ସମାପ୍ତିପରେ ବେକାର ସମସ୍ୟାରେ ନୈରାଶ୍ୟ ବିଜଡିତ ହୋଇ ପଡିଛନ୍ତି। ଗବେଷଣାରେ ବିଫଳତା ସେମାନଙ୍କ ମନରେ ଆଣି ଦେଇଛି ବିଷାଦ। ଏହିଠାରେ ହୁଏତ ଉପନ୍ୟାସ ବର୍ଣ୍ଣିତ କଥାଭାଗ ଲେଖକଙ୍କ ବାସ୍ତବ ଜୀବନଠାରୁ ଦୂରେଇ ଯାଇଛି। ବରଂ ସମାଜର ଶତାଧିକ ଶିକ୍ଷିତ ଯୁବକମାନଙ୍କର ସମସ୍ୟା ଓ ଅର୍ଥନୈତିକ ସଂକଟକୁ ପ୍ରକାଶ କରିବାରେ ଉନ୍ମୁଖ ହୋଇ ଉଠିଛି। କିନ୍ତୁ ମାତ୍ର ନ' ବର୍ଷ ବୟସରେ ମା'ଙ୍କ ମୃତ୍ୟୁ, ବିଦ୍ରୋହୀ ଗ୍ରାମବାସୀମାନଙ୍କ ଦ୍ୱାରା ଖଳାବାଡିର ଧାନ ଖଣିରୁ ଧାନ ଚୋରୀ, ବାପାଙ୍କ ଶିକ୍ଷକତା ଓ ନିଷ୍ଠାପର କର୍ତ୍ତବ୍ୟ, ଉଚ୍ଚଶିକ୍ଷା ପ୍ରାପ୍ତି ଇତ୍ୟାଦି ଘଟଣା ଲେଖକଙ୍କ ବ୍ୟକ୍ତିଗତ ଓ ପାରିବାରିକ ଜୀବନର ବାସ୍ତବ ଘଟଣା ଆଧାରିତ ଯାହାର ସୂଚନା ଉପନ୍ୟାସର କଥାଭାଗ ମଧ୍ୟରେ ପ୍ରଦତ୍ତ।

ଅପରପକ୍ଷରେ ନଟବର ଚରିତ୍ରକୁ ଲେଖକ ଜଣେ ସଂସ୍କାରବାଦୀ ଓ ସଂଗ୍ରାମଶୀଳ ଚରିତ୍ର ଭାବରେ ଗଢ଼ିତୋଳିଛନ୍ତି। ଅସବର୍ଣ୍ଣ ସୁକୁମାରୀକୁ ବିବାହ କରି ସେ ଯେପରି ସଂସ୍କାରଶୀଳ ମାନସିକତାର ପରିଚୟ ଦେଇଛି ସେହିପରି ସମାଜର ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ଦୃଢ଼ ପ୍ରତିବାଦ ଓ ପ୍ରତିକ୍ରିୟା ପ୍ରକାଶ କରି ନିର୍ଭୀକ ବିପ୍ଳବୀର ଭୂମିକା ଗ୍ରହଣ କରିପାରିଛି। ଏହି ପ୍ରସଙ୍ଗରେ ନଟବରଙ୍କ ବକ୍ତବ୍ୟ ଉଲ୍ଲେଖଯୋଗ୍ୟ। "ଏ ସଂସ୍କାରରେ ଯୁଗକୁ ଯୁଗ ରାମ ଜନ୍ମ ହୁଅନ୍ତି, କୃଷ୍ଣ ଜନ୍ମ ହୁଅନ୍ତି, ଦୁଷ୍କୃତି ବିନାଶ କରି ସାଧୁମାନଙ୍କୁ ରକ୍ଷା କରିବା ପାଇଁ ଏବଂ ସେହି ଏକ ତଳହଟି ମଫସଲ ଗାଁର ଓଲା ରାଉତ ନାମକ ଏକ ଅତ୍ୟାଚାରିତ, ଅନାମଦେୟ କୃଷକ ପରିବାରରେ ଜନ୍ମ ହୁଏ ଯେଉଁ ବାଳକ ନଟବର, ତାର ଜୀବନର ବ୍ରତ ହେଉଛି ଏ ଦେଶରୁ ଟାଉଟର, ଚୋର, ଜୁଆଚୋରଙ୍କ ବଂଶ ନିପାତ କରି ବାସହୀନ, ଅନ୍ନହୀନ ଦରିଦ୍ର ଲୋକଙ୍କର ଅପହୃତ ମେସ, ମେସ ପାଇଁ ଦିଆଯାଇଥିବା ଆଡଭାନ୍ସ ଟଙ୍କା ଇତ୍ୟାଦି ସବୁ କଡା କାନ୍ତି ହିସାବରେ ଫେରସ୍ତ କରାଇବା।" ବିଭୁପ୍ରସାଦ ଓ ନଟବରଙ୍କ ଛାତ୍ର ଜୀବନର ଅନୁଭୂତି ବର୍ଣ୍ଣନା କରିବା ଅବକାଶରେ ଲେଖକ କହିଛନ୍ତି ସେମାନେ କିପରି ସମାଜର ପ୍ରଭାବଶାଳୀ ବ୍ୟକ୍ତିଙ୍କ ପ୍ରରୋଚନାରେ ହଷ୍ଟେଲରେ ବିଶୃଙ୍ଖଳା ଜନିତ କାରଣରୁ ହଷ୍ଟେଲ ଛାଡି ରହିଛନ୍ତି ପ୍ରାଇଭେଟ 'ନିରବନିଳୟ ମେସ୍'ରେ। ଏହି 'ନିରବ ନିଳୟ' ମେସ୍ ପରବର୍ତ୍ତୀ କାଳରେ ସାମାଜିକ ସମସ୍ୟା ଓ ଅର୍ଥନୈତିକ ସଂକଟ ଯୋଗୁଁ ଏବଂ ସାମାଜିକ ଉନ୍ନତି ଅଭୀପସାରେ ପରିଣତ ହୋଇଛି 'ମଳମୂତ୍ର ପରୀକ୍ଷାଗାର' ଏବଂ 'କେମିକାଲ କଟେଜ୍ ଇଣ୍ଡଷ୍ଟ୍ରି' ନାମରେ। 'ନିରବ ନିଳୟ' ମେସ୍ ପାଖରେ ଜାଲିଆତି କରୁଥିବା ଡାକ୍ତର ଡି.ଏନ୍. ନାଇଡୁଙ୍କର କ୍ଲିନିକ ଖୋଲେ ଏବଂ ତାଙ୍କର ନକଲି ଚିକିତ୍ସା ଯୋଗୁଁ ସେ ଗରିବ ହେବା ଭୟରେ ସବୁଦିନ ପାଇଁ ଫେରାଇ ହୋଇଯାନ୍ତି। ପୁନଶ୍ଚ ଦେଶସାରା ଦୁର୍ନୀତିର ଚିତ୍ର ପ୍ରଦାନ କରିବାକୁ ଯାଇ ଲେଖକ ଅଟା ଓ ତେଲରେ ଅପମିଶିଣ ଯୋଗୁଁ କେରଳର ଶତାଧିକ ଲୋକଙ୍କର ମୃତ୍ୟୁ ପ୍ରସଙ୍ଗରେ ଉଲ୍ଲେଖ କରିଛନ୍ତି। ସ୍ୱାଧୀନତା ପରବର୍ତ୍ତୀ ଭାରତ ବର୍ଷରେ ଅନୁଷ୍ଠିତ ନିର୍ବାଚନରେ କିପରି ମିଥ୍ୟା ପ୍ରତିଶ୍ରୁତି

ଓ ପ୍ରତାରଣା କାୟା ବିସ୍ତାର କରେ ତାର ସ୍ୱରୂପକୁ ମଧ୍ୟ ଲେଖକ ପ୍ରକାଶ କରିଛନ୍ତି। "ଯେଉଁ ନିର୍ବାଚନ ଆସେ ଏକ ନଦୀର ବନ୍ୟାପରି ଗୋଟିଏ ଗଣତନ୍ତ୍ରର କୁଟୀରକୁ। ସେ ଆସେ ଏଇ ବିଗତ ଶତାବ୍ଦୀର ଦୁର୍ଭିକ୍ଷ ପରି ଏକ ଉତ୍କଳକୁ, କଳାର କୁଟୀରକୁ"। ବସ୍ତୁତଃ ଏଭଳି ପଟ୍ଟଭୂମିରେ ସାଂପ୍ରତିକ ଯୁଗ ଯନ୍ତ୍ରଣାର ପ୍ରତିଭୂ ବିଭୁପ୍ରସାଦ ଓ ନଟବର ନିଜର ଅଭିଯାନ ଜାରି ରଖିଛନ୍ତି ସତ୍ୟର ସନ୍ଧାନ ପାଇଁ ଠିକ୍ ଉପନିଷଦର ନଚିକେତା ପରି। ଏହି ପ୍ରସଙ୍ଗରେ ବିଭୁପ୍ରସାଦର ବକ୍ତବ୍ୟ ଉଲ୍ଲେଖ ଯୋଗ୍ୟ। "ଏହିଭଳି ରୋଷେଇ ସମ୍ବନ୍ଧରେ ଆକାଶ ପାତାଳ ଚିନ୍ତା କରି କରି ଚାଲିଥାଏ ବିଭୁପ୍ରସାଦ- ଆପଣାର ବସା ଉଦ୍ଦେଶ୍ୟରେ, ସେ ଚାଲିଥାଏ ଠିକ୍ ଗୋଟିଏ ଉପନିଷଦ ଯୁଗର ଶିଷ୍ୟ ଯେପରି ଚାଲିଥାଏ। ଆଉ ସେ ହେଉଚି ପୁଣି ସେଇ ଶିଷ୍ୟ ଯେ ଆସିଥାଏ ଜ୍ଞାନାର୍ଜନ କରବାକୁ ଆପଣାର ପିତା ବା ଗୁରୁ କୁଳାଶ୍ରମ ଠାରୁ ନୁହେଁ- ସ୍ୱୟଂ ଯମଠାରୁ।" ନିଜର ଅର୍ଥନୈତିକ ସଂକଟକୁ ସମାଧାନ କରିବାକୁ ଯାଇ ବିଭୁପ୍ରସାଦ 'ପୋଲଟ୍ରି ଫାର୍ମ' ଆରମ୍ଭ କରେ। ମନେ ହୁଏ କଲେଜ ହଷ୍ଟେଲରେ ବିଶୃଙ୍ଖଳା, ପ୍ରାଇଭେଟ ମେସ୍ର ଅସ୍ୱସ୍ତିକର ପରିବେଶ ଏବଂ ଅର୍ଥନୈତିକ ସଂକଟ ଭିତରେ ନିଜର ପ୍ରତିଷ୍ଠା ଓ ଲକ୍ଷ୍ୟ ସ୍ଥଳରେ ଉପନୀତ ହେବା ପାଇଁ ବିଭୁପ୍ରସାଦ ଉପନିଷଦ ବର୍ଣ୍ଣିତ ପିତୃ ଅଭିଶାପ ଗ୍ରସ୍ତ ଋଷିପୁତ୍ର ନଚିକେତାର ମୃତ୍ୟୁ ରହସ୍ୟ ଅନୁସଂଧାନ ପାଇଁ ତପସ୍ୟା ଓ ସାଧନାର ପ୍ରତିରୂପ।

**ଏକ ମହତ୍ତ୍ୱର ଉପଲବ୍ଧି ପାଇଁ ମଣିଷର ଅନ୍ୱେଷଣ ପ୍ରବୃତ୍ତି ଚିରକାଳ।**

ଏହି ଅବକାଶରେ ବିଭୁପ୍ରସାଦଙ୍କ ବାପା ଭବାନୀ ପ୍ରସାଦଙ୍କର ଚାକିରୀରୁ ଅବସର ନେବା ସମୟ ଆସିଯାଏ ଏବଂ ସେ ଦାସତ୍ୱ ଜୀବନରୁ ମୁକ୍ତି ଲାଭ କରନ୍ତି। ଉପନ୍ୟାସ-କଥାବସ୍ତୁର ସମଗ୍ରତା ଭିତରେ ବିଭୁପ୍ରସାଦ ଓ ନଟବରଙ୍କ ଜୀବନର ପୁଞ୍ଜିଭୂତ ବ୍ୟର୍ଥତା, ନୈରାଶ୍ୟ ଓ ଗ୍ଲାନିର ଚିତ୍ର ପ୍ରଦତ୍ତ ହୋଇଛି। ଉପନିଷଦରେ ବର୍ଣ୍ଣିତ ନଚିକେତାର ଜୀବନ ସମସ୍ୟା ସଂକଟ ମଧ୍ୟରେ ଗତିଶୀଳ ହୋଇଥିଲେ ହେଁ ସେ ପରିଣାମରେ ସଫଳତା ପ୍ରାପ୍ତ ହୋଇଛନ୍ତି। କିନ୍ତୁ ଏ ଶତାବ୍ଦୀର ନଚିକେତା ବିଭୁପ୍ରସାଦଙ୍କ ଜୀବନରେ ଅଛି ଅନ୍ତହୀନ ବ୍ୟର୍ଥତାର ଇସ୍ତାହାର। ଏହି ପ୍ରସଙ୍ଗରେ ବିଭୁପ୍ରସାଦଙ୍କ ବକ୍ତବ୍ୟର କିଛି ଅଂଶ ଉଦ୍ଧାର କରାଯାଇପାରେ, "ଅବସ୍ଥା ଚକ୍ରରେ ପଡି ମୋର ଗବେଷଣା ପୋଥିରେ ଡୋରି ବନ୍ଧା ହେଲା। ଆମର ଏଠାକାର ଡିପାର୍ଟମେଣ୍ଟ ଅବସ୍ଥା ବଡ ସାଂଘାତିକ। .... ଆଉ ତା ଛଡା ଆମର ଗବେଷଣା ଦାୟିତ୍ୱରେ ଥିବା ଅଧ୍ୟାପକ ଭୂଦାନ ଆନ୍ଦୋଳନରେ ଯୋଗ ଦେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଏପରି ପରିସ୍ଥିତିରେ ମୋର ଗାଁକୁ ଫେରିବା ହିଁ ଏକମାତ୍ର କର୍ତ୍ତବ୍ୟ ହୋଇ ରହିଛି।"

"ଶତାବ୍ଦୀର ନଚିକେତା" ଉପନ୍ୟାସର ବିଭୁପ୍ରସାଦ ଓ ନଟବର ଭଳି ଅଗଣିତ ଚରିତ୍ର ସମାଜର ଅର୍ଥନୈତିକ ଓ ରାଜନୈତିକ ସଂକଟ ମଧ୍ୟରେ ସେମାନଙ୍କର ସାଧନା ଓ ଅନ୍ୱେଷଣ ପ୍ରବୃତ୍ତି ଜାରି ରଖିଛନ୍ତି ଲେଖକଙ୍କ ପ୍ରଥମ ଓ ପୂର୍ବବର୍ତ୍ତୀ ଉପନ୍ୟାସ "ନରକିନ୍ନର"ର ଜର୍ଜ ଚରିତ୍ର ସଦୃଶ୍ୟ। ସମାଜରେ ପ୍ରତିଷ୍ଠା, ପ୍ରଗତି ଓ ଜୀବନରେ ଏକ ମହତ୍ତ୍ୱର ଉପଲବ୍ଧି ପାଇଁ ମଣିଷର ଅନ୍ୱେଷଣ ପ୍ରବୃତ୍ତି ଯେ ଚିରକାଳ - ଏହା ହିଁ 'ଶତାବ୍ଦୀର ନଚିକେତା' ଉପନ୍ୟାସର ବାର୍ତ୍ତା ଓ ବକ୍ତବ୍ୟ। "ନରକିନ୍ନର"ର ଜର୍ଜ ଚରିତ୍ର ସମ୍ପର୍କରେ ଲେଖକ ଯେଉଁ ଅଭିମତ ପ୍ରଦାନ କରିଛନ୍ତି ତାହା ଆଲୋଚ୍ୟ ଉପନ୍ୟାସର ବିଭୁପ୍ରସାଦ ଓ ନଟବର ଚରିତ୍ର ପ୍ରତି ସମ୍ୟକ ପ୍ରଯୁକ୍ତ। "ଜର୍ଜ ଚିରନ୍ତନ ଆତ୍ମ ଅନ୍ୱେଷଣରେ ରତ ମାନବର ପ୍ରତୀକ। ଏଥିରେ ତତ୍କାଳୀନତାର ସ୍ଥାନ ନାହିଁ। ସବୁ ସମୟର ସାମାଜିକ ସ୍ଥିତି, ପରିସ୍ଥିତି ଜର୍ଜଟିଏ ନିଶ୍ଚୟ ରହିବ। ଯେପରି ଉପନିଷଦରେ ସତ୍ୟକାମ, ଜାବାଳ ବା ନଚିକେତା ଅଥବା ଅଷ୍ଟବକ୍ର।" ଏ ଶତାବ୍ଦୀର ନଚିକେତାମାନେ ବିଭୁପ୍ରସାଦ ଓ ନଟବର - ଏ ଅବକ୍ଷୟ - ଆଦର୍ଶଚ୍ୟୁତ, ଦୁର୍ନୀତିପୀଡିତ, ପ୍ରତାରଣାପୂର୍ଣ୍ଣ, କଳଙ୍କିତ ସମାଜରୁ ମୂଲ୍ୟବୋଧର ସତ୍ୟାନ୍ୱେଷଣ କରିଛନ୍ତି ଉପନିଷଦର ନଚିକେତା ପରି ସୁତରାଂ ଯୁଗେ ଯୁଗେ ଏହି ନଚିକେତା ମାନେ ହିଁ ବନ୍ଦନୀୟ, ଯେଉଁମାନେ ସମାଜର ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସେମାନଙ୍କର ଉଦ୍ୟମ ଜାରି ରଖିଛନ୍ତି ସାଧନାର ପଥରେ। ମୋ ମତରେ ଏହାହିଁ ଚଳିତ ଶତାବ୍ଦୀରେ ନଚିକେତାମାନଙ୍କର ପ୍ରବୃତ୍ତି ଓ ପ୍ରାସଙ୍ଗିକତା ଭାବରେ ବିବେଚିତ ହେବ।

□□

ଲେଖକଙ୍କ ଇ-ମେଲ ଠିକଣା:
khuntia.brahmananda56@gmail.com

**ଗଳ୍ପ**

# ସମ୍ପର୍କ



ମନୋଜ କୁମାର ଜେନା

ରବିବାର ସକାଳେ ସୁନା ଝଲମଲ ଖରାରେ ଧରା ଝଲୁସୁଥିଲା। ଅତନୁ ଡ୍ରଇଂରୁମ୍‌ରେ ବସି ଖବର କାଗଜ ଉପରେ ଆଖି ବୁଲାଇ ଆଣୁଥିଲେ।

ଅନୁରାଧା ଡ୍ରଇଂ ରୁମ୍‌ର ଡୋର୍ ପାଖରେ ଛିଡ଼ା ହୋଇ ଅପଲକ ନୟନରେ ଅତନୁର ବିଷର୍ଣ୍ଣ, ବିବର୍ଣ୍ଣ ମୁଖମଣ୍ଡଳକୁ ଅନାଇ ରହିଥିଲା। ମନେ ମନେ ଭାବୁଥିଲା- ସର୍ବଦା ପ୍ରାଣୋଚ୍ଛଳ, ଚଳଚଞ୍ଚଳ ମୁହଁର ଆକାଶରେ ବିଷାଦ ଓ ବ୍ୟସ୍ତତାର ମେଘମାଳା, ଉଦାସ ଉଦ୍‌ବେଗର ଛାୟା। ହସରେ ଉଛୁଳି ପଡୁଥିବା ଆଖି ଦୁଇଟି ନିଃସ୍ୱ, ନିଥର।



ଡ୍ରଇଂରୁମ୍‌କୁ ପଶିଆସି କୋହଭରା କଣ୍ଠରେ ଅନୁରାଧା କହିଲା- କ'ଣ ହୋଇଛି ତୁମର? ମୁହଁଟାକୁ ଧାନଉଷାଁ ହାଣ୍ଡିପରି କରି କାଲିଠାରୁ ବସିଛ। ମୁଁ ଦଶପଦ କହିଲେ ତୁମ ମୁହଁରୁ ପଦିଏକଥା ବାହାରୁଛି। ସବୁ ପ୍ରଶ୍ନର 'ହଁ', 'ନାହିଁ'ରେ ଉତ୍ତର।

- ଚା କପ୍‌ଟିଏ ଆଣ। ଚା ପିଇସାରି ସବୁକଥା କହିବି।

ଅନୁରାଧା ଗଲାପରେ ଅତନୁଙ୍କ ମନ ପକ୍ଷୀ କାକଳି ତୋଳି ତୋଳି ଉଡ଼ିଯାଇଥିଲା ବିଗତ ଦିନର ଘଟଣା ପ୍ରବାହର ପରିବେଶକୁ। ଅତନୁ ଇଞ୍ଜିନିୟରିଂ ପାସ୍ କରିବା ପରେ ବାଙ୍ଗାଲୋରରେ ଏକ ସଫ୍ଟୱ୍ୱାର କମ୍ପାନୀରେ ଉଚ୍ଚବେତନର ଚାକିରି ପାଇଥିଲେ। ସେ ଭୁବନେଶ୍ୱରର ନୂଆପଲ୍ଲୀରେ ଏକ ଫ୍ଲାଟ୍ କିଣି ସେଠାରେ ବାପା, ବୋଉଙ୍କୁ ରଖିବାର ସମସ୍ତ ବ୍ୟବସ୍ଥା କରିଥିଲେ। ତାଙ୍କ ଗାଁରେ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ସୁବିଧା ନଥିବାରୁ ସେ ଏହି ନିଷ୍ପତ୍ତି ନେଇଥିଲେ। କିନ୍ତୁ ପରେ ବାପା, ବୋଉ ଦୂରରେ ଭୁବନେଶ୍ୱରରେ ରହୁଥିବାରୁ ବିବେକର ବୃଶ୍ଚିକ ଦଂଶନର ଜ୍ୱାଳା ସହି ନ ପାରି ସେ ବାପା, ବୋଉଙ୍କୁ ଛଅମାସ ତଳେ ବାଙ୍ଗାଲୋର ନେଇ ଆସିଥିଲେ। ସେତେବେଳେ ବାପାବୋଉଙ୍କୁ ଦେଖିବାକୁ ତାଙ୍କ ବିବାହିତା ଭଉଣୀ କୁନିଅପା ଆସିଥିବାରୁ ତାକୁ ମଧ୍ୟରେ ସାଙ୍ଗରେ ଆଣିଥିଲେ। ବାପା, ବୋଉଙ୍କୁ ସବୁଦିନ ପାଇଁ ବାଙ୍ଗାଲୋରରେ ରଖିବା ପାଇଁ ଅତନୁ ଓ ଅନୁରାଧା ପରିକଳ୍ପନା କରିଥିଲେ। ସମସ୍ତଙ୍କ କଳ କଲ୍ଲୋଳରେ ଘରର ଅଗଣା ହସରେ ଉଛୁଳି ଉଠିବ ଭାବି ଅତନୁ ଓ ଅନୁରାଧା ଆନନ୍ଦରେ ଆତ୍ମହରା ହେଉଥିଲେ।

ବାପା, ବୋଉ ଓ ଅପା କିଛିଦିନ ରହିବା ପରେ ଅତନୁ ଲକ୍ଷ୍ୟ କଲେ ଅଶାନ୍ତିର ନିଆଁ ଘରର କୋଣ ଅନୁକୋଣରେ କୁହୁଳି ଉଠୁଛି। ଶାଶୁ ବୋହୂ ଘରେ ଅସନ୍ତୋଷର ଅନ୍ଧାର ମାଡ଼ିଆସିଲେ, ସମାଜର ଆଙ୍ଗୁଠି ତତ୍‌କ୍ଷଣାତ୍ ବୋହୂ ଆଡ଼କୁ ଲମ୍ବିଯାଏ। ସବୁପାଇଁ ବୋହୂଟିର ମୁଣ୍ଡରେ ଅଠା ବୋଲି ଦିଆଯାଏ।

ଅନୁରାଧା ଥିଲା ଉଇଁ ଆସୁଥିବା ଜହ୍ନଟିଏ ପରି, ସଦ୍ୟ ପ୍ରସ୍ଫୁଟିତ କଇଁଫୁଲଟିଏ ପରି। ତା ହସର ନିର୍ମଳ ପଣ ଅତନୁଙ୍କୁ ମୁଗ୍ଧ କରେ। ଭୋରର ଆକାଶ ପରି ସୁନ୍ଦରୀ ଅନୁରାଧା ଥିଲା ଶାନ୍ତ, ସ୍ନିଗ୍ଧ, ସୁଶୀତଳ, ସ୍ନେହଶୀଳ ଓ ମମତାମୟୀ। ବାପା, ବୋଉଙ୍କ ପ୍ରତି ଥିଲା ତା'ର ଅସରନ୍ତି ଶ୍ରଦ୍ଧା ଓ ସମ୍ମାନ। ଉଚ୍ଚଶିକ୍ଷିତା ହୋଇଥିଲେ ହେଁ ପରିବାରର ସୁଖ, ଶାନ୍ତି, ସୌହାର୍ଦ୍ଦ୍ୟ ପାଇଁ ଚାକିରି ନ କରିବାକୁ ନିଷ୍ପତ୍ତି ନେଇଥିଲା।

ଦିନେ ଅନୁରାଧା ଉଠୁ ଉଠୁ ଘଣ୍ଟାଏ ଡେରି ହୋଇଗଲା। ବୋଉ ଖଣ୍ଡ ପ୍ରଳୟ ସୃଷ୍ଟି କରି କହିଲା- ଦିନ ଆସି ଏତେ ହେଲାଣି। ସାହେବାଣୀଙ୍କର ପହଡ଼ ଭାଙ୍ଗୁନି। ଠାକୁର ଏପର୍ଯ୍ୟନ୍ତ ଅପୂଜା ହୋଇ ବସିଛନ୍ତି। ମୁଁ ଏମିତି କରିଥିଲେ, ମୋ ଶାଶୂ ମୋଟି ଚେଙ୍କ ଲଗାଇ ଦେଇଥାନ୍ତେ। ଆରେ! କିଛି ନ କହିଲାଠୁ ଏମାନଙ୍କ ମୁହଁ ବଢ଼ିଗଲାଣି।

ବୋଉ ପାଟିରେ ଅନୁରାଧା ଧଡ଼ପଡ଼ ହୋଇ ଉଠି ନିତ୍ୟକର୍ମ ସାରି ଠାକୁର ଘରକୁ ଯାଇ ପୂଜା କରିବାକୁ ବସିଗଲା।

ଅତନୁ ଲକ୍ଷ୍ୟ କଲେ, ଅନୁରାଧାର ଛଳ ଛଳ ମୁହଁର ଦର୍ପଣରେ ଦିଶୁଛି ତା'ର ଥରିଲା ଓଠର ଧୂସର ଚିତ୍ରପଟ। ଅପମାନ ଓ ଅବସାଦରେ ସେ ଭାଙ୍ଗି ପଡୁଥିଲା।

ଅତନୁ ଭାବୁଥିଲେ - କାମବାଲି ଦୁଇଦିନ ହେବ ଆସୁନି, ସାରା ଘରର ଜଞ୍ଜାଳ। ବାପା, ବୋଉ ଓ ଅପା ଦିନ ଯାକ ବସି ଟିଭି ସାମ୍ନାରେ ଆଲୋଚନା, ପର୍ଯ୍ୟାଲୋଚନାରେ ବ୍ୟସ୍ତ। ସବୁ ସିରିଏଲରେ ସେମାନଙ୍କର ଅମାପ ଆଗ୍ରହ। କୁଟାଖଣ୍ଡକୁ ଦିଖଣ୍ଡ କରନ୍ତିନି। ଦିନେ ଅଧେ ସୁବିଧା ଅସୁବିଧାରେ ଅନୁରାଧା ଘଣ୍ଟାଏ ଅଧିକ ଶୋଇଗଲାରୁ କ'ଣ ଏମିତି ବିଗିଡ଼ି ଗଲା ଯେ ଏତେ ବଡ଼ ଚିତ୍କାର ଆଉ ଶାଣିତ କଟାକ୍ଷ। ଏକଥା ବୋଉକୁ ମୁହେଁ ମୁହେଁ ଜଣାଇବାକୁ ପ୍ରତିବାଦର ଶବ୍ଦ ପେଟରୁ ହାବୁକାମାରି ଆସି ତଣ୍ଟିର ପାଚେରି ପାଖରେ ଅଟକିଗଲା।

ତା'ପରଦିନ ସକାଳ ଆଠଟାରେ ନିଉଜ ଚାନେଲ୍ ଲଗାଇ ସମ୍ବାଦ ଶୁଣୁଥିଲା ବେଳେ ବୋଉ ଝପଟି ଆସି ଅତନୁର କାନରେ ଫୁସ୍‌ଫୁସ୍ କରି କହିଲା- ଟିଭିକୁ ବନ୍ଦ କରିଦେ। ତୋ ଅପାର ନିଦ ଭାଙ୍ଗିଯିବ।

**ବିଶ୍ୱାସ, ସମ୍ପର୍କ ଓ ହୃଦୟ ଭାଙ୍ଗିଲେ ଶବ୍ଦ ହୁଏନା। ନିଃଶବ୍ଦରେ ସେମାନେ ସୃଷ୍ଟି କରନ୍ତି ଲୁହର ଉଜାଣି ଯମୁନା।**

ବୋହୂ ଓ ଝିଅ ଭିତରେ ଭିନ୍ନ ଦୃଷ୍ଟିଭଙ୍ଗୀ, ଭିନ୍ନ ଆଚରଣ ଓ ପାତରଅନ୍ତର ବ୍ୟବହାର ଦେଖି ଅତନୁ ଉଦ୍‌ବିଗ୍ନ ଅନୁଭବ କରିଥିଲେହେଁ ପାଟି ଫିଟାଇ ନ ଥିଲେ।

ଦୁଇଦିନ ପରେ ଅତନୁଙ୍କ ସାଙ୍ଗର ମ୍ୟାରେଜ୍ ଆନିଭର୍ସାରିରେ ଯୋଗ ଦେବା ପାଇଁ ଅନୁରାଧା ମୁହଁରେ ବିଭିନ୍ନ ପ୍ରସାଧନର ପ୍ରଲେପ ଦେଇ ସାଲୱାର କମିଜ ପିନ୍ଧି ବାହାରି ପଡ଼ିଲା। କପାଳରୁ ଝୁଲିପଡ଼ିଥିବା ଅବିନ୍ୟସ୍ତ ଚୂର୍ଣ୍ଣ କୁନ୍ତଳଙ୍କ ଉପଦ୍ରବକୁ ଠେଲିଠେଲି ସେ ଆନନ୍ଦରେ କୁରୁଳି ଉଠୁଥିଲା।

ବୋଉ ଅନୁରାଧାକୁ ସାମ୍ନାରେ ଦେଖି ରାଗରେ ଜଳି ଉଠିଲା। ତା ମୁହଁରୁ ଉତୁରିଆସିଲା ରଡ଼ ନିଆଁ ଝୁଲ। କର୍କଶ କଣ୍ଠରେ କହିଲା- ତୋର ତ ଭାରି ବହପ। ଶାଶୁ, ଶ୍ୱଶୁର ଅଛନ୍ତି। ଟିକି ଫୁଲେଇଙ୍କ ଭଳି ସଜ ହୋଇ ମୁଣ୍ଡକୁ ହୁତୁ ହୁତୁ କରି ନାଚୁଣୀଙ୍କ ଭଳି ବାହାରି ପଡ଼ିଲା। ମୋ ମୁଣ୍ଡରୁ ଟିକେ ଓଢ଼ଣା ଖସିଗଲେ ମୋ ଶାଶୂ ମୋତେ କଞ୍ଚା ଖାଇଯାଆନ୍ତି। ମୋ ବାପା, ମା, ଚଉଦ ପୁରୁଷର ଶ୍ରାଦ୍ଧ କରିପକାନ୍ତି। କାଲିକା ବୋହୂ, ଭାବୁଛି ନିଜ ହାତରେ ନିଜେ ଚଉଦପାଆ।

ଅନୁରାଧାର ଦୁଇ ଆଖି ଲୁହରେ ଛଳଛଳ। ଡ୍ରେସ୍ ବଦଳାଇ ଶାଢ଼ି ପିନ୍ଧି ପୁରୁଣାକାଳିଆ ଢଙ୍ଗରେ ମୁଣ୍ଡରେ ଗଣ୍ଠିଟିଏ ପକାଇ ଅତନୁ ସାଙ୍ଗରେ ବାହାରିଲା।

ଅତନୁ ଭାବୁଥିଲେ- କାହା ହୃଦୟରେ ଆଘାତ ଦେବା ଆଉ କାହା ଆଖିରୁ ଲୁହ ଝରାଇବାର କାରଣ ହେବା ବଡ଼ ଅପରାଧ। ଅନୁରାଧାର ସହନଶୀଳତା ତାଙ୍କୁ ମୁଗ୍ଧ କରିଥିଲା। ସହନଶୀଳତା ଦୁର୍ବଳତା ନୁହେଁ, ବରଂ ଏକ ମହାନ୍ ଶକ୍ତି। ସହନଶୀଳତା ଭଳି ମହନୀୟ ଗୁଣ ସମସ୍ତଙ୍କଠାରେ ନ ଥାଏ।

ସେଇଠି ଅପା ଦିନଯାକ ହାତକଟା ମାକ୍ସି ପିନ୍ଧି ବୁଲୁଛି। ବୋଉ ଆଖି ସିଆଡ଼େ ଯାଉନି। ସେ ଅନୁରାଧାର ଚାଲିକୁ, ତା'ର କଥା କହିବାର ଢଙ୍ଗକୁ, ତା'ର ରୋଷେଇ କରିବା ପ୍ରଣାଳୀକୁ ହାଡ଼େ ହାଡ଼େ ଜଗିଛି। ଟିକେ କେଉଁଠି ପାନରୁ ଚୂନ ଖସିଗଲେ ତା'ର ଜିଭର ଛଳଛଳ ଚଟାଣରୁ ମାଡ଼ିଆସୁଛି ମାରାତ୍ମକ ମାରଣାସ୍ତ୍ର।

ବୋଉର ପାଟିଟା ଗୋଟେ ଖଣ୍ଡାଧାର। କଥାର ଦାଢ଼ରେ ସେ ଅନୁରାଧାର ଛାତିର କଳିଜାକୁ କାଟି ଖିନ୍‌ଭିନ୍ କରିଦେଉଛି। ମଣିଷ ଦାନ୍ତରେ ବିଷ ନଥାଏ, ଥାଏ ତା ପାଟିରୁ ଉତୁରି ପଡୁଥିବା ଶବ୍ଦରେ। ଈଶ୍ୱର ଦାନ୍ତକୁ ଶକ୍ତ କରିଥିବା ସମୟରେ ଜିଭକୁ ନମ୍ର, କୋମଳ କରିଛନ୍ତି ମଧୁର କୋମଳ ବଚନ କହିବା ପାଇଁ। କିନ୍ତୁ ମଣିଷର ମୁଖ ଗହ୍ୱରରୁ ଜିଭର ଛାତଦେଇ ବେଳେବେଳେ ଆଗ୍ନେୟଗିରି ଉଦ୍‌ଗୀରଣ ହୋଇ ସମ୍ପର୍କର ପାହାଡ଼କୁ ଭାଙ୍ଗି ଚୂରମାର କରିଦିଏ। ବିଶ୍ୱାସ, ସମ୍ପର୍କ, ହୃଦୟ ଭାଙ୍ଗିଲେ ଶବ୍ଦ ହୁଏନା। ନିଃଶବ୍ଦରେ ସେମାନେ ସୃଷ୍ଟି କରନ୍ତି ଲୁହର ଉଜାଣି ଯମୁନା। ଅପମାନ ସହି ଯେ ସମ୍ପର୍କ ବଜାୟ ଯେ ରଖେ ସେ ହୃଦୟବାନ୍ ମଣିଷ। ଅନୁରାଧା ଛାତିକୁ ପଥର କରି ଆଖିଲୁହକୁ ଆଖିରେ ମାରି, ବୋଉ ଓ ଅପା ପ୍ରତି ତା'ର କର୍ତ୍ତବ୍ୟ ସମାପନ କରି ସମ୍ପର୍କ ବଜାୟ ରଖିଥିଲା।

ଅତନୁ କିଛି ନ କହିଲେ ବି ବୋଉ ଓ ଅପାର ଅନୁରାଧା ପ୍ରତି ଦୁର୍ବ୍ୟବହାରରେ ବ୍ୟସ୍ତ, ବିବ୍ରତ ଅନୁଭବ କରୁଥାନ୍ତି। ତାଙ୍କ ପ୍ରତି ବୋଉ ଓ ଅପାର ଏତେ ସ୍ନେହ, ଏତେ ମମତା, କିନ୍ତୁ ଅନୁରାଧା ପ୍ରତି କାହିଁକି ଏତେ ବିଦ୍ୱେଷ, ଏ ପ୍ରଶ୍ନ ତାଙ୍କୁ

ଆନ୍ଦୋଳିତ କରୁଥିଲା । ଶବ୍ଦ ଏକ ଖାଦ୍ୟ, ଚାଖି ଠିକ୍ ଲାଗିଲେ ତାକୁ ଅନ୍ୟକୁ ପରଷିବା ଉଚିତ ।

ଅତନୁ ଲକ୍ଷ୍ୟ କରୁଥିଲେ- ଶିଳ୍ପୀ ହାତଗଢ଼ା ପାଷାଣୀ ପ୍ରତିମା ପରି ଅନୁରାଧା ପାଲଟିଯାଇଛି ସ୍ଥାଣୁ, ନିର୍ବାକ୍ । ମୁହଁରେ ଯନ୍ତ୍ରଣା ଜର୍ଜରିତ ନୈରାଶ୍ୟର ରେଖା । ତା'ର ଚିପୁଡ଼ି ହୋଇଯାଇଥିବା ତନୁ ମନ ଆହୁରି ଶାଙ୍କୁଡ଼ି ଯାଉଛି । ସତେ ଯେପରି ଏକ ଉଦାସ, ଉଜୁଡ଼ା ଉପବନ ।

ଅନୁରାଧା ତା'ର ପ୍ରତିବାଦ ଓ ପ୍ରତିରୋଧ ଯଦି ବୋଉ ଆଗରେ କିମ୍ବା ତାଙ୍କ ଆଗରେ ପ୍ରକାଶ କରିଦିଅନ୍ତା, ହୁଏତ ତା ମୁଣ୍ଡରେ ଲଦି ହୋଇଥିବା ଯନ୍ତ୍ରଣା ପାହାଡ଼ର ଓଜନ ଲାଘବ ହୁଅନ୍ତା । ବୋଉ ଗାଳିର ଗୁଳି ଓ ଅପମାନର ଆୟୁଧ ବିରୁଦ୍ଧରେ ନିରବରେ ଲଢେଇ କରି କରି ଅନୁରାଧା କ୍ଳାନ୍ତ, ଶ୍ରାନ୍ତ, ନିଃସଙ୍ଗ ପଦାତିକ । ବୋଉର ନିରବଚ୍ଛିନ୍ନ ଆକ୍ରମଣର ଉତ୍ତୁଙ୍ଗ ଲହଡ଼ି ଯଦି ଅନୁରାଧାର ସହନଶୀଳତାର ବନ୍ଧକୁ ଭାଙ୍ଗିଦେବ, ସେ ବୋଧହୁଏ କିଛି ଅଘଟଣ ଘଟାଇବାକୁ ବାଧ୍ୟ ହେବ । ଏହି ଚିନ୍ତାରେ ମ୍ରିୟମାଣ ହେଉଥିଲେ ଅତନୁ ।



ବୋଉ ତା ଶାଶୁଠାରେ ଯେଉଁ ଗଞ୍ଜଣା ସହିଛି, ସେ ତା'ର ବୋହୂ ଉପରେ ତାକୁ ଶୁଝାଇବାକୁ ଚାହୁଁଛି । ରକ୍ଷଣଶୀଳତାର ଓହଳଗୁଡ଼ିକ ତା ମନ ବଟବୃକ୍ଷକୁ ଛନ୍ଦି ପକାଇଛନ୍ତି । ବୋଉକୁ ସେ କହିଲେ ତା'ର ଭାବାବେଗରେ କାଳେ ଆଘାତ ଆସିବ, ତେଣୁ ସେ ବୋଉ ମୁହଁରେ କିଛି କହିପାରୁ ନ ଥିଲେ । ଦୁଇ ପିଢ଼ି ଭିତରେ ଥିବା ତାରତମ୍ୟ ଜନିତ ମାନସିକତା ଜଳାଇ ଦେଉଛି ଅଶାନ୍ତିର ନିଆଁ । ହଜିଯାଉଛି ମାନବିକତା ଓ ହୃଦୟବତ୍ତାର ସ୍ୱର ।

ଅପାକୁ ନେବାକୁ ଭିଣୋଇ ବାଙ୍ଗାଲୋର ଆସିଥିଲେ । ସେ ଢେଙ୍କାନାଳରେ ସରକାରୀ ଚାକିରି କରନ୍ତି । ଭିଣୋଇଙ୍କ ସଙ୍ଗରେ ବାପା, ବୋଉଙ୍କୁ ମଧ୍ୟ ବୁଝାଇ ଶୁଝାଇ ଭୁବନେଶ୍ୱର ପଠାଇବାର ବ୍ୟବସ୍ଥା କରିଥିଲେ ଅତନୁ । ସେମାନେ ଭୁବନେଶ୍ୱରରେ ରହିବାବେଳେ ଦେହପା ଭଲମନ୍ଦକୁ ନେଇ ବିଭିନ୍ନ ସମସ୍ୟା ସମ୍ମୁଖୀନ ହେଉଥିଲେ । ସେଥିପାଇଁ ଅତନୁ ସବୁବେଳେ ଉଦ୍‌ବିଗ୍ନ ରହୁଥିଲେ ବି ସେମାନଙ୍କୁ ବାଙ୍ଗାଲୋର ଆଣି ଘର ଭିତରେ ଅଶାନ୍ତିର ମଞ୍ଜି ପୋତିବାକୁ କୁଣ୍ଠାବୋଧ କରୁଥିଲେ । ପ୍ରତି ସପ୍ତାହରେ ବାପା, ବୋଉଙ୍କ ସଙ୍ଗରେ କଥା ହୋଇ ସେମାନଙ୍କ ଭଲମନ୍ଦ ବୁଝୁଥିଲେ ।

ଇତି ମଧ୍ୟରେ ଛଅ ମାସ ବିତିଯାଇଛି ।

ଅନୁରାଧା ଡ୍ରଇଂରୁମ୍‌କୁ ପଶିଆସି ଅତନୁଙ୍କ ହାତରେ ଚା'କପଟି ଧରାଇଦେଇ କହିଲେ- ଏବେ କୁହ କ'ଣ ହେଇଛି ? ତୁମେ କାହିଁକି ଦୁଃଖରେ ଭାଙ୍ଗିପଡ଼ି କଳାକାଠ ପଡ଼ିଗଲଣି ?

ଅତନୁ ତାଙ୍କ ଭାବନା ରାଜ୍ୟରୁ ଫେରିଆସି ଅନୁରାଧାଙ୍କୁ କହିଲେ- ମୁଁ ପନ୍ଦରଦିନ ତଳେ ସବୁକଥା ଲେଖି ବୋଉ ପାଖକୁ ଚିଠି ଲେଖିଥିଲି । ମୁଁ ଭାବୁଛି ମୋ ଚିଠି ପଢ଼ି ବୋଉ ରାଗରେ ଜଳୁଛି । ଆମ ନୂଆପଲ୍ଲୀ ଘରେ ତାଲା ପଡ଼ିଛି । ଫୋନ୍ କଲାବେଳକୁ ବାପାଙ୍କ ଫୋନ୍ ସୁଇଚ୍ ଅଫ୍ ବୋଲି ବାର୍ତ୍ତା ଆସୁଛି । ଭୁବନେଶ୍ୱର ଓ ଆଖପାଖ ସ୍ଥାନରେ ଆମର ସବୁ ବନ୍ଧୁବାନ୍ଧବଙ୍କ ଘରକୁ କାଲି ଦିନଯାକ ଫୋନ୍ କଲି । ସେମାନଙ୍କ ଘରକୁ ବାପା ବୋଉ ଯାଇନାହାନ୍ତି । ଆମ ଗାଁକୁ ଫୋନ୍ କଲି । ଗାଁକୁ ମଧ୍ୟ ଯାଇନାହାନ୍ତି । ଭୁବନେଶ୍ୱର ପଡ଼ୋଶୀଙ୍କ ଘରକୁ ଆଜି ଫୋନ୍ କରିଥିଲି । ସେମାନେ କହିଲେ- ତମ ବାପା, ବୋଉ ଗତକାଲି ଭୋର୍‌ରୁ ଅଟୋ କରି ଜିନିଷପତ୍ର ନେଇ କେଉଁଆଡ଼େ ଯିବାର ଦେଖିଥିଲୁ । ଭୁବନେଶ୍ୱରରେ କେଉଁଠି ଜରାଶ୍ରମ ଅଛି ବୋଲି ଆଗରୁ ଆମକୁ ପଚରୁଥିଲେ ।

- ବୋଉର ତ ନାକ ଅଗରେ ରାଗ । ସେ ଚିଠି ପଢ଼ି ମୋ ଉପରେ ଅଭିମାନ କରି କୌଣସି ବୃଦ୍ଧାଶ୍ରମକୁ ବାପାଙ୍କ ସହିତ ଚାଲିଯାଇଛି ବୋଲି ଭାବୁଛି ।

- ତମେ ଚିଠିରେ ଏମିତି କ'ଣ ଲେଖିଥିଲ ଯେ ସେମାନେ ରାଗି କରି ପଞ୍ଚମ ହୋଇଗଲେ ?

- ମୁଁ ଲେଖିଥିଲି ଯେ ମୋବାଇଲ୍‌ରେ କିମ୍ବା ତୋ ସାମ୍ନାରେ କେତେକ କଥା ସ୍ପଷ୍ଟ କହିବାକୁ ମୋ ଜିଭ ଲେଉଟିଲା ନାହିଁ । ତେଣୁ ଚିଠିରେ ମୋ ମନର ଅକୁହା କଥା, ଅବ୍ୟକ୍ତ ବେଦନା ସ୍ପଷ୍ଟ ପ୍ରକାଶ କରୁଛି ।

ମୋ ବାହାଘର ପରେ ମୁଁ ଭାବିଥିଲି ଆମେ ସବୁ ମିଶି ମୋ

ଚାକିରି ସ୍ଥାନରେ ସୁଖ ଶାନ୍ତିରେ ରହିବା। ସେଥିପାଇଁ ତୁମମାନଙ୍କୁ ବାଙ୍ଗାଲୋର ନେଇ ଆସିଥିଲି। ତୁ ଅନୁରାଧାକୁ ଏପରି ଦୁର୍ବ୍ୟବହାର କଲୁ ଯେ ଘରେ ସବୁବେଳେ ଅଶାନ୍ତିର ନିଆଁ ଜଳିଲା। ଝିଅ ଓ ବୋହୂ ଭିତରେ ତୋର ପାତର ଅନ୍ତର ବ୍ୟବହାର ମୋତେ ବ୍ୟଥିତ କଲା। ମୁଁ ଆଉ ଅପା ଯେତେ ଭୁଲ୍ କଲେ ବି ତୁ ଦେଖି ନ ଦେଖିଲା ଭଳି ହେଉ। ଅଥଚ ଅନୁରାଧାକୁ ଗୋଡ଼େ ଗୋଡ଼େ ଜଗି ଥାଉ। ପାନରୁ ଚୂନ ଖସିଗଲେ ତା ଉପରେ ଗାଳି ବର୍ଷଣ କରୁ। ତା ଆଖିରୁ ଅନବରତ ଲୁହର ଧାର ଛୁଟୁଥାଏ, ହେଲେ ସେ ତୋ ମୁହଁ ଉପରେ ପଦେ ଜବାବ ଦିଏନା। ତାର ତ ତୁମମାନଙ୍କ ପ୍ରତି ଅସୀମ ଶ୍ରଦ୍ଧା ଓ ସମ୍ମାନ।

ଜେଜେମା ତୋତେ ଯେପରି ନିର୍ଯାତନା ଦେଇଥିଲା, ତୁ ତା'ର କଡ଼ା ଗଣ୍ଡା ହିସାବ କରି ଅନୁରାଧା ଉପରେ ଶୁଝାଇଥିଲୁ। ସମୟ ବଦଳି ଯାଇଛି। ତୋତେ ସମୟ ସହିତ ତାଳଦେଇ ଚାଲିବାକୁ ପଡ଼ିବ। ଯେ ତୋର ବୋହୂ, ସେ ବି କାହାର ଝିଅ। ଝିଅଟିଏ ନିଜ ବାପା, ବୋଉ, ଘରଦ୍ୱାର, ବନ୍ଧୁବାନ୍ଧବଙ୍କୁ ପର କରି ଏରୁଣ୍ଡି ବନ୍ଧ ଡେଇଁ ଶାଶୂଘର ଭିତରେ ପ୍ରବେଶ କରେ। ଶାଶୂ ଓ ଶ୍ୱଶୁରଙ୍କ ଭିତରେ ମମତାମୟୀ ବୋଉ, ବାପାଙ୍କୁ ଆକୁଳ ହୋଇ ଖୋଜେ। ନଣନ୍ଦ ଭିତରେ ସୁଖଦୁଃଖ ବାଣ୍ଟୁଥିବା ସାଥୀଟିଏ ପାଇବା ପାଇଁ ବ୍ୟାକୁଳ ହୁଏ। ବୋହୂଟିଏ ଶାଶୂଘରେ ସ୍ୱପ୍ନ ଦେଖେ ବିଶ୍ୱାସର ନିବୁଜ କାନ୍ଥ, ଭରସାର ସୌଧ, ଅନ୍ତରଙ୍ଗତାରେ ଛଳଛଳ ଚଟାଣ। ମୁଠାଏ ଭଲପାଇବା, ଟିକିଏ ଖୋଲାପଣ ଆଉ ପ୍ରଶସ୍ତ ହୃଦୟକୁ ପାଇବା ପାଇଁ ମନରେ କଅଁଳି ଉଠେ କାମନା।

> **ଅନୁତାପରେ ମୁଁ ଜଳିଯାଉଛି। ମା'ଲୋ ! ମୋତେ କ୍ଷମା ଦେବୁ। ଆଜିଠାରୁ ତୁ ମୋର ବୋହୂ ନୁହେଁ, ତୁ ମୋର ଝିଅ।**

ତୁ ଭାବିଲୁ ଦେଖି, ଅନୁରାଧା ଆମ ଘରକୁ ବୋହୂ ହୋଇ ଆସି କ'ଣ ଏହା ପାଇଛି ? ପାଇଥିଲେ ଆମ ଘର ଆଜି ଖୁସିରେ ହସୁଥାନ୍ତା। ତୁମେମାନେ ଆଜି ଆମଠାରୁ ଦୂରରେ ରହି ହଇରାଣ ହରକତ ହେଉନଥାନ୍ତ କିମ୍ବା ତୁମମାନଙ୍କର ଅସୁବିଧା ପାଇଁ ମୁଁ ଚିନ୍ତାରେ ସର୍ବଦା ମ୍ରିୟମାଣ ହେଉନଥାନ୍ତି।

ଲୁହ ଛଳ ଛଳ ଆଖିରେ ଅନୁରାଧା କହିଲା- ତୁମେ ଏପରି ଲେଖିଲ କାହିଁକି ? ବାପା, ବୋଉ ଭାବିବେ, ମୁଁ ତୁମକୁ ଶିଖେଇ ଏ ଚିଠିଟି ତୁମ ଦ୍ୱାରା ଲେଖାଇଛି। ସହଜେ ତ ସେମାନଙ୍କର ମୋ ପ୍ରତି ବିଦ୍ୱେଷ ଆଉ ଘୃଣା। ଏବେ ସେମାନେ ରାଗରେ ପାଚି ଯାଉଥିବେ।

ଅତନୁ ବିବ୍ରତ ମୁଖମଣ୍ଡଳରେ କହିଲେ- ଯାହା ହେବାର ଥିଲା, ହେଲାଣି। ମୁଁ ଭାବୁଛି କାଲି କିମ୍ବା ପଅରଦିନ ଫ୍ଲାଇଟ୍‌ରେ ଭୁବନେଶ୍ୱର ଯାଇ ସବୁ ବୃଦ୍ଧାଶ୍ରମ ଅନୁସନ୍ଧାନ କରି ସେମାନଙ୍କୁ ପାଇ ବୁଝାଇ ଶୁଝାଇ ଭୁବନେଶ୍ୱର ଘରକୁ ଫେରାଇ ଆଣିବି। ତାଙ୍କର ଚଳିବାକୁ ସହଜ, ସୁଗମ କରିବା ପାଇଁ ଲୋକ ରଖି ସବୁ ବ୍ୟବସ୍ଥା କରିବି।

ଏତିକି ବେଳେ କଲିଂ ବେଲ୍ ବାଜି ଉଠିଲା। କବାଟ ଖୋଲିଲାବେଳକୁ ସାମ୍ନାରେ ବାପା ଓ ବୋଉ। ଅତନୁ ଓ ଅନୁରାଧା ଉଭୟ ବିସ୍ମୟାଭିଭୂତ।

ଅତନୁ କିଛି କହିବା ଆରମ୍ଭ କଲାବେଳକୁ ବାପା କହିଲେ- ମୋର ଜଣେ ସାଙ୍ଗର ପୁଅ କାଲି ବାଙ୍ଗାଲୋର ଆସିବାର ଥିଲା। ତା ସଙ୍ଗରେ ଆସି ଭଲରେ ଭଲରେ ଏଠାରେ ପହଞ୍ଚିଗଲୁ। ମୋ ମୋବାଇଲ୍‌ଟା ତିନିଦିନ ତଳେ ରାସ୍ତାରେ ପଡ଼ି ଭାଙ୍ଗିଯାଇଛି। କାମ କରୁନି। ତୋ ନମ୍ବର ସେଥିରେ ଥିଲା। ତେଣୁ ତୋ ପାଖକୁ ଫୋନ୍ କରିପାରିଲିନି।

ବୋଉ ଲୁହ ଡବଡବ ଆଖିରେ ଅନୁରାଧାକୁ କୁଣ୍ଢାଇ ପକାଇ କହିଲେ- ମା'ଲୋ ! ମୁଁ ତୋତେ କେତେ ଗାଳି ଦେଇଛି, ଗଞ୍ଜଣା ଦେଇଛି, କନ୍ଦାଇଛି। ଅତନୁର ଚିଠି ପାଇଲା ପରେ ମୋ ଆଖି ଖୋଲିଯାଇଛି। ମୋ ଆଖିରେ ଲୁହ ଶୁଖୁନି। ଅନୁତାପରେ ମୁଁ ଜଳିଯାଉଛି। ମା'ଲୋ ! ମୋତେ କ୍ଷମା ଦେବୁ। ଆଜିଠାରୁ ତୁ ମୋର ବୋହୂ ନୁହେଁ, ତୁ ମୋର ଝିଅ।

ଅତନୁ ଆଶ୍ଚର୍ଯ୍ୟ ଚକିତ ନୟନରେ ବୋଉକୁ ଅନାଇ ରହିଥିଲେ। ଜ୍ୟୋତ୍ସ୍ନା ରାତ୍ରିର କୌମୁଦୀ ଭଳି ତାଙ୍କ ହୃଦୟରେ ଆନନ୍ଦାମୃତର ପ୍ଲାବନ, ସ୍ନିଗ୍ଧ ସମୀରଣ। ସେ ଭାବୁଥିଲେ - ଯଦି ସବୁ ଶାଶୂମାନେ ବୋହୂଙ୍କୁ ଝିଅଭଳି ସ୍ନେହ ଦିଅନ୍ତେ, ବୋହୂମାନେ ଶାଶୂଙ୍କୁ ମା' ପରି ସମ୍ମାନ କରନ୍ତେ, ଏ ସଂସାର କେତେ ସରସ, ସୁନ୍ଦର, ସୁଖଶାନ୍ତିମୟ ହୋଇଯାଆନ୍ତା।

□□

ଲେଖକଙ୍କ ଇ-ମେଲ୍ ଠିକଣା:
mkjena1957@gmail.com


ଅନୁଭୂତି

# ଚିତ୍ରକଥାରେ ବ୍ୟଥା



ବଳଦେବ ମହାରଥା

ଦେହାନୁଭବ ଓ ଆତ୍ମାନୁଭବ- ଏହି ଦୁଇଟି ବିଭାବକୁ ସାମ୍ନାକୁ ଆଣି, ଦୁଇଟିର ତୀବ୍ରତା, ବାସ୍ତବତା, ଆଧ୍ୟାତ୍ମିକତା, ଲୌକିକତା ତଥା ଦିବ୍ୟ ବୌଦ୍ଧିକତା ସପକ୍ଷରେ ଓ ବିପକ୍ଷରେ ବିଚାର ବିମର୍ଷ କରି ବେଳେବେଳେ କୌଣସି ଏକ ସ୍ପଷ୍ଟ ନିଷ୍କର୍ଷରେ ପହଞ୍ଚିବାକୁ ସମୟ ଲାଗେ। କେତେବେଳେ ସେଗୁଡିକ ଶୀଘ୍ର ବୁଝି ହେଇଯାଏ, ପୁଣି ଆଜୀବନ ଏଡେଇ ଯାଇ ହୁଏନି ସେ ସବୁର ପ୍ରତିକ୍ରିୟା ସମଗ୍ରମାନଙ୍କୁ। ଅଣଦେଖା କରି ହୁଏନି ତା'ର ପ୍ରାସଙ୍ଗିକତାକୁ ଏବଂ ତଥାପି ଅନାକଳିତ ହୋଇ ରହିଯାଉଥିବା ତାର ପ୍ରତୀକାତ୍ମକ ପ୍ରଭାବମାନଙ୍କୁ। ସେପରି ଅତୁଲ୍ୟ, ଅପ୍ରତ୍ୟାଶିତ ଅନୁଭବକୁ ଅଙ୍ଗେ ନିଭେଇବା ବେଶ ଅସହଜ ମନେ ହେଉଥିଲେ ବି ସେଇ ଅନୁଭବ ଗୁଡିକ ସାମିଲ ହୋଇଥାନ୍ତି ଅବଚେତନ ମନରେ ଏବଂ ଆପାତତଃ ଗୋପ୍ୟ ରହିଥାନ୍ତି ସେସବୁର ପାର୍ଶ୍ୱ ପ୍ରତିକ୍ରିୟା।



୧୯୮୯ ମସିହା କଥା, ବି.କେ ଆର୍ଟ କଲେଜରେ ଅଧ୍ୟାପନା, ଗତାନୁଗତିକ ପାରିବାରିକ ଦାୟିତ୍ୱ ଓ ଅନ୍ୟାନ୍ୟ ଅନେକ ଛୋଟ ବଡ କାମରେ ବ୍ୟସ୍ତ ରହିବାକୁ ପଡୁଥାଏ। ନିଜ ପାଇଁ କିଛି କାମ କରିବାର ସମୟ ଟିକକ ବାହାର କରିବାକୁ ମଧ୍ୟ ସମୟ ମିଳୁ ନ ଥାଏ।

ଖବର ମିଳିଲା ଯେ ରାଜ୍ୟ ଲଳିତକଳା ଏକାଡେମୀ ତରଫରୁ ସେହିବର୍ଷ ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀ ଚୟନ ପାଇଁ ଶେଷ ତାରିଖ ନିର୍ଦ୍ଦିଷ୍ଟ ହେଇ ସାରିଥାଏ। କିଛି କାରଣ ବଶତଃ ଏକାଡେମୀର କୌଣସି ଚିତ୍ର ପ୍ରଦର୍ଶନୀ ବା କାର୍ଯ୍ୟକ୍ରମରେ ମୁଁ ଅଂଶଗ୍ରହଣ କିଛି ବର୍ଷ ହେଲା କରୁନଥିଲି। କିନ୍ତୁ କେଜାଣି କାହିଁକି ସେହି ବର୍ଷ ଏହି କାର୍ଯ୍ୟକ୍ରମକୁ ଏକ ଆହ୍ୱାନ ଭାବରେ ମୁଁ ଗ୍ରହଣ କଲି। ସେଥିପାଇଁ ଏକ ନୂଆ ଚିତ୍ର କରିବାକୁ ପଡିବ। ଚିତ୍ର ପାଇଁ ସମୟ କାଢ଼ିବାକୁ ପ୍ରାଣପଣେ ଚେଷ୍ଟା ଆରମ୍ଭ କରିଦେଲି। ଶେଷ ତାରିଖ ପାଖେଇ ଆସିବାରେ ଲାଗିଥାଏ, ସମୟ ନିଃଶବ୍ଦରେ ବହି ଚାଲିଥାଏ ଅଲକ୍ଷ୍ୟରେ।

ଚାରିଫୁଟ ଚଉଡା, ଚାରିଫୁଟ ଲମ୍ବା ଏକ ଚିତ୍ର ପାଇଁ କ୍ୟାନଭାସ ପ୍ରସ୍ତୁତ କରି ଠିକ୍ ସମୟର ଅପେକ୍ଷାରେ ଥାଏ। ଚିତକଳ୍ପ ପ୍ରସ୍ତୁତି ଅଲକ୍ଷ୍ୟରେ ମଧ୍ୟ ଚାଲିଥାଏ ଯାହା ଏକ ଅଦୃଶ୍ୟ ସମ୍ବେଦନଶୀଳ ପ୍ରକ୍ରିୟା। ଖୋଲାଖୋଲି ଦୁଇ ଚାରି ଦିନ ରିହାତି ମିଳିଗଲେ ଚିତ୍ର ହେଇଯାନ୍ତା। ଚାକିରିରୁ ଛୁଟି ଶେଷ ପର୍ଯ୍ୟନ୍ତ ନେଇ ହେଲା ନାହିଁ, ଖାଲି ଯାହା ରାତିର ସମୟ ହିଁ ମୋ ହାତରେ। ସେଇ ସମୟକୁ ଆପାତତଃ ବ୍ୟବହାର କରିବା ପାଇଁ ଅଲଗା ଘରଟିଏ ବ୍ୟବସ୍ଥା କରି ରଙ୍ଗ, ତୁଳୀ, କ୍ୟାନଭାସ, ଚିତ୍ର ପାଇଁ ଲେ-ଆଉଟ ଓ ଅବ୍ୟବସ୍ଥିତ ମୋ ଚିତ୍ରମନସ୍କ ମନକୁ ଏକାଠି କରି ସୁଯୋଗ ଅପେକ୍ଷାରେ ଥାଏ।

ମୁଁ ଦେଖିଛି କୌଣସି ଏକ ଦିବ୍ୟ ଚେତନାଗତ ପ୍ରଭାବ ପାଇଁ, ଏକ ସମୟରେ ଅନେକ ପ୍ରକାରର ବ୍ୟବହାରିକ କାମ ସହ ଚିତ୍ରକାମ ଓ ତା' ସହ ସଂପର୍କିତ ମାନସିକତାକୁ ବ୍ୟବହାର, କେମିତି କେଜାଣି ମୁଁ କରିପାରିଥାଏ। ହଇରାଣ ହରକତ ହୁଏ ତଥାପି ସବୁ କାମ ଠିକ୍ ଠାକ୍ ହେଇଯାଏ।

ଆଜି ଅପ୍ରେଲ ୨୮ ତାରିଖ। ମାସ ଶେଷ ମାନେ ୩୦ ତାରିଖରେ ଚିତ୍ର ଏକାଡ଼େମୀ କାର୍ଯ୍ୟାଳୟରେ ଦାଖଲ କରିବାକୁ ପଡିବ। ୧୯୮୪ରୁ ଅଧ୍ୟାପନା କରୁଥାଏ। ସେତେବେଳେ ଚିତ୍ର ବଜାରରେ ମୋ ଚିତ୍ରଶୈଳୀର ଆକର୍ଷଣ ଓ ଆଦୃତି କ୍ରମେ ବିସ୍ତାରିତ ହେଉଥାଏ। ମୁଁ ଉଲ୍ଲସିତ ହେଉଥାଏ। ବିସ୍ତାରିତ ପପୁଲାର ଆର୍ଟ ଧାରାରେ ମୁଁ ଆଗଧାଡିରେ ଥାଏ। ମୋ ଭିତରେ ଅପ୍ଟିମିଜମ୍ କେବେକେବେ ଆତ୍ମକୈନ୍ଦ୍ରିକତାରୁ ବ୍ୟକ୍ତିକୈନ୍ଦ୍ରିକ ହେଉଥାଏ। ସେ ସବୁ ବ୍ୟବସ୍ଥା ମୋତେ ବୁଝା ପଡୁଥାଏ। ଅଦୃଷ୍ଟରେ କିଏ ବୁଝେଇ ନେଲା ପରି ଲାଗୁଥାଏ, ତଥାପି ସେ ସ୍ରୋତର ଗତି ତୀବ୍ର ହେଉଥାଏ।

"ଏକାଡେମୀକୁ ଚିତ୍ର ଦେବି। ବଢ଼ିଆ ଚିତ୍ର। ସମସ୍ତଙ୍କଠୁ ଭଲ ଚିତ୍ର। ସେ ଚିତ୍ର ବର୍ଷର ଶ୍ରେଷ୍ଠ ଚିତ୍ର ବୋଲି ଚୟନ କରାଯିବ।" ଏଭଳି ବିଚାର ଗୁଡିକ ମଧ୍ୟ ଧସେଇ ପସି ଆସୁଥାନ୍ତି ମୋ ଅବଚେତନ ମନରେ। ଯୁବ ସୁଲଭ ଊର୍ଦ୍ଧ୍ୱଉଡାଣ ମୋ'ଠି ସେତେବେଳେ କ୍ରିୟାଶୀଳ ହେବାଟା ବୋଧେ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଏତେ ଅସ୍ୱାଭାବିକ ବୋଲି କହିବାଟା ଠିକ୍ ହେବନି। କାରଣ ଏହା ସହିତ ଆତ୍ମ ବିଶ୍ୱାସ ମଧ୍ୟ ଯୁକ୍ତ ହୋଇଥାଏ ବୋଲି ମୁଁ ଅନୁଭବ କରିଛି। ଏପରି ମନସ୍ତତ୍ତ୍ୱ ଏକବାରେ ଅହେତୁକ ମଧ୍ୟ ନ ହୋଇପାରେ।

ଏକ ଅସହଜ ସଂଧ୍ୟାରେ କ୍ୟାନ୍‌ଭାସକୁ ଇଜେଲରେ ଲଗାଇ ରଙ୍ଗ ପ୍ୟାଲେଟରେ ରଙ୍ଗ କାଢ଼ିଲି। ସେତେବେଳେ ମୁଁ ଉପମା ବା ରୂପକ ଥିବା ଛବି କରୁଥାଏ। ଭାବିଲି ସେଇ ଶୈଳୀ ରହୁ କିନ୍ତୁ ଆଧୁନିକ ରଙ୍ଗବିନ୍ୟାସ ସେଥିରେ ସାମିଲ କରାଯାଉ, ଅବୋଧ ପ୍ରତୀକ ମଧ୍ୟ ରହୁ। ତେଣୁ ପ୍ରେକ୍ଷାପଟ ପାଇଁ ବିଭିନ୍ନ ରଙ୍ଗକୁ ଲିନ୍‌ସିଡ୍ ତେଲରେ ଗୋଳାଇ କ୍ୟାନଭାସରେ ଢ଼ାଳିଲି, ଫିଙ୍ଗିଲି- କ'ଣ ଗୋଟିଏ ନୂଆ କରିବାର ନିଶାକୁ ଆଖିରେ ରଖି। ରଙ୍ଗ କ୍ରମେ ଷୋହଳ ବର୍ଗଫୁଟ୍‌ର କ୍ୟାନଭାସରେ ସଂଚରିତ ହେଲା ଯାହା ଏକ ଆପେକ୍ଷିକ ପରୀକ୍ଷା। କ୍ୟାନଭାସକୁ ଶୁଖିବାକୁ ଛାଡି ଦେଲାବେଳକୁ ସମୟ ଗଡିଗଲାଣି। ରଙ୍ଗ ନ ଶୁଖିଲେ ମୁଖ୍ୟ ବିଷୟବସ୍ତୁକୁ ଆଙ୍କି ହେବନି। ଘରକୁ ଆସିଲି। ହାତରେ ସମୟ ଆଉ ମାତ୍ର ଦେଢ଼ଦିନ। ପରଦିନ ବିନା ଦରଖାସ୍ତରେ ରହିବାକୁ ପଡିଲା। ଏକ ସୁନ୍ଦର ଚିତ୍ରର ଚୂଡାନ୍ତ ଦୃଶ୍ୟାବଳୀକୁ ମନେ ମନେ ଆକଳନ କରୁଥାଏ, ଉତ୍କଣ୍ଠା ଆଉ ଭାବାବେଗରେ ଅସ୍ଥିର ଦେହ, ମନ, ପ୍ରାଣ।

ପରଦିନ କ'ଣ ଗୋଟେ ହିନ୍ଦୀ ଗୀତର ଧୂନ୍ ଗାଇ ଗାଇ ଯାଇ ପହଞ୍ଚିଗଲି ଚିତ୍ର ହେଉଥିବା ଘରେ। ଚାବି ଖୋଲି, ଝର୍କା କବାଟ ଖୋଲି ଦେଇ, ଚୌକିରେ ବସିଗଲି ଓ ଗତରାତିର ରଙ୍ଗଢ଼ଳା କ୍ୟାନଭାସକୁ ଦେଖିଲି। ଏତେ ବିକୃତ ରଙ୍ଗ ସଂଯୋଜନା ସେ କ୍ୟାନଭାସ୍‌ରେ ହେଇଥିଲା ଯେ, ମୁଁ ଭାଙ୍ଗି ପଡିଲି, ପାଦ ତଳୁ ଚଟାଣ ମିଳେଇ ଗଲା ପରି ଲାଗିଲା, ମାନେ ଗତଦିନ ଓ ରାତିର ସବୁ କାର୍ଯ୍ୟକଳାପ ମୋର ବ୍ୟର୍ଥ ହେଇଯାଇଥିଲା ପରି ବୋଧ ହେଲା। ମିଶ୍ର ରଙ୍ଗମାନେ ବେଢ଼ଙ୍ଗ, ବେରଙ୍ଗ। ମୋତେ ଲାଗିଲା ଯେ ଗଲା, ସବୁ ସରିଗଲା, ଆଉ କିଛି କରିହେବନି, ସମୟ କାହିଁ?" ସତରେ ମୋ ପରି ଜଣେ ଅଭ୍ୟସ୍ତ ଅନୁଭବି ଚିତ୍ରଶିକ୍ଷକ ପକ୍ଷରେ ଗତରାତିରେ ପରୀକ୍ଷାମୂଳକ ରଙ୍ଗ ସଂଯୋଜନା ଯେ ଏପରି ସମୟ ଖଣ୍ଡରେ ଏତେ ଅସଂଯୋଜିତ ଓ କଦର୍ଯ୍ୟ ଲାଗିବ, ମୁଁ ବିଶ୍ୱାସ କରିପାରୁ ନ ଥିଲି। ଡେମୋକ୍ଲିସଙ୍କ ଖଣ୍ଡା ଯେପରି ଛିଣ୍ଡିପଡିଲା ମୋ ମୁଣ୍ଡ ଉପରେ। ସାଲଭେଡ଼ର ଡାଲିଙ୍କର ଚିତ୍ରରେ ଖୁଣ୍ଟାଗଛରେ ଝୁଲି ପଡିଥିବା ସମୟ ପରି, ମୋତେ ଲାଗିଲା ମୁଁ କବନ୍ଧଟେ ହୋଇ ଆଉ ଝୁଲିଛି କି କ୍ୟାନଭାସର ସେ ବିକୃତ ପିଠିରେ। ମୁଁ ନିଜକୁ ଶୂନ, ଆହତ, ପରାହତ, ଅସହାୟ ମଣିଲି। ମୁଁ ଚିତ୍ର ଏକାଡେମୀଙ୍କୁ ଦେବି ବୋଲି ସମସ୍ତେ ଅପେକ୍ଷାରେ ଅଛନ୍ତି। କ'ଣ ସେ ଚିତ୍ର କେମିତି ହେଇଥିବ ସେ ଚିତ୍ର! ଚିତ୍ରଘର ଖୋଲାମେଲା ଖସି ଆସିଲି ଘରକୁ... କାଳେ ଅସନ୍ତୁଳିତ ମନ ଟିକେ ହାଲକା ଲାଗିବ, ପୁଣି ଚିତ୍ର କରିବା ପାଇଁ ପ୍ରେରଣା ପାଇବି। ଘରେ କ୍ଳାନ୍ତ ଓ ରୁଗ୍‌ଣ ମନ ହୃଦୟକୁ ଯୋଡି ଶୋଇଗଲି। ମୁହଁ ସଂଜବେଳକୁ ସ୍ତ୍ରୀ ଉଠେଇ ନେଲେ "କାଲି ପରା ଚିତ୍ର ଏକାଡେମୀକୁ ଦେବ, କେତେ ଦୂର ଗଲା?" ସେ ପଚାରିଦେଇ ଚାଲିଗଲେ ମୁଁ ତରଳିଗଲି ଭୟରେ, ଚୁରମାର ହେଇ ଯାଇଥାଏ ସ୍ୱାଭିମାନ। କ'ଣ କରିବି? କେଉଁଠୁ ଆରମ୍ଭ କରିବି? ଶେଷରେ କ'ଣ ହେବ? ଏଇ ସ୍ୱଳ୍ପ ସମୟରେ ଚିତ୍ର ସରିବ କି ନାହିଁ?


**ଚିତ୍ରରେ ଖୁଣ୍ଟାଗଛରେ ଝୁଲି ପଡିଥିବା ସମୟ ପରି, ମୋତେ ଲାଗିଲା ମୁଁ କବନ୍ଧଟେ ହୋଇ ଝୁଲିଛି କି କ୍ୟାନଭାସର ସେ ବିକୃତ ପିଠିରେ!**

ସନ୍ଧ୍ୟା କଟିଗଲା, କ'ଣ ଟିକେ ଖାଇ ବାହାରି ଆସିଲି ଚିତ୍ର ଥିବା ଘରକୁ। "ରାତିରେ ଫେରିବିନି", ଘରେ କହି ଆସିଲି। କେତେବେଳେ ଝାଳ ସର ସର ହେଇ ଆସି ଚିତ୍ର ସାମ୍ନାରେ ବସିଛି ମୁଁ ଜାଣିନି। ଯୋଗାରୂଢ଼ ଅସଜ ଦେହ, ବିଷର୍ଣ୍ଣ ମନ, ପରାହତ ସ୍ୱାଭିମାନର କ୍ଷତ କ୍ରମେ ଅସ୍ୱଷ୍ଟ ହେବାକୁ ଲାଗିଲେ। ମୋତେ ଲାଗିଲା ମୁଁ ଶୂନ୍ୟଗାମୀ ହେଉଛି। ଏକ ଅତି ସ୍ୱଚ୍ଛ ସମୟ ଖଣ୍ଡରେ ଅନୁଶୋଚନା, ଅପରିକଳ୍ପନାମାନେ ବାହାରି ଗଲେ ମୋ ଭିତରୁ। ତା' ସହ ବାହାରି ଗଲା ମୋର ପାରିଲାପଣର ଅହେତୁକ ଅନୁପ୍ରବେଶ। ଆହୁରି ମଧ୍ୟ "ମୁଁ କରିବି", "ମୁଁ ଆୱାର୍ଡ

ପାଇବି", "ମୁଁ ସବୁଠୁ ଭଲ ଚିତ୍ର ଦେବି", ଇତ୍ୟାଦି ସ୍ୱଭାବ ମାନଙ୍କର ଚିକ୍ ଚିକ୍ ମାରୁଥିବା ଅବସ୍ଥିତି ।

ସେ ଚିତ୍ରର ଶୀର୍ଷକ ରଖିଥାଏ "ଧର୍ମଯୁଦ୍ଧ", ଏକରକମ ଧର୍ମ ସଂସ୍ଥାପନାର୍ଥାୟ ସଂଭବାମି ଯୁଗେ ଯୁଗେ,... ମର୍ମରେ । ଈଶ୍ୱର ଓ ଅସୁରଙ୍କ ମଧ୍ୟରେ ମହାଯୁଦ୍ଧ, ଯାହା ସମକାଳୀନ ନାରୀ ସଶକ୍ତିକରଣ ବୋଲି ମଧ୍ୟ ବୁଝିହେବ । ଏହି ଥିମ୍‌ର ବ୍ୟାବହାରିକ ପ୍ରଦର୍ଶନ ଅନ୍ତରାଳେ ମୁଁ ଦର୍ଶକଙ୍କୁ ନାରୀଜାତିର ସମ୍ମାନ କଥା ପ୍ରଦର୍ଶନ କରିବାର ଉଦ୍ଦେଶ୍ୟକୁ ମଧ୍ୟ ପ୍ରାଧାନ୍ୟ ଦେଇଥାଏ ଚିତ୍ରକକ୍ଷରେ ।

ରାତି ବଢ଼ିଲା, କ୍ରମେ ମୋ ଭିତରେ ତିରିଶ ଘଣ୍ଟାରୁ ଅଧିକ ସମୟ ଧରି ସବାର ହେଇଥିବା ବ୍ୟସ୍ତତା, ଅହଂ, ପାରଦର୍ଶିତା ସନ୍ତୁଳିତ ହେବାକୁ ଲାଗିଲା । ଝାଳ ଶୁଖିଗଲା ଦେହରୁ, ମନରୁ । ମୁଁ ଭିତରେ ଭିତରେ ନିମଗ୍ନ ହେବାକୁ ଲାଗିଲି । ଶିଳ୍ପୀସତ୍ତା ଆପେ ଉତ୍ତରିତ ହେଲା । କାର୍ଯ୍ୟକ୍ଷମ ହୋଇ ଉଠିଲା ଚିତ୍ରକୋଷ । ଚିତ୍ରକକ୍ଷ ଆହୁରି ସ୍ୱଚ୍ଛ ଓ ନୈସର୍ଗିକ ବୋଧ ହେଲା । ଝର୍କାରୁ ଆକାଶରେ ଅନ୍ଧାରର କଳା ଛାଇରେ ଜହ୍ନର ଚିତ୍ର ବେଶ ମୋହାସକ୍ତ । ସମୟ ମୋର ବିଶ୍ୱସ୍ତ ହେଇଗଲା,



ଲାଗିଲା ମୁଁ ଯେମିତି ଷୋହଳ ବର୍ଗଫୁଟର କ୍ୟାନଭାସ ସାମ୍ନାରେ ଏକ ଉତ୍ସର୍ଗୀକୃତ ନିଃସଙ୍ଗ, ଉଲଙ୍ଗ ଓ ନିଃସ୍ୱ ମଣିଷ, ଆତ୍ମୀକ ସ୍ତରରେ ବେଶ୍ ପ୍ରଚୋଦିତ ଏବଂ ସମ୍ମୋହିତ । ନୂଆ ରଙ୍ଗ ପ୍ୟାଲେଟରେ ତୁଳୀକୁ ମୁଣ୍ଡରେ ମାରିଲି, ଚିତ୍ରକାର୍ଯ୍ୟ ହେଇ ଆରମ୍ଭ ହେଲା । ଝର୍କା ସେକଡ଼େ ଅନ୍ଧାରରେ ସମୟ ମଧ୍ୟ ଯେମିତି ନିଖୋଜ ହେଇଗଲା । ମୁଁ, କ୍ୟାନଭାସ ଏବଂ ମୋ ଚିତ୍ରକକ୍ଷ ଏକ ହେଲା ଓ ପ୍ୟାଲେଟରୁ ରଙ୍ଗ କ୍ୟାନଭାସକୁ, କ୍ୟାନଭାସରୁ କ୍ରମେ ଚିତ୍ରର ଆକାର, ଆଲୋକ ସଜ୍ଜା, ବର୍ଣ୍ଣବିସ୍ତାର ଗୁଡିକ ତିଆରି ହୋଇ ଚାଲିଲା ଚିତ୍ରରେ, ଚିତ୍ରର କ୍ରମବିକାଶ ପ୍ରତି ମୁଁ ନିରାସକ୍ତ । ମୌନ ଓ ମୁଗ୍ଧ ମଣିଷ, ଅଂକନ ଅନବରତ ଚାଲିଥାଏ ।

ରାତି ପାହିବା ଶବ୍ଦରେ ସମ୍ବିତ ଫେରି ପାଇ ଚିତ୍ରକୁ ଚାହିଁଲି, ଆଖିରେ ଆଖିଏ ନିଦ । ଚିତ୍ରରେ ଈଶ୍ୱରଙ୍କ ପ୍ରତୀକାତ୍ମକ ସ୍ଥିତି ଉଜ୍ଜଳ ଆଲୋକ ସଜ୍ଜାରେ ଝଲସୁଥାଏ । ଆସୁରିକ ଶକ୍ତିର ରୂପରେ ଏକ ଦର୍ପିତ ପେଶୀଯୁକ୍ତ ପଶୁର ଖଣ୍ଡିତ ଝାପ୍‌ସା ରୂପ । ଉପରିଭାଗରେ ରକ୍ତରଂଜିତ ତ୍ରିଶୁଳ । ପ୍ରେକ୍ଷାପଟରେ ଯୁଦ୍ଧ ଘନଘଟା ଲାଲ, ବାଇଗଣୀ, ନୀଳ ଓ ଫାଂଶୁଳ ରଙ୍ଗର ଚିତ୍ରିତ ଚଉପାଶ ।

ଚିତ୍ର ମତେ ଅଚିହ୍ନା ଲାଗିଲା । କେତେବେଳେ କିପରି ମୁଁ ଏ ଚିତ୍ର କରିପାରିଲି, ଏପରି ଅନୁଭବ ମୋ ଭିତରକୁ ଧସାଇ ପସିଲା । ସେ ଅନନ୍ୟ, ଅଚିନ୍ତନୀୟ ତଥାପି ଅନ୍ତରଙ୍ଗ ଅନୁଭବର ପ୍ରଭାବରେ ଏବେ ମଧ୍ୟ ମୁଁ କବଳିତ । ସେଥିପାଇଁ ଚିତ୍ର କରିବା ପୂର୍ବରୁ ମୋର କୌଣସି ବ୍ୟକ୍ତିଗତ ପ୍ରସ୍ତୁତିକୁ ମୁଁ ଆଜିସୁଦ୍ଧା ପ୍ରଶ୍ରୟ ଦେଇନାହିଁ । ଚିତ୍ର ଆରମ୍ଭ ଓ ଶେଷ ହେବାର କାଳଖଣ୍ଡରେ ମୁଁ ଯେତେ ଅପରିଚିତ ରହେ ସେ ଚିତ୍ର ପାଖରେ, ସେ ଚିତ୍ର ସେତେ ଉତ୍କର୍ଷ, ନାନ୍ଦନିକ ବିଭାବରେ ଉଜ୍ଜ୍ୱଳ ଲାଗିଥାଏ । ସେ ଦିନର ଚିତ୍ର ଠିକ୍ ସମୟରେ ଏକାଡେମୀରେ ପଂଜିକୃତ ହେଲା ଏବଂ ମନୋନୟନ କମିଟି ଦ୍ୱାରା ସେ ବର୍ଷ ଶ୍ରେଷ୍ଠ ଚିତ୍ର ଭାବରେ ମନୋନିତ ହେଲା । ମୁଁ ଏକାଡେମୀ ସମ୍ମାନରେ ସମ୍ମାନିତ ହେଲି । ଶେଷରେ ସେ ଚିତ୍ରକୁ ମଧ୍ୟ ନିଜ ଗ୍ୟାଲେରୀ ପାଇଁ ଏକାଡେମୀ ସଂଗ୍ରହ କଲା । ଏବେ ତାହା ଏକାଡେମୀର ସଂପତ୍ତି ।

ଏ ଅନୁଭବ ଆଜୀବନ ମୋ ପାଇଁ ଅନନ୍ୟ ହୋଇ ରହିଛି । ପ୍ରକାଶ ଥାଉକି, ବାର୍ଷିକ ଚିତ୍ର ପ୍ରଦର୍ଶନୀରେ ସେ ଚିତ୍ର ସମସ୍ତଙ୍କୁ ସେତିକି ଆନନ୍ଦ ଦେଲା, ଯାହା ଶିଳ୍ପୀ ଭାବରେ ମୁଁ ସେଦିନ ଚିତ୍ରକୁ ଦେଖି ପାଇଥିଲି ।

ତେଣୁ ମୁଁ ଭାବିନେଇଛି ଯେ ଆତ୍ମାନୁଭବ, ବ୍ୟକ୍ତିର ଅବଚେତନରେ ବସା ବାନ୍ଧିଗଲେ, ଚେତନ ଅବସ୍ଥାରେ ସେ ପ୍ରକାଶ ଅଧିକ କ୍ରିୟାଶୀଳ ହେବାର ଲକ୍ଷ୍ୟ କରାଯାଏ, ଯାହା ଅଦୃଶ୍ୟ, କିନ୍ତୁ ଏକ ବିରାଟ ଚିତ୍ରପୁଞ୍ଜର ଚିତ୍ରିତ ସାମିୟାନା ନିଶ୍ଚୟ ଏବଂ ଏକ ଅହଂଶୂନ୍ୟ ଚିତ୍‌ଶକ୍ତିର ନିଷ୍ଠାପର ପ୍ରତିବେଦନ ଓ ପ୍ରକାଶ ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
dharashreeradha2017@gmail.com

ଶିଶୁ ଗଳ୍ପ




# ବୁଢ଼ିଆଣୀର ଚେତା ପଶିଲା

ପ୍ରେମାନନ୍ଦ ନାୟକ

ଗୀତାନି ଅପାଙ୍କର ଫୁଲଗଛ ଲଗେଇବାର ବଡ଼ ସଉକି। ତାଙ୍କ ବଗିଚାରେ କୋଉ ଫୁଲ ଗଛ ନାହିଁ କହୁନ। ବରଷକ ବାର ମାସ ବଗିଚା ଫୁଲରେ ଭରପୂର। ବଗିଚାକୁ ଲାଗି ଥିଲା ଆମ୍ବଗଛଟିଏ। ଗଛ ଡାଳରେ ଥିଲା ମହୁ ଫେଣାଟିଏ। ଥରେ ରାଣୀ ମହୁମାଛି ଦେଖିଲା, ଛୋଟ ରଙ୍ଗୀନ ପ୍ରଜାପତିଟିଏ ଏ ଫୁଲରୁ ସେ ଫୁଲକୁ ଉଡି ମହୁ ଶୋଷୁଛି। ତାର ଇଚ୍ଛା ହେଲା ତା ସାଙ୍ଗରେ ସଙ୍ଗାତ ବସିବାକୁ। ସେ ପ୍ରଜାପତି ପାଖକୁ ଆସି ପଚାରିଲା- ଏ, ମୋ ସାଙ୍ଗରେ ତୁ ସଙ୍ଗାତ ବସିବୁ? ପ୍ରଜାପତି କହିଲା- ହଁ...। ବାସ୍, ସେହି ଦିନଠୁ ଦିଜଣ ସଙ୍ଗାତ ହୋଇଗଲେ। ଜଣେ ଆଉ ଜଣକୁ ଦିନେ ନ ଦେଖିଲେ କାହାକୁ ଭୋକ ଲାଗିଲାନି କି ନିଦ ଲାଗିଲାନି।

କୋଉଠିଥିଲା ବୁଢ଼ିଆଣୀଟିଏ। ସେ ଆସି ବଗିଚା ପାଖ ଟଗର ଗଛ ଡାଳରେ ବସିଲା। ତାର ନଜର ପଡିଲା ଗେଣ୍ଡୁଫୁଲ ଉପରେ। କେତେ ପୋକ, ପ୍ରଜାପତି ଉଡୁଛନ୍ତି। ଓହୋ... ଏଣିକି ଆଉ ଓପାସ ରହିବାକୁ ପଡିବନି। ସାଙ୍ଗେ ସାଙ୍ଗେ ସେ ଗେଣ୍ଡୁଫୁଲର ଉପରେ ଜାଲ ବୁଣିବା ଆରମ୍ଭ କରିଦେଲା। ଯିଏ ଫୁଲ ରସ ଶୋଷିବାକୁ ଆସିଲା, ସିଏ ବୁଢ଼ିଆଣି ଜାଲରେ ଛନ୍ଦି ହୋଇ ପଡିଲା। ତାକୁ ବୁଢ଼ିଆଣୀ ଆରାମରେ ଖାଇଲା।



ଦିନେ, ରଙ୍ଗିନ ପ୍ରଜାପତିଟି ବୁଢ଼ିଆଣୀକୁ ପଚାରିଲା- ନାନୀ, ତୋ ଜାଲରେ ପୋକ ଗୁଡା ଛନ୍ଦି ହେଇ ଛଟ-ପଟ ହେଉଛନ୍ତି। ତୋତେ ଦୁଃଖ ଲାଗୁନି? ବୁଢ଼ିଆଣୀ କହିଲା- ଦୁଃଖ କାହିଁ ଲାଗିବ? ମଜା ଲାଗୁଛି। ମୁଁ ତ କେବେ ଜୀଅନ୍ତା ପୋକ ଖାଏନି। ସେମାନେ ଛଟପଟ ହେଇ ମରିଗଲାପରେ ଖାଏ। ଆଲୋ ହେ ପ୍ରଜାପତି, ମୋର ମୁଁ ଯାହା କଲି ତୋ ମୁଣ୍ଡ ବିନ୍ଧୁଛି କାହିଁକି?

ପ୍ରଜାପତି ଏକଥା ରାଣୀ ମହୁମାଛିକୁ କହିଲା। ରାଣୀ ମହୁମାଛି କହିଲା- ସଙ୍ଗାତ, ଯେ ଭଲ ପାଇବା କଣ ଜାଣେନି, ସିଏ ଅନ୍ୟକୁ କଷ୍ଟ ଦିଏ। ବୁଢ଼ିଆଣୀ ମନରେ ଜମା ସ୍ନେହ, ମମତା ନାଇଁ। ଅନ୍ୟମାନଙ୍କୁ କଷ୍ଟ ଦେଇ, ସେ ଯେମିତି ମଜା ନଉଚି, ସେମିତି କଷ୍ଟ ନିଜେ ପାଇଲେ ଯାଇ ଚେତିବ। ଆଉ କାହାକୁ ହଇରାଣ ହରକତ କରିବନି। ସଙ୍ଗାତ, ତୁ କେବେ ଫୁଲଗଛ ଉପରେ ବସିବୁନି। ତା'ପର ଦିନ ପ୍ରଜାପତି ଫୁଲଗଛ ଉପରେ ଉଡୁଥିଲା। କାକର ପଡିଥିବାରୁ ବୁଢ଼ିଆଣୀ ଜାଲକୁ ଦେଖିପାରିଲାନି। ସେ ଫୁଲ ଉପରେ ବସି ଗୀତ ଗାଇଲା। ଯେତେବେଳେ ଉଡିବାକୁ ଚେଷ୍ଟା କଲା ପାରିଲାନି। ବଡ ପାଟିରେ ରାଣୀ ମହୁମାଛିକୁ ଡାକିଲା।

ପ୍ରଜାପତିର ଡାକ ଶୁଣି ରାଣୀ ମହୁମାଛି ଚଟ୍‌କିନା ଆସି ପହଞ୍ଚିଲା। କହିଲା, ସଙ୍ଗାତ, ତୋତେ ଏତେ କରି ମନା କରିଥିଲି, ଭୁଲିଗଲୁ? ହେ ବୁଢ଼ିଆଣୀ, ମୋ ସଙ୍ଗାତକୁ ତୋ ଜାଲରୁ ମୁକୁଳେଇ ଦେ। ବୁଢ଼ିଆଣୀ କହିଲା- ମୁଁ ଯଦି ତୋ ସଙ୍ଗାତକୁ ମୁକୁଳେଇ ଦେବି, ଆଉ କେବେ ଜାଲ ବୁଣିପାରିବିନି। ଜାଲ ବୁଣି ନ ପାରିଲେ ମୁଁ ଖାଇବି କ'ଣ? ବଂଚିବି କେମିତି? ଦେଖୁନୁ ତୋ ସଙ୍ଗାତ କେମିତି ଡେଣା ହଲଉଚି। ଦେଖିବାକୁ ମତେ ଭାରି ମଜା ଲାଗୁଚି। ରାଗିଗଲା ରାଣୀ ମହୁମାଛି। କହିଲା ମୋ' ସଙ୍ଗାତ ଜାଲରେ ଛନ୍ଦି ହେଇ କଷ୍ଟ ପାଉଚି, ଆଉ ତୋତେ ମଜା ଲାଗୁଚି? ତୋ ମନରେ ଦୟାମାୟା ବୋଲି କିଛି ନାହିଁ। ମନେ ରଖ, ଅନ୍ୟକୁ କଷ୍ଟ ଦେଇ କେହି ସବୁଦିନ ମଜା ନେଇପାରେନା। ଦିନେନା

ଦିନେ ତୁ ବି କଷ୍ଟ ପାଇବୁ। କଷ୍ଟରୁ ମୁକୁଳିବା ପାଇଁ କାନ୍ଦିବୁ। କିଏ ତୋ କାନ୍ଦ ଶୁଣିବ ?

ବୁଢ଼ିଆଣୀ ରାଗିଗଲା। କହିଲା- ତୋର ଯଦି ସଙ୍ଗାତ ପାଇଁ ଏତେ ଦରଦ, ନିଜେ ଯାଇ ମୁକୁଳେଇ ନେଇ ଆଣୁନୁ। ରାଣୀ ମହୁମାଛି ପ୍ରଜାପତି ପାଖକୁ ଗଲା। ସେ ପ୍ରଜାପତିକୁ ମୁକୁଳେଇବ କ'ଣ ନିଜେ ଜାଲରେ ଛନ୍ଦି ହେଇଗଲା। ବୁଢ଼ିଆଣୀ ମୁରୁକି ମୁରୁକି ହସିଲା। ରାଣୀ ମହୁମାଛି କହିଲା- ତୋର ହସ ପାଇଁ ତୁ ନିଶ୍ଚେ କାନ୍ଦିବୁ।

**ରାଣୀ ମହୁମାଛି କହିଲା- ଭଲ କାମ କଲେ ଭଲ ଫଳ ମିଳେ। ଆଉ ଖରାପ କାମ କଲେ ବୁଢ଼ିଆଣୀ ଭଳି ଅବସ୍ଥା ହୁଏ।**


ରାଣୀ ମହୁମାଛିକୁ ନ ପାଇ ମହୁମାଛିମାନେ ଫୁଲ ବଗିଚା ସାରା ଖୋଜି ପକେଇଲେ। ଦେଖିଲେ ରାଣୀ ମହୁମାଛି ଗୋଟେ ଗେଣ୍ଡୁ ଫୁଲ ଉପରେ ବସି ଛଟପଟ ହଉଚି। ତା ପାଖକୁ ଯାଇ ସବୁକଥା ବୁଝିଲେ। ସାଙ୍ଗେ ସାଙ୍ଗେ ମହୁଫେଣାରୁ ମହୁ ଆଣି ବୁଢ଼ିଆଣୀ ଉପରେ ପକେଇଲେ। ବୁଢ଼ିଆଣୀ ଦିହରେ ମହୁପଡି ତଳକୁ ନିଗିଡିଗଲା। ମହୁବାସ୍ନା ପାଇ ପିମ୍ପୁଡିମାନେ ମାଡି ଆସିଲେ। ମହୁ ଅଠାରେ ବୁଢ଼ିଆଣୀ ହଲଚଲ ହେଇ ପାରିଲାନି। ଶେଷରେ ତଳକୁ ଖସି ପଡିଲା। ପିମ୍ପୁଡିମାନେ ବୁଢ଼ିଆଣୀ ଦିହରୁ ମହୁଖାଇ ତା ଗୋଡକୁ, ଦିହକୁ କାମୁଡିବାକୁ ଲାଗିଲେ। କଷ୍ଟରେ ଛଟପଟ ହେଲା ବୁଢ଼ିଆଣୀ। ଚିଲେଇ ଚିଲେଇ କହିଲା, ରାଣୀ ମହୁମାଛି ମତେ ବଂଚେଇ ଦେ। ଏହି ସମୟରେ ଗୀତାନୀ ଅପା ଫୁଲ ଗଛରେ ପାଣି ଦେଲେ। ଫୁଲ ଉପରେ ଧୂଳି-ମଳି ଲାଗିଥିବାରୁ ପାଣି ସିଂଚିଲେ। ବୁଢ଼ିଆଣୀ ଜାଲ ନଷ୍ଟ ହେଇଗଲା। ଖୁସି ମନରେ ରାଣୀ ମହୁମାଛି, ପ୍ରଜାପତି ଉଡି ଚାଲିଗଲେ। ପ୍ରଜାପତି କହିଲା- ଦେଖ୍ ସଙ୍ଗାତ, ପିମ୍ପୁଡିମାନେ କେମିତି ବୁଢ଼ିଆଣୀକୁ ଟାଣି ଟାଣି ନଉଛନ୍ତି। ରାଣୀ ମହୁମାଛି କହିଲା- ଭଲ କାମ କଲେ ଭଲ ଫଳ ମିଳେ। ଆଉ ଖରାପ କାମ କଲେ ବୁଢ଼ିଆଣୀ ଭଳି ଅବସ୍ଥା ହୁଏ।

□□

ଲେଖକଙ୍କ ଇ-ମେଲ ଠିକଣା:
prema.nayak1959@gmail.com



**ପୁସ୍ତକ ସମୀକ୍ଷା**



# ବୋଉ

**ସଂପାଦନା: କ୍ଷୀରୋଦ ଦାସ**
**ପ୍ରକାଶକ: ଅଗ୍ରଦୂତ, କଟକ**
**ପୃଷ୍ଠା: ୩୮୪ ମୂଲ୍ୟ: ଟ. ୪୦୦**

'ବୋଉ'ଙ୍କୁ ଆଧାର କରି ଉଚ୍ଚମାନର ଗଳ୍ପମାନଙ୍କର ଏଭଳି ଏକ ସଂକଳନଟିଏ ନିଶ୍ଚିତ ରୂପେ ଏକ ଅଭିନବ ପରିକଳ୍ପନା। ଅବଶ୍ୟ ଆମ ଜୀବନର ଏଭଳି କେବଳ ଜଣେ ନିଆରା ଶ୍ରେଣୀର ବ୍ୟକ୍ତିତ୍ୱକୁ ଆଧାର କରି ଓଡ଼ିଆ ଭାଷାରେ ପୂର୍ବରୁ ଯେ ଗଳ୍ପ ସଂକଳନ ପ୍ରକାଶିତ ନ ହୋଇଛି ତା'ନୁହେଁ, କିନ୍ତୁ ଆଲୋଚ୍ୟ ପୁସ୍ତକଟିର ଅନୁପମତ୍ୱ ହେଲା, ଆମ ସମସ୍ତଙ୍କ ଜୀବନକୁ ଗଢ଼ିବାରେ ମହନୀୟ ଭୂମିକା ନିଭାଇଥିବା ବୋଉଙ୍କର ଦେବୋପମ ବ୍ୟକ୍ତିତ୍ୱର ଏକ ଯଥାର୍ଥ ଅନୁଶୀଳନ ଦେଖିବାକୁ ଏଥିରେ ସନ୍ନିବେଶିତ ପ୍ରତ୍ୟକଟି ଗଳ୍ପରେ। ଅନେକ ପ୍ରବୀଣ ଗଳ୍ପକାରମାନଙ୍କ ପରିପକ୍ୱ କଲମରେ ବୋଉଙ୍କର ରୂପ ଓ ସ୍ୱରୂପ ଏଥିରେ ଫୁଟି ଉଠିଛି ମନ୍ମୟ ଭାବରେ।

ସୁଦୃଶ୍ୟ ପରିପାଟୀ ସଂପନ୍ନ ଏହି ପୁସ୍ତକଟିର ପ୍ରଥମ ତିନୋଟି ପୃଷ୍ଠାରେ ଅଙ୍କିତ ହୋଇଛି ତିନୋଟି ଆପ୍ତବାଣୀ: (୧) ବୋଉ... ସ୍ନେହର ସାଗର (୨) ବୋଉ... ମମତାର ମନ୍ଦିର (୩) ବୋଉ... ଦୟା, ପ୍ରେମ କରୁଣାର ମୂର୍ତ୍ତିମନ୍ତ ଅବତାର। ବୋଉଙ୍କର ଏହି ସ୍ନେହ, ମମତା, ଦୟା, ପ୍ରେମ ଓ କରୁଣାର ମରମଛୁଆଁ ପରିଚିତି ପ୍ରସ୍ତୁତ କରିବାପାଇଁ ବିବିଧ ଭାବ ଓ ରଂଗ ନେଇ ଗଳ୍ପକାରମାନେ ଯେମିତି ଓହ୍ଲାଇ ଆସିଛନ୍ତି ପାଠକ ସାମନାକୁ।

ଉଦାହରଣ ସ୍ୱରୂପ, ସଂକଳନଟିର ପ୍ରଥମ ଗଳ୍ପ, 'ଶାବକ'ରେ ଦିବଂଗତ ବିଶିଷ୍ଟ ଗାଳ୍ପିକ ଚନ୍ଦ୍ରଶେଖର ରଥ କହନ୍ତି,'ମୁଁ ବେଳେବେଳେ ଭାବେ, ଏ ଓଲୀ ବୋଉଟା କାହିଁକି ଏଠି ଅଛି ? ସବୁଦିନ ବୁହାଏ ଲେଖା କଲି ଲାଗୁଚି, ମୁଣ୍ଡ ବାଡେଇ କାନ୍ଦୁଛି, ହେଲେ ଗଜି-ସାଆନ୍ତପୁର କେତେ ବା ବାଟ। ସେଇଠି ମାମୁଘର, ଉଆସ ପରି ...। 'ବୋଉ ତ ନୁହେଁ, ସେ ଏକ କୁହେଳି, ଯାହାର ରହସ୍ୟ ଭେଦିବା ତା' କୋଡ଼ର କୌଣସିଟି ସନ୍ତାନ ପାଇଁ ସହଜସାଧ୍ୟ ନୁହେଁ। ତା ମନର ନମନୀୟତା, ତା' ବାତ୍ସଲ୍ୟର ଆତ୍ମିୟତା ଏବଂ ତା' ଲୁହର ଗଭୀରତାର ଏକ ମରମଛୁଆଁ ଗାଥା ଏଥିରେ ପରିବେଷଣ କରିଛନ୍ତି ଲେଖକ।

ପୁସ୍ତକରେ ସ୍ଥାନୀତ ହୋଇଥିବା ତିରିଶିଟି ଯାକ ଗଳ୍ପରେ ବୋଉର ମନସ୍ତତ୍ତ୍ୱର ଏପରି ଭଳିକି ଭଳି ଦିଗ ଉନ୍ମୋଚିତ ହୋଇଯାଇଛି ସାର୍ଥକ ଭାବରେ। ସାତକଡି ହୋତା, ଶାନ୍ତନୁ କୁମାର ଆଚାର୍ଯ୍ୟ, ମନୋଜ ଦାସ, ବୀଣାପାଣି ମହାନ୍ତି, ବିଭୂତି ପଟ୍ଟନାୟକ, ପ୍ରତିଭା ରାୟ ଓ ଏହିଭଳି ଆହୁରି ବହୁ ସ୍ୱନାମଧନ୍ୟ ଲେଖକ ଓ ଲେଖିକାଙ୍କ ନିଜସ୍ୱ ବିବିଧ ଦୃଷ୍ଟିଭଙ୍ଗୀରେ ବୋଉ ଚରିତ୍ରଟିର ରୂପାୟନ ପାଠକମାନଙ୍କ ପାଇଁ ଆଣିଦେଇଛି ଏଇ ବୋଉକୁ ନିବିଡ଼ ଭାବେ ଅନୁଭବିବାର ଏକ ମହାର୍ଘ ଅବସର।

ସଂକଳିତ ଅଧିକାଂଶ ଗଳ୍ପରେ ରଚନାକାରମାନେ ବୋଉର ବୃତ୍ତାନ୍ତ ବଖାଣିଛନ୍ତି ପ୍ରଥମପୁରୁଷ ଏକବଚନରେ। ଏପରିକି ମନେହୁଏ ଯେମିତି ଗଳ୍ପମାନଙ୍କର 'ମୁଁ'ରେ ପ୍ରତିଫଳିତ ହୋଇଛି ଲେଖକମାନଙ୍କର ଆତ୍ମଜୀବନୀମୂଳକ ସତ୍ତା। ବୋଉର କଥା କହିଲା ବେଳେ ଆମେ ଭାବାବେଗ ବଶତଃ କେମିତି ହୋଇଯାଉ ନିହାତି ସରଳ ଓ ଅନୌପଚାରିକ ତାହାର ସ୍ପଷ୍ଟ ଆଭାସ ମିଳେ ଗଳ୍ପଗୁଡିକର ଶୈଳୀ ଓ ଭାଷାବିନ୍ୟାସକୁ ଲକ୍ଷ୍ୟ କଲେ। ଏଣୁ ଭାଷାର ସମ୍ଭ୍ରାନ୍ତପଣିଆ ବା ସାହିତ୍ୟିକ ପାଣ୍ଡିତ୍ୟ ସହଜରେ ଦୃଷ୍ଟିରେ ପଡେନାହିଁ ସଂକଳନଟିରେ।

ଏହି ଧରଣର ଅନନ୍ୟ ଭାବଧାରାକୁ ନେଇ ଗଢ଼ି ଉଠିଥିବା ସମୃଦ୍ଧ ସଂକଳନଟିରେ ଗଳ୍ପଗୁଡିକ ପରିବେଷଣ କରିବା ପୂର୍ବରୁ ଏକ 'ଭୂମିକା' ବା 'ମୁଖବନ୍ଧ'ଟିଏର ଅଭାବ ପୂରଣ କରିବା ପାଇଁ ସଂପାଦକ ଦୃଷ୍ଟି ଦେଇଥିଲେ ଅବଶ୍ୟ ଆହୁରି ଭଲ ହୋଇଥାଆନ୍ତା।

*- ନିହାର ଶତପଥୀ*

# ସାହିତ୍ୟ ସମାଚାର

## ମନୋଜ ଦାସଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ସ୍ମୃତି ସଭା




ପ୍ରଥିତଯଶା ସାହିତ୍ୟିକ ମନୋଜ ଦାସଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଦିବସର ଅବ୍ୟବହିତ ପୂର୍ବରୁ ଏପ୍ରିଲ ୨୫ ତାରିଖ ଦିନ ଭୁବନେଶ୍ୱରର ଜୟଦେବ ଭବନରେ ଆୟୋଜିତ ଏକ ସ୍ମୃତି ସଭାରେ ତାଙ୍କର ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଂଜଳି ଅର୍ପଣ କରାଯାଇଥିଲା । ମନୋଜ ଦାସ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଏହି ସଭାରେ ଉଦ୍ଘାଟକ ଭାବରେ ଯୋଗଦେଇଥିଲେ ଓଡ଼ିଶାର ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏବଂ ମୁଖ୍ୟ ଅତିଥି ଥିଲେ ବର୍ଷୀୟାନ କଥାକାର ଶ୍ରୀ ଅଚ୍ୟୁତାନନ୍ଦ ପତି । ଏହି ଉପଲକ୍ଷେ ସୁଲେଖିକା ଡ଼. ମାଳବିକା ରାୟ ତଥା ବରିଷ୍ଠ ପ୍ରାବନ୍ଧିକ ଡ. ଦେବେନ୍ଦ୍ର କୁମାର ଦାଶ ଯଥାକ୍ରମେ ବିଶିଷ୍ଟ ଅତିଥି ତଥା ମୁଖ୍ୟବକ୍ତା ଭାବରେ ଉପସ୍ଥିତ ଥିଲେ ।

ସ୍ମୃତି ସଂସଦର ଅଧ୍ୟକ୍ଷ ଶ୍ରୀ ବିଜୟ ନାୟକ ପ୍ରାରମ୍ଭରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ତତ୍ପରେ ଉଦ୍ଘାଟକ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପଣ୍ଡିଚେରୀଠାରେ ସ୍ୱର୍ଗତ ମନୋଜ ଦାସଙ୍କ ଅନ୍ତିମ ସଂସ୍କାରରେ ଯୋଗଦେବାର ତାଙ୍କର ଅନୁଭୂତି ବର୍ଣ୍ଣନା କରିଥିଲେ । ସମ୍ମାନିତ ଅତିଥି ଡ. ମାଳବିକା ରାୟ ବରେଣ୍ୟ ମନୋଜ ଦାସଙ୍କ ସହ ତାଙ୍କ ସାନ୍ନିଧ୍ୟର ବୃତ୍ତାନ୍ତ ବର୍ଣ୍ଣନା କରିଥିଲେ । ମୁଖ୍ୟବକ୍ତା ଡ଼. ଦେବେନ୍ଦ୍ର କୁମାର ଦାଶ କହିଥିଲେ ଯେ କାଳଜୟୀ ସ୍ରଷ୍ଟା ମନୋଜ ଦାସଙ୍କ ରଚନା ସମସ୍ତଙ୍କୁ ମୋହମୁଗ୍ଧ କରେ । ମୁଖ୍ୟ ଅତିଥି ଶ୍ରୀ ଅଚ୍ୟୁତାନନ୍ଦ ପତି ସ୍ୱର୍ଗୀୟ ମନୋଜ ଦାସଙ୍କ ସହ ତାଙ୍କର ପ୍ରଥମ ସାକ୍ଷାତର ଅନୁଭୂତିର ମାର୍ମିକ ଉପସ୍ଥାପନା କରିଥିଲେ ।

## ସ୍ୱନାମଧନ୍ୟା ସାହିତ୍ୟିକା ବୀଣାପାଣି ମହାନ୍ତିଙ୍କ ମହାପ୍ରୟାଣ



ବିଶିଷ୍ଟ ସାହିତ୍ୟିକା ବୀଣାପାଣି ମହାନ୍ତି ଏପ୍ରିଲ ୨୪ ତାରିଖ ଦିନ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା । ସେ ଓଡ଼ିଆ ଗଳ୍ପ ଓ ଉପନ୍ୟାସ ସାହିତ୍ୟରେ ଏକ ଉଚ୍ଚ ଆସନର ଅଧିକାରିଣୀ ଥିଲେ । ତାଙ୍କୁ ଭାରତ ସରକାର ୨୦୨୦ ମସିହାରେ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଥିଲେ । ଓଡ଼ିଶା ସରକାରଙ୍କ ସର୍ବୋଚ୍ଚ ସାହିତ୍ୟିକ ସମ୍ମାନ 'ଅତିବଡୀ ସମ୍ମାନ'ରେ ମଧ୍ୟ ତାଙ୍କୁ ଭୂଷିତ କରାଯାଇଥିଲା । ଏହା ବ୍ୟତୀତ ସେ କେନ୍ଦ୍ର ଓ ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାରରେ ମଧ୍ୟ ସମ୍ମାନିତ ହୋଇଥିଲେ ।

ସ୍ୱର୍ଗତା ମହାନ୍ତି ଦୀର୍ଘ ଅନେକ ବର୍ଷ ଧରି ଅର୍ଥନୀତିର ଅଧ୍ୟାପିକା ଭାବରେ କାର୍ଯ୍ୟ କରିବା ପରେ ଅବସର ଗ୍ରହଣ କରିଥିଲେ । 'ସୀତାର ଶୋଣିତ', 'ମନସ୍ୱିନୀ' ଏବଂ 'କୁନ୍ତୀ କୁନ୍ତଳା ଶକୁନ୍ତଳା' ତାଙ୍କର ପ୍ରମୁଖ ଉପନ୍ୟାସଗୁଡିକ ମଧ୍ୟରେ ଅନ୍ୟତମ । ତାଙ୍କର ବହୁସଂଖ୍ୟକ ଗଳ୍ପ ସଂକଳନ ମଧ୍ୟ ପ୍ରକାଶ ପାଇଛି । ତାଙ୍କର ଆତ୍ମଜୀବନୀ 'ବିତିଯାଇଥିବା ଦିନ' ପ୍ରକାଶନ ଅପେକ୍ଷାରେ ଅଛି ।

ମହିୟସୀ ଲେଖିକାଙ୍କ ମହାପରାୟଣରେ ଓଡ଼ିଶାର ସାହିତ୍ୟ ଜଗତରେ ଶୋକର ଛାୟା ଖେଳି ଯାଇଛି । ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏକ ଶୋକ ବାର୍ତ୍ତାରେ କହିଛନ୍ତି ଯେ ସ୍ୱର୍ଗତା ବୀଣାପାଣି ମହାନ୍ତି ନିଜର ସୃଷ୍ଟି ମାଧ୍ୟମରେ ଚିର ସ୍ମରଣୀୟ ହୋଇ ରହିବେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ବୀଣାପାଣିଙ୍କ ମହାପ୍ରୟାଣ ଓଡ଼ିଆ ସାହିତ୍ୟ ପାଇଁ ଏକ ଅପୂରଣୀୟ କ୍ଷତି ।

# ଶେଷ ପୃଷ୍ଠା



# ଅନିମିତ୍ତଲିଙ୍ଗନାଶ *

*"ସୁନ୍ଦର ଯେତିକି ଅନ୍ଧାର ସେତିକି ଏଇଯେ ଗହନ ବନ*
*ତେଣୁ ତୁ ଆପଣା ସଙ୍କଳ୍ପେ ଅଟଳ ଅଟଳ ରହରେ ମନ*
*ଆଗରେ ପଡ଼ିଛି ପଥ ବହୁଦୂର ଆହୁରି କେତେ ଯେ ବାକି*
*ଚାଲିବି ଚାଲିବି ଚାଲିବି ନପଡ଼ିବି ଥକି ମୁଦିବା ଆଗରୁ ଆଖି"*

ସୁଧୀ ସାହିତ୍ୟପ୍ରେମୀ ସୁହୃଦ ସମଗ୍ର;

ଆସନ୍ତୁ ଆଜି କହି ବୁଝାଇବି; ଏଇ ଭାବବୋଧରେ ଇଂରାଜୀରେ ଲିଖିତ "ଷ୍ଟପିଙ୍ଗ୍ ବାଇ ଉଡ୍‌ସ ଅନ୍ ଏ ସ୍ନୋଇ ଇଭିନିଙ୍ଗ୍" କବିତାର ଲେଖକ ରବର୍ଟ୍ ଫ୍ରଷ୍ଟ୍‌ଙ୍କ ସମ୍ବନ୍ଧୀୟ କିଛି ସମ୍ମାନର କଥା, ସାହିତ୍ୟ ସାଧନା ଓ ଦେଶବାସୀଙ୍କ ପାଇଁ ଓ ଭାଷା ନିମନ୍ତେ ତାଙ୍କ ଅବଦାନର ଗୌରବ କଥା। ଆଉ ସେଇ କିଛି କଥା ଭିତରେ ଅପ୍ରତ୍ୟକ୍ଷ ରହିଛି ଆଜିର ଶୀର୍ଷକର ଗୁରୁ କଥା।

୧୯୫୦ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ଶାସନ ସଭା ଏକ ଅଭୁତପୂର୍ବ କାର୍ଯ୍ୟ କରିଥିଲେ। ରବର୍ଟ୍ ଫ୍ରଷ୍ଟ୍‌ଙ୍କ ପଞ୍ଚସପ୍ତତି ଜନ୍ମ ଦିବସରେ ତାଙ୍କୁ ସମ୍ମାନିତ କରିବା ପାଇଁ ଏକ ରାଜନୈତିକ ଘୋଷଣାନାମା ଜାରୀ କରିଥିଲେ। ଏହା କିଛି ଏହିଭଳି ଥିଲା।

କବି ରବର୍ଟ୍ ଫ୍ରଷ୍ଟ୍, ଆମେରିକୀୟ ଜନତାଙ୍କୁ ନିଜର ସାରା ଜୀବନର ସାଧନାସ୍ୱରୂପ ନିଜର ସାହିତ୍ୟକୃତି ଦେଇଛନ୍ତି ଯାହା ସଭିଏଁ ପଢ଼ିଛନ୍ତି। ତାଙ୍କର ଜ୍ଞାନବୋଧ ଓ ନିର୍ଭରଯୋଗ୍ୟ ଉପସ୍ଥାପନା ଦେଶବାସୀଙ୍କୁ ଚିନ୍ତା ଓ ଚେତନାରେ ପରିମାର୍ଜିତ କରିପାରିଛି। ଏଥି ହେତୁ ଆମେରିକୀୟ ଇତିହାସରେ କବିଙ୍କୁ ଏକ ଉଚ୍ଚ ସମ୍ମାନର ଅଧିକାରୀ ଓ ଗୁଣୀଜନ ରୂପେ ଘୋଷଣା କରୁଅଛି।

ଏଠାରେ କହିବା ବାହୁଲ୍ୟ ଯେ ଏହି ବିଶ୍ୱବିଖ୍ୟାତ କବି ବାଲ୍ୟକାଳରୁ ଲେଖା ଆରମ୍ଭ କରିଥିଲେ ହେଁ ତାଙ୍କର ପ୍ରଥମ କବିତା ଛପା ହୋଇଥିଲା ଏକୋନବିଂଶ ବର୍ଷ ବୟସରେ। ଏହାର ବିଂଶବର୍ଷ ପରେ ହିଁ ତାଙ୍କୁ ସଭିଏଁ ଜଣେ ପ୍ରକୃତ କବିର ସ୍ୱୀକୃତି ଦେଇଥିଲେ। କବିଙ୍କ ଚତ୍ୱାରିଂଶତ୍ ବୟସରେ ବିଦେଶରେ ତାଙ୍କର ପ୍ରଥମ ବହି ମୁଦ୍ରଣ ହୋଇଥିଲା।

ରବର୍ଟ ଫ୍ରଷ୍ଟ୍, ଅଧିକାଂଶ ସାହିତ୍ୟିକଙ୍କ ଭଳି ଶସ୍ତା ଲୋକପ୍ରିୟତା, ହାତଗୁଞ୍ଜା ପୁରସ୍କାର, ଘୋଡ଼ାବେପାର ପ୍ରକାଶନ ପଛରେ କେଭେହେଁ ପଡ଼ିନଥିଲେ। ସାହିତ୍ୟର ଯୁଗସ୍ରଷ୍ଟା ଏହି ସାଧକଙ୍କୁ ତାଙ୍କ ଦେଶ ଓ ଜାତି ତାଙ୍କୁ ଶ୍ରଦ୍ଧା ଓ ସମ୍ମାନ ଦେବାରେ କାର୍ପଣ୍ୟ ଦେଖାଇନଥିଲା।

ଏହି କବିଙ୍କ ସର୍ଜନା ସଙ୍କଳନ "ଦି କମ୍ପ୍ଲିଟ୍ ପୋଏମ୍‌ସ ଅଫ୍ ରବର୍ଟ୍ ଫ୍ରଷ୍ଟ୍" ଉଦ୍ଦେଶ୍ୟରେ ମାର୍କ୍ ଭାନ୍ ଡୋରେନ୍ ସ୍ୱତଃସ୍ଫୁର୍ତ୍ତ ଭାବେ କହି ଉଠିଥିଲେ,

"ଏହା ଏକ ମହାନ ସଙ୍କଳନ। ଆମ ସମୟର ଜୀବିତ କୌଣସି ସାହିତ୍ୟ ସାଧକଙ୍କ ହୃଦୟରୁ ଏହି ପ୍ରକାରର ଶବ୍ଦବୋଧ, ଭାବଧାରା ଓ ସୌନ୍ଦର୍ଯ୍ୟପ୍ରେମର ଉଚ୍ଛ୍ୱାସ ଆମ୍ଭେ ଦେଖିନାହୁଁ।"

ଲେଓ୍ୱିସ୍ ଗାର୍ନେଟ୍ ସହମତର ସମସ୍ୱରରେ କହିଥିଲେ,

"ଆମ ସମୟର ସମସ୍ତ ସାହିତ୍ୟ ସର୍ଜନାରୁ ଯଦି କେଉଁ କୃତି ଯୁଗଯୁଗ ସମୟର କଷଟିରେ ଉତ୍ତୀର୍ଣ୍ଣ ହେବାର କ୍ଷମତା ରଖିଛି ତେବେ ତାହା ରବର୍ଟ୍ ଫ୍ରଷ୍ଟ୍‌ଙ୍କର ସାହିତ୍ୟ ସମ୍ଭାର।"

ଏହି ସମ୍ମାନକୁ ଆହୁରି ପାଦଟିଏ ଆଗକୁ ନେଇ ଯାଇଥିଲା ସେତେବେଳର ଟାଇମ୍ସ ମୁଖପତ୍ର। ନିଜର ମୁଖ୍ୟପୃଷ୍ଠାରେ କବିଙ୍କର ପ୍ରତିଛବି ଓ ଭିତର ପୃଷ୍ଠାରେ ସାତଗୋଟି ପ୍ରସିଦ୍ଧ କବିତାକୁ ପ୍ରାଧାନ୍ୟ ଦେଇଥିଲା। ବିଶ୍ୱର ଅନ୍ୟ ଖବରଅନ୍ତର ସେଦିନ ପଛରେ ପଡ଼ିଯାଇଥିଲେ ଏହି କବିଙ୍କର ଶ୍ରଦ୍ଧା ଓ ସମ୍ମାନ ଆଗରେ।

ଆମ ଭାଷା ଓ ସାହିତ୍ୟରେ କିନ୍ତୁ ଅନ୍ୟଥାବାଦୀ ଭାବ। ଆମଭାଷା ଓ ସାହିତ୍ୟସାଧକଙ୍କୁ ଚିହ୍ନିବାରେ ଓ ସେମାନଙ୍କୁ ପ୍ରକୃତ ଶ୍ରଦ୍ଧା ଓ ସମ୍ମାନ ଦେବାରେ କେବଳ ଅଧିକାଂଶ ପାଠକ ନୁହଁ ବରଂଚ ଦେଶର ଜନନାୟକମାନଙ୍କୁ ଅନିମିତ୍ତଲିଙ୍ଗନାଶ ବ୍ୟାଧି ଆକ୍ରାନ୍ତ ହୋଇଥିବାର ବୋଧ ହୁଏ।

ଅଲମତିବିସ୍ତରେଣ।

-ପ୍ରଭୁ

* **ଅନିମିତ୍ତଲିଙ୍ଗନାଶ** : ନେତ୍ରରୋଗବିଶେଷ; ଏଥିରେ ଅନ୍ଧତା ଜନ୍ମେ।

Jugaad Corner

A bit of Jugaad & lots of Love






Jugaad Corner deals with supplies of raw bases for art and craft purposes for artists and Crafters PAN India.

www.jugaadcorner.com
www.facebook.com/jugaadcorner
www.instagram.com/jugaadcorner







We design, customize and manufacture all kinds of MDF and pinewood products that are further used by artists and crafters all over India for their creative projects.

Our designs are exclusively curated for home décor, utility and gifting purposes.

J.C. CREATIONS
Shop No. 2, Plot No. 137,
Mahavir Vihar,
Near Patia Railway Station,
Kalarahanga, Patia,
Bhubaneswar - 751024, Odisha
Contact - 9439034505,

Blessed Fingers deals with art and craft finished products and orders even accepted on çustomizations.



www.blessedfingers.com
www.facebook.com/theblessedfingers
www.instagram.com/theblessedfingers

Blessed Fingers








Printed & Published by Nihar Ranjan Satpathy on behalf of Nihar Ranjan Satpathy and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019. Editor : Nihar Ranjan Satpathy